# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୧/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, November 21/2024 Page 16 ₹ 7.00

୫୦ଶ ଭାଗ ୩୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 356 ମୂଲ୍ୟ₹୭/-




**ଦୀପିକାଙ୍କ ଗୋଲରେ ଭାରତ ଚାମ୍ପିୟନ**

ବିହାରର ରାଜଗିରରେ ଅନୁଷ୍ଠିତ ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଦୀପିକାଙ୍କ ଏକମାତ୍ର ଗୋଲ ବଳରେ ଚାମ୍ପିୟନ ହୋଇଛି ଭାରତ।

୧୬

୧୨

**ନିର୍ଦ୍ଦେଶନାରେ ଡେବ୍ୟୁ କରିବେ ଆର୍ଯ୍ୟନ: ପ୍ରଶଂସା କଲେ କଙ୍ଗନା**

ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଖୁବ୍‌ଶୀଘ୍ର ନିର୍ଦ୍ଦେଶକ ଭାବେ ଡେବ୍ୟୁ କରୁଥିବା ନେଇ ନେଟ୍‌ଫ୍ଲିକ୍ସ ସ୍ପଷ୍ଟ କରିଛି। ଆର୍ଯ୍ୟନଙ୍କ ଏହି ନିଷ୍ପତ୍ତିକୁ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ପ୍ରଶଂସା କରିଛନ୍ତି।



## ଭୋଟରଙ୍କୁ ପୋଲିସ ବନ୍ଧୁକ ଦେଖାଇ ଭୟଭୀତ କରିବା ଅଭିଯୋଗ



ଉତ୍ତରପ୍ରଦେଶର ମୀରାପୁର ବିଧାନସଭା ଆସନରେ ବୁଧବାର ଉପନିର୍ବାଚନବେଳେ କକ୍‌ରୌଲୀଠାରେ ଥାନାର ଏସ୍‌ଏଚ୍‌ଓ ରାଜୀବ ଶର୍ମା ମହିଳାମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରୁଥିବା ବେଳର ଦୃଶ୍ୟକୁ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଟୁଇଟ୍ କରିଛନ୍ତି। (ରିପୋର୍ଟ: ପୃଷ୍ଠା-୧୨)

# ମହାରାଷ୍ଟ୍ରରେ ୫୮.୪୩%, ଝାଡ଼ଖଣ୍ଡରେ ୬୭.୫୯% ମତଦାନ

ନୂଆଦିଲ୍ଲୀ,୨୦।୧୧

ମହାରାଷ୍ଟ୍ରରେ ୫୮.୪୩% ମତଦାନ ହୋଇଥିବାବେଳେ ଝାଡ଼ଖଣ୍ଡ ବିଧାନସଭାର ୩୮ ଆସନରେ ୬୭.୫୯% ଭୋଟ ଗ୍ରହଣ କରାଯାଇଥିବା ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ସୂତ୍ରରୁ ପ୍ରକାଶ।

ମହାରାଷ୍ଟରେ ଶାସକ ମହାୟୁତି ମେଣ୍ଟକୁ କ୍ଷମତାଚ୍ୟୁତ କରିବା ପାଇଁ କଂଗ୍ରେସ, ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି) ଏବଂ ଶରଦ ପାଓ୍ୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି-ଏସ୍‌ପି)କୁ ନେଇ ଗଠିତ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ଉଦ୍ୟମ କରିଛି। ଏମ୍‌ଭିଏ ବିଧାନସଭା ନିର୍ବାଚନରେ ଲୋକ ସଭା ଭୋଟର ଫଳାଫଳକୁ ରିପିଟ୍ କରିବା ପାଇଁ ଅଣ୍ଟା ଭିଡ଼ିଥିବାବେଳେ ମହାୟୁତି ପୁନର୍ବାର କ୍ଷମତା ଦଖଲ ପାଇଁ ସବୁ ପ୍ରକାର ପ୍ରୟାସ କରିଛି। ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନ ପାଇଁ ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ୯.୭ କୋଟି ଭୋଟରଙ୍କ ମଧ୍ୟରୁ ୫୮.୪୩% ମଇଦାନରେ ଅବତୀର୍ଣ୍ଣ ହୋଇଥିବା ୪,୧୩୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥର ଭାଜପା ୧୪୯, ଏକନାଥ ଶିନ୍ଦେଙ୍କ ଶିବସେନା ୮୧, ଅଜିତ ପାଓ୍ୱାରଙ୍କ ଏନ୍‌ସିପି ୫୯ ଆସନରେ ଲଢ଼ିଥିଲେ। ଅନ୍ୟପପକ୍ଷେ ଏମ୍‌ଭିଏର କଂଗ୍ରେସ, ☞ପୃଷ୍ଠା-୪

## ଏକ୍‌ଜିଟ୍ ପୋଲ୍: ଭାଜପା+କୁ ମିଳିପାରେ ବହୁମତ

ନୂଆଦିଲ୍ଲୀ,୨୦।୧୧

ଭାରତରେ ଲୋକ ସଭା ଓ ବିଧାନସଭା ନିର୍ବାଚନଗୁଡ଼ିକୁ ନେଇ ପୂର୍ବରୁ ଏକ୍‌ଜିଟ୍ ପୋଲ୍‌ର ଭବିଷ୍ୟବାଣୀ ଅନେକ ଥର ଭୁଲ୍ ପ୍ରମାଣିତ ହୋଇସାରିଛି। ତଥାପି ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ବୁଥ୍ ଫେରନ୍ତା ଭୋଟରଙ୍କଠାରୁ ସଂଗୃହୀତ ମତାମତ ଆଧାରରେ ବୁଧବାର ସନ୍ଧ୍ୟାରେ ବିଭିନ୍ନ ଗଣମାଧ୍ୟମ ଓ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଆକଳନ ପ୍ରକାଶ ପାଇଛି। ତଦନୁଯାୟୀ ଉଭୟ ରାଜ୍ୟରେ ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକୁ ବହୁମତ ମିଳିବାକୁ ଯାଉଛି। ଅନ୍ୟପକ୍ଷେ ଗତ ଅକ୍ଟୋବର ୫ରେ ହରିୟାଣା ଓ ଜମ୍ମୁ-କଶ୍ମୀର ନିର୍ବାଚନ ପାଇଁ କରାଯାଇଥିବା ଏକ୍‌ଜିଟ୍ ପୋଲ୍ ଆକଳନ ଯେପରି ଫେଲ୍ ହୋଇଥିଲା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ମଧ୍ୟ ସେହି ଧାରା ଧରିବ ବୋଲି ଅନେକେ ମତ ଦେଉଛନ୍ତି।

ମହାରାଷ୍ଟ୍ର ବିଧାନସଭାର ୨୮୮ ଆସନରେ ବୁଧବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହୋଇଛି। ଏହା ପରେ ପ୍ରକାଶିତ ବିଭିନ୍ନ ସଂସ୍ଥାର ଆକଳନ ଅନୁଯାୟୀ ଭାଜପା, ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାଓ୍ୱାରଙ୍କ ଏନ୍‌ସିପିକୁ ନେଇ ଗଠିତ ମହାୟୁତି ମେଣ୍ଟ ୧୫୭ ଆସନ ଦଖଲକରି ପୁନର୍ବାର କ୍ଷମତାସୀନ ହେବାକୁ ଯାଉଛି। ଅନ୍ୟପକ୍ଷେ ଉଦ୍ଧବ ଠାକ୍‌ରେଙ୍କ ଶିବସେନା, କଂଗ୍ରେସ ଏବଂ ଶରଦ ପାଓ୍ୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି-ଏସ୍‌ପି)କୁ ନେଇ ଗଠିତ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ୧୨୨ ଆସନ ଦଖଲ କରିବ। ରାଜନୈତିକ ଦୃଷ୍ଟିରୁ ଦେଶର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମହାରାଷ୍ଟ୍ରରେ ମହାୟୁତି ୧୨୮-୧୪୨ ଆସନ ଦଖଲ କରିବ ବୋଲି ଲୋକଶାହୀ ମରାଠୀ ଆକଳନ କରିଛି। ଏମ୍‌ଭିଏ ୧୨୫-୧୪୦ ଏବଂ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୧୮-୨୩ ☞ପୃଷ୍ଠା-୪

## ମଦ ବିଷାକ୍ତ: ଦାଦା, ପୁତୁରା ମୃତ



ଗୋପୀନାଥ ସାମଲ



ବିଭୂତି କୁମାର ସାମଲ

ତିର୍ତ୍ତୋଲ/କେନ୍ଦ୍ରାପଡ଼ା,୨୦।୧୧
(ଗୌରାଙ୍ଗ ଚରଣ ସ୍ୱାଇଁ/ଜଗନ୍ନାଥ ଧଳ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ ସିରସ୍ତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଛତୁରେ ପକାଇବାକୁ ଥିବା କୀଟନାଶକକୁ ପାଣି ଭାବି ଭୁଲ୍‌ବଶତଃ ମଦରେ ମିଶାଇ ପିଇଦେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସିରସ୍ତା ଗ୍ରାମର ଗୋପୀନାଥ ସାମଲ (୭୪) ଓ ତାଙ୍କ ସମ୍ପର୍କୀୟ ପୁତୁରା ବିଭୂତି କୁମାର ସାମଲ(୫୪)। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ଉଭୟ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ସେମାନଙ୍କୁ ନିକଟସ୍ଥ କେନ୍ଦ୍ରାପଡ଼ା ଜିଲା ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସେମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। କେନ୍ଦ୍ରାପଡ଼ା ସଦର ☞ପୃଷ୍ଠା-୪

## ଇଟାଭାଟିରେ ୬ ବର୍ଷର ନାବାଳିକାଙ୍କୁ ବଳାତ୍କାର

**କଟକ ଜିଲା ବାରଙ୍ଗ ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଛି। ଏକ ଇଟାଭାଟି ପରିସରରେ ଶ୍ରମିକମାନେ ରହୁଥିବା ଘରେ ଏହି ପାଶବିକ ଘଟଣା ଘଟିଛି, ଯେଉଁଠାରେ ପୀଡ଼ିତା ତାଙ୍କ ମା'ବାପାଙ୍କ ସହ ରହୁଥିଲେ। ଏବେ ପୀଡ଼ିତା କଟକ ବଡ଼ ମେଡିକାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାକୁ ମିଶାଇ ଗତ ପ୍ରାୟ ୨ ମାସରେ ରାଜ୍ୟରେ ୧୨ଟି ବଳାତ୍କାର ଘଟଣା ଘଟିଲାଣି, ଯାହାକି ଚିନ୍ତାଜନକ ବିଷୟ ହୋଇଛି।**

ବାରଙ୍ଗ/ତ୍ରିଶୂଳିଆ,୨୦।୧୧
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଞ୍ଚଳର ଏକ ଇଟାଭାଟିରେ ମଙ୍ଗଳବାର ଅପରାହ୍ନରେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ରାଞ୍ଚି ଜିଲା ଜଗନ୍ନାଥପୁର ଥାନା ଅଧୀନ ବାରଲା ଗ୍ରାମର କୈଳାସ ସୋନାର(୨୨)। କୈଳାସ ବାରଙ୍ଗ ଅଞ୍ଚଳର ଏକ ଇଟାଭାଟିରେ ଟ୍ରାକ୍ଟର ଚଳାଉଥିଲେ। ନିକଟସ୍ଥ ଅନ୍ୟ ଏକ ଇଟାଭାଟିରେ ମୟୂରଭଞ୍ଜର ନାବାଳିକାଙ୍କ ମାତାପିତା କାମ କରନ୍ତି। କୈଳାସ ସେମାନଙ୍କ ଘରକୁ ଯିବାଆସିବା କରିବା ଫଳରେ ଉଭୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଗଢ଼ିଉଠିବା ସହ ନାବାଳିକା ମା'ଙ୍କୁ ଧରମ ଭଉଣୀ କରିଥିଲେ। ନାବାଳିକାଙ୍କ ପରିବାର ରହୁଥିବା ଇଟାଭାଟିକୁ ମଙ୍ଗଳବାର ଅପରାହ୍ନରେ କୈଳାସ ଆସିଥିଲେ। ସେଠାରେ ୬ ବର୍ଷୀୟା ନାବାଳିକା (ଭାଣିଜୀ)ଙ୍କ ବ୍ୟତୀତ କେହି ନ ଥିବା ଦେଖିବାକୁ ପାଇଥିଲେ। ଏହାର ସୁଯୋଗରେ ସେ ଭାଣିଜୀଙ୍କୁ ଚକୋଲେଟ ଦେଇ ଘର ପଛପଟ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିବା ପରେ କୈଳାସ ଫେରାର ହୋଇଯାଇଥିଲେ। କଷ୍ଟ ସହ୍ୟ ନ କରିପାରି ☞ପୃଷ୍ଠା-୪

## ଫେବୃଆରୀ ୧୮ରୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର,୨୦।୧୧(ଅନୁରାଧା ମହାରଣା)

ଆସନ୍ତା ବର୍ଷ ଫେବୃଆରୀ ୧୮ ତାରିଖରୁ ରାଜ୍ୟରେ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବୁଧବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। କାର୍ଯ୍ୟସୂଚୀ ଅନୁସାରେ, ଏହି ପରୀକ୍ଷା ମାର୍ଚ୍ଚ ୨୭ ଯାଏ ଚାଲିବ। ସବୁ ବିଭାଗର ପ୍ରଥମ ଦିନ ମାତୃଭାଷାରେ ଓଡ଼ିଆ ପରୀକ୍ଷା ହେବ। ୧୮ ତାରିଖରେ ବିଜ୍ଞାନ ବିଭାଗ ଏବଂ ୧୯ରେ କଳା

**ଜାନୁଆରୀ ୨ରୁ ପ୍ରାକ୍ଟିକାଲ**

ଓ ବାଣିଜ୍ୟ ପିଲାଙ୍କ ଓଡ଼ିଆ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ଏହା ପୂର୍ବରୁ ଅର୍ଥାତ୍ ଜାନୁଆରୀ ୨ରୁ ୧୨ ତାରିଖ ମଧ୍ୟରେ ପ୍ରାକ୍ଟିକାଲ ଓ ଡିସେମ୍ବର ୨୩ରୁ ୩୦ ତାରିଖ ମଧ୍ୟରେ ଇଣ୍ଟରନାଲ୍ ପରୀକ୍ଷା ଶେଷହେବ। ତେବେ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ପରିଷଦ ପକ୍ଷରୁ ଧ୍ୟାନ ଦିଆଯାଉଛି। ପରୀକ୍ଷା ସମ୍ବନ୍ଧିତ ସମସ୍ତ ସୂଚନା ପାଇବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସଂସ୍କୃତି ବିନିମୟର ସମୃଦ୍ଧ ଇତିହାସ**

# ବର୍ଦ୍ଧିତ ମୂଲ୍ୟରେ ଖରିଫ ଧାନ ସଂଗ୍ରହ ଆରମ୍ଭ

**ସବୁ ଚାଷୀ ଏଥର ଖୁସି ହେବେ: ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର**

ବରଗଡ଼/ସରଣ୍ଡା,୨୦।୧୧
(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ସରକାର ଘୋଷଣା କରିଥିବା ବର୍ଦ୍ଧିତ ମୂଲ୍ୟରେ ଧାନକିଣା ଆରମ୍ଭ ହୋଇଛି। ବରଗଡ଼ ଜିଲାରେ ବୁଧବାର ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଚାଷୀମାନେ ବିକ୍ରି ପରେ ପ୍ରଥମେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୩୦୦ ଟଙ୍କା ଲେଖାଏ ପାଇବେ ଏବଂ ଆସନ୍ତା ଡିସେମ୍ବର ୮ରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ସୋହେଲାକୁ ଆସି ଚାଷୀମାନଙ୍କୁ ଇନପୁଟ୍ ସବ୍‌ସିଡି ବାବଦକୁ ଧାନ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଲେଖାଏ ପ୍ରଦାନ କରିବେ। ଚାଷୀମାନେ ପ୍ରଥମଥର ପାଇଁ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଲେଖାଏ ପାଇବେ। ଏଥିରେ ଚାଷୀମାନେ ନିଶ୍ଚିତ ଖୁସି ହେବେ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀ ପାତ୍ର ପ୍ରଥମେ ଜିଲାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ କଳାପାଣି ମଣ୍ଡିରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଜିଲାପାଳ ଆଦିତ୍ୟ ଗୋୟଲ, ଆର୍‌ଏମ୍‌ସି ସମ୍ପାଦକ ଗୋବିନ୍ଦ ନାଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମଣ୍ଡିକୁ ଧାନ ଆଣିଥିବା ୩ ଜଣ ଚାଷୀଙ୍କୁ ଫୁଲତୋଡ଼ା ଏବଂ ଉପାୟନ ଦେଇ ମନ୍ତ୍ରୀ ପାତ୍ର ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମ ଦିବସରେ ଉକ୍ତ ମଣ୍ଡିରୁ ୪୯୩ ପ୍ୟାକେଟ୍ ଧାନ ସଂଗୃହୀତ ହୋଇଥିବା ☞ପୃଷ୍ଠା-୪



ବରଗଡ଼ ଆର୍‌ଏମ୍‌ସି ଅଧୀନ କଳାପାଣି ମଣ୍ଡିରେ ଯୋଗାଣ ମନ୍ତ୍ରୀ ଧାନ ସଂଗ୍ରହର ଶୁଭାରମ୍ଭ କରୁଛନ୍ତି।




# ହିନ୍ଦୀ ଲଦିଦିଆଗଲେ ଓଡ଼ିଆର ମୃତ୍ୟୁ

**ଓଡ଼ିଆ ଭାଷାର ସ୍ୱତନ୍ତ୍ରତା କାହାରିକୁ ବୁଝାଇବା ଦରକାର ନାହିଁ। ଯିଏ ଜାଣେ ସିଏ ଜାଣେ। ଉଦାହରଣସ୍ୱରୂପ ଗୋଟିଏ ଅକ୍ଷର 'ଳ' ହିନ୍ଦୀ ସମେତ କୌଣସି ଉତ୍ତର ଭାରତୀୟ ଭାଷାରେ ନାହିଁ।**

ଓଡ଼ିଆ ଅସ୍ମିତା ଏବେ ଏକ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି। ନିକଟରେ ଓଡ଼ିଶାରେ ହିନ୍ଦୀ ଭାଷାର ପ୍ରଚାରପ୍ରସାରକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆଲୋଚନା ହୋଇଛି। ଏଥିଯୋଗୁ ଓଡ଼ିଆ ଭାଷାର ଭବିଷ୍ୟତକୁ ନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛି। ହେଲେ ଓଡ଼ିଶାର ଯୁବପିଢ଼ିଙ୍କ ଭାଷା ବ୍ୟବହାରକୁ ଦେଖିଲେ ଓଡ଼ିଆ ଲିପି ଓ କଥନ ପ୍ରତି ଆଗ୍ରହ କମିଯାଉଥିବା ମନେହୁଏ। ପୂର୍ବରୁ ଜଣେ ମୁଖ୍ୟମନ୍ତ୍ରୀ ରାଜ୍ୟର ଭାଷାକୁ ବ୍ୟବହାର କରିବା ପରିବର୍ତ୍ତେ ତାଚ୍ଛଲ୍ୟ କରିଚାଲିଲେ। ତାହାର ପ୍ରଭାବ ଯୁବପିଢ଼ିଙ୍କ ଉପରେ ପଡ଼ିଲା। ଏପରିସ୍ଥଳେ ରାଜ୍ୟ ଉପରେ ହିନ୍ଦୀକୁ ଲଦି ଦିଆଗଲେ ଏହା ମାତୃଭାଷା ଓଡ଼ିଆକୁ ନିଶ୍ଚୟ କ୍ଷତି ପହଞ୍ଚାଇବ ବୋଲି ଭାଷାବିତ୍ ଓ ସାହିତ୍ୟିକମାନେ ମତ ଦେଉଛନ୍ତି।



ଓଡ଼ିଆ ଅସ୍ମିତା କ'ଣ ସେ ବିଷୟରେ ଲୋକଙ୍କର ଧାରଣା ନାହିଁ ବୋଲି ମୋର ମତ। ଓଡ଼ିଆ ଭାଷା ବିଷୟରେ ନାନା ଲୋକ ନାନା କଥା କହୁଛନ୍ତି। ଓଡ଼ିଆ ଓ ହିନ୍ଦୀ ଭିତରେ ବିବାଦ ନୂଆ ନୁହେଁ। ଗୋଟିଏ ସମୟରେ ପଶ୍ଚିମ ଓଡ଼ିଶାକୁ ନେଇ ଛତିଶଗଡ଼ ସହ ମିଶାଇବାକୁ ଚେଷ୍ଟା କରାଯାଉଥିଲା। ଓଡ଼ିଆ ସ୍କୁଲ ବନ୍ଦ କରି ତା' ଜାଗାରେ ହିନ୍ଦୀ ଚଳାଇବାକୁ ଉଦ୍ୟମ ହୋଇଥିଲା। ହିନ୍ଦୀ ଭାଷାର ଅର୍ଥ ବୁଝିବା ଦରକାର। ନଚେତ୍ ଦଳେ ଏପଟେ କହୁଥିବେ ଦଳେ ସେପଟେ କହୁଥିବେ। ଭାରତରେ ଯେତେ ଭାଷା ଅଛି, ସବୁଠୁ ବିସ୍ତୃତ ଅଞ୍ଚଳରେ ହିନ୍ଦୀ ରହିଛି। ଗୋଟିଏ ସମୟରେ ଏହାକୁ ରାଷ୍ଟ୍ର ଭାଷା କରିବା ପାଇଁ ଚେଷ୍ଟା କରାଯାଉଥିଲା। ଭାରତ ଏକ ବହୁଭାଷାଭିତ୍ତିକ ରାଷ୍ଟ୍ର। ହିନ୍ଦୀ ବୋଲି ଗୋଟିଏ ଭାଷା ନାହିଁ। ଭୋଜପୁରୀ, ପାହାଡ଼ୀ, ବୈଦେହୀ ଭଳି ୩୯ଟି ଭାଷା ମିଶିକରି ହିନ୍ଦୀ ହୋଇଛି। ସେହିପରି ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶା, ଗଡ଼ଜାତ ଆଦିରେ ଭିନ୍ନଭିନ୍ନ ଓଡ଼ିଆ କଥନୀ ରହିଛି। ସାଧାରଣ ଭାବେ ଦେଖିଲେ ଓଡ଼ିଆଙ୍କର ଆପଣା ଭାଷା ପ୍ରତି ହୀନମନ୍ୟତା ବଢ଼ିବଢ଼ି ଚାଲିଛି। ମାତୃଭାଷାକୁ ଯେତିକି ପ୍ରାଧାନ୍ୟ ଦିଆଯିବା କଥା ଦିଆଯାଉନାହିଁ। ଓଡ଼ିଆ ଏପର୍ଯ୍ୟନ୍ତ ଓଡ଼ିଶାରେ ରାଜଭାଷା ହୋଇପାରିଲା ନାହିଁ। ଏଭଳିସ୍ଥିତିରେ ହିନ୍ଦୀ ଭାଷାକୁ ଲଦିବାକୁ ଚେଷ୍ଟା କରାଗଲେ ଓଡ଼ିଆ ଭାଷାର ନିଶ୍ଚୟ କ୍ଷତି ହେବ। ବ୍ୟବହାରରୁ ଭାଷା ବଢ଼େ। ଅଧିକ ପରିମାଣରେ ଓଡ଼ିଆ ବ୍ୟବହାର କିପରି ହେବ ତା' ପ୍ରତି ଆମକୁ ଧ୍ୟାନଦେବାକୁ ପଡ଼ିବ।

**- ଦେବୀ ପ୍ରସନ୍ନ ପଟ୍ଟନାୟକ, ଭାଷାବିତ୍, ଭୁବନେଶ୍ୱର**



ଭାରତ ଏକ ବହୁଭାଷୀ ଦେଶ। ଓଡ଼ିଆ ଭଳି ହିନ୍ଦୀ ମଧ୍ୟ ଏକ ଆଞ୍ଚଳିକ ଭାଷା। ତେଣୁ ହିନ୍ଦୀର ବିକାଶ ପାଇଁ ସମ୍ପୃକ୍ତ ହିନ୍ଦୀ କଥିତ ରାଜ୍ୟଗୁଡ଼ିକ ଚେଷ୍ଟା କରନ୍ତୁ ମନା ନାହିଁ, ମାତ୍ର ଆଉ ଗୋଟେ ସମୃଦ୍ଧ ଭାଷା ଥିବା ରାଜ୍ୟରେ ଏହି ଭାଷାର ପ୍ରସାର ପାଇଁ ଚେଷ୍ଟା କରାଗଲେ, ସେହି ରାଜ୍ୟର ନିଜ ଭାଷାର ସ୍ୱତନ୍ତ୍ରତା ଧୀରେ ଧୀରେ ନଷ୍ଟ ହୋଇଯିବ। ଆଜିର ଡିଜିଟାଲ ଯୁଗରେ ଏମିତି ବି ଓଡ଼ିଆ ଭାଷା ଅବକ୍ଷୟମୁଖୀ ହୋଇଛି। ଏହି ସମୟରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶକୁ ଅଗ୍ରାଧିକାର ଦେବା ଉଚିତ। ଓଡ଼ିଶାରେ ଓଡ଼ିଆ ଭାଷାର ସମୃଦ୍ଧି ପାଇଁ ଅଧିକ ତତ୍ପରତା ପ୍ରକାଶପାଉ। କାରଣ ଭାଷା ଗୋଟିଏ ଜାତିର ଜୀବନୀଶକ୍ତି। ଏହି ଜୀବନୀ ଶକ୍ତିରେ ଅନ୍ୟ ଭାଷାର ବିଷ ଭରିଦେଇ ନିଜ ଭାଷାର ଅପମୃତ୍ୟୁକୁ ଡାକି ଅଣା ନ ଯାଉ।

**- ସୁରେଶ ପ୍ରସାଦ ମିଶ୍ର, ଓଡ଼ିଆ ବିଭାଗ ଅଧ୍ୟାପକ ତଥା ଅଧ୍ୟକ୍ଷ, ବେଲଟିକିରି ମହାବିଦ୍ୟାଳୟ, ଢେଙ୍କାନାଳ**



ଭାରତରେ ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ଯାହା ଥିଲା ପ୍ରଥମ। ଏଣୁ କେନ୍ଦ୍ର ସରକାର ହିନ୍ଦୀ ଭାଷାକୁ ଓଡ଼ିଶା ଉପରେ ଲଦି ଦେବା ଉଚିତ ନୁହେଁ। ଏହା ଓଡ଼ିଶା ପ୍ରତି କୌଣସି ପ୍ରକାରେ ସହାୟକ ହେବନାହିଁ। ନିଜ ଭାଷାକୁ ସାଥିରେ ଧରି ଆମେ ହିନ୍ଦୀ ଭାଷାକୁ ଗ୍ରହଣ କରିଛୁ ଓ କରିବୁ। ରାଜ୍ୟ ସରକାର ଓଡ଼ିଆ ଅସ୍ମିତାକୁ ଦୃଷ୍ଟିରେ ରଖି ଆଗେଇବା ଉଚିତ।

**- ବଦ୍ରି ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ, ପୁରୀ**



ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା ରହିବା ଦରକାର। ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଥିଲେ ସୁଦ୍ଧା ରାଜଭାଷାରେ ପରିଣତ ହୋଇପାରି ନାହିଁ। ଏବେ ସରକାର ରାଜ୍ୟରେ ଓଡ଼ିଆ ଭାଷାକୁ ରାଜଭାଷାରେ ପରିଣତ କରିବା ସହ ହଜିଯାଇଥିବା ଶବ୍ଦର ପୁନରୁଦ୍ଧାର ପାଇଁ କାମ କରିବା ଜରୁରୀ। ସରକାର ହିନ୍ଦୀ ଭାଷାକୁ ପ୍ରୋତ୍ସାହନ କରିବାକୁ ଚାହିଁପାରନ୍ତି, କିନ୍ତୁ ଲୋକେ ଏହାକୁ ଗ୍ରହଣ କରି ନ ପାରିଲେ ଲକ୍ଷ୍ୟ ପୂରଣ ସମ୍ଭବ ନୁହେଁ। ଓଡ଼ିଆ ଲିପି କିନ୍ତୁ କୌଣସି ପରିସ୍ଥିତିରେ ପ୍ରଭାବିତ ହେବନାହିଁ। ଅନ୍ୟ ଭାଷା ଜାଣିଲେ ସେ ଭାଷାରୁ ଜ୍ଞାନ ଭଣ୍ଡାର ଆମେ ଓଡ଼ିଆକୁ ଆଣିପାରିବା।

**- ଡ. ନିରଞ୍ଜନ ବିଶ୍ୱାଳ, ଓଡ଼ିଆ ଅଧ୍ୟାପକ, ନାଉଗାଁ, ଜଗତ୍‌ସିଂହପୁର**



ଆମ ଓଡ଼ିଶାର ଲୋକେ ବିଭିନ୍ନ କାର୍ଯ୍ୟ ପାଇଁ ଅନ୍ୟ ରାଜ୍ୟକୁ ଯାଆନ୍ତି। ସେଠାରେ ଅନ୍ୟ ଲୋକଙ୍କ ସହ ଖାପ ଖୁଆଇବା ପାଇଁ ସେ ଅଞ୍ଚଳର ଭାଷା ବ୍ୟବହାର କରନ୍ତି। କିନ୍ତୁ ନିଜ ଅଞ୍ଚଳ ବା ରାଜ୍ୟକୁ ଫେରିଲେ ପୁଣି ନିଜ ଭାଷା ବ୍ୟବହାର କରିଥାନ୍ତି। ସେଥିପାଇଁ ହିନ୍ଦୀ, ଇଂଲିଶ୍ ହେଉ ବା ଯେ କୌଣସି ଭାଷା ବ୍ୟବହାର କଲେ ମଧ୍ୟ ଓଡ଼ିଆ ଭାଷା ଉଜ୍ଜୀବିତ ରହିବ। ରାଜନୈତିକ ସ୍ଲୋଗାନରେ ଯେଉଁ ଭାଷା ବ୍ୟବହାର ହେଉଛି, ହେଉ। କିନ୍ତୁ ତାହା ଆମ ଓଡ଼ିଆ ଭାଷା ପ୍ରତି କ୍ଷତି ନ ପହଞ୍ଚାଉ।

**- ଡ. ଫଣିନ୍ଦମ ସିଂଦେଓ, ଶିକ୍ଷାବିତ୍, ଖଡ଼ିଆଳ, ନୂଆପଡ଼ା**



ଓଡ଼ିଆ ସଂସ୍କୃତି, ଐତିହ୍ୟ, ପରମ୍ପରା ଭାଷା ଭିତରେ ରହିଛି। ଓଡ଼ିଆ ଅସ୍ମିତାକୁ ସୁରକ୍ଷିତ କରିବା ଅର୍ଥ ଓଡ଼ିଆ ଭାଷାକୁ ୧୦୦% ପ୍ରାଥମିକତା ଦେବା। ଓଡ଼ିଆ ଆମ ମା'ର ଭାଷା । ଅନ୍ୟ ଭାଷା ହେଉଛି ମାଉସୀର ଭାଷା । ଯଦି ଏପରି ପ୍ରସଙ୍ଗ ଉଠିବ ତେବେ ମୁଁ ମୋ ମା'କୁ ଗୁରୁତ୍ୱ ଦେବି। ସାରଳା ଦାସଙ୍କ ବହୁ ପୂର୍ବରୁ ଆମ ଅସ୍ମିତା ଥିଲା ବୋଲି ଆମେ ଆଜି ଶାସ୍ତ୍ରୀୟ ମାନ୍ୟତା ପାଇଛୁ ଏବଂ ଆମ ପ୍ରାଚୀନ ତତ୍ତ୍ୱଭାବ ପ୍ରମାଣିତ ହୋଇଛି। ଏଥିରେ କୌଣସି ବିରୋଧୀ ଆଚରଣ ନ ରହି ସମ୍ପ୍ରସାରଣ ଭାବ ରହୁ।

**- ପ୍ରଫେସର ଡ. ବିଜୟାନନ୍ଦ ସିଂହ, ସଭାପତି, କଳାବିକାଶ କେନ୍ଦ୍ର, କଟକ**



ଭାଷା ଭିତ୍ତିରେ ଗଠିତ ଓଡ଼ିଶା ପ୍ରଦେଶରେ ଓଡ଼ିଆ ଭାଷାର ବ୍ୟବହାର ଅଧିକ ଜରୁରୀ। କାରଣ ଏକ ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆ ଭାଷାର ସମୃଦ୍ଧି ସାଧନରେ କିଛି ଦୃଷ୍ଟାନ୍ତମୂଳକ କାର୍ଯ୍ୟକ୍ରମ ପ୍ରାୟତଃ ହୋଇନାହିଁ। ଏଥିପାଇଁ ଅସ୍ମିତା ସପକ୍ଷରେ ଏଭଳି ଜନମତ ସୃଷ୍ଟି ହୋଇପାରିଛି। ଦ୍ୱିଭାଷୀ ବିଦ୍ୟାଳୟରେ ତେଲୁଗୁ ଭଳି ଶାସ୍ତ୍ରୀୟ ଭାଷା ଶିକ୍ଷାଦାତା ନିଯୁକ୍ତ ହୋଇଥିବାବେଳେ ଓଡ଼ିଆ କ୍ଷେତ୍ରରେ ସେଭଳି ପଦକ୍ଷେପ ନିଆଯିବା ଆବଶ୍ୟକ।

**- ସତ୍ୟନାରାୟଣ ଗନ୍ତାୟତ, ଗ୍ରନ୍ଥକାର, ରାୟଗଡ଼ା**



ଭାରତରେ ଓଡ଼ିଶା ଏକ ରାଜ୍ୟ, ଯାହାର ଗଠନ ଭାଷାଭିତ୍ତିକ। ମାତୃଭାଷା ଓଡ଼ିଆକୁ ନିଜର କରିସାରିବା ପରେ ଅନ୍ୟ ଯେକୌଣସି ଭାରତୀୟ ଭାଷାକୁ ଶିଖିଲେ ସମସ୍ୟା ନାହିଁ। କିନ୍ତୁ ଅସ୍ମିତା କଥା ଉଠିଲାବେଳେ ସର୍ବପ୍ରଥମେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍। ଓଡ଼ିଶାରେ ହିନ୍ଦୀ ଭାଷାକୁ ପ୍ରୋତ୍ସାହନ ଦିଆଗଲେ ଓଡ଼ିଆ ଭାଷା ଉପରେ ପ୍ରଭାବ ପଡ଼ିବ।

**-ରବି ଶତପଥୀ, ଅଧ୍ୟାପକ ଓଡ଼ିଆ ବିଭାଗ, ନନ୍ଦପୁର କଲେଜ, କୋରାପୁଟ**



ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ଓଡ଼ିଆ ଭାଷା ମହାବିଦ୍ୟାଳୟସ୍ତରରେ ଯଥେଷ୍ଟ କ୍ଷତି ସହିଲାଣି। ହିନ୍ଦୀରେ ଅଧିକ ନମ୍ବର ଆସୁଥିବାରୁ ଓଡ଼ିଆ ଛାତ୍ରୀଛାତ୍ର ଏହି ଭାଷାର ବିଷୟକୁ ପସନ୍ଦ କରୁଛନ୍ତି। ରାଜ୍ୟ ସରକାର ଯଦି ହିନ୍ଦୀକୁ ଅଧିକ ପ୍ରୋତ୍ସାହନ ଦିଅନ୍ତି, ତେବେ ଆଜି ଯାଏ ଓଡ଼ିଆ ଅସ୍ମିତା ଓ ଭାଷାର ହୋଇଥିବା କ୍ଷତି ଆହୁରି ବୃଦ୍ଧି ପାଇବ। ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ହିନ୍ଦୀ ଶବ୍ଦର ଅନୁପ୍ରବେଶ ଓଡ଼ିଆ ଭାଷାକୁ ବିକୃତ କଲାଣି। ଆନୁଷ୍ଠାନିକ ପ୍ରୋତ୍ସାହନ ଏ ବିକୃତିକୁ ଆହୁରି ଅଧିକ ପ୍ରୋତ୍ସାହିତ କରିବ।

**- ଡ. ସୁବାସ ଚନ୍ଦ୍ର ପାତ୍ର, ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର**



ଭାଷାଗତ ଜାତୀୟତା ଉପରେ ଗଠିତ ଓଡ଼ିଶା ତା'ର ଭାଷାକୁ ନେଇ ଗର୍ବ ଅନୁଭବ କରିବା ସ୍ୱାଭାବିକ। ଓଡ଼ିଆ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ସ୍ୱାଭିମାନ। ଗୋଟିଏ ପ୍ରତିଷ୍ଠିତ ଭାଷାକୁ କୌଣସି ଶକ୍ତି କେବେ ବିପନ୍ନ କରିପାରେ ନାହିଁ, ବରଂ ଭାଷା ଗୋଟିଏ ଜାତିକୁ ବିପନ୍ନ ହେବାରୁ ରକ୍ଷା କରିଥାଏ। ଏହି ଦୃଷ୍ଟିରୁ ଅନ୍ୟ ଏକ ଭାଷାକୁ ପ୍ରୋତ୍ସାହନ ଦେବା ଦ୍ୱାରା ଓଡ଼ିଆ ଲିପି କିମ୍ବା କଥନୀର ନା କ୍ଷତି ହେବ ନା ସହାୟକ ହେବ। ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଓ ବୈଶିଷ୍ଟ୍ୟ ଓଡ଼ିଆ ଜାତିକୁ ଚିରକାଳ ନୂତନ ମୂଲ୍ୟବୋଧ ଦେଉଥିବ।

**-ଡ. ଦେବାଶିଷ ପାଣ୍ଡିଆ, ଓଡ଼ିଆ ସାହିତ୍ୟ ଗବେଷକ, ସୁବର୍ଣ୍ଣପୁର**

ଳ



ଓଡ଼ିଶାରେ ହିନ୍ଦୀ ଭାଷାକୁ ଅଧିକ ପ୍ରୋତ୍ସାହନ ଦିଆଗଲେ ଏହା ନିଶ୍ଚୟ ଓଡ଼ିଆ ଭାଷା ପାଇଁ କ୍ଷତିକାରକ ହେବ। ଶାସ୍ତ୍ରୀୟ ଭାଷା ମାନ୍ୟତା ପାଇଥିବା ଆମ ଓଡ଼ିଆ ହେଉଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭାଷା। ଓଡ଼ିଆ ଭାଗବତ, ମାଳିକା, ମାଦଳା ପାଞ୍ଜିରୁ ଆରମ୍ଭ କରି ପୋଥି, ପୁରାଣ, ଚମ୍ପୂ, ଚଉପଦୀ, ଓଡ଼ିଶୀ ସଙ୍ଗୀତ, ଢଗ ଢମାଳି ସବୁଥିରେ ବୈଶିଷ୍ଟ୍ୟ ରହିଛି। ଓଡ଼ିଆ ଭାଷାକୁ ନେଇ ଓଡ଼ିଆଙ୍କ ଅସ୍ମିତା। ଓଡ଼ିଆ ଭାଷା ପାଇଁ ତ ଓଡ଼ିଶା। ତେଣୁ ଓଡ଼ିଆ ଭାଷାକୁ ସର୍ବବ୍ୟାପୀ, ସର୍ବଗ୍ରାହ୍ୟ କରିବା ଲାଗି ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

**- ଜେମାମଣି ବିଷୋୟୀ, ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟା, ନବରଙ୍ଗପୁର**



ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପାଇଥିଲେ ମଧ୍ୟ ଆଜିର ଯୁବପିଢ଼ି ଅନେକାଂଶରେ ହିନ୍ଦୀ ଭାଷାକୁ ପ୍ରାଥମିକତା ଦେଉଥିବା ପରିଲକ୍ଷିତ ହେଉଛି। ଫଳରେ ତାହା ଓଡ଼ିଆ ଲିପି ଓ କଥନୀକୁ କ୍ଷତି ପହଞ୍ଚାଉଛି। ଆମ ରାଜ୍ୟରେ ନୂତନ ଶିକ୍ଷା ନୀତି-୨୦୨୦ରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା ଏବଂ ଅଷ୍ଟମ ଶ୍ରେଣୀରୁ ଏକାଦଶ ପର୍ଯ୍ୟନ୍ତ ମାତୃଭାଷା ବା ସ୍ଥାନୀୟ ଭାଷାରେ ଶିକ୍ଷାଦାନ ପାଇଁ ଉଭୟ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଉଦ୍ୟମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସତ୍ତ୍ୱେ ଇଂଲିଶ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ଏହାକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରୁନାହାନ୍ତି।

**- ରବୀନ୍ଦ୍ର ମହାରଣା, ଶିକ୍ଷାବିତ୍, ମାଲକାନଗିରି**



ଓଡ଼ିଆ ଭାଷାର ପ୍ରାଚୀନତା, ଶାସ୍ତ୍ରୀୟତା ତଥା ଆଙ୍ଗିକ ସୌନ୍ଦର୍ଯ୍ୟବୋଧ ଅବର୍ଣ୍ଣନୀୟ। ଦୀର୍ଘକାଳ ଧରି ଉର୍ଦ୍ଦୁ, ପାର୍ସୀ, ମରାଠୀ ଏବଂ ଅନେକ ଆଞ୍ଚଳିକ ଭାଷାର ପ୍ରଭାବରେ ଆସି ମଧ୍ୟ ଓଡ଼ିଆ ଭାଷା ତା'ର ମୌଳିକତା ଏଯାଏ ହରାଇ ନାହିଁ। ହିନ୍ଦୀ ଭାଷା ପ୍ରଚଳନର ବହୁଳତା ଅନ୍ୟ ରାଜ୍ୟ ଭାଷାଗୁଡ଼ିକ ଉପରେ ନିଜର ପ୍ରଭାବ ବିସ୍ତାର କରିଥିଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଚଳନ କିଛିମାତ୍ରାରେ ଦେଖାଯାଏ। ଏଭଳିସ୍ଥଳେ ହିନ୍ଦୀ ଭାଷାକୁ ଓଡ଼ିଶାରେ ପ୍ରୋତ୍ସାହନ ଦିଆଯିବା ଅତ୍ୟନ୍ତ ଦୁଃଖଦାୟକ। ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ହେଲେ ପ୍ରଥମେ ନିଜ ମାତୃଭାଷାକୁ ଭଲ ପାଇବାକୁ ହେବ।

**- ଗୋପକୃଷ୍ଣ ନାୟକ, ଗୀତିକବି, ସୁନ୍ଦରଗଡ଼**



ଓଡ଼ିଆ କହିବା ବେଳେ ଅନେକେ ହିନ୍ଦୀ ଓ ଇଂଲିଶ୍ ଶବ୍ଦ ବ୍ୟବହାର କରୁଥିବା ଶୁଣିବାକୁ ମିଳୁଛି। ଫଳରେ ଓଡ଼ିଆ ଅସ୍ମିତା ହଜିବାରେ ଲାଗିଥିବା ମୁଁ ଅନୁଭବ କରୁଛି। ଆମେ କୌଣସି ଭାଷାକୁ ହେୟଜ୍ଞାନ କରିବା ଉଚିତ ନୁହେଁ। ହେଲେ ଆମର ଯେଉଁ ସ୍ୱତନ୍ତ୍ର ଭାଷା ରହିଛି, ତାହା କହିବା ଓ ଲେଖିବାରେ ସମସ୍ତେ ବ୍ୟବହାର କରିବା କଥା। ଏଭଳି ସ୍ଥଳରେ ହିନ୍ଦୀକୁ ଯଦି ସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଯିବ, ତାହା ଆଞ୍ଚଳିକ ଭାଷାକୁ ପ୍ରଭାବିତ କରିପାରେ। ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆମ ମାତୃଭାଷା ଓଡ଼ିଆକୁ ପ୍ରାଧାନ୍ୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ।

**- ସମୀର ଭୋଇ, ଓଡ଼ିଆ ଅଧ୍ୟାପକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



ଆମ ଲାଗି ଆମ ଭାଷା ବଡ଼। ଆମ ଭାଷାର ନିଜସ୍ୱ ସାମର୍ଥ୍ୟ ରହିଛି। ଓଡ଼ିଶାର ଲୋକେ ଓଡ଼ିଆ ଓ କୋଶଲୀ ଭାଷାରେ କଥାବାର୍ତ୍ତା କରିବା ସହ ଓଡ଼ିଆରେ ପାଠ ପଢୁଛନ୍ତି। ଓଡ଼ିଶା ବିଧାନସଭାରେ ହିନ୍ଦୀ ବ୍ୟବହାର ହୁଏନାହିଁ। ଲୋକ ସଭାରେ ହିନ୍ଦୀ ବ୍ୟବହାର ହୁଏ। ଲୋକ ସଭାରେ ହିନ୍ଦୀ ବ୍ୟବହାର ହେଲେ ଆମର ଆପତ୍ତି ନାହିଁ, କିନ୍ତୁ ଓଡ଼ିଶାରେ ହିନ୍ଦୀ ଭାଷାକୁ ଲଦି ଦେବା ଠିକ୍ ହେବନାହିଁ।

**- ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ଭାଷାବିତ୍, ବଲାଙ୍ଗୀର**



ଓଡ଼ିଶାରେ ହିନ୍ଦୀ ଭାଷାକୁ ପ୍ରୋତ୍ସାହନ ଓଡ଼ିଆ ଲିପି ଓ କଥନୀକୁ କ୍ଷତି ପହଞ୍ଚାଇବ। ଓଡ଼ିଆ ଅସ୍ମିତା ପ୍ରତି ଏହା ଏକ ଆହ୍ୱାନ। ଅଦ୍ୟାବଧି ଆମ ରାଜ୍ୟରେ ହିନ୍ଦୀର ବହୁଳ ବ୍ୟବହାର ହେଉଛି। ଆଉ ଅଧିକ ହେଲେ ଆମ ମାତୃଭାଷା ବିଲୁପ୍ତିର ଦ୍ୱାରଦେଶରେ ଉପନୀତ ହୋଇଯିବ। ଆମ ରାଜ୍ୟରେ କୃଷି, ଶିଳ୍ପାୟନ ଆଦି ବିଭିନ୍ନ କ୍ଷେତ୍ରରେ ଅଣଓଡ଼ିଆମାନଙ୍କର ଆଧିପତ୍ୟ ବଢ଼ିଚାଲିଛି। ଆମ ଭୂସମ୍ପତ୍ତି ସେମାନଙ୍କ ହାତକୁ ଚାଲିଯାଉଛି। ତେଣୁ ହିନ୍ଦୀ ଭାଷାର ବ୍ୟବହାର ବଢ଼ିଚାଲିଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ସମାନ ପରିସ୍ଥିତି। ବାହାର ରାଜ୍ୟର ପିଲା ଆସିବା ପରେ ହିନ୍ଦୀର ଆଧିପତ୍ୟ ବଢ଼ିଛି। ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ରାଜ୍ୟ ସରକାର ଏ ପ୍ରସଙ୍ଗ ବୁଝିବା ଦରକାର।

**- ସତ୍ୟବାଦୀ ବଳିଆରସିଂହ, ସଭାପତି,ଭାଷା ସୁରକ୍ଷା ସମ୍ମିଳନୀ, ଖୋର୍ଦ୍ଧା**



ମା', ମାଟି ଓ ମାତୃଭାଷା ଆମର ଏକାନ୍ତ ନିଜର। ତାହାର ସମୁଚିତ ବିକାଶ ଓ ଯଥାର୍ଥ ବ୍ୟବହାର ନିମନ୍ତେ ଆମେ ଚେଷ୍ଟିତ ହେବା ଉଚିତ। ନିଜ ଭାଷାର ଉନ୍ନତିରେ ଅନ୍ୟ ଭାଷାଗୁଡ଼ିକର ଭୂମିକା ରହିଛି। ହିନ୍ଦୀ ଭାରତୀୟ ଆର୍ଯ୍ୟ ଭାଷା ଗୋଷ୍ଠୀରେ ଅନ୍ତର୍ଭୁକ୍ତ ଏବଂ ଜାତୀୟସ୍ତରରେ ବହୁଲୋକ ଏହାର ବ୍ୟବହାର କରୁଛନ୍ତି। ଏହାକୁ ସହଯୋଗ କଲେ ଆମର କ୍ଷତି ହେବ ନାହିଁ, ବରଂ ବିଶ୍ୱସ୍ତରରେ ଆମ ଭାଷା ଓ ସାହିତ୍ୟ ସମୃଦ୍ଧ ହେବ।

**- ଡ. ବିଦ୍ୟାଧର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର**



ଆମ ଆତ୍ମ ସମ୍ମାନ, ଆମ ସ୍ୱାଭିମାନ ହେଉଛି ଓଡ଼ିଆ ଅସ୍ମିତା। ବିଭିନ୍ନତା ମଧ୍ୟରେ ଏକତା ପାଇଁ ଆମେ ସବୁ ଭାଷା ଭଳି ହିନ୍ଦୀକୁ ଭଲ ପାଇବା କଥା। କିନ୍ତୁ ଆମ ମାତୃଭାଷା ଓଡ଼ିଆ। କଥାରେ ଅଛି ଆମେ ଓଡ଼ିଆ ଭାରି ବଢ଼ିଆ। ଓଡ଼ିଆ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ପାଇଥିଲେ ମଧ୍ୟ ଆମେ ଆମ ଭାଷା ପ୍ରତି ସେତିକି ସଚେତନ ନୁହନ୍ତି, ଯାହା ଯୁବପିଢ଼ିଙ୍କ ଭାଷାକୁ ଦେଖିଲେ ଜଣାପଡ଼େ। ଓଡ଼ିଆ ଭାଷା ପ୍ରତି ଗଭୀର ଆନ୍ତରିକତା ଏବଂ ଏହାର ସୁରକ୍ଷା ପାଇଁ ଯତ୍ନବାନ ନ ହେଲେ ଓଡ଼ିଆ ଲିପି ଓ କଥନୀକୁ କ୍ଷତି ପହଞ୍ଚିବ।

**- ଚିତ୍ତରଞ୍ଜନ ଦାସ, ଶିକ୍ଷାବିତ୍, ଦେବଗଡ଼**



ଓଡ଼ିଆ ଶାସ୍ତ୍ରୀୟ ଭାଷା ଘୋଷଣା ହେବା ପରେ ଏନେଇ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟ ରାଜ୍ୟରେ କାର୍ଯ୍ୟକାରୀ ହୋଇ ନ ଥିବା ଅନୁଭବ କରାଯାଉଛି। ହିନ୍ଦୀ ଭାଷାକୁ ଓଡ଼ିଶାରେ ପ୍ରୋତ୍ସାହନ ଦିଆଗଲେ ଓଡ଼ିଆ ଲିପି ଓ କଥନୀକୁ କ୍ଷତି ପହଞ୍ଚିବ। କେନ୍ଦ୍ର ସରକାରଙ୍କ ଏପରି ଉଦ୍ୟମକୁ ମୁଁ ଗ୍ରହଣ କରିପାରୁନାହିଁ। ଓଡ଼ିଆ ଭାଷା ପାଇଁ ଆମର ଦରଦ ରହୁନାହିଁ ବୋଲି ଅନୁଭବ କରାଯାଉଛି। ଓଡ଼ିଆ ଆମ ମାତୃଭାଷା, ଯାହାପାଇଁ ଆମର ଅଧିକ କର୍ତ୍ତବ୍ୟ ରହିଛି, ହିନ୍ଦୀ ପାଇଁ ନୁହେଁ।

**- ରମାକାନ୍ତ ଜେନା, ସାହିତ୍ୟିକ, ଧର୍ମଶାଳା, ଯାଜପୁର**



ନିଜ ରାଜ୍ୟର ଜନସାଧାରଣ ବ୍ୟବହାର କରୁଥିବା ସମସ୍ତ ଭାଷାକୁ ପ୍ରଥମେ ଅଗ୍ରାଧିକାର ଦେବା ନିହାତି ଜରୁରୀ। ବର୍ତ୍ତମାନ ଓଡ଼ିଶାର ଅନେକ ଜନଜାତୀୟ ଭାଷା ତଥା ଆଞ୍ଚଳିକ ଭାଷା ପ୍ରୋତ୍ସାହନ ଅଭାବ ଓ ସରକାରଙ୍କ ବୈମାତୃକ ଦୃଷ୍ଟି ପାଇଁ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ହିନ୍ଦୀ ଭାଷା ପୂର୍ବରୁ ଆମ ରାଜ୍ୟର ଭାଷାକୁ ପ୍ରୋତ୍ସାହନ ଦିଆଗଲେ ଭଲ ହୁଅନ୍ତା।

**- ପରମେଶ୍ୱର ମୁଣ୍ଡ, ଗବେଷକ, ଭବାନୀପାଟଣା, କଳାହାଣ୍ଡି**



ଓଡ଼ିଶାରେ ହିନ୍ଦୀ ଭାଷାକୁ ପ୍ରୋତ୍ସାହନ କ୍ଷତି ପହଞ୍ଚାଇବ। କାରଣ ଯୁବପିଢ଼ି ଯଦି ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ ନ ହୁଅନ୍ତି, ତେବେ ମାତୃଭାଷାର ମର୍ଯ୍ୟାଦା ରକ୍ଷାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଯୁବପିଢ଼ି ହିଁ ସଂସ୍କୃତି, ସାହିତ୍ୟ, ପରମ୍ପରାର ଉତ୍ତର ଦାୟାଦ। ନିଜ ମାତୃଭାଷା ପ୍ରତି ଆନୁଗତ୍ୟ ପ୍ରକାଶ କରିବା ପ୍ରତ୍ୟେକ ବ୍ୟକ୍ତିର ଉତ୍ତରଦାୟିତ୍ୱ। ବ୍ୟବସାୟିକ, ଚାକିରି ଆଦି କ୍ଷେତ୍ରରେ ଅନ୍ୟ ଭାଷାର ସହାୟତା ନେଲେ ସୁଦ୍ଧା ଓଡ଼ିଆ ଭାଷାକୁ ଭଲ ପାଇବା ଆମ ଜାତିର ଅସ୍ମିତା।

**- ଡ. ନଳିନୀ କୁମାର ପାଣିଗ୍ରାହୀ, ଓଡ଼ିଆ ଅଧ୍ୟାପକ, କଳିଙ୍ଗ ମହାବିଦ୍ୟାଳୟ, ଜି. ଉଦୟଗିରି, କନ୍ଧମାଳ**



ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଛି। କିନ୍ତୁ ରାଜ୍ୟର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାକୁ ଉପହାସ କରାଯାଉଥିବା ଭଳି ମନେହେଉଛି। ଅନେକ ସ୍ଥାନରେ ଓଡ଼ିଆ ଭାଷାର ଅପବ୍ୟବହାର ହେବା ସହ ହିନ୍ଦୀ ଓ ତେଲୁଗୁ ବହୁଳ ବ୍ୟବହାର ହେଉଛି। ନିଜର ଗରିମା କିମ୍ବା ବ୍ୟବସାୟିକ ବୃତ୍ତିରେ ହିନ୍ଦୀ ବ୍ୟବହାର ହେଉଛି। ହେଲେ ଲୋକଙ୍କ ମଧ୍ୟରେ ଓଡ଼ିଆ ବ୍ୟବହାରିକ ଭାଷା ହେବା ଆବଶ୍ୟକ। ଓଡ଼ିଶାରେ ହିନ୍ଦୀ ଭାଷାକୁ ପ୍ରୋତ୍ସାହନ ଦିଆଯିବା ଗ୍ରହଣୀୟ ନୁହେଁ।

**- ଡ. ଭାରତୀ ପାଣିଗ୍ରାହୀ, ଅଧ୍ୟାପିକା, ମହିଳା ସ୍ନାତକ ମହାବିଦ୍ୟାଳୟ, ପାରଳାଖେମୁଣ୍ଡି**



ଭାଷାର କୌଣସି ସୀମା ନ ଥାଏ। କିନ୍ତୁ ମାତୃଭାଷା ଓଡ଼ିଆର ପ୍ରଚାର, ପ୍ରସାର ଓ ବିକାଶ ହେବା ଆବଶ୍ୟକ। ମନେରଖିବା ଉଚିତ ଯେ, ଭାଷା ଇତିହାସର ପୃଷ୍ଠଭୂମିରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ତେଣୁ ଓଡ଼ିଆ ଭାଷାର ଉନ୍ନତି ଓ ଆଦୃତି ପାଇଁ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସାମାଜିକ ସ୍ତରରେ ଏକ ଦୃଢ଼ ପଦକ୍ଷେପ ଅନିବାର୍ଯ୍ୟ। ହିନ୍ଦୀର ପ୍ରସାର ହେଲେ ରାଷ୍ଟ୍ରୀୟ ଏକତା ଓ ସହଭାଗିତା ବୃଦ୍ଧି ପାଇବ। କିନ୍ତୁ ଓଡ଼ିଆ ଭାଷାର ପ୍ରସାର ମଧ୍ୟ ରାଷ୍ଟ୍ରୀୟ ସ୍ତରରେ ସମତାଳରେ ହେବା ବିଧେୟ। ଓଡ଼ିଆ ଭାଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ବାଧ୍ୟତାମୂଳକ କରାଯାଇ ଅନ୍ୟ ଭାଷାକୁ ଇଚ୍ଛାଧୀନ ରଖାଯିବା ଆବଶ୍ୟକ।

**- ଇଂ ସଞ୍ଜୟ କୁମାର ପଣ୍ଡା, ଶିକ୍ଷାବିତ୍, ବୌଦ୍ଧ**



ଓଡ଼ିଆ ଭାଷା ବହୁ ପୁରାତନ, ଯାହାର ସୂଚନା ଖ୍ରୀଷ୍ଟପୂର୍ବ ପ୍ରାୟ ୨୦୦ରେ ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ମିଳିଥିଲା। ସେହିଦିନଠାରୁ ଏଯାବତ୍ ବିଭିନ୍ନ ସଂଘର୍ଷ ମଧ୍ୟରେ ଓଡ଼ିଆ ଭାଷା ତା'ର ସ୍ୱତନ୍ତ୍ର ମର୍ଯ୍ୟାଦା ଜାରି ରଖିଛି, ଯେଉଁଥିପାଇଁ ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇପାରିଲା। ଇଂରେଜମାନଙ୍କ କପଟତାରେ ୧୮୯୫ ମସିହାରେ ରାଜ୍ୟର ପଶ୍ଚିମାଞ୍ଚଳରେ ହିନ୍ଦୀ ଭାଷାର ପ୍ରଚଳନ କରିବାକୁ ବାଧ କରାଯାଇଥିଲା। ସେତେବେଳେ ସମ୍ବଲପୁର ଅଞ୍ଚଳର କେତେଜଣ ସଚେତନ ନାଗରିକଙ୍କ ପ୍ରଚେଷ୍ଟାରେ ପୁନଶ୍ଚ ଓଡ଼ିଆ ଭାଷା ପ୍ରଚଳନ କରାଗଲା। ଏତେ ଝଡ଼ଝଞ୍ଜା ପରେ ଜିଇଥିବା ଭାଷାର ମସ୍ତକରେ ହିନ୍ଦୀକୁ ପୁଣି ଥୋପିଦେବା ଦୁର୍ଭାଗ୍ୟଜନକ। ଏହାଦ୍ୱାରା ଆମର ଅସ୍ମିତାର ଅବକ୍ଷୟ ଘଟିବ ନିଶ୍ଚୟ। ଆମେ ସମସ୍ତେ ଏ ସମ୍ପର୍କରେ ଚିନ୍ତା କରିବାର ଆବଶ୍ୟକତା ଅଛି। ଏମିତି ବି ଜଗତୀକରଣ କାରଣରୁ ଗାଁ ଗହଳିଠାରୁ ସହରଯାଏ ସବୁଠି ପଶିଯାଇଛି ହିନ୍ଦୀଭାଷା। ଓଡ଼ିଆ ଘରେ ଦୁଇଭାଇଙ୍କ ମଧ୍ୟରେ ତଥା ହାଟ ବଜାରରେ ହିନ୍ଦୀ ଭାଷା ଚାଲିଲାଣି। ଏ ପରିପ୍ରେକ୍ଷୀରେ ସରକାର ଯଦି ହିନ୍ଦୀକୁ ପ୍ରୋତ୍ସାହନ ଦେବେ, ତେବେ ଭବିଷ୍ୟତରେ ଓଡ଼ିଆ ଭାଷାର ଅସ୍ତିତ୍ୱ ରହିବ ନାହିଁ।

**- ରାଜୀବ ପାଣି, କବି, ସାହିତ୍ୟିକ, ରାଉରକେଲା**



ହିନ୍ଦୀ ଭାଷାକୁ ଓଡ଼ିଶାରେ ପ୍ରୋତ୍ସାହନ ଦିଆଗଲେ ଓଡ଼ିଆ ଲିପି ଓ କଥନୀରେ କ୍ଷତି ପହଞ୍ଚିବ। ରାଜ୍ୟରେ ଅନେକେ ହିନ୍ଦୀ, ଇଂଲିଶ୍, ତେଲୁଗୁମିଶା ଓଡ଼ିଆ କଥା ହେଉଛନ୍ତି। ହିନ୍ଦୀକୁ ଓଡ଼ିଶାରେ ପ୍ରାଧାନ୍ୟ ଦେଲେ ଓଡ଼ିଆ ଭାଷା ଯେଉଁ ଶାସ୍ତ୍ରୀୟ ମାନ୍ୟତା ପାଇଛି, ତା'ର ପ୍ରାଧାନ୍ୟ ରହିବ ନାହିଁ। ଓଡ଼ିଆ ସହ ହିନ୍ଦୀ ମିଶିଲେ ତାହା ବିକୃତ ଓଡ଼ିଆ ଭାଷାରେ ପରିଣତ ହେବ। ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ ଯେଉଁ ଧରଣର ବିକାଶ ହେବା କଥା, ସେହି ଧରଣର ହେଉନାହିଁ। ଓଡ଼ିଆ ଭାଷା ସାହିତ୍ୟର ପ୍ରଗତି ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଅସ୍ମିତା କଥା କେବଳ ପ୍ରଚାରରେ ସୀମିତ ରହିଯିବ।

**- ଡ. ଅଭୟ କୁମାର ଦାସ, ଭାଷାବିତ୍, ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ, ଭଦ୍ରକ**



ହିନ୍ଦୀକୁ ଜାତୀୟସ୍ତରରେ ପ୍ରୋତ୍ସାହନ ଦିଆଯିବା ଅସମୀଚୀନ ନୁହେଁ। କିନ୍ତୁ ଶାସ୍ତ୍ରୀୟ ଭାଷା ରୂପେ ବିଦିତ ଓଡ଼ିଆର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟ ସରକାର ଅଧିକ ଧ୍ୟାନଦେବା ଆବଶ୍ୟକ। ମାତୃଭାଷାର ସ୍ଥାନ ସର୍ବାଗ୍ରେ। ସରକାରୀ ଭାଷା ରୂପେ ମାତୃଭାଷା ଓଡ଼ିଆକୁ ବାଧ୍ୟତାମୂଳକ ପ୍ରଚଳନ ଓଡ଼ିଶା ସରକାରଙ୍କ ପ୍ରମୁଖ କର୍ତ୍ତବ୍ୟ। ବିଦ୍ୟାଳୟ ଶିକ୍ଷାରେ ଓଡ଼ିଆ ଭାଷା ଶିକ୍ଷକ ଓ ପଞ୍ଚାୟତସ୍ତରରେ ସ୍ନାତକୋତ୍ତର ଓଡ଼ିଆ ଶିକ୍ଷାପ୍ରାପ୍ତ ଭାଷା ଅଧିକାରୀ ନିଯୁକ୍ତି, ଉତ୍କଳ ଦିବସକୁ ଓଡ଼ିଆ ଭାଷା ଦିବସ ରୂପେ ପାଳନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଅଧିକ ସଶକ୍ତ କରିବାପାଇଁ ରାଜ୍ୟ ସରକାର ବିବିଧ ଗଠନମୂଳକ ପଦକ୍ଷେପ ନେବା ଜରୁରୀ।

**- ପ୍ରଫେସର ବଭ୍ରୁବାହନ ମହାପାତ୍ର, ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା**



ହିନ୍ଦୀକୁ ପ୍ରୋତ୍ସାହନ ଯୋଗାଇଦେଲେ ଓଡ଼ିଆ ଲିପି ଓ କଥନ ଶୈଳୀ କ୍ଷତିର ସମ୍ମୁଖୀନ ହେବା ନିଶ୍ଚିତ। ଏହାର ପ୍ରଭାବ ସିଧାସଳଖ ଓଡ଼ିଶାର ଶିକ୍ଷାନୁଷ୍ଠାନ ଓ ବିଭିନ୍ନ କାର୍ଯ୍ୟାଳୟ ଉପରେ ପଡ଼ିବ। ଆମ ମାତୃଭାଷା ସମ୍ପୂର୍ଣ୍ଣ ଅବହେଳିତ ହୋଇଯିବ। ଅତୀତରେ ଦେଖାଯାଇଛି, ଯୁକ୍ତ୨ ମହାବିଦ୍ୟାଳୟରେ ଓଡ଼ିଆ ପରିବର୍ତ୍ତେ ସଂସ୍କୃତକୁ ଛାତ୍ରୀଛାତ୍ରମାନେ ବାଧ୍ୟତାମୂଳକ ବିଷୟ ଭାବେ ଚୟନ କରି ଅଧିକ ନମ୍ବର ପାଇଲେ। ଏହାଦ୍ୱାରା କଳା ଅପେକ୍ଷା ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଛାତ୍ର ଅଧିକ ସଂସ୍କୃତ ଭାଷା ପ୍ରତି ଆକୃଷ୍ଟ ହୋଇ ମାତୃଭାଷାକୁ ଅବହେଳା କଲେ। ସଂସ୍କୃତକୁ ଲୋକପ୍ରିୟ କରିବା ପାଇଁ ଜାଣିଶୁଣି ଅଧିକ ନମ୍ବର ଦିଆଗଲା। ମୋଟ ବିଷୟରେ ଶତକଡ଼ା ହିସାବରେ ଅଧିକ ନମ୍ବର ଥିବାରୁ ନିଯୁକ୍ତି, ନାମଲେଖା, ପ୍ରତିଯୋଗିତା ଓ ମନୋନୟନରେ ସଂସ୍କୃତ ଛାତ୍ରୀଛାତ୍ର ସବୁ ପ୍ରକାରର ସୁବିଧା ସୁଯୋଗ ହାତେଇନେଲେ। ଓଡ଼ିଆ ଭାଷାର ଛାତ୍ରୀଛାତ୍ରମାନେ କମ୍ ନମ୍ବର ପାଇ କ୍ଷତିଗ୍ରସ୍ତ ହେଲେ। ଏହାଦ୍ୱାରା ଭାଷା ପ୍ରତି ଅନୁରାଗ ନ ରହିବାରୁ ଓଡ଼ିଆ ଭାଷା ଓ ସାହିତ୍ୟ ଅନୁରୂପ ଭାବେ କ୍ଷତିଗ୍ରସ୍ତ ହେଲା, ଯାହାକି ଏଯାବତ୍ ଭରଣା କରାଯାଇପାରିଲା ନାହିଁ।

**- ଡ. କୈଳାସ ବାଣ୍ଡ, ସାହିତ୍ୟ ଗବେଷକ, ନୟାଗଡ଼**



ଗୋଟିଏ ରାଷ୍ଟ୍ରରେ ବିବିଧତା ମଧ୍ୟରେ ଏକତା ସ୍ଥାପନ ପାଇଁ ରାଷ୍ଟ୍ରଭାଷା ପ୍ରତି ଜନସଚେତନତା ନିହାତି ଆବଶ୍ୟକ। ହେଲେ ଯେଉଁଠି ମାତୃଭାଷା ସୁଦୃଢ଼ ନାହିଁ, ସେଠି ରାଷ୍ଟ୍ରୀୟ ଏକତାର ମୂଲ୍ୟବୋଧ ତିଷ୍ଠିପାରିବ ନାହିଁ। ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ଓଡ଼ିଆ ଭାଷା ଯେତିକି କ୍ଷତିଗ୍ରସ୍ତ ହେବ, ଅନୁରୂପ ଭାବେ ଓଡ଼ିଶାବାସୀଙ୍କ ମୌଳିକତା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିବ। ପରାଧୀନ ଭାରତରେ ଓଡ଼ିଆ ଭାଷା ଯେଉଁ ଘାତ ପ୍ରତିଘାତ ଦେଇ ଆସିଛି, ସ୍ୱାଧୀନ ଭାରତରେ ମଧ୍ୟ ଏଭଳି ଅବସ୍ଥାକୁ ସମ୍ମୁଖୀନ କରିଛି। ତେବେ ହିନ୍ଦୀକୁ ପ୍ରୋତ୍ସାହନ ସମଗ୍ର ରାଜ୍ୟ ପାଇଁ ବିପତ୍ତିର ପୁନରାବୃତ୍ତି ଛଡ଼ା ଆଉ କିଛି ନୁହେଁ।

**- ଡ. ଅଜିତ କୁମାର ନାଥ, ଓଡ଼ିଆ ଅଧ୍ୟାପକ, ଲରମ୍ବା ମହାବିଦ୍ୟାଳୟ, ବରଗଡ଼**



ନିଜ ଭାଷା ପ୍ରତି ସମ୍ମାନ ଆଶା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଅନ୍ୟଭାଷାକୁ ସମ୍ମାନ ଦେବା ଉଚିତ। କୌଣସି ଭାଷାର ପ୍ରୋତ୍ସାହନରେ ସ୍ଥାନୀୟ ଭାଷା କ୍ଷତିଗ୍ରସ୍ତ ହୋଇ ନ ଥାଏ । ତେବେ ଓଡ଼ିଆ ଭାଷା ନିଶ୍ଚିତ ଭାବେ ଓଡ଼ିଶାର ପରିଚୟ ଓ ଗୌରବ। ଏହାର ସୁରକ୍ଷାର ଦାୟିତ୍ୱ ମଧ୍ୟ ପ୍ରତ୍ୟେକ ଓଡ଼ିଆ ଏବଂ ଓଡ଼ିଶାବାସୀଙ୍କର। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ବିଶେଷକରି ବୈଦ୍ୟୁତିକ ଗଣମାଧ୍ୟମରେ ଓଡ଼ିଆ ଭାଷା ମଧ୍ୟରେ ହିନ୍ଦୀ ଶବ୍ଦର ପ୍ରୟୋଗ ସ୍ପୃହଣୀୟ ନୁହେଁ।

**- ସିଦ୍ଧାର୍ଥ ପଣ୍ଡା, ଓଡ଼ିଆ ଅଧ୍ୟାପକ, ଝାଡେଶ୍ୱରୀ ମହାବିଦ୍ୟାଳୟ, ଧମା, ସମ୍ବଲପୁର**



ହିନ୍ଦୀକୁ ସରକାରୀ ପ୍ରୋତ୍ସାହନ ଓଡ଼ିଆ ଭାଷାକୁ କ୍ଷତି ପହଞ୍ଚାଇବ। ଭାଷା ଓ ସଂସ୍କୃତିରେ ସ୍ଥାନୀୟ ଅଞ୍ଚଳର ପ୍ରକୃତ ପରିଚୟ ମିଳିଥାଏ। ମାତ୍ର ବିଦେଶୀ ଶାସକଙ୍କ ପାଇଁ ପୂର୍ବରୁ ଓଡ଼ିଆ ଭାଷା ସଙ୍କୁଚିତ ହୋଇଯାଇଛି। ଏବେ ଓଡ଼ିଆ ଘରେ ପ୍ରଚଳିତ ଥିବା ଦାଦା, କକା, ମାମୁ ଆଦିକୁ ଏବକାର ଯୁବବର୍ଗ ଅଙ୍କଲରେ ସୀମିତ ରଖୁଛନ୍ତି। ସେହିପରି ଏତଲା, ଶହୀଦ, ମାହୋଲ, ମମି, ମାତାମ ଆଦି ଶବ୍ଦ ବହୁଳ ବ୍ୟବହାର ହେଉଛି। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ ଏହାର ପ୍ରଚାର ପ୍ରସାର ସହ ସରକାରୀସ୍ତରରେ ପ୍ରୋତ୍ସାହନକୁ ଗୁରୁତ୍ୱ ଦିଆଯିବା କଥା। ହିନ୍ଦୀକୁ ପ୍ରୋତ୍ସାହିତ କଲେ ଆଉ କିଛି ଓଡ଼ିଆ ଶବ୍ଦ ନିଶ୍ଚିତ ହଜିଯିବ।

**- କବି ଅପର୍ଣ୍ଣା ମହାନ୍ତି, ଶିକ୍ଷାବିତ୍, କେନ୍ଦ୍ରାପଡ଼ା**




# ୨୪ ଘଣ୍ଟା ଖୋଲା ରହିବ ନିରାମୟ କେନ୍ଦ୍ର

## ରାଜ୍ୟ ଔଷଧ ନିଗମ ସମୀକ୍ଷା

ଭୁବନେଶ୍ୱର,୨୦।୧୧
(ଅନିଲ ଦାସ)

ସରକାରୀ ହସ୍ପିଟାଲଗୁଡ଼ିକରେ ଥିବା 'ନିରାମୟ' କେନ୍ଦ୍ରଗୁଡ଼ିକ ୨୪ ଘଣ୍ଟା ଖୋଲା ରହିବ। ଗୃହନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୁଧବାର ପୂର୍ବାହ୍ନରେ ଖାରବେଳ ଭବନରେ ଓଡ଼ିଶା ରାଜ୍ୟ ଔଷଧ ନିଗମର ସମୀକ୍ଷା ବେଳେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଠିକ୍ ସମୟରେ ଔଷଧ କ୍ରୟ ଓ ବିତରଣକୁ ତ୍ୱରାନ୍ୱିତ କରି ସାଧାରଣ ରୋଗୀଙ୍କ ପାଖରେ ଆବଶ୍ୟକତା ଅନୁସାରେ ଔଷଧ ପହଞ୍ଚାଇବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ଆବଶ୍ୟକସଂଖ୍ୟକ କର୍ମଚାରୀ ନିୟୋଜିତ କରି ନିଗମର କାର୍ଯ୍ୟଧାରାକୁ ଆହୁରି ପରିପୁଷ୍ଟ କରିବାକୁ ମନ୍ତ୍ରୀ କହିଛନ୍ତି। ବାରିପଦାରେ ସ୍ଥାପିତ ପଣ୍ଡିତ ରଘୁନାଥ ମୁର୍ମୁ(ପିଆର୍‌ଏମ୍) ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ୱୟଂସମ୍ପୂର୍ଣ୍ଣ କରିବା ନିମନ୍ତେ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କଲେଜକୁ ସମସ୍ତ ଆବଶ୍ୟକ ଚିକିତ୍ସା ଉପକରଣ, ଶଯ୍ୟା ତଥା ଆନୁଷଙ୍ଗିକ ସୁବିଧାସୁଯୋଗ ଉପଲବ୍ଧ କରାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ମୟୂରଭଞ୍ଜ ତଥା ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ଆସନ୍ତା ଜାନୁଆରୀରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲା ଚିକିତ୍ସାଳୟଠାରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ରାଜ୍ୟରେ ଥିବା ସମସ୍ତ ସରକାରୀ ମେଡ଼ିକାଲ କଲେଜଗୁଡ଼ିକ ନିମନ୍ତେ ଔଷଧ ସାମଗ୍ରୀ ଏବଂ ଡାକ୍ତରୀ ଯନ୍ତ୍ରପାତି କ୍ରୟ ତଥା ବିତରଣ ବ୍ୟବସ୍ଥା ନେଇ ନିଗମର ପରିଚାଳନା ନିର୍ଦ୍ଦେଶିକା ପୁମା ଟୁଡୁ ତଥ୍ୟ ଉପସ୍ଥାପନ କରିଥିଲେ। କୋଭିଡ୍ ତଥା ପରବର୍ତ୍ତୀ ସମୟରେ ସମସ୍ତ ସରକାରୀ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ଔଷଧ ପହଞ୍ଚାଇବା କାର୍ଯ୍ୟ ନିଗମ ଜାରି ରଖିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଖୁସି, ସମ୍ପୂର୍ଣ୍ଣା ଏବଂ ଔଷଧଯୁକ୍ତ ମଶାରି ବଣ୍ଟନ ପରି ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ନିଗମ ଦକ୍ଷତାର ସହିତ କାର୍ଯ୍ୟ ସମ୍ପନ୍ନ କରୁଛି ବୋଲି ସେ କହିଛନ୍ତି। ଏହି ସମୀକ୍ଷା ବୈଠକରେ ସାଧାରଣ ଉଦ୍ୟୋଗ ବିଭାଗର ଶାସନ ସଚିବ ଟି. ଆଓ, ସ୍ୱତନ୍ତ୍ର ଶାସନ ସଚିବ ନୀହାର ରଞ୍ଜନ ଦାଶ, ଡିଏମ୍‌ଇଟି ପ୍ରଫେସର ସନ୍ତୋଷ ମିଶ୍ରଙ୍କ ସମେତ ନିଗମ ଓ ସାଧାରଣ ଉଦ୍ୟୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ୨୨ରୁ ଦିଲ୍ଲୀରେ ଓଡ଼ିଶା ପର୍ବର ୭ମ ସଂସ୍କରଣ

ଭୁବନେଶ୍ୱର,୨୦।୧୧
(ସୁଚିସ୍ମିତା ସାହୁ)

ଦିଲ୍ଲୀ ଦରବାରରେ ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଝଲକ। ଓଡ଼ିଶାର ସମୃଦ୍ଧ ଏବଂ ବହୁମୁଖୀ ସାଂସ୍କୃତିକ ଐତିହ୍ୟର ନିଦର୍ଶନ 'ଓଡ଼ିଶା ପର୍ବ'ର ୭ମ ସଂସ୍କରଣ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗଦେବେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଓଡ଼ିଆ ସମାଜ ନୂଆଦିଲ୍ଲୀର ସଭାପତି ସିଦ୍ଧାର୍ଥ ପ୍ରଧାନ ସୂଚନା ଦେଇଛନ୍ତି।

# ଜଙ୍ଗଲ ସୃଷ୍ଟି ପାଇଁ ପ୍ରତିଶ୍ରୁତିବଦ୍ଧ

## 'କ୍ଲାଇମେଟ୍ ଚେଞ୍ଜ: ବିଲ୍ଡିଂ ରିଜିଲିଆନ୍ସ'

ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଆହ୍ୱାନ ସୃଷ୍ଟି କରିଛି। ଏହାର ମୁକାବିଲା କ୍ଷେତ୍ରରେ ଯୁବପିଢ଼ିଙ୍କ ବଡ଼ ଭୂମିକା ରହୁଛି। ସେମାନେ କିପରି ସଚେତନ ହୋଇ ଅନ୍ୟମାନଙ୍କୁ ଏକ୍ଷେତ୍ରରେ ସହଭାଗୀ କରାଇପାରିବେ ସେଥିପାଇଁ 'ଧରିତ୍ରୀ' ଆୟୋଜନ କରୁଛି 'ଯୁବ ସମ୍ମିଳନୀ' ବା 'ୟୁଥ୍ କନ୍‌କ୍ଲେଭ୍'। ଚଳିତବର୍ଷର ପ୍ରସଙ୍ଗ ରହିଛି 'କ୍ଲାଇମେଟ୍ ଚେଞ୍ଜ:ବିଲ୍ଡିଂ ରିଜିଲିଆନ୍ସ'। ଆସନ୍ତା ୨୪ ତାରିଖରେ ଧରିତ୍ରୀର ୫୧ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଯୁବ ସମ୍ମିଳନୀର ଚତୁର୍ଥ ସଂସ୍କରଣ ଅନୁଷ୍ଠିତ ହେବ। ଏହି ୟୁଥ୍ କନ୍‌କ୍ଲେଭ୍‌ରେ ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଯୁବ ପରିବେଶବିତ୍‌ମାନେ ଯୋଗଦେବେ।

DHARITRI YOUTH CONCLAVE 2024
CLIMATE CHANGE: BUILDING RESILIENCE

## ଲେଡି ଟାର୍ଜନ ଯମୁନା ଟୁଡୁ



ଧରିତ୍ରୀ ପକ୍ଷରୁ ଆୟୋଜିତ ହେବାକୁ ଥିବା ଯୁବ ସମ୍ମିଳନୀରେ ଯୋଗଦେବେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ 'ଲେଡି ଟାର୍ଜନ' ଭାବେ ପରିଚିତ ମୟୂରଭଞ୍ଜ ଜିଲାର ଯମୁନା ଟୁଡୁ। ଯମୁନା ୫୦ ହେକ୍ଟର ଜଙ୍ଗଲ ଜମିକୁ ସୁରକ୍ଷିତ କରିପାରିଛନ୍ତି। ଏଥିସହ ୧୦ହଜାର ମହିଳାଙ୍କୁ ଏକାଠି କରି ବୃକ୍ଷ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରିପାରିଛନ୍ତି। ସେ ନିଜ ଗ୍ରାମର ମହିଳାମାନଙ୍କୁ ପରିବେଶ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ ପ୍ରଦାନ କରିଛନ୍ତି। ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉଦ୍ୟମ ଯୋଗୁ ୨୦୧୯ରେ ସେ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ ହୋଇଛନ୍ତି। ଯମୁନାଙ୍କ ପରିବେଶ ସୁରକ୍ଷା ପ୍ରୀତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଲେଡି ଟାର୍ଜନ୍ ଆଖ୍ୟା ଦେଇଛନ୍ତି।

୧୯୮୦ ମସିହାରେ ମୟୂରଭଞ୍ଜ ଜିଲାରେ ଜନ୍ମିତ ଯମୁନା ଝାଡ଼ଖଣ୍ଡର ପୋଟ୍‌କା ଜଙ୍ଗଲ ସୁରକ୍ଷା ନେଇ ଅନେକ କାର୍ଯ୍ୟ କରିଛନ୍ତି। ମାଓବାଦୀ, ଜଙ୍ଗଲ ମାଫିଆଙ୍କ ଦ୍ୱାରା ବ୍ୟାପକ ଜଙ୍ଗଲ ନଷ୍ଟହେବା ଯମୁନାଙ୍କୁ ବହୁ କଷ୍ଟ ଦେଇଥିଲା। ସେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ପ୍ରାରମ୍ଭିକ ସ୍ତରରେ ସେ ଗ୍ରାମର ମହିଳାମାନଙ୍କୁ ରୋଷେଇ ପାଇଁ ଜଙ୍ଗଲରୁ କାଠ କାଟିବାକୁ ବାରଣ କରିଥିଲେ। ଯଦି ଆମେ ଜାଳେଣି ପାଇଁ ଏପରି ଭାବେ ଗଛ କାଟି ଚାଲିବା, ତେବେ ଦିନ ଆସିବ ଜଙ୍ଗଲ ସମ୍ପୂର୍ଣ୍ଣ ସଫା ହୋଇଯିବ ବୋଲି ସେ ମହିଳାମାନଙ୍କୁ ବୁଝାଇଥିଲେ। ଯମୁନା କୁହନ୍ତି, ମହିଳାମାନଙ୍କୁ ବୁଝାଇବା ପାଇଁ ସେ ବହୁତ କଷ୍ଟ କରିଛନ୍ତି। କ୍ରମଶଃ ଗ୍ରାମାଞ୍ଚଳର ମହିଳାମାନେ ତାଙ୍କ କଥା ବୁଝି ଜାଳେଣି ପାଇଁ ଗଛ କାଟିବା ବନ୍ଦ କରିଦେଇଛନ୍ତି। ମାଓବାଦୀ ଏବଂ ମାଫିଆଙ୍କ ଭୟ ତାଙ୍କୁ ଅଟକାଇପାରି ନାହିଁ। ୧୯୯୮ରୁ ୨୦୦୫ ପର୍ଯ୍ୟନ୍ତ ଜଙ୍ଗଲରେ ଗଛ କଟା ବନ୍ଦ ପାଇଁ ସେ ସଚେତନତା ସୃଷ୍ଟି କରି ଏହାକୁ ସୁରକ୍ଷା ଦେଇପାରିଛନ୍ତି। ସେ ପ୍ରଥମେ ତାଙ୍କ ଗ୍ରାମର ମହିଳାମାନଙ୍କୁ ଜଙ୍ଗଲ ସୁରକ୍ଷା ପାଇଁ ସଚେତନ କରାଇବା ପରେ ଅନ୍ୟ ଗ୍ରାମର ମହିଳାମାନଙ୍କୁ ସଚେତନ କରାଇଥାନ୍ତି ବୋଲି କହନ୍ତି ଯମୁନା। ସେ ପରିବେଶ ସୁରକ୍ଷା ପାଇଁ ମହିଳାମାନଙ୍କୁ ଶିକ୍ଷାଦାନ କରିଛନ୍ତି। ସେ ପରିବେଶ ସଂରକ୍ଷଣ ପାଇଁ ନିରନ୍ତର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଇଆସିଛନ୍ତି। ବିଶ୍ୱ ସ୍ତରରେ ଦେଖିଲେ ଭାରତରେ ଅଧିକ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁଭୂତ ହେଉଛି। ତାପମାତ୍ରା ଅଧିକ ରହିବା ସହିତ ଅଂଶୁଘାତଜନିତ ମୃତ୍ୟୁ, ଖାଦ୍ୟ ଉତ୍ପାଦନ ହ୍ରାସ, ଅଧିକ ଦିନ ଧରି ଗ୍ରୀଷ୍ମ ପ୍ରବାହ, ଜଳ ବିବାଦ ଭଳି ସ୍ଥିତି ଉପୁଜୁଛି। ତେଣୁ ଏବେ ନିଷ୍ପତ୍ତି ନେବାର ସମୟ ଆସିଛି। ଏକ ସୁରକ୍ଷିତ ସବୁଜ ଦେଶ ଗଠନ କରିବା ନିମନ୍ତେ ସମସ୍ତେ ବଦ୍ଧପରିକର ହେବା ଆବଶ୍ୟକ ବୋଲି ଯମୁନା କୁହନ୍ତି। ପ୍ରକୃତିକୁ ଭଲ ପାଉଥିବା ଯମୁନା ପ୍ରତ୍ୟେକ ବର୍ଷ ରାଖୀ ପୂର୍ଣ୍ଣମୀରେ ଗଛରେ ରାଖୀ ବାନ୍ଧିବା ପରିବେଶ ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ସୂଚାଇଥାଏ। ଏହା ମାଧ୍ୟମରେ ସେ ସମାଜକୁ ପରିବେଶର ସୁରକ୍ଷା ବାର୍ତ୍ତା ମଧ୍ୟ ଦେଇ ଆସୁଛନ୍ତି। ଗଛ ପ୍ରତି ଥିବା ତାଙ୍କ ଅନାବିଳ ଭଲ ପାଇବା ଯୋଗୁ ସେ ଗ୍ରାମବାସୀଙ୍କୁ ସଚେତନ କରାଇବାରେ ସଫଳ ହେବା ସହ ବନ ସୁରକ୍ଷା ସମିତି ଗଠନ କରିପାରିଥିଲେ। ତାଙ୍କର ଏହି ପ୍ରଚେଷ୍ଟା ଅନେକ ହଜାର ଲୋକଙ୍କୁ ଏକାଠି କରିବା ସହ ବେଆଇନ ଭାବେ ଗଛ କଟାକୁ ରୋକିପାରିଛି। ଯମୁନାଙ୍କ ଏହି ମହତ୍ କାର୍ଯ୍ୟକୁ ସମ୍ମାନ ଜଣାଇ ତାଙ୍କୁ ୨୦୧୮ରେ ନୀତି ଆୟୋଗ ଦ୍ୱାରା ପ୍ରଦତ୍ତ ଓମ୍ୟାନ ଟ୍ରାନ୍ସଫରିଂ ଇଣ୍ଡିଆ(ଡବ୍ଲ୍ୟୁଟିଆଇ) ଆୱାର୍ଡ ପ୍ରଦାନ କରାଯାଇଥିଲା।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ୍ସ ଅର୍ଗାନାଇଜେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ୍ ଭାଇ ସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନେତାଜୀ ଭବନ, ୟୁନିଟ୍-୬, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟବିଂଶତମ ବାର୍ଷିକ କ୍ରୀଡ଼ା, ସ୍ଥାନ: ୭ମ ବାଟାଲିଅନ ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଥାର୍ଡ ଏଡିଶନ ପ୍ରୋପ୍ୟାକ୍ ଓଡ଼ିଶା ୨୦୨୪ ଉଦ୍‌ଘାଟନ, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୫ଟା।
- ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନାଟକ 'ଶ୍ରାବଣୀ', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ
- ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା, ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଶାସ୍ତ୍ରିଜୀ ଉ. ପ୍ରା. ବିଦ୍ୟାଳୟ, ବଡ଼ମ୍ବା, ସମୟ: ସକାଳ ୯ଟା।

## ବାଲେଶ୍ୱର
- ମୋତିଆ ବିନ୍ଦୁ ଚିହ୍ନଟ ଶିବିର, ସ୍ଥାନ: ସାନ୍ତିଆ ପ୍ରାଥମିକ ବିଦ୍ୟାଳୟ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମତ୍ସ୍ୟ ଦିବସ-୨୦୨୪, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ରଘୁନାରାୟଣ ସରକାରୀ ବିଦ୍ୟାଳୟ, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- କୁପାରୀ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: କୁପାରୀ ଅମ୍ବିକା ମିନିଷ୍ଟାଡ଼ିୟମ୍, ସମୟ: ଅପରାହ୍ନ ୨ଟା ୩୦।
- ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖ୍ରୀଷ୍ଟିଆନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ମହତାବ ମହୋତ୍ସବ, ସ୍ଥାନ: ମହତାବ ମଣ୍ଡପ, ମାର୍କୋଣା, ସିମୁଳିଆ, ସମୟ: ଦିବସ ବ୍ୟାପୀ।

## ଭଦ୍ରକ
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ନୀଳମଣି ଟାଉନ ହଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ୧୨୫ ତମ ଜନ୍ମ ଜୟନ୍ତୀ ସମାରୋହ, ସ୍ଥାନ : ମହତାବ ସେବା ସଦନ, ଧାମନଗର, ସମୟ : ପୂର୍ବାହ୍ନ ୧୧ଟା।
- ଭଦ୍ରକ ପୁସ୍ତକ ମେଳାର ୭ମ ସନ୍ଧ୍ୟା, ସ୍ଥାନ: ମନମୋହନ ସଙ୍ଗୀତ ପରିଷଦ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ମାଣବସା ଉପଲକ୍ଷେ ପୂଜା, ସ୍ଥାନ:ଢେଙ୍କା, ଶାଳନିଆଁ, ବଂଚୋ, ହାଟଡିହୀ, ସମୟ :ସକାଳ ୬ଟା।
- ଶ୍ରୀଲକ୍ଷ୍ମୀଙ୍କ ମନ୍ଦିରରେ ମାଣବସା, ସ୍ଥାନ:ମନୋହରପୁର, ହାଟଡିହୀ, ସମୟ :ସକାଳ ୭ଟା।
- ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍ଥାନ: ବଣିଆପାଟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ରାଧାକୃଷ୍ଣଙ୍କ ଭସାଣି ଶୋଭାଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ପଦାରୁଖା, ହାଟଡିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ପୂର୍ବ ଭାରତ ବିଶ୍ୱବିଦ୍ୟାଳୟସ୍ତରୀୟ ଭଲିବଲ କ୍ରୀଡ଼ା ମହାକୁମ୍ଭ, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା,ସମୟ: ସକାଳ ୮ଟା।
- ସାଇ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ସାଇ ମାଙ୍ଗଲ୍ୟ-୨୦୨୪,ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା, ସ୍ଥାନ:ଭଞ୍ଜପୁର ବାରିପଦା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଡ୍ରପ ବିଟ୍ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ଅପରାହ୍ନ ୫ଟା ୩୦।
- ସ୍ୱାମୀ ବିବେକାନନ୍ଦ ଯୋଗ ଏବଂ ରିସର୍ସ କାର୍ଯ୍ୟକ୍ରମ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।
- ଦକ୍ଷିଣ ସାହି ପକ୍ଷରୁ ଛଉନୃତ୍ୟ ପ୍ରଦର୍ଶନ, ସ୍ଥାନ: ଜଗଦ୍ଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା ୩୦।

## ଢେଙ୍କାନାଳ
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡିଆ, ମହିଷାପାଟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- କଳିଙ୍ଗ ବାଲିଯାତ୍ରା ଶେଷ ସନ୍ଧ୍ୟାରେ ପ୍ରତିଷ୍ଠିତ କଳାକାର ସୋନୁ ନିଗମଙ୍କ ମ୍ୟୁଜିକାଲ ନାଇଟ୍,ସ୍ଥାନ: ବତୀଘର ପାଖ ବେଳାଭୂମି ପାରାଦୀପ, ସମୟ: ସନ୍ଧ୍ୟା ୮ ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହ ଟିକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ କେନ୍ଦ୍ରାପଡ଼ା ମହୋତ୍ସବ, ସ୍ଥାନ:କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।
- ବାଲିଯାତ୍ରା ମହୋତ୍ସବ, ସ୍ଥାନ: ଗୋବରୀ ନଦୀ ପଠା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ:ସନ୍ଧ୍ୟା ୬ଟା।
- ବଜ୍ରକାଳୀ ଯୁବ ପରିଷଦ ପକ୍ଷରୁ ଶ୍ରୀକାର୍ତ୍ତିକେଶ୍ୱର ମହୋତ୍ସବ , ସ୍ଥାନ: କାନପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଲକ୍ଷ୍ମୀପତ ସିଂଘାଣିଆଙ୍କ ୪୬ ତମ ବାର୍ଷିକ ଉତ୍ସବ, ସ୍ଥାନ: ଲକ୍ଷ୍ମୀପତ ସିଂଘାଣିଆ ବିଦ୍ୟାଳୟ ପରିସର, ଜେକେପୁର, ସମୟ: ସନ୍ଧ୍ୟା ୫ ଟା।

## ନବରଙ୍ଗପୁର
- ବିଶ୍ୱ ମତ୍ସ୍ୟ ଦିବସ ପାଳନ, ସ୍ଥାନ: ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଡାବୁଗାଁ, ସମୟ: ଅପରାହ୍ନ ୩ ଟା।

## କୋରାପୁଟ
- ବ୍ଲକସ୍ତରୀୟ ପରବ-୨୦୨୪ ପାଳନ, ସ୍ଥାନ: ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ଖେଳ ପଡିଆ, ସମୟ: ପୂର୍ବାହ୍ନ୧୧ ଟା ।

## ସମ୍ବଲପୁର
- .ଗାୟତ୍ରୀ କଲେଜ ଅଫ ଫାର୍ମାସୀ ପକ୍ଷରୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା, ସ୍ଥାନ : ଜମାଦାରପାଲି ସ୍ଥିତ କଲେଜ ପରିସର , ସମୟ : ପୂର୍ବାହ୍ନ ୧୧ଟା ।
- . ଇଣ୍ଟରନ୍ୟାଶନାଲ ୟୁଥ କନକ୍ଲେଭ ପ୍ରସ୍ତୁତି ବୈଠକ, ସ୍ଥାନ : ଅପସରା ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା ।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ, ସ୍ଥାନ: ସୋନପୁର କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସଞ୍ଜୟ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଦାଦରପାଲି,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ଲୁତୁରପଙ୍କ କ୍ରିକେଟ କପ୍‌ର ପ୍ରସ୍ତୁତି ବୈଠକ, ସ୍ଥାନ: ଲୁତୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ବରଗଡ଼ ପୁସ୍ତକ ମେଳାରେ ସାଂସ୍କୃତିକ ବିଚିତ୍ରା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ଗନ୍ଧମାର୍ଦ୍ଦନ ସୁରକ୍ଷା ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ବରଗଡ଼ ପୁସ୍ତକ ମେଳାରେ ଆଲୋଚନାଚକ୍ର, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## ରାଉରକେଲା
- ଶ୍ରୀଶ୍ରୀ ବଡଦାଙ୍କ ଆବିର୍ଭାବ ଦିବସ ମହୋତ୍ସବ, ସ୍ଥାନ: ସତସଙ୍ଗ ବିହାର, ରାଉରକେଲା ୧୦, ସମୟ: ସକାଳ ୭ଟା।
- ପାନପୋଷ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: ବେଦବ୍ୟାସ ମେଳଣ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମୁକ୍ତ ଭାରୋତ୍ତୋଳନ ଚାମ୍ପିୟନଶିପ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୭ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ସହର ସେବା ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୪ ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ଚାଷ, ସ୍ଥାନ: କୃଷି ବିଜ୍ଞାନକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଧାନପାଟ ଫୁଟ୍‌ବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ ଶିବିର, ସ୍ଥାନ: ଜୁନାଗଡ଼ କୁଲିହାରି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜଳ ଯୋଗାଣ ଦାବିରେ ଚାଷୀଙ୍କ ରାସ୍ତାରୋକୋ, ସ୍ଥାନ: ଧର୍ମଗଡ଼ ଉପଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ମଙ୍ଗଳ ଯୋଗ ହେତୁ ପାରିବାରିକ ଓ କର୍ମକ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ। ଘରକୁ ନୂଆ ବନ୍ଧୁ ଆସିବେ, ସାମାଜିକ ସମ୍ମାନ ସହ ଆର୍ଥିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ଶିକ୍ଷା, ପରୀକ୍ଷା ସାଙ୍ଗକୁ ସମ୍ପର୍କରେ ଫାଟ ସୃଷ୍ଟି ଆଶଙ୍କା ରହିଛି। ବନ୍ଧୁଙ୍କ ସହ ଆଲୋଚନାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ବୃଷ** ମୃଗଶିରା ନକ୍ଷତ୍ର ସକାଶେ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିପାରେ। ବନ୍ଧୁମାନେ ସାମୟିକ ସୁଯୋଗକୁ ସ୍ୱାର୍ଥ ସାଧନ ଦିଗରେ ଲଗାଇ ପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ସମ୍ଭାବନା ରହିଛି। ଯାନବାହନ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ମିଥୁନ** ଆଜି ବୁଧଙ୍କ ସ୍ଥିତି ବିଶେଷ ଭଲ ନ ଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ନିଜ ଲୋକଙ୍କ କଟୂକ୍ତି ଶୁଣିପାରନ୍ତି। ଅର୍ଥ ସମ୍ବନ୍ଧୀୟ କଥା, ଚୁକ୍ତିପତ୍ର, ଜମିଜମା କାରବାର ସକାଶେ ଦିନଟି ଭଲ। ଆନୁଷ୍ଠାନିକ କାମରେ ବ୍ୟତିକ୍ରମକୁ ଦେଖି ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ ସାଙ୍ଗକୁ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ।

**କର୍କଟ** ରାଶିରେ ଚନ୍ଦ୍ର ସହ ମଙ୍ଗଳଜନିତ କର୍ମକ୍ଷେତ୍ରରୁ ସମ୍ମାନ ଓ ସଦିଚ୍ଛା ପାଇବେ। ସହକର୍ମୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସମାଲୋଚନାର ଶରବ୍ୟ ହେବେ। ପ୍ରକାଶନ, ପ୍ରଶାସନ, ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା, ଅଭିମାନ କରିଥିବା ସନ୍ତାନ, ପଡ଼ୋଶୀଙ୍କ ଅଭିଯୋଗ ସକାଶେ ମନରେ ଭାବାନ୍ତର ସୃଷ୍ଟି ହେବ।

**ସିଂହ** ମଙ୍ଗଳ ନିଜର ଉଚ୍ଚ ସ୍ଥାନକୁ ଦେଖୁଥିବାରୁ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଧୈର୍ଯ୍ୟହାନି ଘଟିବ ନାହିଁ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ରାଜନୈତିକ କିମ୍ବା ପ୍ରଶାସନିକ ସ୍ତରରେ ପରିସ୍ଥିତି ଭଲ ରହି ନ ପାରେ। ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଶୁକ୍ର ଚତୁର୍ଥଭାବସ୍ଥ ଯୋଗୁ ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ଗଠନମୂଳକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିପାରେ।

**ତୁଳା** ଶୁକ୍ରଙ୍କ ତୃତୀୟ ଭାବ ସଂଯୋଗରୁ ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସୂତ୍ର ବାହାର କରିପାରିବେ। ଆର୍ଥିକ ସ୍ଥିତି, ପାରିବାରିକ ସଦ୍ଭାବ, ଭ୍ରମଣ ଓ ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। ମାଲିମକଦ୍ଦମା, ଜମିଜମା ସମସ୍ୟା ସମାଧାନ ଦିଗକୁ ମୁହାଁଇବ।

**ବିଛା** ଶନିଙ୍କ ପ୍ରଭାବରେ ସତର୍କତା ଅଭାବରୁ ଯାହା ଭାବୁଥିବେ କାମ ବେଳକୁ ତାହା ଓଲଟା ହୋଇଯିବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଅଫିସରେ ବିବାଦୀୟ ପରିସ୍ଥିତି ମୁକାବିଲାରେ ସମର୍ଥ ହେବେ। କଳା ସାହିତ୍ୟ, କ୍ରୀଡ଼ାରେ ସମସ୍ୟା ସମାଧାନ ହେବ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ୍ୟ କରିବେ।

**ଧନୁ** ଲାଭାଧିପ ରାଶିରେ ଥିବାରୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ଲାଭ କରି ଗୌରବାନ୍ୱିତ ମନେକରିବେ। ଶାରୀରିକ ସୁସ୍ଥତା ଫେରିପାଇବାରୁ ମାନସିକ ଅସ୍ଥିରତା ଦୂରେଇଯିବ। ଦୂରଯାତ୍ରା, ପର୍ଯ୍ୟଟନ, ବନ୍ଧୁ ସମ୍ପର୍କ, ଆମଦାନୀ କାରବାର ପ୍ରାୟତଃ ଭଲ ରହିବ। ଜମିଜମା ସମ୍ବନ୍ଧୀୟ କଥାବାର୍ତ୍ତା ପ୍ରଭୃତିରେ ଉନ୍ନତମାନର ସୁଫଳ ପାଇବେ।

**ମକର** ଶନି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ମାନସିକ ଚାପ ସାଙ୍ଗକୁ ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ପରକ୍ଷଣରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ। ସମ୍ପର୍କ ଭଲ ଥିଲେ ମଧ୍ୟ ବନ୍ଧୁଙ୍କ ଅଶୋଭନୀୟ ଆଚରଣ ସନ୍ଦେହ ସୃଷ୍ଟି କରିପାରେ। ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ତାହା ଦୂରେଇଯିବ।

**କୁମ୍ଭ** ରାଶି ପ୍ରତି ରାହୁ ଦ୍ୱିତୀୟ ଭାବସ୍ଥ ହେତୁ କାମ ଶୃଙ୍ଖଳିତ ନ ହୋଇପାରେ। ଅନ୍ୟମନସ୍କ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ଅବଶ୍ୟ ସୃଷ୍ଟି ହେବ। ନିଜର ମନରେ ଦୁଃଖ ଭରି ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ସରକାରୀ କ୍ଷେତ୍ରରୁ କୌଣସି କାଗଜପତ୍ର ସମ୍ପର୍କୀୟ ଶୁଭ ସୂଚନା ପାଇ ଖୁସି ହୋଇଯିବେ।

**ମୀନ** ଭାଗ୍ୟସ୍ଥାନ ଗୁରୁ ଦୃଷ୍ଟ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ସହ ନୂତନ କର୍ମାରମ୍ଭ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନିଧ୍ୟ ଲାଭରୁ ଖୁସି ହେବେ।

ଆଜି ନଭେମ୍ବର ୨୧ ତାରିଖ, ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ, ମାର୍ଗଶିର କୃଷ୍ଣ ଷଷ୍ଠୀ ମାଣବସା ଗୁରୁବାରର ପ୍ରଥମ ପାଳି, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୨ ଗତେ ଘ.୦୭।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁକାଳ ॥

# ପ୍ରଥମ ପୃଷ୍ଠାରୁ...

## ମହାରାଷ୍ଟ୍ରରେ ୫୮.୪୩%, ....

ଶିବସେନା (ୟୁବିଟି) ଏବଂ ଏନ୍‌ସିପି-ଏସ୍‌ପି ଯଥାକ୍ରମେ ୧୦୧, ୯୫ ଓ ୮୬ ଆସନରେ ପ୍ରାର୍ଥୀ ଦେଇଥିଲେ। ସେହିପରି ବିଏସ୍‌ପି(୨୩୭) ଏବଂ ଏଆଇଏମ୍‌ଆଇଏମ୍(୧୭) ସମେତ କେତେକ ଛୋଟ ଦଳ ମଧ୍ୟ ଭାଗ୍ୟ ପରୀକ୍ଷା ପାଇଁ ଆଗେଇ ଆସିଥିଲେ।

ଝାଡ଼ଖଣ୍ଡରେ ହେମନ୍ତ ସୋରେନ୍ ଆଉ ଥରେ ମୁଖ୍ୟମନ୍ତ୍ରୀ ଆସନ ଅକ୍ତିଆର ଲକ୍ଷ୍ୟରେ ଥିବାବେଳେ ଭାଜପା ଲୋକ ସଭା ପ୍ରଦର୍ଶନର ପୁନରାବୃତ୍ତି ସହ ତାଙ୍କ ଯୋଜନାକୁ ଭଣ୍ଡୁର କରିବାକୁ ଯୋଜନା କରିଥିଲା। ରାଜ୍ୟ ବିଧାନସଭାର ୮୧ ଆସନରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ନଭେମ୍ବର ୧୩ରେ ୪୩ ଆସନରେ ଭୋଟ ଗ୍ରହଣ କରାଯାଇଥିବାବେଳେ ବୁଧବାର ୧୨ ଜିଲାର ଅବଶିଷ୍ଟ ୩୮ ଆସନରେ ମତଦାନ ହୋଇଛି। ୧୪,୧୮ ବୁଥ୍‌ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୧.୨୩ କୋଟି ଭୋଟରଙ୍କ ମଧ୍ୟରୁ ୬୭.୫୯% ମଦଦାନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଝାଡ଼ଖଣ୍ଡର ମୋଟ ୫୨୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ହେମନ୍ତ ରାଜ୍ୟ ରାଜନୀତିରେ ପାରିବାରିକ ଆଧିପତ୍ୟ ବଜାୟ ରଖିବା ପାଇଁ ଉଦ୍ୟମ କରିଛନ୍ତି। ଏହି ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଶାସକ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ପ୍ରତିହତ କରିବା ପାଇଁ ଆକ୍ରମଣାତ୍ମକ ଭୂମିକାରେ ନଜର ଆସିଥିଲା। ନଭେମ୍ବର ୨୩ରେ ଉଭୟ ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ଭୋଟ ଗଣତି କରାଯିବା ପରେ ଫଳାଫଳ ସ୍ପଷ୍ଟ ହେବ।

## ଏକ୍‌ଜିଟ୍ ପୋଲ୍: ଭାଜପା+କୁ ...

**ମହାରାଷ୍ଟ୍ର**

ଆସନ ସଂଖ୍ୟା ୨୮୮ | ମ୍ୟାଜିକ୍ ନମ୍ବର ୧୪୫

| ସଂସ୍ଥା | ଏନ୍‌ଡିଏ | ଏମ୍‌ଭିଏ | ଅନ୍ୟ |
|---|---|---|---|
| ଲୋକଶାହୀ ମରାଠୀ | ୧୨୮-୧୪୨ | ୧୨୫-୧୪୦ | ୧୮-୨୩ |
| ମାଟ୍ରିଜ୍ | ୧୫୦-୧୭୦ | ୧୧୦-୧୩୦ | ୮-୧୦ |
| ପି-ମାର୍କ | ୧୩୭-୧୫୭ | ୧୨୬-୧୪୬ | ୨-୮ |
| ପିପୁଲ୍ସ ପଲ୍ସ | ୧୭୫-୧୯୫ | ୮୫-୧୧୨ | ୭-୧୨ |

**ଝାଡ଼ଖଣ୍ଡ**

ଆସନ ସଂଖ୍ୟା ୮୧ | ମ୍ୟାଜିକ୍ ନମ୍ବର ୪୧

| ସଂସ୍ଥା | ଏନ୍‌ଡିଏ | ଇଣ୍ଡିଆ | ଅନ୍ୟ |
|---|---|---|---|
| ଆକ୍ସିସ୍ ମାଇଁ ଇଣ୍ଡିଆ | ୨୫ | ୫୩ | ୩ |
| ମାଟ୍ରିଜ୍ | ୪୨-୪୭ | ୨୫-୩୦ | ୧-୪ |
| ପିପୁଲ୍ସ ପଲ୍ସ | ୪୪-୫୩ | ୨୫-୩୭ | ୫-୯ |
| ଟାଇମ୍ସ ନାଓ | ୪୦-୪୪ | ୩୦-୪୦ | ୧ |

ଆସନ ଦଖଲ କରିପାରନ୍ତି ବୋଲି ଏହି ସଂସ୍ଥା ପୂର୍ବାନୁମାନ କରିଛି। ମାଟ୍ରିଜ୍‌ର ଆକଳନ ହେଲା ମହାଯୁତି ବା ଏନ୍‌ଡିଏ ୧୫୦-୧୭୦, ଏମ୍‌ଭିଏ ବା ଇଣ୍ଡିଆ ମେଣ୍ଟ ୧୧୦-୧୩୦ ଓ ଅନ୍ୟ ୮-୧୦ ଆସନ ଦଖଲ କରିବେ। ପି-ମାର୍କ ଏନ୍‌ଡିଏକୁ ୧୩୭-୧୫୭ ଆସନ ଦେଇଥିବାବେଳେ ବିରୋଧୀ ମେଣ୍ଟ ସପକ୍ଷରେ ୧୨୬-୧୪୬ ଆସନ ଯିବା ନେଇ ପୂର୍ବାନୁମାନ କରିଛି। ପିପୁଲ୍ସ ପଲ୍ସର ହିସାବ କହୁଛି ମହାଯୁତି ୧୭୫-୧୯୫ ଆସନ ଦଖଲ କରି ସରକାର ଗଠନ କରିବ। ଏମ୍‌ଭିଏ ୮୫-୧୧୨ ଆସନରେ ସୀମିତ ରହିବ ଏବଂ ଅନ୍ୟମାନେ ୭ରୁ ୧୨ ଆସନରେ ସଫଳତା ପାଇବେ। ସେହିପରି ଝାଡ଼ଖଣ୍ଡରେ କ୍ଷମତାସିନ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍)-କଂଗ୍ରେସ ମେଣ୍ଟ ବିଧାନସଭାର ୮୧ ଆସନ ମଧ୍ୟରୁ କୁହୁକ ସଂଖ୍ୟା ୪୧କୁ ଛୁଇଁପାରିବ ନାହିଁ ବୋଲି ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ତଦନୁସାରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୪୦ ଆସନ ଦଖଲ କରି ସରକାର ଗଠନ ଦିଗରେ ଅଗ୍ରସର ହୋଇପାରେ। ଜେଏମ୍‌ଏମ୍ ନେତୃତ୍ୱାଧୀନ ଶାସକ ମେଣ୍ଟ ୩୭ ଆସନରେ ସୀମିତ ରହିବାକୁ ଥିବାବେଳେ ଅନ୍ୟ ଦଳଗୁଡ଼ିକୁ ୪ ଆସନ ମିଳିପାରେ। ଆକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ କରାଯାଇଥିବା ସର୍ଭେ ଅନୁସାରେ ଏନ୍‌ଡିଏ ୨୫, ଇଣ୍ଡିଆ ୫୩ ଓ ଅନ୍ୟ ୩ ଆସନ ଦଖଲ କରିବେ। ମାଟ୍ରିଜ୍ ଏନ୍‌ଡିଏ ସପକ୍ଷରେ ୪୨-୪୭, ଇଣ୍ଡିଆକୁ ୨୫-୩୦ ଏବଂ ଅନ୍ୟ ଦଳକୁ ୧-୪ ଆସନ ଯିବା ନେଇ ଅନୁମାନ କରିଛି। ପିପୁଲ୍ସ ପଲ୍ସ ଏନ୍‌ଡିଏକୁ ୪୪-୫୩, ଇଣ୍ଡିଆକୁ ୨୫-୩୭ ଓ ଅନ୍ୟଙ୍କୁ ୫-୯ ଆସନ ଦେଇଛି। ଟାଇମ୍ସ ନାଓ ଏନ୍‌ଡିଏ ସପକ୍ଷରେ ୪୦ରୁ ୪୪ ଆସନ ଯିବା ନେଇ ଆକଳନ କରିଥିବାବେଳେ ଇଣ୍ଡିଆ ମେଣ୍ଟ ୩୦ରୁ ୪୦ ମଧ୍ୟରେ ସୀମିତ ରହିବ ବୋଲି ଭବିଷ୍ୟବାଣୀ କରିଛି।

## ମଦ ବିଷାକ୍ତ: ଦାଦା ...

ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ବୁଧବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ସିରସ୍ତା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଏପରି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ବିଷାକ୍ତ ମଦମୃତ୍ୟୁ ବୋଲି ଭାଇରାଲ ହେବା ପରେ ବିବାଦ ସୃଷ୍ଟି ହୋଇଛି। ପରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଏବଂ ତିର୍ତ୍ତୋଲ ପୋଲିସ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଗୋପୀନାଥ କୌଣସି କାମରେ ଜଗତ୍‌ସିଂହପୁର ଯାଇ ରାତିରେ ଘରକୁ ଫେରୁଥିଲେ। ବାଟରେ ସାମନ୍ତରାପୁର ଛକରେ ଦୋକାନ କରିଥିବା ତାଙ୍କ ସମ୍ପର୍କୀୟ ପୁତୁରା ବିଭୂତିଙ୍କୁ ସାଙ୍ଗରେ ଧରି ଘରକୁ ଆସିଥିଲେ। ଘରେ ଉଭୟ ବସି ମଦ ପିଇଥିଲେ। ଭୁଲ୍‌ବଶତଃ ଘରେ ଛତୁଚାଷରେ ପଡ଼ିବାକୁ ଥିବା କୀଶନାଶକକୁ ସେମାନେ ପାଣି ଭାବି ମଦରେ ମିଶାଇ ପିଇଦେଇଥିଲେ। କିଛି ସମୟ ପରେ ବିଭୂତି ସେଠାରୁ ଘରକୁ ଆସି ଶୋଇପଡ଼ିଥିଲେ। ଘରେ ସେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ ବୋଲି ତାଙ୍କ ସ୍ତ୍ରୀ ମମତାମୟୀ ପରିଡ଼ା କହିଛନ୍ତି। ସେହିପରି ଗୋପୀନାଥ ମଧ୍ୟ ଛାତି ଓ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଗାଁରେ ଏହି କଥା ପ୍ରଚାରିତ ହେବା ପରେ ସେମାନଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ବାପା ଭୁଲ୍‌ବଶତଃ ଛତୁଚାଷରେ ପଡ଼ିବାକୁ ବୋତଲରେ ଥିବା କୀଟନାଶକକୁ ପାଣି ଭାବି ମଦରେ ମିଶାଇ ପିଇଦେଇଥିବା ଗୋପୀନାଥଙ୍କ ପୁଅ ଅଶୋକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବିଷାକ୍ତ ମଦ କାରଣରୁ ଉଭୟଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ଏ ସଂକ୍ରାନ୍ତରେ ତିର୍ତ୍ତୋଲ ଭାରପ୍ରାପ୍ତ ଥାନା ଅଧିକାରୀ ଅନିରୁଦ୍ଧ ରାଉତ କହିଛନ୍ତି, ଘଟଣା ସମ୍ପର୍କରେ ସୂଚନା ପାଇ ଏସ୍‌ପିଙ୍କ ସହ ମୁଁ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି । ଗୋପୀନାଥଙ୍କ ପୁଅ ଅଶୋକଙ୍କ କହିବା କଥା, ବାପା ଛତୁଚାଷ ପାଇଁ ଥିବା କୀଟନାଶକକୁ ପାଣି ଭାବି ଭୁଲ୍‌ବଶତଃ ମଦରେ ମିଶାଇ ପିଇଦେବାରୁ ଏଭଳି ଘଟିଛି। ତେଣୁ ଏହା ବିଷାକ୍ତ ମଦମୃତ୍ୟୁ ନୁହେଁ ବୋଲି ପୋଲିସ କହିଛି । ଅନ୍ୟପକ୍ଷେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ବିମଳ ମଲିକ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଦୁଇଟି ଅପମୃତ୍ୟୁ ମାମଲା(ନଂ.୪୦/୨୦୨୪, ୪୧/୨୦୨୪ ) ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି ।

## ବର୍ଦ୍ଧିତ ମୂଲ୍ୟରେ ଖରିଫ୍ ..

ଆର୍‌ଏମ୍‌ସି ସମ୍ପାଦକ ନାଗ ସୂଚନା ଦେଇଛନ୍ତି। ଏହାପରେ ମନ୍ତ୍ରୀ ପାତ୍ର ଅତାବିରା ଆର୍‌ଏମ୍‌ସି ଅଧୀନ ଅତାବିରା ଏବଂ ଗୋଡ଼ଭଗା ମଣ୍ଡିକୁ ଯାଇଥିଲେ। ସେଠାରେ ମଧ୍ୟ ପୂଜାର୍ଚ୍ଚନା କରି ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ତେବେ ଟୋକନ କଟକଣା ସମସ୍ୟା ନେଇ ଚାଷୀ ପ୍ରତିନିଧିମାନେ ମନ୍ତ୍ରୀ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହି ସମସ୍ୟାର ତ୍ୱରିତ୍ ସମାଧାନ ସହିତ ଚାଷୀମାନେ ଧାନ ବିକ୍ରିବଟାରେ ଯେଉଁଭଳି କୌଣସି ହଇରାଣ ହରକତ ହେବେନାହିଁ, ସେଥିପ୍ରତି ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଥିଲେ। ସେହିପରି ମଣ୍ଡିଗୁଡ଼ିକୁ ସମ୍ପୂର୍ଣ୍ଣ ଦଲାଲ୍‌ମୁକ୍ତ ରଖାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଏବଂ ଯଦି କେହି ମଣ୍ଡି ବାହାରେ ଧାନ କ୍ରୟ କରନ୍ତି, ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଷଡ଼ଙ୍ଗୀ, ଜିଲାପାଳ ଗୋୟଲ, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ଅତାବିରା ବ୍ଲକ ସଭାପତି ବୀରେନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ। ଅତାବିରା ମଣ୍ଡିରେ ଜାମଟିକ୍ରାର ମୈତ୍ରୀୟ ପ୍ରଧାନଙ୍କ ୪୦ କୁଇଣ୍ଟାଲ ୯ କି.ଗ୍ରା, ଗୋଡ଼ଭଗା ମଣ୍ଡିରେ ପ୍ରଦୀପ ପ୍ରଧାନଙ୍କ ୩୧ କୁଇଣ୍ଟାଲ ୭୩ କି.ଗ୍ରା, ଦିଲୀପ ପ୍ରଧାନଙ୍କ ୨୩ କୁଇଣ୍ଟାଲ ୯୪ କି.ଗ୍ରା, ଡୋମତି ନାଗ ମଲ୍ଲିକାଙ୍କ ୭୫ କୁଇଣ୍ଟାଲ ଏବଂ ଡି. ସତ୍ୟନାରାୟଣଙ୍କ ୪୫ କୁଇଣ୍ଟାଲ ୯୮ କି.ଗ୍ରା ଧାନ କିଣାଯାଇଥିବା ସୂଚନା ମିଳିଛି। ଏହି ଅବସରରେ ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ପକ୍ଷରୁ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ, ଏଥର ବରଗଡ଼ ଜିଲାରେ ୨୨୯ ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି।

## ଇଟାଭାଟିରେ ୬ ବର୍ଷର ...

ନାବାଳିକା ସବୁ କଥା ଜଣାଇବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କଟକ ଶିଶୁଭବନକୁ ନେଇଥିଲେ। ଖବରପାଇ ବାରଙ୍ଗ ପୋଲିସ ଶିଶୁ ଭବନରେ ପହଞ୍ଚି ନାବାଳିକାଙ୍କ ବାପାଙ୍କଠାରୁ ଅଭିଯୋଗ ଗ୍ରହଣ କରି ୪୪୫/୨୪ନମ୍ବରରେ କେସ୍ ରୁଜୁ କରିଥିଲା। ବୁଧବାର ସକାଳେ ସଦର ଥାନା ଅଧୀନ ଏକ ଇଟାଭାଟିରେ କୈଳାସ ଲୁଚିଥିବା ଖବରପାଇ ପୋଲିସ ତାଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

ଗତ ୨ମାସ ମଧ୍ୟରେ ଘଟିଥିବା କେତେକ ବଳାତ୍କାର ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ସେଥିମଧ୍ୟରେ ଗତ ଦଶହରା ପୂଜା ସମୟରେ କଟକରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ଅନ୍ୟତମ। ଏହି ଘଟଣା ଗତ ୪ତାରିଖରେ ପ୍ରଘଟ ହେବା ପରେ କଟକ ସମେତ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଅଭିଯୋଗ ଅନୁଯାୟୀ ଛାତ୍ରୀ ଜଣଙ୍କ ତାଙ୍କ ଯୁବବନ୍ଧୁଙ୍କ ସହ ପୁରୀଘାଟ ଥାନା ଅଞ୍ଚଳରେ ଥିବା ଏକ କାଫେକୁ ଜନ୍ମଦିନ ପାଳନ କରିବାକୁ ଯାଇଥିଲେ। ଏହି ସମୟରେ ଛାତ୍ରୀଙ୍କ ଯୁବବନ୍ଧୁ ଏବଂ କାଫେର ମାଲିକ ମିଶି ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଭିଡିଓ ଉତ୍ତୋଳନ କରିଥିଲେ। ସେହି ଭିଡିଓ ସାହାଯ୍ୟରେ ଛାତ୍ରୀଙ୍କୁ ବ୍ଲାକ୍‌ମେଲ୍ କରି ଏକାଧିକ ବାର ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସେହିପରି ଗତ ଅକ୍ଟୋବର ୨୦ତାରିଖରେ ନୟାଗଡ଼ ଜିଲାର ଏକ ଜଙ୍ଗଲରେ ପୁରୁଷବନ୍ଧୁଙ୍କ ସମ୍ମୁଖରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣା ୨୦ତାରିଖରେ ଘଟିଥିବାବେଳେ ୨୫ତାରିଖରେ ଥାନାରେ ଅଭିଯୋଗ ହେବା ପରେ ପ୍ରଘଟ ହୋଇଥିଲା। ଅକ୍ଟୋବର ୧ତାରିଖରେ ଭୁବନେଶ୍ୱର ମୈତ୍ରୀବିହାର ଅଞ୍ଚଳରେ ଏକ ଗଣବଳାତ୍କାର ଘଟିଥିଲା। ଏକ ଆପାର୍ଟମେଣ୍ଟରେ ଚୋରି କରିବାକୁ ଯାଇଥିବା କେତେଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କୁ ଏକାକୀ ଦେଖି ଗଣବଳାତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଗତ ଅକ୍ଟୋବର ୬ତାରିଖରେ ରାଉରକେଲାରେ ମଧ୍ୟ ଏକ ଅଭାବନୀୟ ଘଟଣା ଘଟିଥିଲା। ରଘୁନାଥପାଲୀ ଥାନା ଅଞ୍ଚଳରେ ଜଣେ ସମ୍ପର୍କୀୟ ଦାଦା ତାଙ୍କ ଝିଆରୀକୁ ବଳାତ୍କାର କରିଥିଲେ। ପୀଡ଼ିତା ନାବାଳିକାଙ୍କ ମା'ବାପା ଏନେଇ ଥାନାରେ ଅଭିଯୋଗ କରିବା ପରେ ଘଟଣା ଲୋକଲୋଚନକୁ ଆସିଥିଲା।

## ଫେବୃଆରୀ ୧୮ରୁ ...

ଲାଗି ସାମ୍ସ ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। ସାମ୍ସ ତଥ୍ୟ ଅନୁସାରେ, ଯୁକ୍ତ୨ ପରୀକ୍ଷା ଲାଗି ବର୍ତ୍ତମାନ ସୁଦ୍ଧା ମୋଟ ୩,୯୧,୮୦୯ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୬୪,୫୨୭ଜଣ ରେଗୁଲାର ଏବଂ ୨୭୨୮୨ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। କଳା ବିଭାଗରେ ସର୍ବାଧିକ ୨୪୫୯୮୭ଜଣ ପଞ୍ଜୀକରଣ କରିଥିବାବେଳେ ୨୨୯୬୦୪ଜଣ ରେଗୁଲାର ଏବଂ ୧୬୩୮୩ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ଅଛନ୍ତି। ବାଣିଜ୍ୟ ବିଭାଗରେ ୨୫୩୯୯ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୨୩୫୬୦ଜଣ ରେଗୁଲାର ଓ ୧୮୩୯ ଜଣ ଏକ୍ସ-ରେଗୁଲାର ଅଛନ୍ତି। ବିଜ୍ଞାନ ବିଭାଗରେ ୧୧୪୬୨୯ ଜଣ ପଞ୍ଜୀକୃତ ହୋଇଥିବାବେଳେ ରେଗୁଲାର ୧୦୬୩୨୫ ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮୩୯୮ ରହିଛି। ଧନ୍ଦାମୂଳକ ବିଷୟରେ ୫୭୦୦ ଜଣ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୫୦୩୮ଜଣ ରେଗୁଲାର ଏବଂ ୬୬୨ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି।

ଭୁବନେଶ୍ୱର, ଗୁରୁବାର, ୨୧ ନଭେମ୍ବର, ୨୦୨୪

# ଓଡ଼ିଶାର ସବୁଜ ସ୍ୱର



ପଦ୍ମଶ୍ରୀ ଅରୁଣା ମହାନ୍ତି, ନୃତ୍ୟଶିଳ୍ପୀ



ପବନ କୁମାର ସୁଲତାନିଆ, ବ୍ୟବସାୟୀ



ସୁଶାନ୍ତ କୁମାର ପଣ୍ଡା, ବ୍ୟବସାୟୀ



ସବ୍ୟସାଚୀ ମିଶ୍ର, ଅଭିନେତା

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର



ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ବ୍ରହ୍ମପୁର



ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟ, କଟକ



ସେଞ୍ଚୁରିଆନ (ଜେଆଇଟିଏମ୍) କଲେଜ, ବଲାଙ୍ଗୀର

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...

DSPL-212
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ମହାନ ଜନନାୟକ
ଡଃ ହରେକୃଷ୍ଣ ମହତାବଙ୍କ
୧୨୫ ତମ ଜୟନ୍ତୀ ସମାରୋହ
ଅତିଥି ଭାବରେ ଯୋଗଦେବେ
ଶ୍ରୀମତୀ ପ୍ରଭାତୀ ପରିଡ଼ା
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀ ମନମୋହନ ସାମଲ
ଅଧକ୍ଷ,
ଭାରତୀୟ ଜନତା ପାର୍ଟି, ଓଡ଼ିଶା
ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମାନ୍ୟବର ମନ୍ତ୍ରୀ,
ଆଇନ୍, ପୂର୍ତ୍ତ ଓ ଅବକାରୀ
ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମାନ୍ୟବର ମନ୍ତ୍ରୀ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା,
କ୍ରୀଡ଼ା ଓ ଯୁବସେବା
ଶ୍ରୀ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ,
ଲୋକସଭା
ଶ୍ରୀ ବାବୁ ସିଂ
ମାନ୍ୟବର ବିଧାୟକ,
ଏକାମ୍ର, ଭୁବନେଶ୍ୱର
ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ
ବିଶିଷ୍ଟ ଲେଖିକା
ଶ୍ରୀ ଶିବାନନ୍ଦ ରାୟ
ବିଶିଷ୍ଟ ରାଜନୀତିଜ୍ଞ ତଥା
ଆଇନ୍‌ଜୀବୀ
ବିଶେଷ ଆକର୍ଷଣ
ପୁସ୍ତକ, ତୈଳ ଚିତ୍ର, ଫଟୋ ପ୍ରଦର୍ଶନୀ
ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ
ଏହି ସମାରୋହରେ ବହୁସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ
୨୧ ନଭେମ୍ବର ୨୦୨୪ | ସନ୍ଧ୍ୟା ୬ଟା ୩୦ ମିନିଟ୍ | ରବୀନ୍ଦ୍ର ମଣ୍ଡପ, ଭୁବନେଶ୍ୱର
OIPR-03029/13/0020/2425

DSPL-213
ଓଡ଼ିଶା ସରକାର

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
"ସାମାଜିକ ବିଦ୍ୱେଷ, ବାଛ ବିଚାର ଓ ଅସୂୟା ହିଁ କୁଷ୍ଠ ନିରାକରଣର ମୁଖ୍ୟ ପ୍ରତିବନ୍ଧକ। ଆସନ୍ତୁ, ସମସ୍ତେ ମିଳିମିଶି କୁଷ୍ଠ ରୋଗକୁ ଆମ ରାଜ୍ୟରୁ ହଟାଇବାକୁ ପ୍ରଯତ୍ନ କରିବା।"
ମୁଖ୍ୟମନ୍ତ୍ରୀ, ଓଡ଼ିଶା
କୁଷ୍ଠ ରୋଗ ଚିହ୍ନଟ ଅଭିଯାନ
୧୮ - ୩୦ ନଭେମ୍ବର ୨୦୨୪
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ରିକନ୍‌ଷ୍ଟ୍ରକ୍‌ଟିଭ୍ ସର୍ଜରୀ ସରକାରୀ ଡାକ୍ତରଖାନାରେ ମାଗଣାରେ ଉପଲବ୍ଧ।
- ରିକନ୍‌ଷ୍ଟ୍ରକ୍‌ଟିଭ୍ ସର୍ଜରୀ କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨୦୦୦ ଟଙ୍କା ପାରିଶ୍ରମିକ ଭରଣା ବାବଦକୁ ଦିଆଯାଉଛି।
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ / ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳା ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ।
କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡ଼ାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0103/2425

ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣିଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। –ଶ୍ରୀଅରବିନ୍ଦ



# ସଂସ୍କୃତି ବିନିମୟର ସମୃଦ୍ଧ ଇତିହାସ



ଦେବଦତ୍ତ ପଟ୍ଟନାୟକ

ସ୍ଥଳ ଓ ଜଳପଥ ଦେଇ ସମଗ୍ର ଉପମହାଦେଶରେ ଭାରତ ଏହାର ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲା। ସ୍ଥଳଭାଗରେ ଏହା ସମଗ୍ର ହିନ୍ଦୁକୁଶ, ପାରସ୍ୟ (ଆଧୁନିକ ଇରାନ) ଓ ମଧ୍ୟଏସିଆ ସହିତ ଭାରତ ଯୋଗାଯୋଗ ରଖିପାରିଥିଲା। ସମୁଦ୍ର ପଥରେ ଏହା ପାରସ୍ୟ, ଆରବ ଏବଂ ଲୋହିତସାଗର ଦେଇ ରୋମ୍ ସାମ୍ରାଜ୍ୟ ପର୍ଯ୍ୟନ୍ତ ପହଞ୍ଚିପାରିଥିଲା। ପୂର୍ବ ଉପକୂଳରେ ଶ୍ରୀଲଙ୍କା, ଥାଇଲାଣ୍ଡ, ଭିଏତନାମ, କାମ୍ବୋଡ଼ିଆ ଏବଂ ବର୍ମା ସହିତ ଭାରତ ସମ୍ପର୍କ ସ୍ଥାପନ କରିପାରିଥିଲା। ଭାରତରୁ ସ୍ଥଳଭାଗରେ ପାହାଡ଼ ଦେଇ ତିବ୍ବତକୁ ଯୋଗାଯୋଗ ଥିଲା। ସମୁଦ୍ରପଥରେ ଭାରତୀୟମାନେ ମୌସୁମୀ ପବନର ସୁଯୋଗ ନେଇ ଜାହାଜଗୁଡ଼ିକୁ ୬ ସପ୍ତାହ ମଧ୍ୟରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାରେ ସକ୍ଷମ ହେଉଥିଲେ, ଯାହାକି ସ୍ଥଳଭାଗରେ ୬ମାସ ଲାଗି ଯାଉଥିଲା। ଏହି ପଥରେ ଭାରତ ବିଶ୍ୱକୁ ଅନେକ ଜିନିଷ ଦେଇଥିଲା। ଖ୍ରୀଷ୍ଟପୂର୍ବ ୩୨୬ରେ ଆଲେକଜାଣ୍ଡାର୍ ଦି ଗ୍ରେଟ୍ ଉତ୍ତର-ପଶ୍ଚିମ ଭାରତୀୟ ଉପମହାଦେଶ ଉପରେ ଆକ୍ରମଣ କଲାବେଳେ ସ୍ଥଳ ମାର୍ଗ ଖୋଲିଲା। ସେ ସମୟରେ ଭାରତ ଘୋଡ଼ା ଆଣି ହାତୀ ରପ୍ତାନି କରିଥିଲା। ପରେ କୁଶାଣ ରାଜତ୍ୱରେ ପାରସ୍ୟ ଏବଂ ରୋମ୍ ସହିତ ସମ୍ପର୍କ ପ୍ରତିଷ୍ଠା କରାଯାଇଥିଲା। ଗୁପ୍ତବଂଶ ଶାସନ ପରେ ଦକ୍ଷିଣ ପୂର୍ବ ଏସିଆ ସହିତ ସମ୍ପର୍କରେ ଉନ୍ନତି ଘଟିଥିଲା, ଯେଉଁଠାରେ ଭାରତକୁ 'ସ୍ୱର୍ଣ୍ଣଭୂମି' ବା ସୁନାର ଦେଶ ବୋଲି କୁହାଯାଉଥିଲା।

ଭାରତ ମୁଖ୍ୟତଃ ଉଦ୍ଭିଦଜାତ ସାମଗ୍ରୀ (କପା ବା ମସଲା), ପ୍ରାଣୀଜ ସାମଗ୍ରୀ (ହାତୀଦାନ୍ତ ଓ ପକ୍ଷୀ), ଖଣିଜ ପଦାର୍ଥ (ରତ୍ନ ପଥର ଓ ମୂଲ୍ୟବାନ ଧାତୁ) ଏବଂ ଅନ୍ୟାନ୍ୟ ଉତ୍ପାଦିତ ସାମଗ୍ରୀ (ପୋଷାକ) ଆଦି ରପ୍ତାନି କରୁଥିଲା। ଏହା ସହ ବୌଦ୍ଧିକ, ସାହିତ୍ୟିକ, ଗାଣିତିକ ଏବଂ ବୈଜ୍ଞାନିକ ଚିନ୍ତାଧାରାର ଆଦାନ ପ୍ରଦାନ ହେଉଥିଲା। କପା, ମସଲା ଏବଂ ଚିନି (ଏପରିକି ଆଖୁ) ସର୍ବାଧିକ ରପ୍ତାନି କରାଯାଉଥିଲା। ଭାରତରେ ଅତ୍ୟଧିକ ଉତ୍ପାଦନ ହେଉଥିବା କ୍ରିଷ୍ଟାଲାଇଜ୍ଡ ସୁଗାର ବା ଦାନା ଆକାରର ସ୍ୱଚ୍ଛ ଚିନି ସାରା ବିଶ୍ୱକୁ ରପ୍ତାନି କରାଯାଉଥିଲା। ଏହାର



ବୈଶ୍ୱିକ ବାଣିଜ୍ୟକୁ ନେଇ କିଛି ରୋଚକ କଥା ରହିଛି। ଉଦାହରଣସ୍ୱରୂପ ଚାଇନାରୁ ଚିନି ଶବ୍ଦ ଏବଂ ଇଜିପ୍ଟରୁ ମିଶ୍ରି ଶବ୍ଦ ଆସିଥିବା କୁହାଯାଉଛି। ଭାରତର କପଡ଼ା ଏବଂ ହସ୍ତତନ୍ତ ସାମଗ୍ରୀଗୁଡ଼ିକର ସାରା ବିଶ୍ୱରେ ଆଦୃତି ଲାଭ କରିଥିଲା। ଅଧିକାଂଶ ଦକ୍ଷିଣ ପୂର୍ବ ଏସୀୟ ଦେଶର ବ୍ୟବସାୟୀମାନେ କେବଳ ଭାରତୀୟ ବସ୍ତ୍ର ନେଇ ମସଲା ଦେଉଥିଲେ। ତେଣୁ ଭାରତୀୟ ପୋଷାକ ମୁଦ୍ରା ଭାବରେ କାର୍ଯ୍ୟ କରୁଥିଲା।

ହାତୀ, ମୟୂର ଏବଂ ମାଙ୍କଡ଼ ମଧ୍ୟ ବାଣିଜ୍ୟର ଅଂଶ ଥିଲେ। ପାରସ୍ୟର ରାଜାମାନେ ଭାରତୀୟ ମୟୂର, କୁକୁର, ମଇଁଷି ଏବଂ ହାତୀକୁ ଭଲ ପାଉଥିଲେ। ଗୁଜରାଟ ଏବଂ ଆଫଗାନିସ୍ତାନ (ସେତେବେଳେ ଭାରତର ଅଂଶ ଥିଲା)ରୁ ଉତ୍ପାଦିତ ରଙ୍ଗିନ ତଥା ମଧ୍ୟମ ମୂଲ୍ୟର ପଥର ଭାରତରୁ ବିଦେଶକୁ ରପ୍ତାନି ହେଉଥିଲା। ପରେ ଅନେକ ଶତାବ୍ଦୀ ଧରି ଭାରତ ଏକମାତ୍ର ଦେଶ ଭାବେ ବିଶ୍ୱକୁ ହୀରା ଯୋଗାଉଥିଲା। ଦକ୍ଷିଣ ପଶ୍ଚିମାଞ୍ଚଳରେ ଥିବା ଗୋଲକୋଣ୍ଡା ଖଣି ବିଶ୍ୱର ସବୁଠୁ ଭଲ ହୀରା ଉତ୍ପାଦନ କରୁଥିଲା। ଏଥିସହ ଭାରତରୁ ବଡ଼ ଲୁହା ଖଣ୍ଡ ପଶ୍ଚିମ ଏସିଆକୁ ଯାଉଥିଲା ଏବଂ ସେଠାରେ ସେଥିରୁ ଉନ୍ନତଧରଣର ଅସ୍ତ୍ରଶସ୍ତ୍ର ତିଆରି କରାଯାଉଥିଲା। ଅଶ୍ୱାରୋହୀ ଯେଉଁଥିରେ ପାଦ ରଖନ୍ତି (ଷ୍ଟିରପ) ତାହା ମଧ୍ୟ ଭାରତରୁ ବିଭିନ୍ନ ଦେଶକୁ ଯାଉଥିଲା। ଫଳରେ ଅଶ୍ୱବାହିନୀର ବିକାଶ ଘଟିଥିଲା। ପୁରାତନ ଷ୍ଟିରପର ଚିତ୍ରଗୁଡ଼ିକ ଭାରତର ବୌଦ୍ଧସ୍ଥଳରୁ ମିଳିଥିଲା।

ଗାଣିତିକ ଧାରଣା, ବିଶେଷକରି ସଂଖ୍ୟା ଗଣିତ ମଧ୍ୟ ଭାରତରୁ ପ୍ରସାର ଲାଭ କରିଥିଲା। ସ୍ଥାନାଙ୍କ ଭାବେ ଶୂନର ଧାରଣା ଏବଂ ଦଶମିକ ପ୍ରଣାଳୀ ଭାରତରୁ ଆରବ ଦେଇ ୟୁରୋପରେ ପହଞ୍ଚିଥିଲା। ଗଣନ, ବୀଜଗଣିତ ଏବଂ ତ୍ରିକୋଣମିତି ଧାରଣା ଭାରତରୁ ସୃଷ୍ଟି ହୋଇ ଅନ୍ୟ ଦେଶକୁ ଯାଇଥିଲା। ଭାରତରୁ ବିତ୍ତୀୟ ନେଣଦେଣର ରେକର୍ଡ ପ୍ରସ୍ତୁତ କରିବା ଏବଂ ବ୍ୟାଙ୍କିଂ ଚିନ୍ତାଧାରା ବିଶ୍ୱକୁ ବ୍ୟାପିଥିଲା ଏବଂ ଏଗୁଡ଼ିକରେ ଗୁଜରାଟ ଉପକୂଳ ବାସିନ୍ଦା ତଥା ଜୈନ ବଣିକମାନେ ନିପୁଣ ଥିଲେ।

ଭାରତ ସାହିତ୍ୟ ଏବଂ ସାଂସ୍କୃତିକ କ୍ଷେତ୍ରରେ ବିଶ୍ୱକୁ ପ୍ରଭାବିତ କରିଥିଲା। ଭାରତୀୟ ଲିପି ଦକ୍ଷିଣ ପୂର୍ବ ଏସିଆକୁ ବ୍ୟାପିଥିଲା। ୩୦୦ରୁ ୧୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଲେଖାଯାଇଥିବା ସଂସ୍କୃତ ଆଫଗାନିସ୍ତାନରୁ ଆରମ୍ଭକରି ଭିଏତନାମ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ସାହିତ୍ୟ ଭାଷା ଭାବରେ ବ୍ୟବହାର କରାଯାଉଥିଲା। ଅନେକ ଧର୍ମୀୟ ଧାରଣା ଭାରତରୁ ବାହାରକୁ ଯାଇଛି । ବୌଦ୍ଧଧର୍ମ, ବିଶେଷକରି ଉତ୍ତର-ପୂର୍ବ ଭାରତରେ ବ୍ୟାପିଥିବା ମହାଯାନ ବୌଦ୍ଧଧର୍ମ ଏବଂ ପୂର୍ବ ଭାରତରେ ସୃଷ୍ଟି ହୋଇଥିବା ବଜ୍ରଯାନ ବୌଦ୍ଧଧର୍ମ ତିବ୍ବତକୁ ପ୍ରସାର ଲାଭ କରିଥିଲା। ପାଲିଭାଷାରେ ଲିଖିତ ବୌଦ୍ଧଧର୍ମ ସିଦ୍ଧାନ୍ତ ଦକ୍ଷିଣ ଦିଗରେ ଶ୍ରୀଲଙ୍କାରେ ପହଞ୍ଚିବା ପରେ ସେଠାରୁ ଦକ୍ଷିଣ ପୂର୍ବ ଏସୀୟ ଦେଶକୁ ବ୍ୟାପିଥିଲା।

ହିନ୍ଦୁଧର୍ମ ଏବଂ ହର ରୂପରେ ଶିବଙ୍କ ପୂଜା ଓ ବିଷ୍ଣୁଙ୍କୁ ହରି ଭାବେ ଆରାଧନା କରିବା ଧାରଣା ଭିଏତନାମରେ ପହଞ୍ଚିଥିଲା। ଚାଇନାର ଏକ ଲିଖିତ ତଥ୍ୟରୁ ଜଣାପଡ଼ିଛି ଯେ, ଖ୍ରୀଷ୍ଟାବ୍ଦ ୩୦୦ ସୁଦ୍ଧା ଚମ୍ପା ଏବଂ ଫୁନାନ୍ (ବର୍ତ୍ତମାନର ଭିଏତନାମ ଏବଂ କାମ୍ବୋଡିଆ)ରେ ହିନ୍ଦୁ ନୃତ୍ୟଶିଳ୍ପୀ ଏବଂ ହିନ୍ଦୁ ଗ୍ରନ୍ଥ ରହିଥିଲା। ଗଣେଶ, ସରସ୍ୱତୀ ଏବଂ ଲକ୍ଷ୍ମୀ ଭଳି ଦେବଦେବୀ ଚାଇନାରୁ ମିଳିଛି।

ରାଜମଣ୍ଡଳ (ରାଜ ଶାସନର ପ୍ରମୁଖ ବିଷୟ ଏବଂ ଅଧିକାର) ଧାରଣା ମଧ୍ୟ ଭାରତରେ ସୃଷ୍ଟି ହୋଇଥିଲା। ଏହା ଚାଣକ୍ୟ ଅର୍ଥଶାସ୍ତ୍ରରେ ଉଲ୍ଲେଖ କରାଯାଇଥିଲା, ଯାହା କାମ୍ବୋଡିଆ ଓ ଦକ୍ଷିଣ ପୂର୍ବ ଏସୀୟ ରାଜାମାନଙ୍କୁ ଆକର୍ଷିତ କରିଥିଲା । ଏଥିସହ ଥାଇଲାଣ୍ଡ ଏବଂ ଜାଭା ରାଜାମାନଙ୍କ ମଧ୍ୟରେ ପ୍ରାଚୀନ ଭାରତୀୟ ଆଇନ ମନୁସ୍ମୃତି ଅତ୍ୟନ୍ତ ଲୋକପ୍ରିୟ ଥିଲା। ବୁଦ୍ଧଙ୍କ କାହାଣୀ ସହିତ ରାମାୟଣ ଓ ମହାଭାରତ ଭାରତରୁ ବ୍ୟାପିଥିଲା ଏବଂ ଇଣ୍ଡୋନେସିଆର ବୋରୋବୁଦୁର ଏବଂ ପ୍ରମ୍ବାନାନ ପରି ସ୍ଥାନରେ କାନ୍ଥରେ ଖୋଦିତ ହୋଇଥିଲା। ଏହି କାହାଣୀଗୁଡ଼ିକ ଭିଏତନାମ୍‌ର ମାଇଁ-ସୋନ ମନ୍ଦିରରେ, କାମ୍ବୋଡିଆର ଅଙ୍ଗକୋର ୱାଟର କାନ୍ଥରେ, ବର୍ମାର ବାଗାନର ପାଗୋଡ଼ା ସହରରେ ଏବଂ ଥାଇଲାଣ୍ଡର ଆୟୁଥୟାଠାରେ ମଧ୍ୟ ମିଳିପାରିବ। ଏହିସବୁ ଉପହାର ଭାରତ ବିଶ୍ୱକୁ ଦେଇଥିଲା।

–devduttofficial@gmail.com

# ଦୁର୍ନୀତିର ବଳୟ



ଉମାଶଙ୍କର ପ୍ରସାଦ

ଆଜି ଘରେ, ବାହାରେ, ରାଜ୍ୟରେ, ଦେଶ ଭିତରେ ଓ ଦେଶ ବାହାରେ 'ଦୁର୍ନୀତି' ତା'ର କାୟା ବିସ୍ତାର କରି ଚାଲିଛି। ଏହାକୁ ରୋକିବା ପାଇଁ ଶପଥ ପାଠ କରାଉଥିବା ରାଜ୍ୟ ତଥା ଦେଶର ଶାସକମାନେ ଭୁଲି ଯାଇଥାନ୍ତି 'ଦୀପ ତଳ ଅନ୍ଧାର'। ତାଙ୍କରି ନାକ ତଳେ ଦୁର୍ନୀତି ଯେ ତା'ର କାୟା ବିସ୍ତାର କରିଛି ଏହା ଜାଣି ମଧ୍ୟ ସେମାନେ ଅଜଣାପ୍ରାୟ ହୋଇଥାନ୍ତି। ଦୁର୍ନୀତି କରିବେନି କି ଦୁର୍ନୀତିକୁ ପ୍ରଶ୍ରୟ ଦେବେନି ବୋଲି ଶପଥ କରିଥାନ୍ତି। ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ପଦାଧିକାରୀ ଯେଉଁ ଶପଥ କରୁଛନ୍ତି ଦୁର୍ନୀତିର ମୂଳପୋଛ କରିବା ପାଇଁ ତାହା କେତେଦୂର ପାଳନ କରୁଛନ୍ତି, ଯାହାର ଉଦାହରଣ ଦୁର୍ନୀତି କରି ଅମାପ ସମ୍ପତ୍ତି ଠୁଳ କରି ଧରାପଡ଼ିବାର ଖବର ଗଣମାଧ୍ୟମରେ ପ୍ରାୟ ନିତ୍ୟ ନୈମିତିକ ଭାବରେ ମୁଖ୍ୟ ଖବର ପାଲଟିଛି।

'ଯାଦୁଆ ବିକୁଛି ଯାଦୁ ମଲମ' ଓ 'ଅନ୍ଧ ସାଜୁଛି ଅନ୍ୟ ଏକ ଅନ୍ଧର ପଥ ପ୍ରଦର୍ଶକ'। ରାଜ୍ୟର ଜନସାଧାରଣ ଦୀର୍ଘ ୨୪ ବର୍ଷର ବିଜୁ ଜନତା ଦଳ ସରକାରଙ୍କ ନିରଙ୍କୁଶ ଶାସନକୁ ପ୍ରତ୍ୟାଖ୍ୟାନ କରି ଭାଜପା ସରକାରକୁ ନିଜର ଶାସନ ଡୋରି ଦେଲେ ଓ ଭାବିଥିଲେ କିଛି ପରିବର୍ତ୍ତନ ହେବ, ମାତ୍ର 'ଯେଉଁ ଟିମିରେକୁ ସେଇ ଟିମିରେ'। ଆମ ଦେଶରେ ଇଡି, ସିବିଆଇ ସଂସ୍ଥାଗୁଡ଼ିକ ଦୁର୍ନୀତିକୁ ରୋକିବା ପାଇଁ ଅଛନ୍ତି କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଉକ୍ତ ସଂସ୍ଥାଗୁଡ଼ିକ କେତେ ଦୁର୍ନୀତିମୁକ୍ତ ତାହା ଆଜି ବି ପ୍ରଶ୍ନବାଚୀ? ଜଣେ ସାଧାରଣ ବ୍ୟକ୍ତି ତାଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କୁ ଦେଖାକରିବା ସାତସପନ ହୋଇଛି! ମୋ ମତରେ ନିଜକୁ ଜଣେ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତି ରୂପେ ଗଢ଼ିତୋଳିବା ପାଇଁ ଅଦ୍ୟାବଧି ଏ ଦେଶରେ ଆବଶ୍ୟକ ଶାସନ ସଂସ୍କାର କରାଯାଇ ନାହିଁ। ଜଣେ ନିରପେକ୍ଷ ବିଚାରପତି ସରକାରଙ୍କ ବିରୋଧରେ ତାଙ୍କର ରାୟ ପ୍ରଦାନ କଲେ, ତାଙ୍କୁ ସରକାରୀ କଳର ଶିକାର ହେବାକୁ ପଡିଥାଏ; ସରକାରଙ୍କଠାରୁ ସେ ତାଙ୍କର ପରବର୍ତ୍ତୀ ପଦୋନ୍ନତି ପାଏନାହିଁ। ଜଣେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ପଦାସୀନ ମନ୍ତ୍ରୀଙ୍କୁ ନିର୍ବାଚନ ସମୟରେ ସାହାଯ୍ୟ ନ କଲେ ତାଙ୍କୁ ହଇରାଣ ହରକତ କରାଯାଏ। ତେଣୁ ସେମାନେ ମଧ୍ୟ ବିଭିନ୍ନ ଦୁର୍ନୀତି କରିଥାନ୍ତି। ଦୁର୍ନୀତି ଉପର ସ୍ତରରେ କେବଳ ରାଜନୀତିଜ୍ଞ ବା ଉଚ୍ଚ ପଦାଧିକାରୀଙ୍କ ସହ ସଂଶ୍ଲିଷ୍ଟ ହୋଇ ରହିନାହିଁ। ସେହିମାନଙ୍କ ପଦାଙ୍କ ଅନୁସରଣ କରି ଆଜି ତଳ ସ୍ତରରେ ଏହା ଅତି ମାରାତ୍ମକ ରୂପରେ ବିଦ୍ୟମାନ। ତଳ ସ୍ତରରେ ଅତି ଛୋଟ ଛୋଟ କାମ ପାଇଁ କିରାଣିମାନଙ୍କ ହାତକୁ ତୈଳାକ୍ତ କରିବାକୁ ପଡୁଛି। ''ଆଜିର ଶାସନ ବ୍ୟବସ୍ଥା ଏପରି ହୋଇଛି ଯେ ପ୍ରତ୍ୟକ୍ଷ ତୋଷାମଦକାରୀମାନେ ସରକାରଙ୍କଠାରୁ ଯାବତୀୟ ସୁବିଧା ସୁଯୋଗ ହାସଲ କରନ୍ତି; କିନ୍ତୁ ସରକାରଙ୍କ ନିଚ୍ଛକ ସମାଲୋଚକମାନେ ହତାଶ ଏବଂ ନିରାଶ ହୁଅନ୍ତି''। ଯେଉଁ ଯନ୍ତ୍ରୀ, ବିଡିଓ, ଡାକ୍ତରମାନେ ଯେ କୌଣସି ଅନୈତିକ ଉପାୟରେ ଅର୍ଥ ଆଦାୟକରି ନିଜ ବିଭାଗୀୟ ମନ୍ତ୍ରୀମାନଙ୍କୁ ଚାନ୍ଦା ବା ହାତଗୁଞ୍ଜା ଦେଇଥାନ୍ତି, ସେମାନେ ସେମାନଙ୍କ ଜୀବନରେ ଉଦୟ ସୂର୍ଯ୍ୟର ଅରୁଣିମା ଦେଖନ୍ତି, କିନ୍ତୁ ଅନ୍ୟମାନଙ୍କ ଜୀବନ ଅସ୍ତରାଗର ବିଭୀଷିକାରେ କ୍ଷତାକ୍ତ।

ଆଜି ଦୁଃଖ ଲାଗୁଛି କହିବାକୁ, ଆମ ବିଚାର ବ୍ୟବସ୍ଥାର କରୁଣ ଦୃଶ୍ୟ। ଯେଉଁ ଇଂରେଜ ସରକାର ୩୦୦ ବର୍ଷରୁ ଉର୍ଦ୍ଧ୍ୱ ଆମକୁ ଶାସନ କରିଥିଲେ, ତାଙ୍କ ଦେଶରେ ବିଚାର ସଂକ୍ରାନ୍ତ କୌଣସି କେସ୍ ଦୁଇ ମାସରୁ ଅଧିକ କାଳ କୋର୍ଟରେ ପଡ଼ି ରହେନାହିଁ। କିନ୍ତୁ ଆମ ଦେଶରେ ଲକ୍ଷାଧିକ କେସ୍ ଦଶରୁ କୋଡ଼ିଏ ବର୍ଷ ଧରି କୋର୍ଟରେ ପଡ଼ିଥିଲେ ମଧ୍ୟ ତାହାର ଫଇସଲା ହୋଇପାରୁନି! ଆଉ ଏକ ମଜାକଥା ଆମେ ଯାହାକୁ ଆମର ଶାସକ ଭାବେ ନିର୍ବାଚିତ କରୁଛୁ ସେମାନେ କେନ୍ଦ୍ରିୟ ନେତାଙ୍କ ରିମୋଟ ସାଜି କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ରାଜନୀତି ସୁପ୍ରିମୋଙ୍କ ଟଏସ୍ ଲୋକଙ୍କ ଟଏସ୍ ବୋଲି ଥିଓରି ଏବଂ ପ୍ରାକ୍ଟିସରେ ପରିଣତ ହୋଇଛି। ବଡ଼ ଆଶ୍ଚର୍ଯ୍ୟର କଥା ଚତୁର୍ଥ ସ୍ତମ୍ଭ ଭାବେ ରାଜନେତା ତଥା ଶାସକମାନଙ୍କ ଅନ୍ୟାୟ ଅନୀତିକୁ ଯେଉଁମାନେ ଲୋକ ଲୋଚନକୁ ଆଣିବା କଥା ସେମାନେ ମଧ୍ୟ ଧର୍ମରୁ ବିଚ୍ୟୁତ। ଶେଷରେ ଏତିକି କହିବି ଆଜି ଭାରତୀୟ ଜନ ଜୀବନରେ ଉଚ୍ଚ ଚରିତ୍ରବତ୍ତା ନାହିଁ; ଆଉ ଚରିତ୍ରବତ୍ତା ଏଭଳି ଏକ ଜିନିଷ ତାକୁ ଆଇନ ଦ୍ୱାରା ଗଢ଼ାଯାଇପାରିବନି କି ସଂଶୋଧନ କରାଯାଇ ପାରିବନି। ଏ ଦେଶର ଲୋକମାନେ ବା ନେତା ହୁଅନ୍ତୁ ବା ପଦାଧିକାରୀ ଯେତେ ଶପଥ କରି ସତ୍ୟ ଧର୍ମର ବୟାନ ଦେଲେ ମଧ୍ୟ ୭୫ ପ୍ରତିଶତରୁ ଅଧିକ ଲୋକ ସ୍ୱଜନ-ପକ୍ଷପାତିତା, ଅନ୍ୟାୟ ଏବଂ ଅନ୍ୟ ଆୟ ଅର୍ଥାତ୍ ନିଜର ପ୍ରାପ୍ୟଠାରୁ ଅଧିକ ଉପାର୍ଜନରେ ଧୁରୀଣ। ତେଣୁ ଆଜିର ସମାଜରେ ଦୁର୍ନୀତି ଯେ ସୁନୀତିରେ ପରିଣତ ହେବ ଏହା ସନ୍ଦିହାନ!

ମୋ: ୬୩୭୦୬୭୫୫୬୨

## ଏଇ ଭାରତରେ

ଶିକ୍ଷାଦାନ ବ୍ୟତୀତ ସ୍କୁଲର ପାରିପାର୍ଶ୍ୱିକ ପରିବେଶରେ ଉନ୍ନତି କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ମଧ୍ୟପ୍ରଦେଶର ଗୋପାଳ ଭାଲୱାଲ। ସେ ରାଜଗଡ଼ର ମୋହନପୁର କଲୋନୀରେ ଥିବା ସରକାରୀ ସମନ୍ୱିତ ମଧ୍ୟଇଂରାଜୀ ସ୍କୁଲରେ ଶିକ୍ଷକ ଅଛନ୍ତି। ପ୍ରତିଦିନ ସ୍କୁଲରେ ଶିକ୍ଷାଦାନ କରିବା ସହ ସ୍କୁଲର ସାମଗ୍ରିକ ବିକାଶ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୮ରେ ଏହି ସ୍କୁଲ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଏଠାକୁ ଅଧିକ ପିଲା ଆସୁ ନ ଥିଲେ। ମୋଟରେ ସ୍କୁଲରେ ୨୩ ଜଣ ପିଲା ଥିଲେ। ସ୍କୁଲର ସ୍ଥିତି ମଧ୍ୟ ଅତ୍ୟନ୍ତ ଖରାପ ଥିଲା। ଶ୍ରେଣୀ ଗୃହ ଅନ୍ଧାରିଆ ରହୁଥିଲା। ତେବେ ତାହାକୁ ଆକର୍ଷଣୀୟ କରିବା ଲାଗି ଭାଲୱାଲ ସରକାରୀ ଅନୁଦାନକୁ ଅପେକ୍ଷା ନ କରି ନିଜ ପକେଟରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରି ସ୍କୁଲରେ ରଙ୍ଗ ଦେବା, ଏକ ବଗିଚା କରିବା ସହ ଜଳ ଯୋଗାଣର ବ୍ୟବସ୍ଥା କରିଛନ୍ତି। ସେ ମଧ୍ୟ ଏକ ଲାଇବ୍ରେରି କରିଛନ୍ତି ଓ ଏଥିରେ ୨,୦୦୦ ରୁ ଅଧିକ ବହି ଅଛି। ଏବେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇ ୧୦୦ରେ ପହଞ୍ଚିଲାଣି। ସ୍କୁଲରେ ବିଭିନ୍ନ ଆଧୁନିକ ଶିକ୍ଷା ଉପକରଣ ଆଣିବାକୁ ସେ ଯୋଜନା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ନଭେମ୍ବର ୧୯୭୫

- ରାଜ୍ୟରେ ମୋଟ ୩୦ ଜଣ ଶିକ୍ଷିତ ବେକାରୀଙ୍କୁ ମିନିବସ୍ ଓ ବସ୍ ଚଳାଇବା ପାଇଁ ବିଭିନ୍ନ ଅର୍ଥଲଗାଣ ସଂସ୍ଥା ତରଫରୁ ଋଣ ପ୍ରଦାନ।
- ଡିଏ ଗୋଗାର୍ସିଆ ପ୍ରତିରକ୍ଷା ଘାଟିର ସମ୍ପ୍ରସାରଣ ଯୋଜନାକୁ ଆମେରିକାର ସିନେଟ ସଭା ସ୍ଥଗିତ ରଖିଛନ୍ତି।
- ସ୍ପେନର ଦକ୍ଷିଣପନ୍ଥୀ ଏକଛତ୍ରବାଦୀ ଶାସକ ଜେନେରାଲ ଫ୍ରାନ୍‌ସିକୋ ଫ୍ରାଙ୍କୋଙ୍କ ୮୨ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 7 | 6 | | 8 | | 4 |
| | | | 4 | 3 | | | | |
| | | | | | | 7 | | |
| 4 | | | 5 | 9 | | | | 1 |
| 2 | 8 | | | | 1 | | | 5 |
| | | 9 | | | | 4 | | 6 |
| | | | | | 5 | | 2 | |
| | 6 | | | | | | | |
| | 9 | | | | | 5 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 9 | 4 | 1 | 5 | 2 | 7 |
| 4 | 5 | 2 | 7 | 6 | 8 | 3 | 9 | 1 |
| 1 | 7 | 9 | 3 | 5 | 2 | 8 | 4 | 6 |
| 5 | 2 | 1 | 4 | 8 | 7 | 9 | 6 | 3 |
| 8 | 9 | 4 | 2 | 3 | 6 | 1 | 7 | 5 |
| 6 | 3 | 7 | 5 | 1 | 9 | 4 | 8 | 2 |
| 2 | 8 | 5 | 1 | 7 | 4 | 6 | 3 | 9 |
| 9 | 1 | 6 | 8 | 2 | 3 | 7 | 5 | 4 |
| 7 | 4 | 3 | 6 | 9 | 5 | 2 | 1 | 8 |

ଗତକାଲିର ଉତ୍ତର

# ପୋଷଣୀୟ ମତ୍ସ୍ୟକ୍ଷେତ୍ର



ପ୍ରକାଶ ତ୍ରିପାଠୀ

ବିଶ୍ୱ ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଅବଦାନ ଓ ଏହାର ଗୁରୁତ୍ୱ ନିଦର୍ଶନ ପାଇଁ ବିଶ୍ୱ ମତ୍ସ୍ୟ ଦିବସ ପ୍ରତିବର୍ଷ ନଭେମ୍ବର ୨୧ ରେ ପାଳନ କରାଯାଏ। ଅନେକ କୋଟି ବିଶ୍ୱବାସୀଙ୍କୁ ଖାଦ୍ୟ ଯୋଗାଉଥିବା ଏକ ବିଶାଳ ଉତ୍ସ ସମୁଦ୍ରର ଗୁରୁତ୍ୱକୁ ଉପଲବ୍ଧି କରିବା ତଥା ମାଛ ଧରା କାର୍ଯ୍ୟକ୍ରମର ପୋଷଣୀୟ ପରିଚାଳନା କେତେଦୂର କାର୍ଯ୍ୟକାରୀ ହୋଇଛି ଓ ଭବିଷ୍ୟତ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରିବା ହିଁ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଏକ ଯଥାର୍ଥ ପଦକ୍ଷେପ। ବିଶ୍ୱ ମତ୍ସ୍ୟ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯେ ବିଶ୍ୱରେ ଥିବା ପ୍ରାକୃତିକ ଜଳଉତ୍ସ ଯଥା ସମୁଦ୍ର, ମଧୁରଜଳ ଓ ଖାରିଜଳରେ ଥିବା ମତ୍ସ୍ୟ ସମ୍ପଦର ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା। ବ୍ୟାପକ ମତ୍ସ୍ୟଚାଷ ସତ୍ତ୍ୱେ ବି ପ୍ରାକୃତିକ ଜଳଉତ୍ସରୁ ମାଛ ଧରାଯାଇ ଚାହିଦା ପୂରଣ କରାଯାଉଥିବାରୁ ପ୍ରାକୃତିକ ଜଳଉତ୍ସଗୁଡ଼ିକର ପୋଷଣୀୟ ପରିଚାଳନାର ଆବଶ୍ୟକତା ରହିଛି। ସମୁଦ୍ର, ନଦୀ, ହ୍ରଦ, ନଦୀ ମୁହାଣ, ଆର୍ଦ୍ର ଭୂମି, କୋରାଲ ରିଫ୍ ଉପରେ ଆଗାମୀ ଦିନରେ ଅଧିକ ଚାପ ରହିବ। ଏହା ଉପରେ ବହୁ ନିୟୁତ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକା ନିର୍ଭର କରିଥାଏ। ଏହି ପ୍ରାକୃତିକ ଜଳଉତ୍ସର ନ୍ୟାୟସଙ୍ଗତ ଓ ପୋଷଣୀୟ ପରିଚାଳନା ସହ ସ୍ୱଳ୍ପ ଆୟକାରୀ ମତ୍ସ୍ୟଜୀବୀ ପରିବାରଙ୍କ ଜୀବନ ଓ ଜୀବିକାକୁ ବିଚାରକରିବାକୁ ପଡ଼ିଥାଏ। ଚଳିତବର୍ଷ ପାଳନ କରାଯାଉଥିବା ବିଶ୍ୱ ମତ୍ସ୍ୟଦିବସର ବିଶେଷତ୍ୱ ହେଉଛି ଏକ ସୁସ୍ଥ ସାମୁଦ୍ରିକ ପରିବେଶରେ ପୋଷଣୀୟ ମାଛବଂଶକୁ ସୁନିଶ୍ଚିତ କରିବା ପାଇଁ ମତ୍ସ୍ୟଚାଷ ପରିଚାଳନାରେ ପରିବର୍ତ୍ତନ ଉପରେ କିପରି ଧ୍ୟାନଦେବା।

ଏବେ ବିଶ୍ୱରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୩ ଶହ କୋଟି ଓ ବାର୍ଷିକ ପ୍ରାୟ ୧୫୦ ନିୟୁତ ଟନ୍ ମାଛ ଖାଦ୍ୟ ଭାବେ ବ୍ୟବହୃତ ହୁଏ। ଗତ ୫୦ବର୍ଷ ମଧ୍ୟରେ ବିଶ୍ୱରେ ସାମୁଦ୍ରିକ ଖାଦ୍ୟର ବ୍ୟବହାର ଦ୍ୱିଗୁଣିତ ହୋଇଛି। ପ୍ରତ୍ୟେକ ବିକାଶଶୀଳ ଦେଶର ପ୍ରଗତି ପଛରେ ମତ୍ସ୍ୟସମ୍ପଦର ଭୂମିକା ଉଲ୍ଲେଖନୀୟ। ବିଶ୍ୱରେ ଆବଶ୍ୟକ ପଡୁଥିବା ପ୍ରାଣିଜ ପ୍ରୋଟିନ୍‌ର ଶତକଡ଼ା ୨୫ ଭାଗ କେବଳ ମାଛ ହିଁ ଭରଣା କରିଥାଏ। ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ମତ୍ସ୍ୟସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଉତ୍ପାଦନରେ ବର୍ତ୍ତମାନ ବିଶ୍ୱରେ ଭାରତର ସ୍ଥାନ ତୃତୀୟ ଓ ସମଗ୍ର ମାଛ ଉତ୍ପାଦନରେ ପ୍ରାୟ ୯ ଭାଗ ଭାରତର ଅବଦାନ ଥିବା ବେଳେ ବିଶ୍ୱରେ ଜଳକୃଷି ଉତ୍ପାଦନରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି। ମତ୍ସ୍ୟ ସମ୍ପଦ ୧୪୫ ନିୟୁତ ଲୋକଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛି। ମତ୍ସ୍ୟଚାଷ ହେଉଛି ଭାରତୀୟ ଅର୍ଥନୀତିର ଏକ ପ୍ରମୁଖ କ୍ଷେତ୍ର ଯାହାକି ଦେଶର ୨୮ ନିୟୁତରୁ ଅଧିକ ଲୋକଙ୍କ ଜୀବିକାକୁ ପରିପୁଷ୍ଟକରେ। ବିଶେଷକରି ବଞ୍ଚିତ ତଥା ଅସୁରକ୍ଷିତ ସମ୍ପ୍ରଦାୟ ମଧ୍ୟରେ ଏହା ପ୍ରମୁଖ ଆୟ ପ୍ରଦାନକାରୀ କ୍ଷେତ୍ର। ଭାରତୀୟ କୃଷିର ୫.୩ ଭାଗ ଅଧିକୃତ କରିଥିବା ମତ୍ସ୍ୟ ସମ୍ପଦ ଦେଶର ଖାଦ୍ୟ ନିରାପତ୍ତା ଯୋଗାଇବା ସହ ନିଯୁକ୍ତି ସୁଯୋଗ ସୃଷ୍ଟିକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବାର୍ଷିକ ପ୍ରାୟ ୧୭ ନିୟୁତ ଟନ୍ ମାଛ ଉତ୍ପାଦନ କରୁଥିବା ଭାରତ ଆଗାମୀ

**ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ**



ଦିନରେ ବିଶ୍ୱର ପ୍ରଥମ ମତ୍ସ୍ୟ ଉତ୍ପାଦନକାରୀ ଦେଶ ହେବାର ଉଦ୍ୟମ ଜାରିରଖିଛି। ସେହିପରି ଓଡ଼ିଶା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏକ ଅଗ୍ରଣୀ ରାଜ୍ୟ। ବାର୍ଷିକ ୧୧.୨୪ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦନ କରି ଚତୁର୍ଥ ସ୍ଥାନରେ ରହିଛି ଓ ମତ୍ସ୍ୟ କ୍ଷେତ୍ର ମୋଟ ରାଜ୍ୟ ମୂଲ୍ୟ ଯୋଗର୨.୭ % ଯୋଗଦାନ କରିଥାଏ। ଭାରତରେ ମାଛ ଖାଉଥିବା ଲୋକଙ୍କ ସଂଖ୍ୟା ସବୁଠାରୁ ଆଗରେ। ଶତକଡ଼ା ୯୪ ଭାଗ ଲୋକ ମାଛ ଖାଇଥାନ୍ତି ଓ ମୁଣ୍ଡ ପିଛା ବାର୍ଷିକ ମାଛ ବ୍ୟବହାର ବର୍ତ୍ତମାନ ୧୮.୩୩ କି.ଗ୍ରା. ଯାହାକି ଜାତୀୟ ହାରଠାରୁ ବହୁ ଅଧିକ।

ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଉଭୟ ପ୍ରାକୃତିକ ଜଳଉତ୍ସ, ମତ୍ସ୍ୟ ସମ୍ପଦ, ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ପାଇଁ ସଚେତନତା ତଥା ବିଶ୍ୱ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଏ। ବିଶ୍ୱ ମତ୍ସ୍ୟ ଦିବସ ପାଳନ କେବଳ ମତ୍ସ୍ୟ ଉତ୍ସ, ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଆଲୋକପାତ କରିବାରେ ସୀମିତ ନୁହେଁ, ମତ୍ସ୍ୟ ବିବିଧତାର ପରିମାଣ ଦ୍ୱାରା ଜଳଉତ୍ସର ମାନ ବି ନିର୍ଦ୍ଧାରଣ କରାଯିବା ଉଚିତ। ଜଳବାୟୁ ପରିବର୍ତ୍ତନ, ଜଳ ପ୍ରଦୂଷଣ ଯୋଗୁ ନଦୀ, ହ୍ରଦ ଓ ସମୁଦ୍ରରେ ମାଛଙ୍କ ଗଣମୃତ୍ୟୁ ଗତ କିଛି ବର୍ଷ ହେବ ସୂଚିତକରେ ଯେ ମାଛ ବସତି ଅଞ୍ଚଳଗୁଡ଼ିକର ମାନ ଠିକ୍ ନାହିଁ। ଯଦି ଏହା ପ୍ରତି ଗୁରୁତ୍ୱ ଦିଆ ନ ଯାଏ ତେବେ ଭବିଷ୍ୟତରେ ବିଶ୍ୱ ଏକ ଗୁରୁତର ଖାଦ୍ୟସଙ୍କଟ ଦିଗକୁ ମୁହାଁଇବ।

ବିଶ୍ୱର ବର୍ଦ୍ଧିତ ଜନସଂଖ୍ୟା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯୋଗାଇବା ଲକ୍ଷ୍ୟରେ ସମୁଦ୍ର ଉପରେ ଚାପ ବଢୁଛି। ଆବଶ୍ୟକତାଠାରୁ ଅଧିକ ମାଛ ଧରାହେଉଛି। ସମୁଦ୍ରରୁ ଅତି ନିମ୍ନ ସ୍ତରରୁ ବା ବଟମ ଟ୍ରଲିଂ ଦ୍ୱାରା ବେଆଇନ ମାଛଧରା ବି ମାଛ ବଂଶ ହ୍ରାସର ଏକ ପ୍ରମୁଖ କାରଣ। ମିଳିତ ଜାତିସଂଘ ତଥ୍ୟ ଅନୁଯାୟୀ ସମୁଦ୍ର ଓ ଅନ୍ୟାନ୍ୟ ପ୍ରାକୃତିକ ଜଳଉତ୍ସଗୁଡ଼ିକର ଦୁଇତୃତୀୟାଂଶରେ ମାତ୍ରାଧିକ ମାଛ ଧରାଯାଉଛି। ଏକତୃତୀୟାଂଶ ଅଞ୍ଚଳରେ ପ୍ରଦୂଷଣ, ବିଶ୍ୱତାପନ ଓ ଅସ୍ୱାସ୍ଥ୍ୟକର ମାଛ ବସତି ଅଞ୍ଚଳ ଯୋଗୁ ମାଛ ବଂଶବୃଦ୍ଧି ଆଶାନୁରୂପ ହୋଇପାରୁନାହିଁ। ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ଏସବୁ ଉପରେ ଗୁରୁତ୍ୱ ପ୍ରଦାନ ସହ ମତ୍ସ୍ୟ ବିବିଧତା, ମାଛ ବସତି ଅଞ୍ଚଳର ସୁରକ୍ଷା, ସାମୁଦ୍ରିକ ପରିବେଶକୁ ପ୍ରଦୂଷଣମୁକ୍ତ ରଖାଯିବା ସହ ପ୍ରାକୃତିକ ଜଳଉତ୍ସଗୁଡ଼ିକୁ ଉତ୍ପାଦନକ୍ଷମ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ ଆବଶ୍ୟକ। ପ୍ରାକୃତିକ ଜଳଉତ୍ସରେ ଜୈବ ବିବିଧତାର ସୁରକ୍ଷା ସହ ସମୁଦ୍ରରେ ମାଛବଂଶର ଅଭିବୃଦ୍ଧି ନିମନ୍ତେ ଅଧିକରୁ ଅଧିକ ମାଛଧରା ନିଷିଦ୍ଧାଞ୍ଚଳ ଘୋଷଣାର ଆବଶ୍ୟକତା ରହିଛି। ଉପକୂଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସମୟରେ ଓ ମାଛବଂଶ ବୃଦ୍ଧି ପାଇଁ ପ୍ରଜନନ ସମୟରେ ମାଛଧରା ଉପରେ କଟକଣା ଲାଗୁ କରାଯାଏ। ଏଥିପାଇଁ କ୍ଷତି ସହୁଥିବା ମତ୍ସ୍ୟଜୀବୀଙ୍କୁ ସରକାର ଜୀବିକା ସହାୟତା ପ୍ରଦାନ କରୁଛନ୍ତି। ମାଛଧରା ନିଷିଦ୍ଧାଞ୍ଚଳ, ପାଣିପାଗ, ବଜାର ଦର ତଥା ମତ୍ସ୍ୟ ଯୋଜନା ସମ୍ବନ୍ଧୀୟ ସୂଚନା ଜାଣିବା ପାଇଁ ଓ ସରକାରଙ୍କ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ପାଇଁ ମୋବାଇଲ ଆପ୍ ଏଫ୍‌ଏଫ୍‌ଏମ୍‌ଏ ସହ ସିକ୍ୟୁୟର ଫିସିଂ ଆପ୍ ପ୍ରସ୍ତୁତ ହୋଇଛି ଯାହାକି ମତ୍ସ୍ୟଜୀବୀଙ୍କ ପାଇଁ ଅତି ଉପାଦେୟ ସାବ୍ୟସ୍ତ ହୋଇଛି। ସାମୁଦ୍ରିକ ବିପତ୍ତିରେ ମତ୍ସ୍ୟଜୀବୀଙ୍କ ସୁରକ୍ଷା ପାଇଁ ଭେସେଲରେ ଟ୍ରାନ୍ସପଣ୍ଡର ବ୍ୟବସ୍ଥା କରାଯାଉଛି। ଜଳଭଣ୍ଡାରଗୁଡ଼ିକରେ ଉନ୍ନତ ମାଛ ଯାଆଁଳ ଛଡ଼ାଯିବା ସହ ମାଛ ଉତ୍ପାଦନ ବୃଦ୍ଧି ଓ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀ ପରିବାରଗୁଡ଼ିକର ଆର୍ଥିକ ବିକାଶ ଉପରେ ପଦକ୍ଷେପ ନିଆଯାଉଛି। ସେହିପରି ବିଭିନ୍ନ ନଦୀରେ ମାଛ ଯାଆଁଳ ଛାଡ଼ି ମାଛ ବୃଦ୍ଧି ସହ ଏହା ଉପରେ ନିର୍ଭର କରୁଥିବା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଜଳ ସମ୍ପଦ, ମତ୍ସ୍ୟ ସମ୍ପଦ, ମତ୍ସ୍ୟ ବିବିଧତା ସୁରକ୍ଷା ସହ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷ, ସଙ୍ଗଠନ, ଉଦ୍ୟୋଗୀଙ୍କ ବିକାଶକୁ ଦୃଷ୍ଟିଦିଆଯାଇପାରିଲେ ବିଶ୍ୱ ମତ୍ସ୍ୟଦିବସ ପାଳନ ଯଥାର୍ଥ ହୋଇପାରିବ।

ମୋ: ୯୪୩୭୨୩୨୪୬୩

## ପାଠକ ଶ୍ରେଷ୍ଠ ବିଚାରକ

### ମଣିପୁର ହିଂସା

ମହାଶୟ,

ଦେଢ଼ବର୍ଷରୁ ଅଧିକ ସମୟ ଧରି ମଣିପୁରରେ ଉଗ୍ରରୂପ ଧାରଣ କରିଥିବା ଜାତିଗତ ହିଂସା କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ମୈତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ଅଢ଼ଇ ଶହରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ୬୦,୦୦୦ରୁ ଅଧିକ ଲୋକ ବାସହରା ହୋଇ ଆଶ୍ରୟସ୍ଥଳୀରେ କାଳାତିପାତ କରୁଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏ କ୍ଷେତ୍ରରେ ଦୟନୀୟ ବିଫଳତା ସ୍ପଷ୍ଟ ବାରିହୋଇପଡୁଛି। ଆଇନଶୃଙ୍ଖଳା ରକ୍ଷା କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ। ବିଭିନ୍ନ ମହଲରୁ ଦାବି ହେଉଥିବା ସତ୍ତ୍ୱେ ଆଇନଶୃଙ୍ଖଳା ବଜାୟ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଦାୟିତ୍ୱରୁ ହଟାଇବା ଦିଗରେ କେନ୍ଦ୍ର ସରକାରଙ୍କ ନୀରବତା ଦେଶବାସୀଙ୍କୁ ବିସ୍ମିତ କରିଛି। ଗତବର୍ଷ ଅଗଷ୍ଟ ୧୦ରେ ସଂସଦରେ ଆଗତ ଅନାସ୍ଥା ପ୍ରସ୍ତାବ ଆଲୋଚନାରେ ପ୍ରଧାନମନ୍ତ୍ରୀ ଖୁବ୍‌ଶୀଘ୍ର ମଣିପୁରରେ ଶାନ୍ତିର ସୂର୍ଯ୍ୟ ଉଦୟ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ବିଫଳ ହେବା ଚରମ ଦୁର୍ଭାଗ୍ୟଜନକ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ବିଶ୍ୱର ଶତ କ୍ଷତେ
ବ୍ୟଥିତ ବଧିର
ଏ ମରମୁଁ ଗଳେ ଚିର
କଲୋହିତ ରୁଧିର।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅତିରିକ୍ତ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟିର ନିର୍ଦ୍ଦେଶ

**୨୦୨୫ ସୁଦ୍ଧା ଭୂତଳ ଜଳସ୍ତର ହ୍ରାସ ପାଇବା ପ୍ରସଙ୍ଗ**

- ରାଜ୍ୟର ୩୧୪ ବ୍ଲକ୍‌ରୁ ୯ ସେମି କ୍ରିଟିକାଲ୍
- ନିର୍ଦ୍ଦେଶ ପାଳନ କରିବାକୁ ସରକାରଙ୍କ ପରାମର୍ଶଦାତାଙ୍କୁ ପତ୍ର

ଯାଜପୁର,୨୦।୧୧
(ହର୍ଷବର୍ଦ୍ଧନ ବେହେରା)

ଭାରତରେ ଭୂତଳ ଜଳସ୍ତର ୨୦୨୫ ସୁଦ୍ଧା ଅତିଶୟ ଭାବେ ହ୍ରାସ ପାଇବ ବୋଲି ଜାତିସଂଘ ପୂର୍ବାନୁମାନ କରିଛି। ଗ୍ରାଉଣ୍ଡ ୱାଟର ରିସୋର୍ସ ଏଷ୍ଟିମେଶନ-୨୦୨୪ର ରିପୋର୍ଟ ଅନୁଯାୟୀ, ଭୂତଳ ଜଳସ୍ତର ହ୍ରାସ ଦିଗରେ ଓଡ଼ିଶାର ୩୧୪ରୁ ୯ ବ୍ଲକ ଯଥା ଯାଜପୁର ଜିଲାର କୋରେଇ, ଅନୁଗୋଳ ଜିଲାର ତାଳଚେର, ବାଲେଶ୍ୱର ଜିଲାର ବାଲିଆପାଳ, ଝାରସୁଗୁଡ଼ା ଜିଲାର ଝାରସୁଗୁଡ଼ା, ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ଭୁବନେଶ୍ୱର ଓ ବୋଲଗଡ଼, ନୟାଗଡ଼ ଜିଲାର ନୟାଗଡ଼ ଓ ନୂଆପଡ଼ା ଜିଲାର ନୂଆପଡ଼ା ବ୍ଲକକୁ ସେମି କ୍ରିଟିକାଲ ଭାବେ ଚିହ୍ନଟ କରାଯାଇଛି। ଏହି କ୍ରମରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ହୋଇଥିବା ମାମଲା (ସଂଖ୍ୟା ୬୯୪/୨୦୨୩) ଉପରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ଅତିରିକ୍ତ ଉତ୍ତର ଦାଖଲ କରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ହୋଇଛି। ଏହି ନିର୍ଦ୍ଦେଶ ପାଳନ କରିବାକୁ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ନରହରି ସେଠୀ ୧୬।୧୧।୨୦୨୪ରେ ସରକାରଙ୍କ ପରାମର୍ଶଦାତା ଶଶାଙ୍କ ବାଜପାୟୀଙ୍କୁ ପତ୍ର ଲେଖିଛନ୍ତି।

ଏନ୍‌ଜିଟିର ନିର୍ଦ୍ଦେଶ ଅନୁଯାୟୀ, ଯେତେବେଳେ ଭୂତଳ ଜଳ ଉତ୍ତୋଳନ ପାଇଁ ଶିଳ୍ପ ଓ ବାଣିଜ୍ୟିକ ସଂସ୍ଥାଗୁଡିକୁ ଅନୁମତି ପ୍ରଦାନ କରାଯାଉଛି ସେତେବେଳେ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେବା ଉଚିତ୍। ଏଥିରେ ଅତ୍ୟଧିକ ଭୂତଳ ଜଳ ଶୋଷିତ କ୍ଷେତ୍ର, କ୍ରିଟିକାଲ ଓ ସେମି କ୍ରିଟିକାଲ ଅଞ୍ଚଳରେ କ'ଣ ପ୍ରତିକାର ବ୍ୟବସ୍ଥା ନିଆଯାଇଛି ସେନେଇ ସ୍ପଷ୍ଟୀକରଣ କରିବେ। ଭୂତଳ ଜଳ ପରିଚାଳନା ଏବଂ ବିକାଶର ନିୟନ୍ତ୍ରଣ ଉଦ୍ଦେଶ୍ୟରେ ପରିବେଶ ସୁରକ୍ଷା ଅଧିନିୟମ, ୧୯୮୬ର ଧାରା ୫ ଅନୁଯାୟୀ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ଅଥରିଟି (ସିଜିଡବ୍ଲ୍ୟୁଏ) ୧୯୯୭ ଜାନୁଆରୀରେ ଗଠିତ ହୋଇଛି। ଏହି ଅଥୋରିଟି ଓଡ଼ିଶାର ଉପରୋକ୍ତ ଅଞ୍ଚଳରେ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ(ଏନ୍‌ଓସି)ପ୍ରଦାନ କରି ରାଜ୍ୟରେ ଭୂତଳ ଜଳ ବିକାଶ ଏବଂ ପରିଚାଳନାକୁ ନିୟନ୍ତ୍ରଣ କରିବା କଥା। ଶିଳ୍ପ କିମ୍ବା ଖଣି ପ୍ରକଳ୍ପ ଇତ୍ୟାଦି ଭୂତଳ ଜଳ ଉତ୍ତୋଳନ ପାଇଁ ଉପରୋକ୍ତ ନିର୍ଦ୍ଦେଶାବଳୀ ଉପରେ ଏହି ଅଥୋରିଟି ଗୁରୁତ୍ୱ ଦେଉଛି। ଏଥିପାଇଁ ଏକ ବିସ୍ତୃତ ହାଇଡ୍ରୋଜୋଲୋଜିକାଲ ଅଧ୍ୟୟନ କରାଯାଏ। ଏହି ଅଞ୍ଚଳରେ ଭୂତଳ ଜଳ ସମ୍ବଳର ସ୍ଥିତି ଓ ରିଚାର୍ଜ ହାର ପରୀକ୍ଷା ସହିତ ଏହାର ସମ୍ଭାବ୍ୟ ପରିବେଶ ପ୍ରଭାବ ଏବଂ ସାମାଜିକ ଓ ଅର୍ଥନୈତିକ ପ୍ରଭାବକୁ ମଧ୍ୟ ବିଚାର କରିବାକୁ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। କିନ୍ତୁ କେତେକ ସ୍ଥାନରେ ଶିଳ୍ପ ସଂସ୍ଥାଗୁଡିକ ମନଇଚ୍ଛା ଭୂତଳ ଜଳ ବ୍ୟବହାର କରୁଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଲୋକେ ଖରାମାସରେ ପାଣି ଗରାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଭୂତଳ ଜଳସ୍ତର ହ୍ରାସ ଘଟଣାକୁ ଆଖିବୁଜି ଦେଇଛନ୍ତି। ଶିଳ୍ପ କାରଖାନାଗୁଡିକ ଚୁକ୍ତିଠାରୁ ବହୁ ଗୁଣରେ ଭୂତଳ ଜଳ ବ୍ୟବହାର ଭୂତଳ ଜଳ ହ୍ରାସର ମୁଖ୍ୟ କାରଣ ବୋଲି ଯାଜପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍‌ଏସ୍)ର ନିର୍ବାହୀ ଯନ୍ତ୍ରୀ ଏକାଧିକ ଥର ରିପୋର୍ଟ ଦେଉଥିଲେ ହେଁ କିଛି ସଫଳତା ମିଳୁନାହିଁ। ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍(ଇଆଇସି) ଭୂତଳ ଜଳ ସଂରକ୍ଷଣ ଓ ଅପଚୟ ସଂକ୍ରାନ୍ତରେ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବାକୁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ଅତିରିକ୍ତ ସଚିବଙ୍କୁ ପୂର୍ବରୁ ପତ୍ର ଲେଖିଛନ୍ତି। ତଥାପି ଏହାର ଉପଯୁକ୍ତ ଭାବେ ଅନୁପାଳନ ହେଉ ନ ଥିବା ମତପ୍ରକାଶ ପାଇଛି।

# ବନ୍ଦରଭିତ୍ତିକ ଶିଳ୍ପ, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟରର ଉପରେ ଗୁରୁତ୍ୱ



**ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ ସିଙ୍ଗାପୁର ଗସ୍ତ**

- ଇକୋସଫ୍ଟର ସିଇଓ, ଏପି ମୋଲର ମାୟେର୍ସ୍କ ଗ୍ରୁପ ସହ ଓଡ଼ିଶା ପ୍ରତିନିଧି ଦଳଙ୍କ ଆଲୋଚନା
- ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ
- ପ୍ରବାସୀ ଭାରତୀୟ ସମ୍ମିଳନୀ, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗଦେବାକୁ ଆମନ୍ତ୍ରଣ କଲେ

ଭୁବନେଶ୍ୱର,୨୦।୧୧
(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳର ୪ ଦିନିଆ ସିଙ୍ଗାପୁର ଗସ୍ତ ବୁଧବାର ଶେଷ ହୋଇଛି। ରାଜ୍ୟରେ ଶିଳ୍ପର ଅଭିବୃଦ୍ଧି ଓ ବିଶ୍ୱ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ଏହି ଗସ୍ତ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରି ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ହବ୍‌ରେ ପରିଣତ କରିବା ଏବଂ ଦେଶର ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଉପରେ ଗସ୍ତ କାଳରେ ଗୁରୁତ୍ୱ ଦିଆଯାଇଛି।

ଏହି ଗସ୍ତ ବେଳେ ପ୍ରତିନିଧି ଦଳ ବି୨ଜି ଏବଂ ଜି୨ଜି ବୈଠକରେ ଅଂଶଗ୍ରହଣ କରିବା ସହ ରୋଡ୍ ଶୋ, ବିଭିନ୍ନ ବୃହତ୍ ଶିଳ୍ପାଞ୍ଚଳ ଏବଂ ଭିତ୍ତିଭୂମି ହବ୍ ପରିଦର୍ଶନ କରିବା ସହିତ ସିଙ୍ଗାପୁରରେ ରହୁଥିବା ଓଡ଼ିଆମାନଙ୍କ ସହିତ ଭାବବିନିମୟ କରାଯାଇଛି। ଏହା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଭବିଷ୍ୟତରେ ସହଭାଗିତା ବୃଦ୍ଧି କରିବ।

ଶେଷ ଦିବସରେ ପ୍ରତିନିଧିମଣ୍ଡଳୀ ଇକୋସଫ୍ଟର ସିଇଓ ତଥା କୋ ଫାଉଣ୍ଡର ମାର୍କସ ଲିମ୍‌ଙ୍କ ସହ ଦୀର୍ଘସ୍ଥାୟୀ ଜଳ ସମାଧାନ ଉପରେ ଫୋକସ କରିବା ସହିତ ଓଡ଼ିଶାର ଶିଳ୍ପାଞ୍ଚଳ ଏବଂ ସହରାଞ୍ଚଳରେ ଏହାର ଉପଯୋଗକୁ ନେଇ ଆଲୋଚନା କରିଛନ୍ତି। ଏଥିସହିତ ଏପି ମୋଲର ମାୟେର୍ସ୍କ ଗ୍ରୁପର ରେନି ପିଲ୍ ପେଡରସନ ସହିତ ଜାହାଜ ପୁନଃପ୍ରକ୍ରିୟାକରଣ, କଣ୍ଟେନର ମାନୁଫାକ୍ଚରିଂ ଏବଂ ବନ୍ଦରଭିତ୍ତିକ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା କରାଯାଇଛି। ପ୍ରତିନିଧି ଦଳ ସନଟେକ ସିଟି କନ୍‌ଭେନଶନ ଆଣ୍ଡ ଏକ୍ସିବିସନ ସେଣ୍ଟର, ବିଶ୍ୱ ଖ୍ୟାତିସମ୍ପନ୍ନ ଏମ୍‌ଆଇସିଇ ସେଣ୍ଟ ଶିଳ୍ପାନୁଷ୍ଠାନ ପରିଦର୍ଶନ କରିଥିଲେ। ପରେ ପ୍ରତିନିଧି ଦଳ ସିଙ୍ଗାପୁରର ସେମିକଣ୍ଡକ୍ଟର ଶିଳ୍ପାନୁଷ୍ଠାନ ପିଇପି ଇନୋଭେଶନ ପ୍ରାଇଭେଟ ଲିମିଟେଡ ପରିଦର୍ଶନ କରିଥିଲେ। ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଭିତ୍ତିଭୂମି ବିକାଶ ପାଇଁ ପିଇପି ବିଶେଷଜ୍ଞଙ୍କ ସହ ଆଲୋଚନା କରିଥିଲେ।

ଅପରାହ୍ନରେ ପ୍ରତିନିଧି ଦଳ ସିଙ୍ଗାପୁର ସରକାରଙ୍କ ବରିଷ୍ଠ ଅଧିକାରୀ, ଫାନ୍ ବାଚ, ଜେଇଆର୍‌ଏ, ଆଇଏଚ୍‌ଆଇ କୋପରେଶନ, ମାନସନ ହାଇ ଟେକ୍ ମ୍ୟାଟେରିଆଲ୍ସ କର୍ପୋରେଶନ ଏବଂ ଆକ ଗ୍ୟାସେସ ସହିତ ବୈଠକ କରିଥିଲେ। ବୈଠକରେ ମାନୁଫାକ୍ଚରିଂ, କୋଲ୍ଡ ଷ୍ଟୋରେଜ ଆଣ୍ଡ କୋଲ୍ଡ ଚେନ୍, ଗ୍ରୀନ୍ ହାଇଡ୍ରୋଜେନ ଆଣ୍ଡ ଗ୍ରୀନ୍ ଆମୋନିଆ, କ୍ରିଟିକାଲ ମିନେରାଲ ଏବଂ ଇଣ୍ଡଷ୍ଟ୍ରିଆଲ ଗ୍ୟାସ ବିଷୟରେ ଆଲୋଚନା ହୋଇଛି। ଏଥିସହିତ ଓଡ଼ିଶାରୁ ଯାଇଥିବା ଏହି ପ୍ରତିନିଧି ଦଳ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ କ୍ଷେତ୍ରରେ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରବାସୀ ଓଡ଼ିଆଙ୍କ ସହଯୋଗ କାମନା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ଜାନୁୟାରୀ ୮ରୁ ୧୦ ତାରିଖ ମଧ୍ୟରେ ଆୟୋଜିତ ପ୍ରବାସୀ ଭାରତୀୟ ଦିବସ ଏବଂ ଜାନୁୟାରୀ ୨୮ ଓ ୨୯ରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ବିକାଶଯାତ୍ରାକୁ ତ୍ୱରାନ୍ୱିତ କରିବା ସହ ଏକ ନୂଆ ସମ୍ଭାବନା ସୃଷ୍ଟି ଦିଗରେ ସିଙ୍ଗାପୁର ଗସ୍ତ ଏକ ସଫଳ ପଦକ୍ଷେପ। ଏହି ଗସ୍ତ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପୁଞ୍ଜିନିବେଶ ସ୍ଥଳରେ ପରିଣତ କରିବ ବୋଲି ସେ କହିଛନ୍ତି।

# 'ଦାନା' କ୍ଷୟକ୍ଷତି ଆକଳନ ପାଇଁ ୨୪ରେ ଆସିବେ କେନ୍ଦ୍ରୀୟ ଟିମ୍

- ୨୭ ପର୍ଯ୍ୟନ୍ତ ରହି ୩ କ୍ଷତିଗ୍ରସ୍ତ ଜିଲା ଗସ୍ତ କରିବେ
- ୨୬ରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୧୧ (ସୁନିତ୍ ମିଶ୍ର)

ବାତ୍ୟା 'ଦାନା' ଓ ପରବର୍ତ୍ତୀ ବନ୍ୟା ପରିସ୍ଥିତିଜନିତ କ୍ଷୟକ୍ଷତିର ଆକଳନ ପାଇଁ ଆସନ୍ତା ୨୪ରେ କେନ୍ଦ୍ର ସରକାରଙ୍କ ଆନ୍ତଃ ମନ୍ତ୍ରଣାଳୟ ଟିମ୍ ଓଡ଼ିଶା ଗସ୍ତରେ ଆସିବେ। ଏହି ଟିମ୍ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହି ପ୍ରଭାବିତ ୩ ଜିଲା ଗସ୍ତ କରିବା ସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ବୁଧବାର ଏ ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ଦାନା' କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ୨୪ ତାରିଖରେ ଓଡ଼ିଶା ଆସିବେ। ୨୭ ତାରିଖ ପର୍ଯ୍ୟନ୍ତ ପ୍ରଭାବିତ ୩ ଜିଲାକୁ ଗସ୍ତକରି ସ୍ଥିତିର ଅନୁଧ୍ୟାନ କରିବେ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ. ରାଏଙ୍କ ନେତୃତ୍ୱରେ ୭ ଜଣିଆ ଟିମ୍ ଓଡ଼ିଶା ଆସୁଛନ୍ତି। ସେମାନେ ୨୫ରେ ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଯାଇ କ୍ଷୟକ୍ଷତି ଆକଳନକରିବା ସହ ସ୍ଥିତି ପରଖିବେ। ୨୬ରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହି ଅବସରରେ ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ ରିପୋର୍ଟ ପ୍ରଦାନ କରିବେ। କେନ୍ଦ୍ରୀୟ ଟିମ୍ ଗସ୍ତବେଳେ ଜିଲାପାଳମାନେ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହି କେନ୍ଦ୍ରୀୟ ଟିମ୍ ଫେରିଯିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରୀୟ ଟିମ୍ ରିପୋର୍ଟ ଆଧାରରେ କେନ୍ଦ୍ର ସରକାରଙ୍କ ସହାୟତା ରାଶି ଆସିବ। ତେବେ ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଶିକାର ଓଡ଼ିଶା ହେଉଥିବାରୁ ଭିତ୍ତିଭୂମି କ୍ଷୟକ୍ଷତିର ସ୍ଥାୟୀ ସମାଧାନ ପାଇଁ ସ୍ୱତନ୍ତ୍ର ଅର୍ଥ ମଗାଯିବ ଓ ଏନେଇ ବିଶେଷଜ୍ଞମାନଙ୍କ ସହ ବିଚାରବିମର୍ଶ ଚାଲିଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ପି.କେ. ରାଏଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ କୃଷି ବିଭାଗ ନିର୍ଦ୍ଦେଶକ ମାନ ସିଂ ଓ ଅନ୍ୟ ସଦସ୍ୟମାନଙ୍କୁ ୨୪ ତାରିଖ ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି।

ସୂଚନାଯୋଗ୍ୟ, ବାତ୍ୟା 'ଦାନା' ଗତ ଅକ୍ଟୋବର ୨୪ ବିଳମ୍ବିତ ରାତିରେ ଓଡ଼ିଶା ଉପକୂଳରେ ମାଡ଼ ହୋଇଥିଲା। ଧାମରାର ଦକ୍ଷିଣ-ଦକ୍ଷିଣପୂର୍ବ ୨୦ କି.ମି. ଦୂର ଭିତରକନିକା ଅନ୍ତର୍ଗତ ହାବଲିଖଟି ନେଚର କ୍ୟାମ୍ପ ନିକଟରେ ରାତି ୧୨ଟାରେ ସ୍ଥଳଭାଗ ଛୁଇଁଛି। ବାତ୍ୟା ଦାନାର ଲ୍ୟାଣ୍ଡଫଲ୍ ଯୋଗୁ ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଜିଲାରେ ବ୍ୟାପକ କ୍ଷତି ଘଟାଇଛି। ପରବର୍ତ୍ତୀ ସମୟରେ ଦାନା ପ୍ରଭାବରେ ୬୧୬.୨୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ରାଜ୍ୟ ସରକାର ଆକଳନ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାପରେ ନିଜେ ଯାଇ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ଏରିଅଲ ସର୍ଭେ କରିଥିଲେ।

# ୨ ବର୍ଷରେ ରାଜ୍ୟର ସବୁ ବେଆଇନ ନିଶା କାରବାର ବନ୍ଦକର: ମନ୍ତ୍ରୀ

ଭୁବନେଶ୍ୱର, ୨୦।୧୧(ସୁନିତ୍ ମିଶ୍ର)

ରାଜ୍ୟର ବିକାଶ ନିମନ୍ତେ ଅବକାରୀ ବିଭାଗ ରାଜସ୍ୱର ପ୍ରମୁଖ ଅବଦାନ ରହିଛି। ଆସନ୍ତା ୨ ବର୍ଷ ମଧ୍ୟରେ ରାଜ୍ୟରୁ ସମସ୍ତ ପ୍ରକାର ବେଆଇନ ନିଶା କାରବାର ବନ୍ଦ ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ରାଜ୍ୟ ସରକାର ଆଇନରେ ଆବଶ୍ୟକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି, ଯେଉଁଥିରେ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ ଏବଂ ଜରିମାନା ବ୍ୟବସ୍ଥା ରହିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ସମୀକ୍ଷା ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ଅବକାରୀ ବିଭାଗ ଅଧୀନ ଜିଲା ଅଧୀକ୍ଷକ ସ୍ତରୀୟ ଅଧିକାରୀମାନଙ୍କୁ ନେଇ ବୁଧବାର ସ୍ଥାନୀୟ ନିର୍ମାଣ ସୌଧଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟ ଏବଂ ଜିଲାସ୍ତରୀୟ ଅବକାରୀ ଅଧିକାରୀଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ପୂର୍ବରୁ ଚାଲି ଆସିଥିବା ଅନେକ ବେଆଇନ କାରବାରକୁ ରୋକାଯାଇପାରିଛି। ରାଜ୍ୟ ସରକାର ବିଭାଗର ବିଭିନ୍ନ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଗ୍ରହଣ ନେଇଛନ୍ତି। ତେଣୁ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତକରି ଅବକାରୀ ନିୟମର ଠିକ୍ ଅନୁପାଳନ ଏବଂ ବେଆଇନ ନିଶା କାରବାରକୁ ରୋକିବା ଦିଗରେ କାର୍ଯ୍ୟ କରନ୍ତୁ। ବୈଠକରେ ଅବକାରୀ ବିଭାଗ କମିଶନର ଗୁହାପୁନମ୍ ତାପସ କୁମାର ବେଆଇନ ନିଶା କାରବାର ଓ ବେଆଇନ ମଦଭାଟି ଉପରେ ନିୟମିତ ଚଢ଼ାଉ ସହ ଏନ୍‌ଡିପିଏସ୍ ଆଇନର ଠିକ୍ ଅନୁପାଳନ, ଅଧିକାରୀ ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ତାଲିମ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସେହିପରି ଅବକାରୀ କମିଶନର ନରସିଂହ ଭୋଳ ବିଭାଗୀୟ କାର୍ଯ୍ୟ ଓ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ।

# ଭରତପୁର ଥାନାରେ ସେନା ଅଧିକାରୀ ଓ ପୋଲିସ ବିବାଦ ମାମଲା

# କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ସ୍ଥିତି ଜଣାଇବାକୁ ନିର୍ଦ୍ଦେଶ

କଟକ,୨୦।୧୧ (କାର୍ତ୍ତିକ ସାହୁ)

ଭୁବନେଶ୍ୱରର ଭରତପୁର ଥାନାରେ ସେନା ଅଧିକାରୀ ଓ ପୋଲିସ ବିବାଦକୁ ନେଇ ରୁଜୁ ମାମଲାର ଶୁଣାଣି ହାଇକୋର୍ଟରେ ବୁଧବାର ହୋଇଛି। ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥ ମାମଲାର ଶୁଣାଣି କରି କ୍ରାଇମ୍‌ବ୍ରାଞ୍ଚ ତଦନ୍ତର ସ୍ଥିତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କରିବାକୁ ଆସିଥିବା ସେନା ଅଧିକାରୀଙ୍କ ବିରୋଧରେ ପୋଲିସ ରୁଜୁ କରିଥିବା ମାମଲାର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରିବାକୁ ମଧ୍ୟ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୨୧ ତାରିଖ ଗୁରୁବାର ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ସ୍ଥିର ହୋଇଛି।

ସୂଚନାନୁସାରେ, ବୁଧବାର ମାମଲାର ଶୁଣାଣିବେଳେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସ୍ଥିତି ଓ ସେନା ଅଧିକାରୀଙ୍କ ବିରୋଧରେ ରୁଜୁ ମାମଲାର ସ୍ଥିତି ସଂକ୍ରାନ୍ତରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥିଲା, ଉକ୍ତ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଏଥିପାଇଁ ଅଧିକ ସମୟର ଆବଶ୍ୟକତା ରହିଛି। ସେହିପରି ଆମିକସ୍ କ୍ୟୁରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା, ଉକ୍ତ ଘଟଣାରେ ନ୍ୟାୟିକ ତଦନ୍ତ ଚାଲିଛି ଏବଂ ରାଜ୍ୟ ସରକାର ମଧ୍ୟ ଏସ୍‌ଓପି ଦାଖଲ କରିସାରିଛନ୍ତି। ପୁନଶ୍ଚ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ, ଉକ୍ତ ଘଟଣାରେ ଏସ୍‌ଓପି ଜାରି କରାଯାଇଛି। ପୋଲିସ ପକ୍ଷରୁ ଏଣିକି ସେନା ଅଧିକାରୀଙ୍କ ସହ ଥାନାରେ କିପରି ବ୍ୟବହାର କରାଯିବ ଓ ଅନ୍ୟ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ଲାଗିବା କାର୍ଯ୍ୟ ଆସନ୍ତା ମାର୍ଚ୍ଚମାସ ସୁଦ୍ଧା ଶେଷ ହେବ।

# ୨୦୨୫ ପ୍ରାରମ୍ଭରେ ଆସିବ ନୂଆ ଆର୍‌ଏନ୍‌ଆର୍ ପଲିସି: ମନ୍ତ୍ରୀ ପୂଜାରୀ

**ବାସହରାଙ୍କୁ ଜମି ବଦଳରେ ଜମି ଦେଇହେବ ନା ନାହିଁ ବିଚାର ଚାଲିଛି**

ଭୁବନେଶ୍ୱର, ୨୦।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାର ୨୦୨୫ ପ୍ରାରମ୍ଭରେ ନୂଆ ଆର୍‌ଏନ୍‌ଆର୍(ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ) ପଲିସି ଆଣିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ରାଜ୍ୟର ବାସହରା ଲୋକଙ୍କୁ ସହାୟତା ଦେବାକୁ ଆର୍‌ଏନ୍‌ଆର୍ ପଲିସି ୨୦୦୬ ସଂଶୋଧନ କରାଯିବ। ବାସହରାମାନଙ୍କୁ ଜମି ବଦଳରେ ଜମି ଦିଆଯାଇପାରିବ କି ନାହିଁ ସେନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ସମସ୍ତ ବିଧାୟକ ଓ ଅଧିକାରୀମାନେ ଏ ବାବଦରେ ନିଜର ମତାମତ ଦେବାକୁ କୁହାଯାଇଛି। ସରକାରୀ ଅନୁଷ୍ଠାନ ଓ ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଶୀଘ୍ର ଜମି ଯୋଗାଇ ଦିଆଯିବ। ଆଗାମୀ ଦିନରେ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିବେ। ଏହା ଘରୋଇ ଶିଳ୍ପକୁ ଆବଶ୍ୟକ ଠାରୁ ଅଧିକ ଜମି ଦିଆଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଘରୋଇ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପ ସଂସ୍ଥାଗୁଡିକ ଆବଶ୍ୟକତାଠାରୁ ଅଧିକ ଜମି ଆବେଦନ କରୁଥିଲେ। ଏଣିକି ଆବଶ୍ୟକଠାରୁ ଅଧିକ ଜମି ଯୋଗାଇ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

# ଟ୍ରେନ୍ ଧକ୍କାରେ ଦମ୍ପତି ମୃତ

ଲକ୍ଷ୍ମୀପୁର,୨୦।୧୧(ଅନନ୍ତ ନାୟକ)

ଲକ୍ଷ୍ମୀପୁର ଷ୍ଟେଶନ ନିକଟସ୍ଥ ୧ କି.ମି. ଦୂର ଏକ ଗ୍ରାମକୁ ବ୍ୟବସାୟ କରିବାକୁ ଯାଇ ଫେରୁଥିବା ଦମ୍ପତିଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି। ସେମାନେ ହେଲେ ବୁର୍ଜା ଗ୍ରାମର ବୁରୁସ ଖରା(୬୦) ଓ ତାଙ୍କ ସ୍ତ୍ରୀ ଯମୁନା ଖରା(୫୫)। ସୂଚନାଯୋଗ୍ୟ, ଉଭୟେ ଲକ୍ଷ୍ମୀପୁର ଷ୍ଟେଶନ ନିକଟସ୍ଥ ଭୁଇପାଟଣା ଗ୍ରାମକୁ ବ୍ୟବସାୟ କରିବାକୁ ଯାଇଥିଲେ। ଗାଁ ଗାଁ ବୁଲି ଶୁଖୁଆ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିଲେ। ବୁରୁସ ଏବଂ ଯମୁନା କାମ ସାରି ରାସ୍ତାରେ ପଡୁଥିବା ଟ୍ରେନ୍ ଲାଇନ୍ ପାର ହୋଇ ଘରକୁ ଫେରୁଥିବା ସମୟରେ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ଉଭୟଙ୍କୁ ଧକ୍କାଦେଇଥିଲା। ଖବର ପାଇ ଆର୍‌ପିଏଫ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ମୃତଦେହକୁ ଉଠାଇ ନେଇଯାଇଥିବା ଜିଆର୍‌ପି ଏସ୍‌ଆଇ ସନ୍ତୋଷୀ ମହନ୍ତ କହିଛନ୍ତି। ଏ ନେଇ କୌଣସି ମାମଲା ରୁଜୁହୋଇ ନ ଥିବା ଜଣାପଡ଼ିଛି। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଦୁଇ ପାର୍ଶ୍ୱରେ ବ୍ରିଜ କିମ୍ବା ତାର ବାଡ଼ କରିବାକୁ ଦାବି ହୋଇଛି।

# ପତିଆରା ପାଇଁ ଲଢ଼େଇ, ଦନ୍ତା ମୃତ

ମୋରଡ଼ା,(ସ୍ମାରକ ମାଜୀ)/
ବେତନଟୀ (ଧରଣୀଧର ମହାନ୍ତି)/
ବୈଶିଙ୍ଗା(ରତନ ଦାଶ),୨୦।୧୧

ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ତଥା ମୋରଡ଼ା ବ୍ଲକ ଅଧୀନ ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ସୁନାହଜା ଗାଁରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ପତିଆରା ପାଇଁ ଦୁଇ ହାତୀଙ୍କ ମଧ୍ୟରେ ଲଢ଼େଇ ପରେ ଉକ୍ତ ଦନ୍ତାର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।



କାଦୁଅ ବିଲରେ ମରିପଡ଼ିଥିବା ଦନ୍ତାହାତୀ।

ସୂଚନା ଅନୁଯାୟୀ, ଦୁର୍ଗାପୁର ସଂରକ୍ଷିତ ଜଙ୍ଗଲରେ ୩ ଦିନ ହେବ ୧୧ ଟିକିଆ ହାତୀପଲ ଆଣ୍ଡା ଜମାଇବା ସହ ନିକଟସ୍ଥ ସୁନାହଜା ଗାଁରେ ପଶି ଉପଦ୍ରବ ଚଳାଇଥିଲେ। ବୁଧବାର ଅପରାହ୍ନ ୨ଟାରେ ସୁନାହଜା ଗ୍ରାମ ବନସୁରକ୍ଷା ସମିତି ସଭାପତି ମହେଶ୍ୱର ମହାନ୍ତ ତାଙ୍କ ବିଲକୁ ଯାଇଥିବା ବେଳେ କାଦୁଅ ମଧ୍ୟରେ ଦନ୍ତା ମରିପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବରପାଇ ଏସିଏଫ୍ ରବିନାରାୟଣ ମହାନ୍ତି, ବେତନଟୀ ରେଞ୍ଜର ମନୱାର ଖାଁ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂସାମନ୍ତ, ଦୀପକ କୁମାର ପାତ୍ର, ଫରେଷ୍ଟ ଗାର୍ଡ ବିଜୟ ମହାନ୍ତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ ଦନ୍ତାର ଶୁଣ୍ଢଟି କାଦୁଅ ଭିତରେ ପଶିଯାଇଥିବା ବେଳେ ତା' ପାଟିରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା। କାଦୁଅ ଦଲଦଲିରେ ପଶି ଅଣନିଃଶ୍ୱାସୀ ହୋଇ ଦନ୍ତାର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି ବୋଲି ରେଞ୍ଜର ଖାଁ କହିଛନ୍ତି। ମୃତ ହାତୀର ବୟସ ୬ରୁ ୭ ବର୍ଷ ମଧ୍ୟରେ ହେବ। ଗୁରୁବାର ସକାଳେ ଭୁବନେଶ୍ୱରରୁ ଜଏଣ୍ଟ ଟାସ୍କଫୋର୍ସର ବିଶେଷଜ୍ଞ ଦଳ ପହଞ୍ଚିବା ପରେ ମୃତ ଦନ୍ତାର ବ୍ୟବଚ୍ଛେଦ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।



## ସଂକ୍ଷେପରେ

### ୬ ଶିଶୁଶ୍ରମିକ ଉଦ୍ଧାର

ବିଞ୍ଝାରପୁର,୨୦।୧୧(ରାମକୃଷ୍ଣ ଦାସ): ଶିଶୁଶ୍ରମିକ ପ୍ରଥା ଏକ ସାମାଜିକ ଅପରାଧ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ଏବେ ବି ନିଜ ସ୍ୱାର୍ଥପାଇଁ କୋମଳମତି ଶିଶୁଙ୍କୁ କାର୍ଯ୍ୟରେ ନିୟୋଜିତ କରିବାକୁ କେତେଜଣ ଲୋକ ପଛାଉନାହାନ୍ତି। ମାତ୍ର ସମାଜରୁ ଏହି କୁପ୍ରଥା ହଟାଇବା ପାଇଁ ବହୁ ସଂଗଠନ କାମ କରୁଛି। ଏହିକ୍ରମରେ ବୁଧବାର ଅପରାହ୍ନରେ ରୁଚିକା ସମାଜସେବା ସଂଗଠନ ଓ ବିଞ୍ଝାରପୁର ପୋଲିସର ମିଳିତ ଚଢ଼ାଉରେ ବିଞ୍ଝାରପୁର ଅଞ୍ଚଳର ଅରେଇ ମଇଁଦା, ସୟଦପୁର ଓ ବିଞ୍ଝାରପୁର ବଜାରରେ ବିଭିନ୍ନ ଦୋକାନରେ କାର୍ଯ୍ୟରେ ନିୟୋଜିତ ଥିବା ୬ଜଣ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ଡାକ୍ତରୀ ପରୀକ୍ଷା ପରେ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ଜିମା ଦିଆଯାଇଛି। ଏହି ଶିଶୁମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଦୋକାନୀ ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶିଶୁ ଶ୍ରମିକମାନଙ୍କୁ ରୁଚିକା ସମାଜସେବା ସଂଗଠନର ଯାଜପୁର ଜିଲା ସଂଯୋଜକ ଦେବପ୍ରସାଦ ପାଠକ ଓ ବିଞ୍ଝାରପୁର ଥାନା ଏଏସ୍ଆଇ ରାଜକିଶୋର ଲାହାଙ୍କ ମିଳିତ ଉଦ୍ୟମରେ ଉଦ୍ଧାର କରାଯାଇଛି।

### ଦୋକାନରେ ପଶି ଗାଳି ଗୁଲଜ ଅଭିଯୋଗ

**ପାଣିକୋଇଲି,୨୦।୧୧(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ୧୬ନଂ. ଜାତୀୟ ରାଜପଥର ସୋତି ଛକ ନିକଟରେ ଏକ ଜଳଖିଆ ଦୋକନ(୯୯ ଷ୍ଟୋର)କୁ ସକାଳେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଆସି ଗାଳି ଗୁଲଜ କରିଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ସଞ୍ଜୀବ କୁମାର ପାତ୍ର ସକାଳ ୯ଟାରେ ଦୋକନରେ ଉପସ୍ଥିତ ଥିବା ସମୟରେ ସୋତି ଗ୍ରାମର ବିନ ନାଥ ବିନା ଆସି କାରଣରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମହିଳା ଗ୍ରାହକଙ୍କୁ ଗାଳି କରିଛନ୍ତି। ଏନେଇ ପାତ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତିଙ୍କ ପରଲୋକ

ପାଣିକୋଇଲି,୨୦।୧୧(ବିକାଶ ମଲ୍ଲିକ):

କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତ ଅନ୍ତର୍ଗତ ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ(୮୮)ଙ୍କ ପରଲୋକ ହୋଇଯାଇଛି। ସାହୁଙ୍କ ଜନ୍ମସ୍ଥାନ ମୂଳାପାଳ ହୋଇଥିଲେ ମଧ୍ୟ ସେ ୩୦ ବର୍ଷ ହେବ ପାଣିକୋଇଲି ଦୁର୍ଗା ମାର୍କେଟରେ ରହି ଆସୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ କମିଟିର ନିର୍ମଳ ରଥ, ପ୍ରଦୀପ ମାଝୀ, ଅଜୟ କୁମାର ସାହୁ, ଆଲୋକ ପରିଡ଼ାଙ୍କ ସମେତ ଉନ୍ନୟନ କମିଟିର ଦୈତାରୀ ଧଳ, ଗୋଲକ ଚନ୍ଦ୍ର ମାଝୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ବଜାର ପରିକ୍ରମା କରାଯିବା ପରେ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ନାଉପାଳକୁ ମିଳୁନି ରାଜସ୍ୱ ଗ୍ରାମ ମାନ୍ୟତା

**ଧର୍ମଶାଳା,୨୦।୧୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଚୋରମୁହାଁ ପଞ୍ଚାୟତ ନାଉପାଳ ପଡ଼ା ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ବହୁ ବର୍ଷ ହେଲା ଦାବି ହୋଇଆସୁଛି। ହେଲେ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ରାଜସ୍ୱ ଗ୍ରାମ ମାନ୍ୟତା ପାଇବାକୁ ଏହି ଗାଁର ସମସ୍ତ ଯୋଗ୍ୟତା ଥାଇ ସୁଦ୍ଧା ଦୀର୍ଘ ୧୩ବର୍ଷ ହେଲା ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଉକ୍ତ ଗ୍ରାମବାସୀ ବିଭିନ୍ନ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ସ୍ୱାଧୀନତା ପରଠାରୁ ନାଉପାଳ ଗାଁ ବଡ଼ମଙ୍ଗଳପୁର ରାଜସ୍ୱ ଗ୍ରାମର ପଡ଼ାଗାଁ ହୋଇ ରହିଆସିଛି। ୩ ୱାର୍ଡକୁ ନେଇ ଗଠିତ ଏହି ଗାଁର ଜନସଂଖ୍ୟା ୧୨୦୦ରୁ ଅଧିକ ହୋଇଥିବାବେଳେ ଏଠାରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ୨ ଯୁବକ ସଂଘ, ୧୫ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୋଠଘର ଚଉପାଢ଼ି, ମଠ, ଭାଗବତ ଟୁଙ୍ଗି, ଶ୍ମଶାନ, ଗୋଚର ଆଦି ବିଭିନ୍ନ ସୁବିଧା ସୁଯୋଗ ରହିଛି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ପ୍ରଶାସନ ଓ ଧର୍ମଶାଳାର ତତ୍କାଳୀନ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ରାଜ୍ୟ ସରକାର ଆସନ୍ତା ଡିସେମ୍ବର ସୁଦ୍ଧା ୪ହଜାର ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାନେଇ ବିଭିନ୍ନ ଗଣମାଧ୍ୟମରେ ଗତ ନଭେମ୍ବର ୭ରେ ଖବର ପ୍ରକାଶ ପାଇଛି। ସରକାରଙ୍କ ପୂର୍ବ ନିଷ୍ପତ୍ତି ଚିଠି ନମ୍ବର-୩୯୧୧୧୪/୧୧।୯।୧୯୯୪ ଅନୁସାରେ ଗ୍ରାମର ଜନସଂଖ୍ୟା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସଂପର୍କରେ ତଦନ୍ତ କରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଧର୍ମଶାଳା ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

ଧର୍ମଶାଳା ତହସିଲଦାର ରାଜସ୍ୱ ଗ୍ରାମ ବଡ଼ମଙ୍ଗଳପୁରରୁ ନାଉପାଳକୁ ପୃଥକ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ଆବଶ୍ୟକ କାଗଜପତ୍ର ଯାଜପୁର ଜିଲାପାଳଙ୍କ ନିକଟକୁ ପଠାଇଥିବା ଜଣାପଡିଛି। ଅତିରିକ୍ତ ଜିଲାପାଳଙ୍କ ପତ୍ରସଂଖ୍ୟା-୩୫୨୫/୨୩।୧୨।୧୧ରେ ଯୋବ୍ରାସ୍ଥିତ ଆସିଷ୍ଟାଣ୍ଟ ସେଟ୍ଲମେଣ୍ଟ ଅଫିସର (ଏଏସ୍ଓ)ଙ୍କୁ ଏନେଇ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇଥିଲେ। ଇତି ମଧ୍ୟରେ ଏହି ଘଟଣାକୁ ୧୩ବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବିସିପି କେଶ୍ ରେକର୍ଡ ନମ୍ବର-୬/୧୧ରେ ନାଉପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବାପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲେ ମଧ୍ୟ କେବଳ ଘୋଷଣା ବାକି ରହିଥିବା କୁହାଯାଇଛି। ଏହି ଗ୍ରାମକୁ ଯଥାଶୀଘ୍ର ରାଜସ୍ୱ ଗ୍ରାମ୍ୟ ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ



ବିଜେଡି ବନ୍ଧୁମିଳନରେ ଯୋଗଦେଇଥିବା କର୍ମକର୍ତ୍ତା।

**ଚଣ୍ଡିଖୋଲ,୨୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

**ବଡ଼ଚଣା ବିଜେଡିର ବନ୍ଧୁ ମିଳନ, କର୍ମୀ ସମ୍ମିଳନୀ**

■ ବର୍ଷା ପ୍ରିୟଦର୍ଶିନୀ ନିର୍ବାଚନମଣ୍ଡଳୀକୁ ଆସୁ ନ ଥିବାରୁ କ୍ଷୋଭ ପ୍ରକାଶ କଲେ କର୍ମୀ

ବଡ଼ଚଣା ବିଜୁ ଜନତା ଦଳ(ବିଜେଡି)ର ଏକ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ ବୁଧବାର ଚଣ୍ଡିଖୋଲସ୍ଥିତ ଶାନ୍ତିମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଆଗାମୀ ଦିନରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ କର୍ମୀଙ୍କ ସୁଖଦୁଃଖରେ ସେ ଠିଆ ହେବା ସହିତ ସରକାରୀ ଦପ୍ତରଗୁଡ଼ିକରେ ଯଦି କେହି ଅସୁବିଧାରେ ପକାଇବାକୁ ଚେଷ୍ଟା କରନ୍ତି ସେଥିପାଇଁ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ପ୍ରହ୍ଲାଦ ନନ୍ଦ, ଶୁକ୍ରମଣି ପୁର୍ତ୍ତି, ଜିଲା ପରିଷଦସଭ୍ୟ ଜୟଶ୍ରୀ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ପୂଜାରିଣୀବଳ, ବିନୋଦିନୀ ସାହୁ, ମାନଗୋବିନ୍ଦ ସେଠୀ, ଅମର ନାୟକ, ସିମନ୍ତିନୀ ଜେନା, ସରପଞ୍ଚ କିଶୋର ବେହୁରା, ରମେଶ ଚନ୍ଦ୍ର ପୃଷ୍ଟି, ଜ୍ଞାନରଞ୍ଜନ ସାହୁ, ପୂର୍ବତନ ସରପଞ୍ଚ ଦମୟନ୍ତୀ ସାମଲ, ସରସ୍ୱତୀ ବେହେରା, ତାପସ ରାୟ, ଗଣେଶ୍ୱର ସାମଲ, ସମିତିସଭ୍ୟ କୁଳମଣି ବାରିକ, ଜଗନ୍ନାଥ ମୁଦୁଲି, ଧୁଳେଶ୍ୱର ଦାସ, ନିରଞ୍ଜନ ବିଶ୍ୱାଳ, ଧନେଶ୍ୱର ବେହେରା, ପ୍ରବୀର କୁମାର ସାମଲ ଓ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ କ୍ୟାପଟେନ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତେ କାର୍ଯ୍ୟ କରିବେ ବୋଲି ସମର୍ଥନ ଜଣାଇଥିଲେ। ତେବେ ଗତ ବିଧାନସଭା ନିର୍ବାଚନରେ ଦଳର ପ୍ରାର୍ଥୀ ହୋଇଥିବା ବର୍ଷା ପ୍ରିୟଦର୍ଶିନୀ ନିର୍ବାଚନମଣ୍ଡଳୀକୁ ଆସୁ ନ ଥିବା ଓ କର୍ମୀଙ୍କୁ ସହଯୋଗ କରୁ ନ ଥିବା ନେଇ କେତେଜଣ କର୍ମୀ କ୍ଷୋଭ ପ୍ରକାଶ କରିଥିଲେ।

# ବ୍ୟାସଦେବ ଜୀଉ ବାଲିଯାତ୍ରା ମହୋତ୍ସବ


ବାଲିଯାତ୍ରା ମହୋତ୍ସବ ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**କାଏମା,୨୦।୧୧(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ବ୍ୟାସଦେବ ଜୀଉ ବାଲିଯାତ୍ରା ମହୋତ୍ସବ ଧୁମଧାମରେ ପାଳିତ ହେଉଛି। ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବ। ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁନିକୁନି ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା କରାଯାଉଛି। ଉତ୍ସବରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଗଗନ ବିହାରୀ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କୃତିତ୍ୱ ଅର୍ଜନ କରିଥିବା କୁନିକୁନି ପିଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୁଧବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଯାତ୍ରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହୋତ୍ସବରେ ଶହଶହ ସଂଖ୍ୟାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଲାଞ୍ଚ ମାଗି କୃଷି କର୍ମଚାରୀ ନିଲମ୍ବିତ

**ଚାନ୍ଦବାଲି,୨୦।୧୧ (ଅଶୋକ କୁମାର ପଣ୍ଡା/ କିଷାନ ପାତ୍ର)**

ବାତ୍ୟା 'ଦାନା' କ୍ଷତିପୂରଣ ପ୍ରଦାନ କରିବା ପାଇଁ ସରକାର ହେକ୍ଟର ପିଛା ୮୫୦୦ ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିବା ପରେ ଏହାର ଫାଇଦା ଉଠାଉଥିଲେ କିଛି ଅସାଧୁ ସରକାରୀ କର୍ମଚାରୀ। ଏମିତି ଏକ ଘଟଣା ଦେଖିବାକୁ ମିଳିଥିଲା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧିନସ୍ଥ ଭାଟପଡ଼ା ପଞ୍ଚାୟତରେ। ଗ୍ରାମ୍ୟ କୃଷି କର୍ମଚାରୀ ଭଗବତୀ କିସାନ ଚାଷୀଙ୍କଠାରୁ ଜମି ଅନ୍‌ଲାଇନ ପାଇଁ ଖୁଲମଖୋଲା ୫ଶହ ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପାଇବା ପରେ ଜିଲା ମୁଖ୍ୟ କୃଷି ଅଧିକାରୀ ନିର୍ଦ୍ଦେଶନାମା (ନଂ ୪୮୯୪)ରେ ଗ୍ରାମ୍ୟ କୃଷି କର୍ମଚାରୀ ଭଗବତୀ କିସାନଙ୍କୁ କାର୍ଯ୍ୟରୁ ନିଲମ୍ବନ ଆଦେଶ ଦେଇଛନ୍ତି। ନିଲମ୍ବନ ସମୟରେ ସେ ବିନା ଅନୁମତିରେ ଭଦ୍ରକ ସଦର ମହକୁମା ଛାଡ଼ିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ମୋବାଇଲ ଚୋରି ଅଭିଯୋଗରେ ୨ ଗିରଫ

**ରସୁଲପୁର,୨୦।୧୧(ରଞ୍ଜିତ ରାଉତ):**

**୮ ମୋବାଇଲ ଜବତ**

କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବିଭିନ୍ନସ୍ଥାନରୁ ମୋବାଇଲ ଲୁଟ୍ କରିଥିବା ୨ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଚୋରିରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ କାବୁ କରି ଜୁଭେଲାଇନ କୋର୍ଟକୁ ପଠାଇଛି। ଅଭିଯୁକ୍ତମାନଙ୍କଠାରୁ ୮ ମୋବାଇଲ ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ମୁଳୁବସନ୍ତ ଗ୍ରାମର ମୁନା ଦାସ(୨୭) ଓ ଯାଜପୁରୋଡ ଆଦର୍ଶ ଥାନା ଅନ୍ତର୍ଗତ ମୁଣ୍ଡମାଳ ଅଞ୍ଚଳର ସାଗଲ ସୁନିଲ ଗଙ୍ଗୁଆ(୨୦)। ନାବାଳକ ଜଣକ ଭଦ୍ରକ ଜିଲାର ବୋଲି ଜଣାପଡ଼ିଛି। ସେମାନେ ଧର୍ମଶାଳା, କୁଆଖିଆ, ବଡ଼ଚଣା ଆଦି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ମୋବାଇଲ ଲୁଟ୍ କରି ଫେରାରଥିଲେ। ସେମାନଙ୍କ ନାମରେ ବିଭିନ୍ନ ଥାନରେ ଏ ନେଇ ମାମଲା ରୁଜୁ ହୋଇଥିଲା। ଜବତ ମୋବାଇଲଗୁଡିକ ମଧ୍ୟରୁ ୪ କୁଆଖିଆ ଥାନା ଅଞ୍ଚଳରୁ ଲୁଟ୍ ହୋଇଥିବାବେଳେ ୩ ଧର୍ମଶାଳା ଓ ଗୋଟିଏ ବଡ଼ଚଣା ଥାନା ଅଞ୍ଚଳର ବୋଲି ପୋଲିସ କହିଛି। ଅଭିଯୋଗ ମୁତାବକ, ଚଳିତ ମାସ ୧୮ ତାରିଖରେ ଯାଜପୁର ସଦର ଥାନା ଅନ୍ତର୍ଗତ ସପ୍ତେଶ୍ୱରପୁର ଅଞ୍ଚଳର ମନୋରଞ୍ଜନ ପତି ନାମକ ବ୍ୟକ୍ତି ଜାରକାରୁ କୁଆଖିଆରୁ ଆସୁଥିବାବେଳେ ରାଜପଥର ଗୋପାଳପୁର ଛକ ନିକଟରୁ ୨ ଯୁବକ ଏକ ବାଇକ୍‌ରେ ଆସି ତାଙ୍କ ମୋବାଇଲ ଲୁଟି ନେଇଥିଲେ। ଏନେଇ ସେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୮୬/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୋବାଇଲ ଲୁଟ୍‌ରେ ଏକ ଗ୍ୟାଙ୍ଗର ସମ୍ପୃକ୍ତି ରହିଥିବାନେଇ ପୋଲିସ ହାତରେ ସୁରାକ ଲାଗିଛି। ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବା ପାଇଁ ଅନୁସନ୍ଧାନ ଜାରି ରଖିଛି।

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

**ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ମେଳାରେ ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଉଛି।

ଯାଜପୁର କୁସୁମା ପଡ଼ିଆରେ ଜିଲସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଗୋପାଳନ, ଛେଳି ପାଳନ ଏବଂ କୁକୁଡ଼ା ପାଳନ କ୍ଷେତ୍ରରେ ଚାଷୀ କିପରି ନିଜକୁ ନିୟୋଜିତ କରି ଆର୍ଥିକ ସ୍ଥିତି ସୁଧାରି ପାରିବେ ସେ ବାବଦରେ ମତ ରଖିଥିଲେ। ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଗଙ୍ଗାଧର ଲେଙ୍କା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଗଗନ ଚରଣ ନାୟକ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଅବଗତ କରାଇଥିଲେ। ଯାଜପୁର ଏମ୍‌ପିଙ୍କ ପ୍ରତିନିଧି ଲକ୍ଷ୍ମୀଧର ପତି ଯୋଗଦେଇ ଗୋପାଳକ, ମତ୍ସ୍ୟ ଚାଷୀମାନଙ୍କୁ ଉଦବୋଧନ ଦେଇ ଚାଷୀଙ୍କ ମାର୍ଗଦର୍ଶନ କରିଥିଲେ। ମେଳାର ବିଶେଷ ଆକର୍ଷଣ ସ୍ୱରୂପ ଜୀବନ୍ତ ମତ୍ସ୍ୟ ଓ ବିଭିନ୍ନ ପ୍ରାଣୀ ଯେପରି, ଶଙ୍କର ଜାତୀୟ ଜର୍ସି, ଗିର, ବିଞ୍ଝାରପୁରୀ ଓ ଶଙ୍କର ଜାତୀୟ ହୋଲଷ୍ଟିନ୍ ଗାଈ, ବ୍ଲାକ ବେଙ୍ଗଲ ଛେଳି, କଡକ ନାଥ, ବନରାଜ କୁକୁଡ଼ା ଓ ବତକ ଇତ୍ୟାଦିଙ୍କ ପ୍ରଦର୍ଶନୀ କରାଯାଇଥିଲା। ସରକାରଙ୍କର ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୩୨ ଷ୍ଟଲ୍‌ର ପ୍ରଦର୍ଶନୀ ହୋଇଥିଲା। ଏହା ସହିତ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ସଫଳ ପ୍ରାଣୀ ପାଳକ ଚାଷୀ ହିସାବରେ ବରୀ ବ୍ଲକ୍‌ର ରାଜେଶ ଅଖତର, କୁକୁଡ଼ା ପାଳନ ହିସାବରେ ରସୁଲପୁରର ସୁରେନ୍ଦ୍ର ରାଉତ୍ ଏବଂ ସଫଳ କୁକୁଡ଼ା ଓ ମତ୍ସ୍ୟ ଚାଷୀ ଭାବେ ଧର୍ମଶାଳାର ତାରା ପ୍ରସାଦ ରାୟ ଏବଂ ବଡ଼ଚଣାର କିଶୋର ରାଉତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଚାଷୀ ବିଶେଷଜ୍ଞଙ୍କ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓୟୁଏଟି ପ୍ରାଣୀ ବିଜ୍ଞାନୀ ଡା. ପାର୍ଥସାରଥୀ ସ୍ୱାଇଁ, ଏବଂ ଅବସରପ୍ରାପ୍ତ ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର ଘଡ଼ାଇ ମତ୍ସ୍ୟ ବିଜ୍ଞାନୀ ଭାବରେ ଯୋଗ ଦେଇଥିଲେ। ଶେଷରେ ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ସନ୍ଥ ବ୍ରହ୍ମଚାରୀ ସ୍ୱାମୀ ଯଜ୍ଞେଶ୍ୱର ନନ୍ଦ ମହାରାଜଙ୍କ ପରଲୋକ

**ଶେଷ ଦର୍ଶନ କଲେ ହଜାର ହଜାର ଭକ୍ତ ଓ ସନ୍ନ୍ୟାସୀ**

**ଚଣ୍ଡିଖୋଲ,୨୦।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**



ମହାନ ସନ୍ଥ ସାଧକ, ସନାତନ ଧର୍ମର ପ୍ରଚାରକ ବ୍ରହ୍ମଚାରୀ ଓ ଉଦାସ ପନ୍ଥି ସ୍ୱାମୀ ଯଜ୍ଞେଶ୍ୱର ନନ୍ଦ ମହାରାଜ(୫୯)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ଯାଜପୁର ଜିଲା ଛତିଆ ନିକଟ ସୋଲର ଉଦାସ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱର ନନ୍ଦ ମହାରାଜ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପ୍ରସିଦ୍ଧ ବାଲିଯାତ୍ରାରେ ଯଜ୍ଞ ଓ ମହାନଦୀ ଆଳତି କରିଥିଲେ। ମଙ୍ଗଳବାର ରାତିରେ ମହାନଦୀ ଆଳତି ସାରିବା ପରେ ହଠାତ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ପ୍ରଥମେ ନିଜ ଜନ୍ମିତ ଗ୍ରାମ ଜଗତ୍‌ସିଂହପୁର ଜିଲା କାଠୁଆ ପାଟଣା ଗ୍ରାମକୁ ନିଆଯାଇଥିଲା। ସେଠାରେ ଦର୍ଶନ ପରେ ଛତିଆ ନିକଟ ସୋଲରସ୍ଥିତ ଉଦାସ ଆଶ୍ରମ ପରିସରକୁ ଅଣାଯାଇଥିଲା। ହଜାରହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରର ବହୁ ସାଧୁ ସନ୍ଥ ଯୋଗଦେଇ ଶେଷ ଦର୍ଶନ କରିବା ସମାଧି ସଂସ୍କାରରେ ସାମିଲ ହୋଇଥିଲେ। ସେ ଯମୁନା ଦାସ ମହାରାଜଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଉଦାସ ସନାତନ ଧର୍ମର ପ୍ରଚାର ପ୍ରସାର କରିଥିଲେ। ୧୯୯୯ରେ ଛତିଆଠାରେ ନିଜସ୍ୱ ଉଦ୍ୟମରେ ଆଶ୍ରମ ପ୍ରତିଷ୍ଠା କରି ଆଧାତ୍ମିକ ବାଦର ପ୍ରଚାର କରିଥିଲେ। ବାବା ରବୀନ୍ଦ୍ର ନାଥ ଦାସରୁ ସ୍ୱାମୀ ଯଜ୍ଞେଶ୍ୱର ନନ୍ଦ ମହାରାଜରେ ପରିଣତ ହୋଇ ବିଭିନ୍ନ ସ୍ଥାନରେ ବିଶ୍ୱ କଲ୍ୟାଣ ପାଇଁ ଯଜ୍ଞ କରୁଥିଲେ। ଯଜ୍ଞ ସହ ନଦୀ ପୂଜା, ମା' ପୂଜା, ମାଟି ପୂଜା ଓ ଗୋ ପୂଜା ଉପରେ ଗୁରୁତ୍ୱ ଆରୋପ କରୁଥିଲେ। ତାଙ୍କ ପରଲୋକ ଖବର ପାଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ବେଣୁଧର ବିଶ୍ୱାଳ, ପୂର୍ବତନ ସରପଞ୍ଚ ନୀଳମଣି ରାଉତ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭଗ୍ୟଧର ମଲିକ ଓ ସମିତିସଭ୍ୟ ଦୀପକ ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ମହାରାଜ ପୁରୁଲି ବଶ୍ୟ ବଣିକ ସମାଜ ହିତ ପାଇଁ ବହୁ କାର୍ଯ୍ୟ କରିବା ସହ ଏକତ୍ରିତ କରିବାକୁ ଉଦ୍ୟମ କରିଥିବାରୁ ନିଖିଳ ଉତ୍କଳ ବୈଶ୍ୟ ବଣିକ ସମାଜ ସଭାପତି ଡ. ରଘୁନାଥ ସାହୁ, ଉପସଭାପତି ରଶ୍ମିକାନ୍ତ ସାହୁ, କୈଳାଶ ଚନ୍ଦ୍ର ନାୟକ, ସଧାରଣ ସମ୍ପାଦକ ନୃସିଂହ ଚରଣ ଦାସ, ପ୍ରମୋଦ କୁମାର ସାହୁ, ରାଧାକାନ୍ତ ସାହୁ, ସୁଶାନ୍ତ କୁମାର ପୃଷ୍ଟି, ଡ. ମଧୁରେନ୍ଦୁ ପୃଷ୍ଟି, ଅଶୋକ କୁମାର ସାହୁ, ମହେନ୍ଦ୍ର କୁମାର ନାୟକ, ଦିଗମ୍ବର ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ସଦାଶିବ ପୃଷ୍ଟି, ଅଭିଜିତ ନାୟକ ଓ ବିଭୁ ପ୍ରସାଦ ପୃଷ୍ଟି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ

**ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**


ଜନତା ଶୌଚାଳୟକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏସ୍ଆଇଆର୍‌ଡି ଭୁବନେଶ୍ୱରରୁ ନୂତନ ଭାବେ ନିଯୁକ୍ତି ପାଇଥିବା ଗଞ୍ଜାମ ଜିଲାର ୧୦୦ ପିଇଓ ଯାଜପୁର ଜିଲାକୁ କ୍ଷେତ୍ର ପରିଦର୍ଶନରେ ଆସି ଦଶରଥପୁର ବ୍ଲକର ବିରଜାପୁର ପଞ୍ଚାୟତ ବୁଲି ଦେଖିଥିଲେ। ଏହି ଦିବସରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଅଧ୍ୟକ୍ଷତା କରି ନୂତନଭାବେ ନିଯୁକ୍ତି ପାଇଥିବା ପିଇଓମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ସେମାନେ ତୃଣମୂଳସ୍ତରରେ ରାଜ୍ୟ ଓ ଜିଲାସ୍ତରରେ ହେଉଥିବା ଯୋଜନାକୁ ଠିକରେ ଉପଯୋଗ କରିପାରିବେ ବୋଲି କହିଥିଲେ। ସରପଞ୍ଚ ଓ ପିଇଓମାନେ ମିଳିତ ଭାବେ କାମ କଲେ ତାହା ଏକ ଆଦର୍ଶ ପଞ୍ଚାୟତ ହୋଇପାରିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ପଞ୍ଚାୟତ ପରିମଳ ବ୍ୟବସ୍ଥା ଉପରେ ଅଧିକଫୋକସ୍ କରୁଛନ୍ତି। ଉନ୍ନତ ସ୍ୱାସ୍ଥ୍ୟ ପାଇଁ ପରିମଳ ବ୍ୟବସ୍ଥା ହେଉଛି ଗୁରୁତ୍ୱପୂର୍ଣ୍ଣ। ବାହାରେ ମଳତ୍ୟାଗ କରିବା ଏକ ଖରାପ ଅଭ୍ୟାସ। ଶୌଚାଳୟ ସବୁ ଜାଗାରେ ରହିଛି କିନ୍ତୁ ଏହାର ଉପଯୋଗ ହେବା ଦରକାର। କଠିନ ଓ ତରଳ ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ହେବା ଆବଶ୍ୟକ ବୋଲି ଜିଲାପାଳ କହିଥିଲେ।

ଏ ବର୍ଷ ଶୌଚାଳୟ ଦିବସର ବିଷୟବସ୍ତୁ ରହିଛି 'ଆମ ଶୌଚାଳୟ ଆମ ସମ୍ମାନ'। ପିଇଓମାନେ ବିରଜାପୁର ପଞ୍ଚାୟତ ପରିଦର୍ଶନ କରି ସରପଞ୍ଚ, ବୁଦ୍ଧିଜୀବୀ, ପିଆର୍‌ଆଇ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣଙ୍କ ସହିତ ପାରସ୍ପରିକ ଆଲୋଚନା କରିଥିଲେ। ଜିଲାପାଳ ବିରଜାପୁର ସରପଞ୍ଚ ନିରାକାର ସାହୁ ଏବଂ ଭଲ କାମ କରିଥିବା ସ୍ୱଚ୍ଛସାଥିଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ସଭାପରିଚାଳନା କରିବା ସହ ଶୌଚାଳୟ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଏସଆଇଆରଡିରୁ ଆସିଥିବା ଅଧିକାରୀ କହିଥିଲେ, ନୂତନଭାବେ ନିଯୁକ୍ତି ପାଇଥିବା ୨୨୦୦ ପିଇଓଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ୨୧ ଓ ୨୨ତମ ଗ୍ରୁପ୍ ଯାଜପୁର ଜିଲା ପରିଦର୍ଶନରେ ଆସି ବିରଜାପୁର ପଞ୍ଚାୟତ ବୁଲିବା ସହ ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୨ଜଣ ପିଇଓ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଖୋଲିଥିବା ଷ୍ଟଲ୍‌କୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଏହି ଦିବସରେ ଦଶରଥପୁର ବିଡିଓ ଏବଂ ଯାଜପୁର ବିଡିଓ ଉପସ୍ଥିତ ଥିଲେ। ଯାଜପୁର ବିଡିଓ ଶାଶ୍ୱତ ଦାସ ଧନ୍ୟବାଦ ଦେଇଥିଲେ।

# ରୁଦ୍ଧଦ୍ୱାର ବୈଠକକୁ ନେଇ ଚର୍ଚ୍ଚା, ଖବରଦାତାଙ୍କୁ ଛାଡ଼ିଲେନି

ଜଗତ୍‌ସିଂହପୁର, ୨୦।୧୧
(ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର ପଞ୍ଚାୟତ ସମିତି ୫ମ ଅଧିବେଶନ

- ପ୍ରଶ୍ନ ଉଠିଲା ବିଡିଓ ବଡ଼ ନା ଅଧ୍ୟକ୍ଷ ବଡ଼
- ମୁଖ୍ୟ ଫାଟକ ନିକଟରେ ପୋଲିସ ମୁତୟନକୁ ନେଇ ଚର୍ଚ୍ଚା
- ନିର୍ଦ୍ଦିଷ୍ଟ ଲୋକଙ୍କୁ ବାଦ୍ ଦେଇ କାହାରିକୁ ଭିତରକୁ ଛାଡ଼ିଲେନି



ଜଗତ୍‌ସିଂହପୁର ପଞ୍ଚାୟତ ସମିତି ୫ମ ଅଧିବେଶନ ଦୀର୍ଘ ୧୪ ମାସ ପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ଏହା ରୁଦ୍ଧଦ୍ୱାର ବୈଠକ ହୋଇଥିବାବେଳେ ମୁଖ୍ୟ ଫାଟକ ସମ୍ମୁଖରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଫାଟକ ଏକ ପ୍ରକାର ବନ୍ଦ ଥିବାବେଳେ ନିର୍ଦ୍ଦିଷ୍ଟ ସରକାରୀ କର୍ମଚାରୀ ଓ ଲୋକ ପ୍ରତିନିଧିଙ୍କୁ ବାଦ୍ ଦେଲେ ଆଉ କାହାରିକୁ ଭିତରକୁ ଛଡ଼ା ଯାଇ ନ ଥିଲା। ବଡ଼ କଥା ହେଲା ଏହା କୌଣସି ଜରୁରୀ ଗୁପ୍ତ ବୈଠକ ହୋଇ ନ ଥିବାବେଳେ ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ, ଏପରି କି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଛଡ଼ାଯାଇ ନ ଥିଲା। ଏହି ବୈଠକରେ ବିଡିଓ ଆଶୁତୋଷ ମିଶ୍ରଙ୍କ ଭୂମିକା ଚର୍ଚ୍ଚାକୁ ଖୋରାକ ଯୋଗାଉଛି। ଖବରଦାତାଙ୍କୁ ବୈଠକରେ ବାରଣ କରାଯିବା ପ୍ରସଙ୍ଗକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଥିସହ ଅନେକ ଲୋକ ବିଭିନ୍ନ କାମରେ ବ୍ଲକ ଆସି ଭିତରକୁ ଯାଇ ନ ପାରି ନିରାଶ ହୋଇ ଫେରିଛନ୍ତି।

ଅତୀତରେ ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମେତ ବିଧାୟକ ପ୍ରଶାନ୍ତ ମୁଦୁଲି ବିଜେଡି ଦଳର ଥିଲେ। ଗତ ସାଧାରଣ ନିର୍ବାଚନରେ ମୁଦୁଲି ବିଜେଡି ପ୍ରାର୍ଥୀ ହୋଇ ଭାଜପା ପ୍ରାର୍ଥୀ ଅମରେନ୍ଦ୍ର ଦାସଙ୍କଠାରୁ ପରାସ୍ତ ହୋଇଥିଲେ। ନିର୍ବାଚନ ଆଚରଣ ବିଧି ଓ ଅନ୍ୟ କାରଣରୁ ସମିତି ଅଧିବେଶନରେ ବିଳମ୍ବ ହୋଇଥିଲା। ତେବେ ଏହା ଭିତରେ ରାଜ୍ୟ ସରକାର ବଦଳି ଯାଇଛି। ବିଜେଡି ପରିବର୍ତ୍ତେ ଭାଜପା ସରକାର ଚାଲିଛି। ଜଗତ୍‌ସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜେଡି ଓ ବିଧାୟକ ଭାଜପା ଦଳର ହୋଇଥିବାରୁ ରାଜନୈତିକ ପାଣିପାଗ ଉଷ୍ମ ରହିଛି। ବୁଧବାର ଅଧିବେଶନରେ କେତେକ ପ୍ରସଙ୍ଗକୁ ନେଇ ତୁମ୍ବିତୋଫାନ ହେବାର ଆଶଙ୍କା କରି ବିଡିଓ ମିଶ୍ର ପୋଲିସ ସୁରକ୍ଷା ମାଗିଥିବା କୁହାଯାଇଛି। ଏ ସମ୍ପର୍କରେ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କାଙ୍କୁ ପଚାରିବାରେ ଏତେଦିନ ପରେ ଯେହେତୁ ବୈଠକ ହେବାର ଥିଲା ଏବଂ ବିଧାୟକ ଆଉ ଏକ ଦଳର ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଡିଓ ପୋଲିସ ସୁରକ୍ଷା ମାଗି ଥାଇପାରନ୍ତି। ଯେହେତୁ ସମସ୍ତ କର୍ମଚାରୀ ଦିନ ୧୧ରୁ ଅପରାହ୍ନ ୩ଟା ଯାଏ ବୈଠକରେ ଉପସ୍ଥିତ ଥିଲେ ତେଣୁ ତା' ଭିତରେ ସାଧାରଣ ଲୋକଙ୍କୁ ସେବା ଯୋଗାଇବା ସମ୍ଭବ ନୁହେଁ। ଏହି କାରଣରୁ ଲୋକେ ନିରାଶ ହୋଇଥାଇପାରନ୍ତି। କିନ୍ତୁ ବ୍ଲକ କାର୍ଯ୍ୟାଳୟ ଭିତରକୁ ପ୍ରବେଶ ଉପରେ ବିଡିଓ ଗୋଟିଏ ଦିନ କଟକଣା ଲଗାଇଥିଲେ। ପୋଲିସକୁ ଏକ ତାଲିକା ଦେଇଥିବା ଜଣାଯାଏ। ଏହି ତାଲିକା ମୁତାବକ ପୋଲିସ ଭିତରକୁ ପ୍ରବେଶ ଅନୁମତି ଦେଇଥିଲା। ବୈଠକରେ ସେ ପୌରୋହିତ୍ୟ କରିଥିବାବେଳେ ଜଗତ୍‌ସିଂହପୁର ବିଧାୟକ ଦାସ, ବିଡିଓ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସଭ୍ୟା କନକ ସ୍ୱାଇଁ, ବିବେକାନନ୍ଦ ବେହେରା, ଚିତ୍ତରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଞ୍ଚଳରେ ଉନ୍ନୟନମୂଳକ, ଯୋଗାଣ, ସାମାଜିକ ସୁରକ୍ଷା, ଶିଶୁ ବକାଶ, କୃଷି ଓ ଉଦ୍ୟାନ କୃଷି ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବୈଠକରେ ବସିବା ନେଇ ଅନୁମତି ଦିଆ ନ ଯିବା ଉପରେ ବ୍ଲକ ଅଧ୍ୟକ୍ଷା ଲେଙ୍କା କହିଥିଲେ, ବାସ୍ତବରେ କୌଣସି କଟକଣା ଲଗାଯିବା କଥା ନୁହେଁ। ଏ ସମ୍ପର୍କରେ ସେ ଜାଣିନାହାନ୍ତି। ଆଗାମୀ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଯିବ ବୋଲି ସେ କହିଥିଲେ। ପଞ୍ଚାୟତ ସମିତିର ମୁଖ୍ୟ ହେଉଛନ୍ତି ଅଧ୍ୟକ୍ଷା ଲେଙ୍କା। ସମିତି ମୁଖ୍ୟ ଫାଟକ ନିକଟରେ ପୋଲିସ ସୁରକ୍ଷା ସାଙ୍ଗକୁ ସର୍ବସାଧାରଣଙ୍କ ପାଇଁ ଫାଟକ ବନ୍ଦ ରଖିବା ନିଷ୍ପତ୍ତି ଅଧ୍ୟକ୍ଷାଙ୍କ ବିନା ଅନୁମତିରେ ବିଡିଓ କିପରି କଲେ ତାହା ସନ୍ଦେହ ସୃଷ୍ଟି କରୁଛି। ଯଦି ଏହା ସତ୍ୟ ହୋଇଥାଏ ତେବେ ଅଧ୍ୟକ୍ଷାଙ୍କଠାରୁ ବିଡିଓ ଅଧିକ କ୍ଷମତା ବ୍ୟବହାର କରୁଛନ୍ତି। ଯାହା ସାମ୍ବିଧାନିକ ବ୍ୟବସ୍ଥାର ପରିପନ୍ଥୀ। ବଡ଼ କଥା ହେଲା ବିଡିଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକରେ ବସିବା ପାଇଁ ସୁଯୋଗ ନ ଦେବା କେତେଦୂର ଯୁକ୍ତିଯୁକ୍ତ। ଏଥିରୁ ସ୍ପଷ୍ଟ ରୁଦ୍ଧଦ୍ୱାର କୋଠରୀ ଭିତରେ ଯାହା କିଛି ଆଲୋଚନା ହେବ ତାହା ପଦାକୁ ନ ଆସିବା ପାଇଁ ବିଡିଓ ଏଭଳି ଚଞ୍ଚକତା କରିଛନ୍ତି। ଯାହାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତି ଉପରେ କଟକଣା ଲଗାଇଥିବା ବିଡିଓଙ୍କ ଏତାଦୃଶ ଆଚରଣ ଉପରେ ଜିଲାପାଳ ଜେ. ସୋନାଲଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଜିଲାପାଳ ପଞ୍ଚାୟତ ସମିତି କ୍ଷେତ୍ରରେ ହସ୍ତକ୍ଷେପ କରିବେ ନାହିଁ ବୋଲି କହିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ମହଲରେ ଅସନ୍ତୋଷ ବହୁଗୁଣିତ ହୋଇଯାଇଛି। ଏହି ଅବସରରେ ବୈଠକରେ ମଧ୍ୟ କେତେଜଣ ଲୋକ ପ୍ରତିନିଧି ବିଭିନ୍ନ ପ୍ରସଙ୍ଗ ଉଠାଇ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପୁନଙ୍ଗ ସମିତି ସଭ୍ୟ ଦୁର୍ଗା ପ୍ରସାଦ ମହାପାତ୍ର ବିଡିଓ ବଡ଼ ନାଁ ଅଧ୍ୟକ୍ଷ ବୋଲି ପ୍ରଶ୍ନ କରିଥିଲେ। ବ୍ଲକ ଅଧ୍ୟକ୍ଷା ଓ ବିଧାୟକ ପିସି ନିଅନ୍ତି ନାହିଁ ବୋଲି ସଫେଇ ଦେଉଥିବାବେଳେ ଆଳିପିଙ୍ଗଳ ସମିତି ସଭ୍ୟ ରାଜୀବ ବେହେରା କହିଥିଲେ, ବ୍ଲକରେ କନିଷ୍ଠ ଯନ୍ତ୍ରୀ ୧୦% ପିସି ନେଉଛନ୍ତି। ଏହାପରେ ତାଙ୍କୁ ଏଭଳି ନ କହିବା ପାଇଁ ଦାଗିଦ କରାଯାଇଥିବା ଆଲୋଚନା ହେଉଛି। ଏହି ଅବସରରେ ବିଧାୟକ କହିଥିଲେ, ସମିତି ସଭ୍ୟ, ସରପଞ୍ଚ ଓ ନେତାଙ୍କ ଜାଣନ୍ତରେ ସବୁକିଛି ହେବ।

# ଶିଶୁଙ୍କ ଯତ୍ନ, ସୁରକ୍ଷା ଏକ ସାମାଜିକ କର୍ତ୍ତବ୍ୟ



ପିଲାମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

ଡେରାବିଶ,୨୦।୧୧ (ବେବର୍ତ୍ତା ଅଜୟ ଦାସ)

## ଶିଶୁ ଅଧିକାର ସପ୍ତାହ ଉଦଯାପିତ

ଗତ ନଭେମ୍ବର ମାସ ୨୪ ତାରିଖରୁ ଆରମ୍ଭ ହୋଇଥିବା ଶିଶୁ ଅଧିକାର ସୁରକ୍ଷା ସପ୍ତାହ ବୁଧବାର ଉଦ୍‌ଯାପଗିତ ହୋଇଯାଇଛି। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର ସବଳଙ୍ଗ – କଣିପଡାସ୍ଥିତ ଜୟ ଭାରତୀ ସାଥି ସମାଜ ପରିସରରେ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ଆୟୋଜିତ ଉଦଯାପନୀ ଉତ୍ସବରେ ସମିତିର ସଦସ୍ୟ ଲଳିତ କୁମାର ସାହୁ ସଂଯୋଜନା କରିଥିଲେ। ଏଥିରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଓ ଅଧିକାର ଏକ ସାମାଜିକ କର୍ତ୍ତବ୍ୟ ବୋଲି କହିଥିଲେ। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ମୁଖ୍ୟବକ୍ତା, ଜିଲା ଆଇନ ସୁରକ୍ଷା ଅଧିକାରୀ ବିବେକାନନ୍ଦ ଅଚ୍ଚବୁଦ୍ଧି, ସମିତି ସଦସ୍ୟା ସାଧନା ନାୟକ ଓ ବାସନ୍ତୀ ବେହେରା ଏବଂ ସାଥର ସମାଜ ସମ୍ପାଦକ ନିରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ଅଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାରେ ଶୁଭଲିପ୍ସା ସାହୁ ଓ ଅନିତା ସିଂ ଭାଗ ନେଇଥିଲେ। ସାଥର ସମାଜର ସାଂସ୍କୃତିକ ସମ୍ପାଦକ ସ୍ମାରକ ମହାନ୍ତି ଅତିଥି ପରିଚୟ ଏବଂ ସଂଯୋଜିକା ମନୋରମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟଙ୍କ ବୈଠକ


ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

ବାଲିକୁଦା,୨୦।୧୧(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଆମ୍ବଶାଳ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଜିଲାର ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଦସ୍ୟମାନଙ୍କ ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଦସ୍ୟଙ୍କ ପକ୍ଷରୁ୩ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ଦିନରେ ସଂଘ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ପାଇଁ ଅବସରକାଳୀନ ଭତ୍ତା, ସ୍ୱାସ୍ଥ୍ୟବୀମା ଓ ରାଜଧାନୀଠାରେ ଏକ ପଞ୍ଚାୟତ ଭବନ ନିର୍ମାଣ ପାଇଁ ଦାବି କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ବାଲିକୁଦା ବ୍ଲକ ସଂଘ ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ହେମନ୍ତ ସେଠୀ, ନୃସିଂହ ସ୍ୱାଇଁ, ଆର୍ତ୍ତବନ୍ଧୁ ବିଶ୍ୱାଳ, ଶୁଭେନ୍ଦୁ ଭୋଳ, ପ୍ରଶାନ୍ତ ହାତୀ, ପ୍ରଶାନ୍ତ ବାରିକ, ନାଥ କାଣ୍ଡି, ବିଜୟ ଦାସ, ରାଜେନ୍ଦ୍ର ମିଶ୍ର, ସାଧୁ ଚରଣ ସାହୁ ପ୍ରମୁଖ ସାମିଲ ଥିଲେ। ହରିଶ୍ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଟାଧାରୀ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ନିରଞ୍ଜନ ବେହେରା, ଲଲାଟେନ୍ଦୁ ପରିଡ଼ା, ଅଦ୍ୱୈତ ଜେନା, ଶ୍ରୀକାନ୍ତ ଜେନା, ବାଇଧର ବଳ, ଆଶିଷ ସେଠୀ, ନନ୍ଦିନୀ ପଣ୍ଡା, ପ୍ରମୋଦ ସ୍ୱାଇଁ, ସୁକାନ୍ତ ବିଶ୍ୱାଳ, ସ୍ମୃତିରେଖା ସ୍ୱାଇଁ, ମିହିର ସ୍ୱାଇଁ, ସଞ୍ଜୟ ଷଡ଼ଙ୍ଗୀ, ଶେଷଦେବ ସେଠୀ, ସ୍ୱପ୍ନାସରିତା ବଳ, ଚନ୍ଦ୍ରଶେଖର ଦାସ, ଜିତନ ପରିଡ଼ା, ବାସବାନନ୍ଦ ସ୍ୱାଇଁ, ଅନିଲ ରାଉତ, ହରିଶ୍ଚନ୍ଦ୍ର ଶତପଥୀ, ପ୍ରଶାନ୍ତ ସ୍ୱାଇଁ ଓ ହେମନ୍ତ ସେଠୀଙ୍କୁ ନିଆଯାଇ ଆଗାମୀ କାର୍ଯ୍ୟପନ୍ଥା ପାଇଁ ପରାମର୍ଶ ଦିଆଯାଇଥିଲା।

# ଶିକ୍ଷୟିତ୍ରୀଙ୍କୁ ରେଢୁଆ କ୍ଲଷ୍ଟର ସିଆର୍‌ସିସି ପଦରୁ ହଟାଇବାକୁ ଦାବି

- ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ
- ଆନ୍ଦୋଳନ ପାଇଁ ଚେତାବନୀ

ରଘୁନାଥପୁର,୨୦।୧୧
(ରାଜେନ୍ଦ୍ର ନାରାୟଣ ସିଂହ)


ବିଇଓଙ୍କ ଉଦ୍ଦେଶ୍ୟରେ ଏବିଇଓଙ୍କୁ ଅଭିଭାବକ, ଛାତ୍ରୀଛାତ୍ର ଅଭିଯୋଗପତ୍ର ଦେଉଛନ୍ତି।

ରଘୁନାଥପୁର ବିଇଓଙ୍କ କାର୍ଯ୍ୟାଳୟ ଅଧୀନ ରେଢୁଆ କ୍ଲଷ୍ଟର(ଆଞ୍ଚଳିକ ସାଧନକେନ୍ଦ୍ର)ରେ ଦୁଇଦିନ ତଳେ ବିଭିନ୍ନ ବିବାଦରେ ଛନ୍ଦି ହୋଇପଡ଼ିଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଅସ୍ଥାୟୀ ଭାବେ ସିଆର୍‌ସିସି ପଦରେ ନିଯୁକ୍ତି ଦିଆଯିବାକୁ ନେଇ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି। ଏ ସମ୍ପର୍କରେ ଏକ ଅଭିଯୋଗପତ୍ର ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ଆଶୁତୋଷ ବାନାର୍ଜୀ ଉକ୍ତ ଅଭିଯୋଗପତ୍ର ଗ୍ରହଣ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ନିଯୁକ୍ତିପ୍ରାପ୍ତ ସିଆର୍‌ସିସି ଯଶୋବନ୍ତୀ ରାଉତ ଏହା ପୂର୍ବରୁ ଥିବା ସ୍କୁଲରେ କୋଭିଡ୍ ସମୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଟଙ୍କା ପ୍ରଦାନ ନ କରି ନିଜ ପାଖରେ ରଖିଛନ୍ତି। ଏହାଛଡ଼ା ବିଦ୍ୟାଳୟରେ ବିଭିନ୍ନ ପ୍ରକାର ସମସ୍ୟାରେ ଛନ୍ଦି ହୋଇ ବିବାଦରେ ବୁଡ଼ି ରହିଛନ୍ତି। ଶିକ୍ଷୟିତ୍ରୀ ରାଉତଙ୍କ ଏଭଳି ଅଶୋଭନୀୟ ଆଚରଣ ପାଇଁ ଅଞ୍ଚଳବାସୀ ଅସନ୍ତୁଷ୍ଟ ଥିବା ଅଭିଯୋଗ ହୋଇଛି। ଏଭଳି ବ୍ୟକ୍ତିଙ୍କୁ ସିଆର୍‌ସିସି ଭଳି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ରଖାଗଲେ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ପ୍ରତିବନ୍ଧକ ସୃଷ୍ଟିହେବ ବୋଲି ସାମାଜିକ କର୍ମୀ ଦେବୀ ପ୍ରସାଦ ମହାରଣା ଅଭିଯୋଗ କରିଛନ୍ତି। ଏହାଛଡ଼ା ସିଆର୍‌ସିସି ପଦବୀ ପାଇଁ ଥିବା ଗାଇଡ୍‌ଲାଇନ୍‌କୁ ଜଳାଞ୍ଜଳି ଦେଇ ଜଣେ ବିବାଦୀୟ ଶିକ୍ଷୟିତ୍ରୀଙ୍କୁ କିପରି ବିନା ଭିଜିନ୍‌ ଟେଷ୍ଟରେ ଉକ୍ତ ମହତ୍ତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଗଲା ଏବଂ ଏହା ପଛରେ କି ମନ୍ଦ ଉଦ୍ଦେଶ୍ୟ ରହିଛି, ତାହା ତଦନ୍ତ ହେବା ଜରୁରୀ ବୋଲି ମହାରଣା ପ୍ରକାଶ କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ଶିକ୍ଷୟିତ୍ରୀଙ୍କୁ କଢ଼ାଯାଇ ତାଙ୍କ ସ୍ଥାନରେ ଜଣେ ଶୃଙ୍ଖଳିତ ତଥା ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କୁ ସିଆର୍‌ସିସି ପଦରେ ଅବସ୍ଥାପିତ କରିବାକୁ ସାମାଜିକ କର୍ମୀ ମହାରଣା, ଛାତ୍ରନେତା ରମାକାନ୍ତ ରଣା, ଶ୍ରଦ୍ଧାସୁମନ ମହାନ୍ତି, ଲିଟୁ ମଲ୍ଲିକ, ତାପସ କୁମାର ମହାରଣା, ସାରଦା ପ୍ରସାଦ ଜେନା, ସୁନୀଲ କୁମାର ସ୍ୱାଇଁ, ସୁବାସ ଚନ୍ଦ୍ର ସାହୁ, ମାନସ ସ୍ୱାଇଁ, ସୁନୀତା ପାଲ୍‌ଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ମୁଣ୍ଡ ଟେକିଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦିଆଯାଇଛି।

# ଜିଲାରେ ବିକାଶ ହୋଇନାହିଁ ଦୋହରାଇଲେ ଜିଲାପାଳ

କେନ୍ଦ୍ରାପଡ଼ା,୨୦।୧୧(ଜଗନ୍ନାଥ ଧଳ)

ଜିଲା ବିକାଶ ପ୍ରସଙ୍ଗ ପୁଣି ଥରେ ଆଗକୁ ଆସିଛି। ବିଜେଡି ନେତାଙ୍କ ପ୍ରତିବାଦ ସତ୍ତ୍ୱେ ଜିଲାର ବିକାଶ ହୋଇ ନ ଥିବା ଜିଲାପାଳ ସ୍ମିତିରଞ୍ଜନ ପ୍ରଧାନ ଆଉଥରେ ଦୋହରାଇଛନ୍ତି। ପରେ ଏହି ପ୍ରସଙ୍ଗକୁ ଚାପି ଦିଆଯାଇଥିଲେ ମଧ୍ୟ ଜିଲାପାଳ ପ୍ରଧାନଙ୍କ ମତ ପୂର୍ବଥର ପରି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାକୁ ଆସିଛି। ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତିଙ୍କ ପରିବର୍ତ୍ତନ ପରେ ପ୍ରଥମ ଥର ପାଇଁ ଡିଆରଡିଏ ହଲରେ ଜିଲା ପରିଷଦର ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଠାରେ ଏହି ପ୍ରସଙ୍ଗକୁ ୨୭ ନଂ. ଜୋନ ସଭ୍ୟ ପ୍ରବୀଣା ଦାସ ଉଠାଇଥିଲେ। ଗତ ୧୬ ତାରିଖ ଜାତୀୟ ପ୍ରେସ ଦିବସ ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ଜିଲାପାଳ ପ୍ରଧାନ ଯୋଗଦେଇ କହିଥିଲେ, ଏହି ଜିଲାରେ ବଡ଼ନେତା ଥିଲେ ମଧ୍ୟ ଆବଶ୍ୟକ ଅନୁଯାୟୀ ଜିଲାର ବିକାଶ ହୋଇପାରିନାହିଁ। ବାତ୍ୟା ଦାନା ଓ ଗତ ୫ ମାସ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନ ଗସ୍ତ ସମୟରେ ଏପରି ଅନୁଭବ ଆସିଛି। ତାଙ୍କର ଏହି ମତକୁ ବିଜେଡି ନେତା ଏକମତ ହୋଇ ନ ଥିବାବେଳେ ବିଜେଡି ଜିଲା ଯୁବ ସଭାପତି ରାଜେଶ ଦାସ ୨ଦିନ ପୂର୍ବେ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହାର ପ୍ରତିବାଦ କରିଥିଲେ। ଅନୁଷ୍ଠିତ ଜିଲା ପରିଷଦ ବୈଠକରେ ଜିଲାପାଳଙ୍କ ମତକୁ ବିଜେଡି ନେତାମାନେ ପ୍ରାଥମିକତା ଦେଇଥିଲେ। ଏହାର ଉତ୍ତରରେ ଜିଲାପାଳ ପ୍ରଧାନ କହିଥିଲେ, ପ୍ରେସ ଦିବସ ଆଲୋଚନା ଚକ୍ରରେ ସମସ୍ତ ଖବରଦାତା ଥିଲେ। ସେଦିନ ନୀତି ଓ ରାଜନୀତି ସମ୍ପର୍କରେ ମତ ଦେଇଥିଲେ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଜିଲା ବିକାଶ ପାଇଁ ନୀତିକୁ ଗୁରୁତ୍ୱ ଦେଇ କାମ କଲେ ଜିଲାର ବିକାଶ ହୋଇପାରିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। କାହା ମନରେ ଦୁଃଖ ଆସିଥିଲେ, ସେଥିପାଇଁ ଦୁଃଖିତ। ମାତ୍ର ଜିଲାର ବିକାଶ ସମ୍ପର୍କରେ ଖବରଦାତାଙ୍କୁ ସୂଚନା ଦେଇଥିଲେ ବୋଲି ତାଙ୍କର ପୂର୍ବ ମତକୁ ଦୋହରାଇ ଥିଲେ। ପରେ ଏ ନେଇ ବାଦ ବିବାଦ ବନ୍ଦ କରିବାକୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମତ ରଖିଥିଲେ।

# ଶିବିରରୁ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ

ପାରାଦୀପ,୨୦।୧୧(ଶରତ ରାଉତ)

ପାରାଦୀପ କଲେଜର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଧବାର ଆଲୁମିନି ଆସୋସିଏଶନ ଓ ଏନ୍‌ସିସି ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ସେଥିରୁ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିସି ଲେଫ୍ଟନାଣ୍ଟ କମାଣ୍ଡାଣ୍ଟ ଅକ୍ଷୟ କୁମାର ମିଶ୍ର, ଆସୋସିଏଶନ ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ସ୍ୱାମୀଙ୍କୁ ଅପହରଣ, ମାନସିକ ନିର୍ଯାତନା ଅଭିଯୋଗ କଲେ ସ୍ତ୍ରୀ

ପାରାଦୀପ, ୨୦।୧୧(ଶରତ ରାଉତ)

## ୟୁନିୟନ ବାଜି ରାଜନୈତିକ ଚାପ ପ୍ରୟୋଗ



ପାରାଦୀପ ଆଦର୍ଶ ଥାନା ଆଗରେ ବୁଧବାର ସନ୍ଧ୍ୟାରେ ଜଣେ ମହିଳା ଗୁରୁତର ଅଭିଯୋଗ କରିଛନ୍ତି। ଯଥା ତାଙ୍କ ସ୍ୱାମୀଙ୍କୁ ୬ ମାସ ହେଲା ଧମକ ଦେବା ସହ ଚାପ ପ୍ରୟୋଗ କରୁଥିଲେ। ବୁଧବାର ଅପହରଣ କରାଯାଇଥିବା ଦର୍ଶାଇଛନ୍ତି। ଏଥିରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ନେତାଙ୍କ ଇଙ୍ଗିତରେ ଗୋଟିଏ ୟୁନିୟନର କେତେଜଣ ଯୁବକ ଏପରି କରିଛନ୍ତି ବୋଲି ଦର୍ଶାଇଛନ୍ତି। ମହିଳା ହେଲେ ଏହି ଥାନା ଅନ୍ତର୍ଗତ ନୂଆବଜାର ଅଞ୍ଚଳର କାଞ୍ଚନ ଦାସ। ତାଙ୍କ ଅଭିଯୋଗ ହେଲା ତାଙ୍କ ସ୍ୱାମୀ ସିଫଟେକ୍ ମେରାଇନ୍ ନାମକ କମ୍ପାନୀ ମୁଖ୍ୟ ଅଟନ୍ତି। ସେଥିରେ ୧୪୦ଠିକା ଶ୍ରମିକ ବନ୍ଦର ମେରାଇନ୍ ବିଭାଗରେ କାମ କରନ୍ତି। ସେହି କାମରେ ଏକ ୟୁନିୟନ ୨୦ ଜଣ ପିଲାଙ୍କୁ ନିଯୁକ୍ତି ଦେବା ପାଇଁ ୫ ମାସ ହେଲା ଚାପ ପକାଉଥିଲେ। ଆମର ଯେହେତୁ ଅଧିକ ପିଲା ରଖିବାର କ୍ଷମତା ନାହିଁ ସେଥିପାଇଁ ଆମେ ମନା କରିଥିଲୁ। ସେଥିପାଇଁ ମୋ ସ୍ୱାମୀ କୀର୍ତ୍ତିଚନ୍ଦ୍ର ଦାସଙ୍କୁ ଭୟଭୀତ କରାଉଥିଲେ। ବୁଧବାର ସ୍ୱାମୀଙ୍କ ଫୋନ୍ ନ ଲାଗିବାରୁ ମୋର ସନ୍ଦେହ ହେଲା। ୩ ଜଣ ଯୁବକ ତାଙ୍କୁ କେଉଁଠି ଅଟକ ରଖିଛନ୍ତି। ସେଥିପାଇଁ ଥାନାରେ ଅଭିଯୋଗ କରିଛି। ଏପରିକି ସମ୍ପୃକ୍ତ ୟୁନିୟନ ନେତା ଓ ରାଜନୈତିକ ଦଳ ନେତାଙ୍କ ନାମ ନେଇ ଗଣମାଧ୍ୟମରେ ବିବୃତ୍ତି ଦେଇଥିଲେ। ଆଇଆଇସି କାବୁଲି ବାରିକଙ୍କୁ ପଚାରିବାରେ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ନପଙ୍ଗରେ ବଳଦେବଜୀଉ ଉତ୍ସବ


ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ପଟ୍ଟାମୁଣ୍ଡାଇ,୨୦।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ବଡମୁଳବସନ୍ତ ପଞ୍ଚାୟତ ନପଙ୍ଗଠାରେ ବଳଦେବଜୀଉ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଏହାକୁ ବିଶିଷ୍ଟ ପ୍ରବଚକ ପଣ୍ଡିତ ହୃଷୀକେଶ ରଥ ଉଦ୍‌ଘାଟନ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗାଳ୍ପିକ ଡ଼ ନୀଳମଣି ଲେଙ୍କା ମୁଖ୍ୟବକ୍ତା, ପଣ୍ଡିତ ତ୍ରିଲୋକ୍ୟ ପ୍ରସାଦ ମିଶ୍ର, ସରପଞ୍ଚ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ଅଧ୍ୟାପକ ଡ. ହିମାଂଶୁ ଭୂଷଣ ପରିଡା, ସାମଜିକ କର୍ମୀ ଶ୍ରୀକାନ୍ତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେୟାର ସମ୍ପାଦକ କିଶୋର ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ ବିଶିଷ୍ଟ ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ, ସମାଜ ବିଜ୍ଞାନୀ ଡ.ହିମାଂଶୁ ଶେଖର ପରିଡା, ସଙ୍ଗୀତଜ୍ଞ ବିମଳ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ୧୦ ମହିଳା ଏସ୍‌ଏଚ୍‌ଜି, ୮ ଶିଶୁକଳାକାର, ୫ଜଣ କୃଷକଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଉଥିଲା। ଶେଷରେ ସେୟାର ସଭାପତି ବାବୁରାମ ନାୟକ ଧନ୍ୟବାଦ ଦେଇଥିଲେ।

# ଇଫ୍‌କୋ ଜନସମ୍ପର୍କ ଅଧିକାରୀଙ୍କୁ ଡକ୍ଟରେଟ୍



ପାରାଦୀପ, ୨୦।୧୧(ଶରତ ରାଉତ)

## କରୋନା ସମୟରେ ସେବା ପାଇଁ ମିଳିଛି

ଇଫ୍‌କୋର ଜନସମ୍ପର୍କ ଅଧିକାରୀ ତଥା ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠର ମୁଖ୍ୟ ପ୍ରସନ୍ନ କୁମାର ବେଉରାଙ୍କୁ ବୁଧବାର ଦିଲ୍ଲୀଠାରେ ଡକ୍ଟରେଟ ଉପାଧି ମିଳିଛି। ବିଶ୍ୱ ଐତିହ୍ୟ ଏବଂ ପରିବେଶ ସୁରକ୍ଷା ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ତିବ୍ବତୀୟ ସଂସ୍କୃତିର ଆଚାର୍ଯ୍ୟ ଏ. ସି. ଫାଉଡୋମେଣ୍ଟ ମୁଖ୍ୟ ଅତିଥି ଯୋଗ ଦେଇ ଏହି ଡକ୍ଟରେଟ ସାର୍ଟିଫିକେଟ ଓ ମାନପତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଦିଲ୍ଲୀ ସମ୍ପାଦକ ପ୍ରଦୀପ ରାଣା ଉପସ୍ଥିତ ଥିଲେ। ପ୍ରସନ୍ନ କରୋନା ମହାମାରୀ ସମୟରେ ଅନେକ ସେବାମୂଳକ କାର୍ଯ୍ୟ କରିବା ସହ ଜଗତ୍‌ସିଂହପୁର କେନ୍ଦ୍ରାପଡ଼ା, ପୁରୀ, କଟକ ଜିଲାର ଏକାଧିକ ସ୍ଥାନରେ ପରିବେଶ ସୁରକ୍ଷା ଉପରେ କାମ କରନ୍ତି। ଏଥିପାଇଁ ତାଙ୍କୁ ଏପରି ମାନ୍ୟତା ଦିଆଯାଇଛି। ଏହି ଖବର ମିଳିବା ପରେ ଇଫ୍‌କୋ ବରିଷ୍ଠ ଅଧିକାରୀ ଓ ନେମାଳ ମଠର କର୍ମକର୍ତ୍ତା ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଟଙ୍କା, ମୋବାଇଲ ପାଇ ଥାନାରେ ଜଣାଇଲେ ଅବସରପ୍ରାପ୍ତ ପୋଲିସ

ବାଲିକୁଦା,୨୦।୧୧(ତାପସ ସ୍ୱାଇଁ)

ରାସ୍ତାରୁ ଟଙ୍କା, ମୋବାଇଲ ପାଇଛନ୍ତି ଅବସରପ୍ରାପ୍ତ ପୋଲିସ ଅଫିସର ମୁରଲୀଧର ନାୟକ। ସେ ଉକ୍ତ ଟଙ୍କା ଓ ମୋବାଇଲକୁ ଫେରାଇବାକୁ ଚାହିଁଛନ୍ତି। ହେଲେ ଏହାର ପ୍ରକୃତ ତଥ୍ୟ ଓ ପ୍ରମାଣ ଯୋଗାଇ ଦେଇ ଫେରସ୍ତ ନେବାକୁ ସେ ନିବେଦନ କରିଥିଲେ। ହେଲେ ୨ ସପ୍ତାହ ପୂରିଥିଲେ ସୁଦ୍ଧା କେହି ଏହାର ଦାବିଦାର ନ ଥିବାରୁ ବାଧ୍ୟ ହୋଇ ନାୟକ ବୁଧବାର ବାଲିକୁଦା ଥାନାରେ ପହଞ୍ଚି ଲିଖିତ ଭାବେ ଜଣାଇଛନ୍ତି। ନାୟକ ଗତ ୪ ତାରିଖରେ ନିଜ ଘରୁ ବାଲିକୁଦା ବଜାରକୁ ଆସି ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ଏକ ପରିତ୍ୟକ୍ତ ଜାଗାରେ ପଡ଼ିଥିବା ଏହି ଜିନିଷ ପାଇଥିଲେ। ତେବେ ମୋବାଇଲ ନଂ. ୭୩୭୭୭୨୪୧୨୪ ଯୋଗେ ତାଙ୍କ ସହ ଏ ସମ୍ପର୍କରେ ଯୋଗାଯୋଗ କରିବାକୁ ସେ ମଧ୍ୟ ଜଣାଇଛନ୍ତି।

# ଦାବି ପୂରଣ ନ ହେଲେ ଚକା ଜାମ୍ କରିବ ଟ୍ରକ୍ ମାଲିକ ସଂଘ

କେନ୍ଦ୍ରାପଡ଼ା,୨୦।୧୧(ଜଗନ୍ନାଥ ଧଳ)


ଖବରଦାତା ସମ୍ମିଳନୀରେ ଟ୍ରକ ମାଲିକ ସଂଘ କର୍ମକର୍ତ୍ତା।

ଲଘୁ ଖଣିଜ ସମ୍ପଦ ପରିବହନରେ ଟ୍ରକକୁ ଅଯଥା ଅଟକା ଯାଉଛି । ବିଭିନ୍ନ ଆଳ ଦେଖାଇ ସରକାରୀ ବାବୁମାନଙ୍କ ସହ ଦୁର୍ବୃତ୍ତମାନେ ବଟି ଆଦାୟ ପାଇଁ ଚାଳକଙ୍କୁ ଭୟ ଦେଖାଉଛନ୍ତି । ସରକାରୀ ବ୍ୟବସ୍ଥାର ବିପର୍ଯ୍ୟୟ ପାଇଁ ସାଧାରଣ ନିର୍ମାଣ ଶ୍ରମିକଙ୍କଠାରୁ ଟ୍ରକ ମାଲିକ ପର୍ଯ୍ୟନ୍ତ ସମସ୍ୟାର ଶୀକାର ହେଉଛନ୍ତି । ମିଳିତ ଟ୍ରକ ମାଲିକ ସଂଘ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପସ୍ଥାପିତ ଦାବିଗୁଡ଼ିକର ସମାଧାନ ଆସନ୍ତା ୨ଦିନ ମଧ୍ୟରେ ନ ହୋଇ ପାରିଲେ ଆନ୍ଦୋଳନ ତୀବ୍ର ହେବ । ଏପରିକି ସମ୍ପୂର୍ଣ୍ଣ ରାଜରାସ୍ତା ଉପରେ ଚକା ଜାମ କରାଯିବ ବୋଲି କମିଟି ସଭାପତି ନାରାୟଣ ସ୍ୱାଇଁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

କେନ୍ଦ୍ରାପଡ଼ା ସହରର ତିନିମୁହାଣୀଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କୁ ଲଘୁ ଖଣିଜ ଦ୍ରବ୍ୟ ପରିବହନର ସୁପରିଚାଳନା ପାଇଁ ଗତ ୩ ତାରିଖରେ ୧୧ ଦଫା ଦାବି ସମ୍ବଳିତ ଏକ ଲିଖିତ ପତ୍ର ଦିଆଯାଇଛି । ଏଥିସହିତ ଗତ ୧୧ ତାରିଖରୁ ଅଦ୍ୟାବଧି ପରିବହନ ବ୍ୟବସ୍ଥାକୁ ବନ୍ଦ ରଖାଯାଇଥିବା ବେଳେ ଗଣଧାରଣା ଦିଆଯାଉଛି । ଏହାସତ୍ତ୍ୱେ ସମସ୍ୟାର ସମାଧାନ ପାଇଁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନାହିଁ । ଦାବି ମୁତାବକ ଲଘୁ ଖଣିଜ ସମ୍ପଦର ସବିଶେଷ ତଥ୍ୟ ଜିଲାପାଳଙ୍କ ୱେସାଇଟରେ ରହିବା, ପ୍ରତି ଟ୍ରିପ ପାଇଁ ଟ୍ରାନ୍‌ଜିଟ ପାସ ବ୍ୟବସ୍ଥା, ଗତ ଅକ୍ଟୋବର ୨୫ରେ ରାଜ୍ୟ ସରକାରଙ୍କ ପ୍ରକାଶିତ ବିଜ୍ଞପ୍ତିର ସଂଶୋଧନ, ଖଣିଜ ଦ୍ରବ୍ୟର ମୂଲ୍ୟ, ବିକ୍ରି, ପରିବହନରେ ସ୍ୱଚ୍ଛତା ଆଦି ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଆନ୍ଦୋଳନକୁ ଡ୍ରାଇଭର ସଂଘ, ନିର୍ମାଣ ଶ୍ରମିକ ସଂଘ, ଇଟା ନିର୍ମାଣକାରୀ ସଂଘ ସମର୍ଥନ ଦେଇଥିବା କମିଟି ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଜିଲ୍ଲାସ୍ତରୀୟ ବିଶ୍ୱ ଶିଶୁ ଦିବସ

ଛତ୍ରପୁର,୨୦।୧୧(ଦିଲ୍ଲୀପ ସାମଲ): ୟୁଥ ଫର ସୋସିଆଲ ଡେଭେଲପମେଣ୍ଟ ଓ ୟୁନିସେଫର ସହଯୋଗରେ ଜିଲ୍ଲାସ୍ତରୀୟ ବିଶ୍ୱ ଶିଶୁ ଦିବସ ଛତ୍ରପୁର ସ୍ଥିତ ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ, ସମିତିସଭ୍ୟ,ଶିକ୍ଷକ, ଶିକ୍ଷାର୍ଥୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ପରବୀନ, ପଦ୍ମିନୀ ସାହୁ, ପି.ନାଗୋରତ୍ନମ, ଏକ୍ସନ ଏଡ଼ର ଜିଲ୍ଲା ସଂଯୋଜକ ଦେବବ୍ରତ ମାହନ୍ତ, ଶିଶୁ ଯତ୍ନ ସୁରକ୍ଷା ଅଧିକାରୀ ଶରତ ମହାରଣା, ରଞ୍ଜିତା ଦାସ, ମାର୍କଣ୍ଡ ମିଶ୍ର, ଅରୁଣ ଶତପଥୀ, ଚନ୍ଦନ କୁମାର ସାହୁ,ବିପ୍ଳବ କୁମାର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁମାନଙ୍କର ଉନ୍ନତି ପାଇଁ ଏକାଧିକ କିଶୋର/କିଶୋରୀଙ୍କୁ ଶିଶୁ ଅନୁକୂଳ ଗ୍ରାମ ପଞ୍ଚାୟତ ଏବଂ ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ସମ୍ମାନିତ କରାଯାଇଥିଲା।

### ୧୮ରୁ ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା

ପାରଳାଖେମୁଣ୍ଡି,୨୦।୧୧(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଅତିରିକ୍ତ ଜିଲା ପରିଷଦର ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ ଓରମାସର ସୁଭଳ ଜେନାମଣି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଆସନ୍ତା ଡିସେମ୍ବର ୧୮ରୁ ୨୨ ପର୍ଯ୍ୟନ୍ତ ଗଜପତି ଷ୍ଟାଡିୟରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା। ପଲ୍ଲୀଶ୍ରୀ ମେଳା ଦ୍ୱାରା ଜିଲାର ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଲାଭବାନ ହେବେ। ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ସାମଗ୍ରୀ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବାର ଏହା ଏକ ମାଧ୍ୟମ। ଏହି ମେଳାରେ ପ୍ରଦର୍ଶନୀ ନିମନ୍ତେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯିବାକୁ ସ୍ଥିର ହୋଇଛି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରଶାସନ ପକ୍ଷରୁ ବନବିଭାଗ, ମତ୍ସ୍ୟ ବିଭାଗ, ଓରମାସ, ସମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କୃଷି ବିଭାଗ, ଉଦ୍ୟାନ, ସ୍ୱାସ୍ଥ୍ୟ, ବ୍ୟାଙ୍କ, ଶିଶୁ ସୁରକ୍ଷା, ଜିଲା ଶିଳ୍ପ କେନ୍ଦ୍ର ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ।। ଏଥିସହ ପ୍ରତିଦିନ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା।

### ରାସ୍ତାରୁ ହଟିଲା ପରିବା ଦୋକାନ

ହିଞ୍ଜିଳିକାଟୁ,୨୦।୧୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ପରିବା ମାର୍କେଟ ତାରାତାରିଣୀ ରାସ୍ତା ଉପରେ ବସି ବିକ୍ରବଟା କରୁଥିବା ପରିବା ବ୍ୟବସାୟୀଙ୍କୁ ପ୍ରଶାସନ ବୁଧବାର ହଟାଇଛି। ପରିବା ବଜାର ରାସ୍ତାର ଉଭୟ ପାର୍ଶ୍ୱରେ ବହୁ କ୍ଷୁଦ୍ର ପରିବା ବ୍ୟବସାୟୀ ରାସ୍ତା ଉପରେ ବସି ବ୍ୟବସାୟ କରି ଆସୁଥିଲେ। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିଲା। ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ହିଞ୍ଜିଳି ପୋଲିସ ଓ ଏନଫୋର୍ସମେଣ୍ଟ ଟିମ ଉଚ୍ଛେଦ କରିଥିଲେ।

# ଭୂମିହୀନଙ୍କୁ ଦିଆଯିବ ଜମି ପଟ୍ଟା

ଛତ୍ରପୁର,୨୦।୧୧(ଦିଲ୍ଲୀପ ସାମଲ) :

## ଜିଲା ରାଜସ୍ୱ ସମୀକ୍ଷା ବୈଠକ



ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ବୁଧବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭୂମିହୀନ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ଜମି ଯୋଗାଇ ଦିଆଯିବ। ତେଣୁ ଜିଲାରେ କେତେ ସଂଖ୍ୟକ ଭୂମିହୀନ ପରିବାର ରହିଛନ୍ତି ତାହା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପେକ୍ଷୀରେ ୧୬୩୨ ଜଣ ଭୂମିହୀନ ଚିହ୍ନଟ ହୋଇଛନ୍ତି,ସେମାନଙ୍କୁ ଡିସେମ୍ବର ୩୧ ସୁଦ୍ଧା ଜମି ପଟ୍ଟା ପ୍ରଦାନ କରାଯିବ । ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜାନରେ ମଧ୍ୟ ଜମି ପଟ୍ଟା ପ୍ରଦାନ କରାଯିବ । ୧୬୦ଟି ହାମଲେଟ ଗାଁ ରାଜସ୍ୱ ଗ୍ରାମରେ ପରିଣତ ହେବ। ସହରାଞ୍ଚଳ କି ଗ୍ରାମାଞ୍ଚଳ ଯେଉଁଠି ବି ଯିଏ ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଛନ୍ତି, ତୁରନ୍ତ ତାହା ଚିହ୍ନଟ କରି ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରମାନଙ୍କୁ କୁହାଯାଇଛି । ୩୦ ହଜାର ଗ୍ରାମକଣ୍ଟକ କେସ ଆବେଦନ ହୋଇଥିବା ବେଳେ ୨୭, ୮୬ଟି ଫଇସଲା କରି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବେବନ୍ଦୋବସ୍ତ ଥିବା ଜମିକୁ ବନ୍ଦୋବସ୍ତ କରିବାକୁ ବୈଠକରେ କୁହାଯାଇଥିଲା । ସମବାୟ ସମିତି, ଅଙ୍ଗନୱାଡି କେନ୍ଦ୍ର, ସରକାରୀ ସ୍କୁଲ ଆଦିକୁ ଜମି ପଟ୍ଟା ପ୍ରଦାନ କରିବାକୁ କୁହାଯାଇଛି। ଏଥିସହ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବା, ବେଆଇନ ମଦ କାରବାର ରୋକିବାକୁ କୁହାଯାଇଛି । ସେହିପରି ସଡକ ଦୁର୍ଘଟଣା ସଂଖ୍ୟା କମାଇବା ପାଇଁ ଆରଟିଓଙ୍କ ପକ୍ଷରୁ ଅଧିକରୁ ଅଧିକ ଏନଫୋସମେଣ୍ଟ କରିବାକୁ କୁହାଯାଇଥିଲା। ମାପ ଓ ଓଜନ ବିଭାଗ କୁ ମଧ୍ୟ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ବ୍ରହ୍ମପୁର ଉପଜିଲାପାଳ ଧୀନା ଦସ୍ତାଗିର, ଛତ୍ରପୁର ଉପଜିଲାପାଳ ଦେବଦତ ମହାନ୍ତ ଓ ଭଞ୍ଜନଗର ଉପଜିଲ୍ଲାପାଳ ଙ୍କ ସମେତ ସମସ୍ତ ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମହେନ୍ଦ୍ର ଆଶ୍ରମରେ ପଶି ସାଧୁସନ୍ଥଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ମହେନ୍ଦ୍ରଗିରି ଛାଡ଼ି ଚାଲିଯିବାକୁ ଦେଲେ ଧମକ



ଜିଲା ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ପାରଳାଖେମୁଣ୍ଡି,୨୦।୧୧(ଗିରିଧାରୀ ପରିଛା)

ଗଜପତି ଜିଲା ପୌରାଣିକ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ସାଧୁ ସନ୍ଥଙ୍କୁ ଅପମାନ କରିବା, ସେଠାରେ ହୋମଯଜ୍ଞ କରିବାକୁ ମନା କରିବା ଓ ମହେନ୍ଦ୍ରଗିରି ଛାଡି ଚାଲିଯିବାକୁ କେତେକ ବ୍ୟକ୍ତି ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମହେନ୍ଦ୍ରଗିରି ଆଖପାଖ ଅଞ୍ଚଳର ଆଦିବାସୀ ଓ ଗ୍ରାମବାସୀ ଏନେଇ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗତ ୫ ତାରିଖରେ ବାରଘର ଗ୍ରାମର କିଛି ଲୋକ ଆସି ମହେନ୍ଦ୍ର ଆଶ୍ରମରେ ପଶି ସାଧୁସନ୍ଥଙ୍କୁ ଗାଳିଗୁଲଜ କରିବା ସହ ମହେନ୍ଦ୍ର ଆଶ୍ରମର ପ୍ରତିଷ୍ଠାତା ତୀର୍ଥାନନ୍ଦ ସରସ୍ୱତୀ ଏଲିଏସ ଲକ୍ଷ୍ମୀବାବାଙ୍କ ଉପରେ ବିଭନ୍ନ ମନ୍ତବ୍ୟ ଦେଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ବାରଘର ଗ୍ରାମର କେତେ ଜଣ ଲୋକ ମହେନ୍ଦ୍ର ଆଶ୍ରମରେ ନୀତିଦିନ ହେଉଥିବା ହୋମଯଜ୍ଞ, କାର୍ତ୍ତିକ ମାସ ଏବଂ ମହାଶିବରାତ୍ରିରେ ହେଉଥିବା ଅନ୍ନ ଛତ୍ରକୁ ବନ୍ଦ କରିବା ପାଇଁ ଧମକ ଦେଇଛନ୍ତି। ଏପରିକି ଯଜ୍ଞ ବନ୍ଦ ନ କଲେ ଯଜ୍ଞ ମଣ୍ଡପ ଭାଙ୍ଗିଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ଗାରବନ୍ଧା ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି। ଅନ୍ୟପକ୍ଷରେ ବାରଘର ଅଞ୍ଚଳର କେତେକ ଲୋକେ ମହେନ୍ଦ୍ରଗିରି ଉପରେ ମଦ୍ୟପାନ, ଆମିଷ ଭକ୍ଷଣ ଭଳି କାର୍ଯ୍ୟ କରୁଛନ୍ତି। ସେଠାରୁ ଉକ୍ତ ଆଶ୍ରମ ଉଠେଇ ଦେବାକୁ ଧମକ ଦେଉଛନ୍ତି। ଏହି ଘଟଣାରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ପନ୍ଥା ବାହାର କରିବାକୁ ଅଞ୍ଚଳର ଆଦିବାସୀମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନିବେଦନ କରିଛନ୍ତି। ଯଦି ଏହାର କୌଣସି ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମର ଧନୁର୍ଦ୍ଧର ବଡମୁଣ୍ଡି, ଜୟରାମ ଶବର,ଶିବରାମ କାର୍ଜି, ଗୋପାଳ ଶବରଙ୍କ ସହ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

# ଟାଟା ପାୱାର, ବନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ

ଭଞ୍ଜନଗର,୨୦।୧୧(ବାବୁଲା ପ୍ରଧାନ):

## ବନ୍ୟପ୍ରାଣୀ ସୁରକ୍ଷା ଚିନ୍ତା



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଲାଲସିଂ କେନ୍ଦ୍ରୀୟ ନର୍ସରୀ ପରିସରରେ ବନ ବିଭାଗ ଏବଂ ଟାଟା ପାୱାର କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିପାରିବେ ସେ ନେଇ ଆଲୋଚନା ହୋଇଛି। ବୈଠକରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ସମେତ ଟାଟା ପାୱାର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କେତେକ ଜଙ୍ଗଲରେ କମ ଉଚ୍ଚତାରେ ବିଦ୍ୟୁତ୍ ତାର ଅଛି। ତାହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବ। ଜଙ୍ଗଲ ଭିତର ଦେଇ ଯାଇଥିବା ତାରଗୁଡ଼ିକ କେବୁଲ କିଭଳି ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଜଙ୍ଗଲ ବିଭାଗ ଏବଂ ଟାଟା ପାୱାର କର୍ମଚାରୀ ନିୟମିତ ଯୋଗାଯୋଗରେ ରହିବା ସହ ମିଳିତ ଭାବେ ପାଟ୍ରୋଲିଂ କଡାକଡି କରାଯିବ। ଆଗକୁ ହାତୀପଲ ଜମିରୁ ଧାନ ଫସଲ ଖାଇବାକୁ ଆସିବେ। ଏହି ସମୟରେ ହାତୀମାନେ ଯେଭଳି ବିଦ୍ୟୁତ୍ ସଂସ୍ପର୍ଶରେ ନ ଆସିବେ ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଜିଲାସ୍ତରୀୟ ପେନ୍‌ସନ ଅଦାଲତ

ଛତ୍ରପୁର,୨୦।୧୧(ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଗଞ୍ଜାମ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସଡ଼ି ତଥା ସ୍ୱତନ୍ତ୍ର ସଚିବ ସତ୍ୟ ରଞ୍ଜନ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ୫୦୦ରୁ ଉର୍ଦ୍ଧ୍ୱ ପେନସନ ମାମଲାର ଶୁଣାଣି କରିଥିଲେ। ମାମଲା ଅନୁସାରେ ପେନସନ ହିତାଧିକାରୀଙ୍କୁ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ସମୟ ଦିଆଯାଇଥିଲା। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ସମସ୍ତ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କର ପେନସନ କିମ୍ବା ପାରିବାରିକ ପେନସନ ସମସ୍ୟାର ବିଚାର କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ )ଡ଼. ପ୍ରମୋଦ କୁମାର ପୃଷ୍ଟି ଓ ଡେପୁଟି କଲେକ୍ଟର ଆୟୁସି ପତିଙ୍କ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

ଛତ୍ରପୁର,୨୦।୧୧(ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ ପୁରୁଣା ଛତ୍ରପୁର ଗ୍ରାମ ମା' ବ୍ୟାଘ୍ରଦେବୀ ମନ୍ଦିର ପ୍ରାଙ୍ଗଣରେ ଛତ୍ରପୁର ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀଙ୍କୁ ନେଇ ଏକ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପିସିସି ସଦସ୍ୟ ଭବାନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଦସ୍ୟ ଅଶୋକ ପଟ୍ଟନାୟକ ଓ ରାମଚନ୍ଦ୍ର ବେହେରା, ଭାଗରିଥୀ ବେହେରା, ଭୋକାଲି ସେଠୀ, ଗଞ୍ଜାମ ବ୍ଲକ ସଭାପତି ଏନ.ଗଣେଶ ରେଡ୍ଡୀ, ଛତ୍ରପୁର ନଗର ସଭାପତି କାଳିଆ ରାଉଳ, ଗଣପତି ବାରିକ, ପୂର୍ବତନ ସରପଞ୍ଚ ଡି.ରାମସ୍ୱାମୀ ରେଡ୍ଡୀ, ବିକ୍ରମ ନାହାକ, କଂଗ୍ରେସ ଛାତ୍ରନେତା ଇଲ୍ଲୁ ଆମିନ ଖାନ ଓ ଅନ୍ୟମାନେ ଉପସ୍ଥିତ ରହି ଦଳୀୟ ସ୍ଥିତିକୁ ସୁଦୃଢ଼ ଦିଗରେ ନିଜ ମତ ରଖିଥିଲେ । ଏହି ନିର୍ବାଚନମଣ୍ଡଳୀରେ ଦଳର ସ୍ଥିତି ମଜବୁତ କରିବାକୁ ସବୁ କଂଗ୍ରେସ କର୍ମୀ ଏକଜୁଟ ହେବାକୁ ନିଷ୍ପତ୍ତି ହୋଇଥିଲା।

# ବନ୍ଧୁମିଳନରେ ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର




ପାରଳାଖେମୁଣ୍ଡି,୨୦।୧୧(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟର ୧୯୭୨ରେ ଦଶମ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ସ୍ଥାନୀୟ ଏସକେ ଲଜ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସହପାଠୀ ବନ୍ଧୁ ମାନେ ଏକତ୍ରିତ ହୋଇ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିଛବିରେ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭାରମ୍ଭ କରିଥିଲେ। ଯୋଗ ଦେଇଥିବା ୩୫ରୁ ଉର୍ଦ୍ଧ୍ୱ ପୂର୍ବତନ ଛାତ୍ରୀଛାତ୍ର ପୁରୁଣା ସ୍ମୃତି ମନେ ପକାଇ ପରସ୍ପର ଖୁସି ବାଣ୍ଟିଥିଲେ। ବନ୍ଧୁଟିଏର ଆବଶ୍ୟକତା ଉପରେ ନିଜ ମତ ରଖିଥିଲେ। ଡ. ଶଙ୍କର ବକ୍ସି, ନାସିର ବେଗ, ବାବୁ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ୧୯୯୬ରୁ ଏହି ଛାତ୍ରୀଛାତ୍ରମାନେ ବନ୍ଧୁମିଳନ ଆୟୋଜନ କରି ପରସ୍ପରକୁ ଭେଟୁଛନ୍ତି।

# ଏନ୍‌ଏସି କାଉନ୍‌ସିଲ ବୈଠକ




ବୈଠକରେ ଆଲୋଚନା ଚାଲିଛି।

ଆସିକା,୨୦।୧୧(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସିର ଷଷ୍ଠ କାଉନସିଲ ବୈଠକ ବୁଧବାର ବାଣୀବିହାରସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଏମପି ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବିଡିଓ ସାଗରିକା ଷଡଙ୍ଗୀ, କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରା ମଞ୍ଚାସୀନ ଥିଲେ । ନିର୍ବାହୀ ଅଧିକାରୀ ଲୋକନାଥ ବେଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା, ଜନସ୍ୱାସ୍ଥ୍ୟ ଅଧିକାରୀ ହିମାଂଶୁ ପାତ୍ର, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ଆଦିତ୍ୟ ଦାଶ, କନିଷ୍ଠ ଯନ୍ତ୍ରୀ ରାକେଶ ପାତ୍ର, କବାଡି ସଂଘ ପକ୍ଷରୁ ଶିବ ନାୟକ, ସତ୍ୟନାରାୟଣ ସ୍ୱାଇଁ, ବିଧାୟକ ପ୍ରତିନିଧି ସନ୍ଦିପ ପାଢୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ । ଏହି ଅବସରରେ ଆସିକାକୁ ପୌର ପରିଷଦର ମାନ୍ୟତା ହାସଲ ଲାଗି ଆବଶ୍ୟକୀୟ କାଗଜପତ୍ର ଓ ଏଥି ସଂଲଗ୍ନ ପଞ୍ଚାୟତର ସହମତିପତ୍ର ଲାଗି ଜିଲାପାଳଙ୍କ ନିର୍ଦ୍ଦେଶ ଉପରେ ବିସ୍ତୃତ ଆଲୋଚନା କରାଯାଇ କାଳଷଣ୍ଢପୁର ପଞ୍ଚାୟତର ନରସିଂହପଲ୍ଲୀ ଓ ମୁକୁନ୍ଦପୁରକୁ ଏଥିରେ ସାମିଲ କରିବାକୁ ସଂପୃକ୍ତ ସରପଞ୍ଚଙ୍କୁଅନୁରୋଧ କରାଯାଇଥିଲା । ପରିଷଦର ଦୋକାନ ଗୃହଗୁଡିକର ଭଡା ବୃଦ୍ଧି କରିବା ସାଙ୍ଗକୁ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡା ସେପ୍ଟମ୍ବରଠାରୁ ନଭେମ୍ବର ପର୍ଯ୍ୟନ୍ତ ଆୟବ୍ୟୟର ବିବରଣୀ ଉପସ୍ଥାପନ ସହ ଅନୁମୋଦନ କରାଯାଇଥିଲା ବେଳେ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ୮ଟି ଅନୁମୋଦନ ଲାଗି ସରକାରଙ୍କ ନିକଟକୁ ପଠାଇବା ଲାଗି ନିଷ୍ପତ୍ତି ହୋଇଥିଲା ।

# ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ଭଞ୍ଜନଗର,୨୦।୧୧(ବାବୁଲା ପ୍ରଧାନ)– ଭଞ୍ଜନଗର ବ୍ଲକ ତୁରୁମୁ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ଟି ପରିବାରର ୩ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ପୂର୍ଣ୍ଣ ଚନ୍ଦ୍ର ଦଳବେହେରା, ବାବୁଲା ଗୌଡ଼ ଓ ନବ ଗୌଡଙ୍କ ସମ୍ପତି ନଷ୍ଟ ହୋଇଛି। ଖବରପାଇ ଭଞ୍ଜନଗର ଦମକଳ ବାହୀନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀ ବୁଧବାର ଗ୍ରାମରେ ପହଞ୍ଚି ବିପନ୍ନ ପରିବାରଗୁଡ଼ିକୁ ଭେଟି ସହାୟତା ପ୍ରଦାନ କରିଛନ୍ତି।

# ଯେକୌଣସି ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ: ସରପଞ୍ଚ

ପୋଲସରା ୨୦।୧୧
(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମଧୁପଲି ପଞ୍ଚାୟତର ସରପଞ୍ଚ ବସନ୍ତ କରଣ ଓ ବ୍ଲକ ଉପାଧ୍ୟକ୍ଷ କାହ୍ନୁ ଚରଣ ପରିଡ଼ା ଏଂ ଗ୍ରାମ କିଛି ଲୋକ ଗତ ୧୫ ତାରିଖରେ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ବନ୍ଦକୁ ନେଇ ବିଡ଼ିଓ କୁରେଶ ଚନ୍ଦ୍ର ଜାନିଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପରେ ମଙ୍ଗଳବାର ଭାଜପା ପକ୍ଷରୁ ଏହି ପଞ୍ଚାୟତରେ ବିଜେଡ଼ି ସରକାର ବେଳେ ପଞ୍ଚାୟତରେ ବିଭିନ୍ନ କାର୍ଯ୍ୟରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ବିଡିଓ ଜାନିଙ୍କୁ ଦାବିପତ୍ର ଦେଇଛନ୍ତି। ଭାଜପାର ଏପରି ଅଭିଯୋଗ ପରେ ବୁଧବାର ସରପଞ୍ଚ କରଣ, ଏକ ଖବରଦାତା ସମ୍ମିଳନୀ କରି ଭାଜପା ଅଭିଯୋଗର ଉତ୍ତର ରଖିବା ସହ କେତେକ ବ୍ୟକ୍ତିଙ୍କ ସମ୍ପର୍କରେ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଭାଜପା କର୍ମକର୍ତ୍ତାମାନେ ଯେଉଁ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ଯେକୌଣସି ତଦନ୍ତ ହେଲେ ତାକୁ ସାମନା କରିବାକୁ ମୁଁ ପ୍ରସ୍ତୁତ ଅଛି। ଅନ୍ୟପକ୍ଷରେ ଯେଉଁବ୍ୟକ୍ତିମାନେ ମୋ ବିରୋଧରେ ଅଭିଯୋଗ ଆଣିଛନ୍ତି ସେମାନେ ନିଜ ପିଛିଲା କର୍ମକୁ ଦେଖନ୍ତୁ ବୋଲି କରଣ କହିଛନ୍ତି। ଖବରଦାତା ସମ୍ମିଳନୀରେ ବ୍ଲକ ଉପାଧ୍ୟକ୍ଷ ପରିଡ଼ା ସୁଶାନ୍ତ ପୋଲାଇ, ବିବେକାନନ୍ଦ ପଣ୍ଡା, ହରିହର ପାଣି, ରୁଦ୍ରନାରାୟଣ କରଣ, ଅଜିତ ସାହୁ, ଶ୍ରୀକାନ୍ତ ଗୌଡ଼,ଏସ. ଶ୍ୟାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗିଫୁଲ'



ଖଜୁରିପଡ଼ା,୨୦।୧୧(ବିଦୁର ବେହେରା): ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୃତିପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗି ଫୁଲ' ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜେଶ କୁମାର ମୁର୍ମୁଙ୍କ ଆବାହକତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଅନିମା କହଁର ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ତହସିଲଦାର ତଥା ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ସରପଞ୍ଚ ଜାନକୀ ଜାନି, ସମିତି ସଭ୍ୟ ଶୁକଦେବ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରୁଣ କହଁର ପ୍ରମୁଖ ଉପସ୍ଥିତ ଥିଲେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ ଶିକ୍ଷକମାନେ ସାମିଲ ହୋଇଥିଲେ। ପିଲାମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ତର୍କ, ଓ କୁଇଜ ଆଦି ପ୍ରତିଯୋଗିତା ହୋଇଥିଲା । ବିଚାରକ ଭାବେ ଶିକ୍ଷକ ବିକ୍ରମ କେଶରୀ ରଣା, ଶ୍ରୀକାନ୍ତ ଦାସ, ଶିକ୍ଷୟତ୍ରୀ ମାନିନୀ ନାୟକ ଉପସ୍ଥିତ ଥିଲେ। ଏକକ ନୃତ୍ୟ, ଜୀବନ କୌଶଳ ଶିକ୍ଷା ନାଟକ, ଦଳଗତ ନୃତ୍ୟ ପ୍ରତିଯୋଗିତା ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଛି। ଶ୍ରେଷ୍ଠ ପ୍ରତିଯୋଗୀମାମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟତ୍ରୀ ପଦ୍ମିନୀ ପାଳ ମଞ୍ଚ ପରିଚାଳନା କରିଥିଲେ ।

# ଅଧିକ ସମବାୟ ଅନୁଷ୍ଠାନ ଗଠନ ହେଲେ ଚାଷୀ ସଶକ୍ତ ହେବେ



କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରୁଛନ୍ତି।

ଫୁଲବାଣୀ, ୨୦।୧୧(ରାକେଶ କୁମାର ରାଉତ) ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ସମବାୟ ସଂଘ ସଭାନେତ୍ରୀ ସୁପ୍ରଭା ନାୟକଙ୍କ ସଭାପତିତ୍ୱରେ ୭୧ତମ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ସମବାୟ କାର୍ଯାଳୟଠାରେ ସମବାୟ ପତକା ଉତ୍ତୋଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଜିଲାରେ ଅଧିକ ସମବାୟ ଅନୁଷ୍ଠାନ ଗଠନ ହେଲେ ଚାଷୀ ସଶକ୍ତ ହେବେ। ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶ ଭଳି ଏକ୍ଷେତ୍ରରେ ଆମ ରାଜ୍ୟକୁ ସଶକ୍ତୀକରଣ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜି ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ସ୍ୱତନ୍ତ୍ର ଅତିଥି, ବୌଦ୍ଧ ସମବାୟ ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ, ଡିଆରସିଏସ୍ ତୃପ୍ତି କଲ୍ୟାଣ ସେଠୀ, ନାବାର୍ଡ ଡିଡିଏମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ଆନ୍ଦୋଳନକୁ ଜିଲାରେ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମବାୟ ସଂଘର ୧୨ଜଣ ପରିଚାଳନା ନିର୍ଦ୍ଦେଶକ ଓ ବିଭିନ୍ନ ଲ୍ୟାମ୍ପସ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୧୯୦୪ରୁ ଦେଶରେ ସମବାୟ ଆଇନ କାର୍ଯ୍ୟକାରୀ ହୋଇଥିଲା ବେଳେ ଓଡିଶାରେ ତାର ୬ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ କଟକରେ ଖାଉଟି ସମବାୟ ଭଣ୍ଡାର ପ୍ରତିଷ୍ଠା କରି ସମବାୟ ଆନ୍ଦୋଳନର ମୂଳଦୁଆ ପକାଇଥିଲେ ବୋଲି ସଂଘ ସଭାନେତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ କନ୍ଧମାଳ ଜିଲାର ସମବାୟ ଆନ୍ଦୋଳନର ପୁରୋଧା ଗୌରୀ ଶଙ୍କର ପଟ୍ଟନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ଲ୍ୟାମ୍ପସ ଭାବେ ଜି.ଉଦୟଗିରି ଓ ବ୍ରାହ୍ମଣୀ ଗାଁ ଲ୍ୟାମ୍ପସକୁ ପୁରସ୍କୃତ କରାଯାଇଥିଲା। ନିଷ୍ଠାପର ସେବା ପାଇଁ ଫୁଲବାଣୀ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଭୀମସେନ ସାହୁ ଓ ବାଲିଗୁଡା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ସୁନିଲ ସାହୁ, ବୌଦ୍ଧ ସମବାୟ ବ୍ୟାଙ୍କ ପରିଚାଳକ କ୍ଷୀରୋଦ ମିଶ୍ର, ଇନ୍ସପେକ୍ଟର ସତ୍ୟଜିତ ସେଠୀ, ଅର୍ଡିଟର ଗୋପାଳ କୃଷ୍ଣ ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ୨୪ଟି ଲ୍ୟାମ୍ପସର ୨୪ଜଣ ଅଗ୍ରଣୀ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାର ୧୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅତିରିକ୍ତ ସମବାୟ ସମୂହ ନିବନ୍ଧକ ସୁକାନ୍ତ ପାଢୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର କହଁର, ଭୀମସେନ ସାହୁ, ସଂଘ ସମ୍ପାଦିକା ଜ୍ୟୋତିର୍ମୟୀ ପ୍ରଧାନଙ୍କ ସହ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ଧର୍ମଶାଳା ବିଧାୟକ ହିମାଂଶୁଙ୍କୁ ସଂଘବଦ୍ଧ ଆକ୍ରମଣ

- ବବିଙ୍କ ସମର୍ଥକଙ୍କ ସମ୍ପୃକ୍ତି ଅଭିଯୋଗ
- ବିଧା,ଗୋଇଠା ମାରି ଚେନ୍ ଲୁଟି ନେଲେ
- ପିଏସ୍‌ଓଙ୍କ ବନ୍ଧୁକ ଛଡାଇ ନେଇ ଗୁଳି କରିବାକୁ ଉଦ୍ୟମ

**ଯାଜପୁର,୨୦।୧୧ (ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ କୁଆଖିଆ-ଯାଜପୁର ଟାଉନ ରାସ୍ତାର ବୁଢ଼ାପୋଲ ନିକଟରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ବିଧାୟକ ସାହୁଙ୍କ ଗାଡି କାଚ ଭାଙ୍ଗି ଯାଇଛି। ଏହାସହ ତାଙ୍କୁ ବିଧା ଗୋଇଠା ମାରି ଗଳାର ସୁନାଚେନକୁ ମଧ୍ୟ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଏପରି କି ତାଙ୍କ ପିଏସ୍‌ଓଙ୍କ ବନ୍ଧୁକ ଛଡାଇ ନେଇ ତାଙ୍କୁ ଗୁଳି କରିବାକୁ ଉଦ୍ୟମ କରିଥିଲେ ବୋଲି ବିଧାୟକ ସାହୁ କହିଛନ୍ତି। ଏହି ଘଟଣାରେ ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସମ୍ପୃକ୍ତି ଥିବା କହିବା ସହ ପ୍ରାୟ ୨୦ ରୁ ୨୫ ଜଣ ବିଜେଡି ସମର୍ଥକ ତାଙ୍କ ଉପରେ ଆକ୍ରମଣ କରି ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ ବୋଲି ହିମାଂଶୁ ସୂଚନା ଦେଇଛନ୍ତି।


ବିଜେଡି-ଭାଜପା କର୍ମୀମାନେ ଗଣ୍ଡଗୋଳ କରୁଛନ୍ତି ।


ବିଧାୟକ ହିମାଂଶୁ ଶେଖର ସାହୁ ।

ସୂଚନାଯୋଗ୍ୟ, ଯାଜପୁର ସହର ଉପକଣ୍ଠ ବୁଢ଼ାନଦୀ ବନ୍ଧରେ ବିଜେଡି ପକ୍ଷରୁ ବିରଜା ହାଟକୁ ନେଇ ପ୍ରଶାସନର ନିଷ୍ପତ୍ତି ବିରୋଧରେ ରାସ୍ତାରୋକୋ କରାଯାଇଥିଲା। ଏହି ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କ ସହ ଆଲୋଚନା କରିବାକୁ ଯାଉଥିବା ସମୟରେ ବିଜେଡି କର୍ମୀମାନେ ରଡ, ଠେଙ୍ଗାରେ ତାଙ୍କ ଗାଡ଼ି ଉପରକୁ ଆକ୍ରମଣ କରିଥିଲେ। ଏହାସହ ବିଧାୟକଙ୍କ ପିଏସ୍‌ଓଙ୍କୁ ମଧ୍ୟ ମାଡ ମାରିଥିଲେ। ଖବର ପାଇ ଭାଜପା କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ବିଜେଡି କର୍ମୀମାନଙ୍କୁ ଗୋଡାଇ ସେଠାରୁ ବିଦା କରିଦେଇଥିଲେ। ଏହାପରେ ଭାଜପା କର୍ମୀମାନେ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ ବୋଲି ଅଡି ବସିଥିଲେ। ଘଟଣାସ୍ଥଳରେ ଯାଜପୁର ଏସ୍‌ପି ୟସ୍ ପ୍ରତାପ ଶ୍ରୀମଲ ସଦଳବଳ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିବା ସହ ବିଧାୟକ ହିମାଂଶୁଙ୍କୁ ଯାଜପୁର ସଦର ଥାନାକୁ ସୁରକ୍ଷିତ ଭାବେ ନେଇଥିଲେ। ଏସ୍‌ପି କହିଛନ୍ତି, ଏହି ଘଟଣାରେ ୩ଟି ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ।

ଏହି ଘଟଣାରେ କେତେଜଣ ଲୋକ ଆହତ ହୋଇଥିବା ଜଣାପଡିଛି। ଘଟଣାସ୍ଥଳରେ ଯାଜପୁର ଟାଉନ ଏବଂ ଯାଜପୁର ସଦର ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଅନ୍ୟପକ୍ଷେ ଯାଜପୁର ଟାଉନ ଥାନା ଆଗରେ ବିଜେଡି କର୍ମୀମାନେ ଏହି ଘଟଣାକୁ ନେଇ ନାରାବାଜି କରିଛନ୍ତି। ଯାଜପୁର ସଦର ଥାନାରେ ମଧ୍ୟ ଭାଜପା କର୍ମୀମାନେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏହି ଘଟଣାକୁ ବବି ନିନ୍ଦା କରିବା ସହ ବିଜେଡିରେ ହିଂସାର ସ୍ଥାନ ନାହିଁ ବୋଲି କହିଛନ୍ତି। ସେ ଘଟଣା ସ୍ଥଳରେ ନ ଥିଲେ। ରାସ୍ତାରୋକୋ ସମୟରେ ବିଧାୟକଙ୍କ ସହ ବଚସା ହୋଇଥିବା ସେ ସୂଚନା ପାଇଥିଲେ। ଯିଏ ଦୋଷୀ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଛନ୍ତି ।

ନିର୍ବାଚନକୁ ପ୍ରାୟ ୫ ମାସ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଭାଜପା ଓ ବିଜେଡି ମଧ୍ୟରେ ବିଭିନ୍ନ ଘଟଣାକୁ ନେଇ ବିବାଦ ଲାଗି ରହିଛି। କୁସୁମା ପୋଖରୀ ଦୁର୍ନୀତି ହେଉ କିମ୍ବା ବଲ୍ଲେ ବଲ୍ଲେ ଢାବାରେ ବେଆଇନ ନିର୍ମାଣକୁ ନେଇ ବିଧାୟକ ସାହୁ ବିଭିନ୍ନ ସମୟରେ ବିଜେଡିକୁ ଟାର୍ଗେଟ କରିଆସୁଥିଲେ। ଏପରି କି ୧୭।୧୦।୨୦୨୪ରେ ଜେନାପୁର ଥାନା ଅନ୍ତର୍ଗତ ୧୨ ନମ୍ବର ଜୋନ୍ କୁରିକଣା ଗ୍ରାମକୁ ଲକ୍ଷ୍ମୀପୂଜା ନିମନ୍ତ୍ରଣ ପାଇ ଯାଇଥିବା ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡିକୁ ବିଧାୟକ ସାହୁଙ୍କ ସମର୍ଥକମାନେ ଅଣ୍ଡା ମାଡ କରିଥିଲେ। ପରେ ବିଧାୟକ ସାହୁ ଏହି ଘଟଣାକୁ ନେଇ ନିନ୍ଦା କରିଥିଲେ। ଯାଜପୁର ଜିଲାରେ ଗତ ସାଧାରଣ ନିର୍ବାଚନ ପ୍ରାୟତଃ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇଥିଲା। ଏଥିରେ ୩ ଜଣ ବିଜେଡି, ୩ ଜଣ ଭାଜପା ଓ ଜଣେ ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ। ସ୍ୱାଧୀନ ବିଧାୟକ ହିମାଂଶୁଶେଖର ସାହୁ ପରେ ଭାଜପାକୁ ସମର୍ଥନ କରିଥିଲେ।

# ଯୁକ୍ତ ୩ ବିଜ୍ଞାନ ଖୋଲା ନ ହେଲେ କଲେଜରେ ତାଲା ଝୁଲିବ

- ରେଢୁଆ ବିସି କଲେଜରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଲା
- ଶୋଭାଯାତ୍ରାରେ ସାମିଲ ହେଲେ ଶତାଧିକ ଛାତ୍ରୀଛାତ୍ର

**ରଘୁନାଥପୁର,୨୦।୧୧ (ରାଜେନ୍ଦ୍ର ନାରାୟଣ ସିଂହ )**


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି ।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲାଯିବା ନେଇ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି। ଯୁକ୍ତ ୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା ନିମନ୍ତେ ଆଞ୍ଚଳିକ ବିକାଶ ପରିଷଦ ରେଢୁଆ ପକ୍ଷରୁ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ସତ୍ୟାଗ୍ରହ ବୁଧବାର ୧୦ମ ଦିନରେ ପହଞ୍ଚିଛି। କଲେଜର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମକୁ ଯାଇ ନିଜର ଦାବି ସମ୍ପର୍କରେ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମଙ୍ଗଳବାର ଜିଲାପାଳ, ଉପଜିଲାପାଳ ଏବଂ ତହସିଲଦାର ରଘୁନାଥପୁର ସତ୍ୟାଗ୍ରହୀମାନଙ୍କ ସହ ଆଲୋଚନା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଡ଼ାକିଥିଲେ। ମାତ୍ର ଉକ୍ତ ଆଲୋଚନାରେ ଦାବି ପୂରଣ ସମ୍ପର୍କରେ ଜିଲାପାଳ ନିଜର ଅସହାୟତା ପ୍ରକାଶ କରିବାରୁ ବୁଧବାର ପୂର୍ବାହ୍ନରେ ଶତାଧିକ ଛାତ୍ରୀଛାତ୍ର ସାଇକେଲ ଶୋଭାଯାତ୍ରାରେ ବାହାରି ରେଢୁଆ ଅଞ୍ଚଳ ପରିକ୍ରମା କରିଥିଲେ। ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, ରେଢୁଆରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଦାବି ପୂରଣ ଦିଗରେ ଅଞ୍ଚଳବାସୀ ସାହାଯ୍ୟ ସହଯୋଗ କରିବାକୁ ଏହି ଶୋଭାଯାତ୍ରାରେ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଥିଲା। ଏଥିସହ ଦାବି ପୂରଣ ନ ହେଲେ ମହାବିଦ୍ୟାଳୟରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଛନ୍ତି।

ଦୁଇବର୍ଷ ତଳୁ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ଦାବି ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଉପନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ, କଲେଜକୁ ଆସି ଯାଞ୍ଚ କରି ଯାଇଥିଲେ। ହେଲେ ଏ ପର୍ଯ୍ୟନ୍ତ ହାଇ ପାୱାର କମିଟି ବସି ପାରିଲା ନାହିଁ କି ନିଷ୍ପତ୍ତି ନିଆଗଲା ନାହିଁ। ବିରିଡ଼ି, ରଘୁନାଥପୁର, ତିର୍ତ୍ତୋଲ, ଜଗତ୍‌ସିଂହପୁର ବ୍ଲକ ପ୍ରଭୃତିରୁ ଶହଶହ ସଂଖ୍ୟାରେ ଛାତ୍ରୀଛାତ୍ର ବିଜ୍ଞାନ ଶିକ୍ଷା ପାଇବା ଦିଗରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଏବଂ ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ଲାଗି ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ନଚେତ ଆଗାମୀଦିନରେ ଛାତ୍ର ଆନ୍ଦୋଳନ ତୀବ୍ରତର ହେବା ସହ କଲେଜରେ ତାଲା ଝୁଲିବ ବୋଲି ସତ୍ୟାଗ୍ରହରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ସରକାରଙ୍କୁ ଚେତାବନୀ ଦେଇଛନ୍ତି। ୧୦ମ ଦିନରେ ପହଞ୍ଚିଥିବା ସତ୍ୟାଗ୍ରହରେ ସ୍ନେହାଂଶୁ ଜେନା, ଦେବୀ ପ୍ରସାଦ ମହାରଣା, ସୁଭାସିଶ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ବିକ୍ରମ କେଶରୀ ମହାନ୍ତି, ଲିଟୁ ମଲ୍ଲିକ, ପ୍ରଭାତୀ ଚୌଧୁରୀ, ଶ୍ରଦ୍ଧା ସୁମନ ମହାନ୍ତି, ରିମା ବେହେରା, ପଦ୍ମଜା ଭୋଳ, ରାନିପ୍ରଭା ନାୟକ, ଅମ୍ବିକା ପ୍ରାସାଦ ମହାରଣା, ଅଭିନନ୍ଦନ ମହାନ୍ତିଙ୍କ ସମେତ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ଯାଜପୁର ଟାଉନ,୨୦।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ନାବାଳିକା ବଳାତ୍କାରୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଜିତ୍ ପଲାଇ। ଜରିମାନା ଅନାଦେୟରେ ଅଧିକ ୧ବର୍ଷ କାରାଦଣ୍ଡାଦେଶ ଭୋଗିବାକୁ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦକୁ ୧ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ସୁକିନ୍ଦା ଅଞ୍ଚଳର ନାବାଳିକା ୦୨।୦୨।୨୦୨୩ ରାତିରେ ଘରେ ଶୋଇଥିବାବେଳେ ସକାଳୁ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ପରିବାରବର୍ଗ ବିଭିନ୍ନସ୍ଥାନରେ ଖୋଜାଖୋଜି କରିବା ପରେ ୦୬।୦୨।୨୦୨୩ରେ ଅଭିଯୁକ୍ତ କୁନା ମୁଣ୍ଡା ଓରଫ କୁଲୁ ହାଇବ୍ରୁଙ୍କ ନାମରେ ସୁକିନ୍ଦା ଥାନାରେ ଅପହରଣ ଅଭିଯୋଗ କରିଥିଲେ। ପୋଲିସ ନଂ.୨୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିଛିଦିନ ପରେ ନାବାଳିକାଙ୍କୁ ସୁକିନ୍ଦା ପୋଲିସ ଦାମୋଦରପୁର ଗ୍ରାମର ଏକ ପରିତ୍ୟକ୍ତ କୁକୁଡା ଫାର୍ମରୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ଫସାଇ ବିବାହ ପ୍ରତିଶ୍ରୁତି ଦେଇ ପୂର୍ବରୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଫଳରେ ନାବାଳିକା ୨/୩ ମାସର ଗର୍ଭବତୀ ହୋଇଥିଲେ। ଅଭିଯୁକ୍ତ ପିଲାଛୁଆର ବାପା ହୋଇଥିଲେ ମଧ୍ୟ ଏନେଇ ନାବାଳିକା ପୂର୍ବରୁ ଜାଣିପାରିନଥିଲେ।

# ମେଲୋଡି ବନ୍ଦ କରିବାରୁ ପୋଲିସକୁ ଆକ୍ରମଣ, ୩ ଗିରଫ

**ମାର୍ଶାଘାଇ,୨୦।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):**

ବିଳମ୍ବିତ ରାତିରେ ଉଚ୍ଚ ସ୍ୱରରେ ମାଇକ୍ ବଜାଇ ମେଲୋଡି କରିବା ଓ ଏହାକୁ ବନ୍ଦ କରିବାକୁ କହିବାରୁ ପୋଲିସ ଉପରେ ଆକ୍ରମଣ କରାଯାଇଛି । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ମାର୍ଶାଘାଇ ଥାନା ଅନ୍ତର୍ଗତ କାନପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଚ୍ଚଶବ୍ଦରେ ମାଇକ୍ ଲଗାଯାଇ ମେଲୋଡି କାର୍ଯ୍ୟକ୍ରମ ହେଉଥିଲା । କେତେଜଣ ଗ୍ରାମବାସୀ ଏ ନେଇ ଅଭିଯୋଗ କରିବା ପରେ ଥାନା ଏଏସ୍‌ଆଇ ରାମଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ମେଲୋଡି କାର୍ଯ୍ୟକ୍ରମ ବନ୍ଦ ପାଇଁ କହିଥିଲେ, ମାତ୍ର କମିଟି ସଦସ୍ୟମାନେ କିଛି ନ ଶୁଣି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଅଟକାଇଥିଲେ । ମାତ୍ର ପୋଲିସ ଟିମ୍ ବନ୍ଦ ପାଇଁ ବାଧ କରିବାରୁ ସେମାନଙ୍କ ମଧ୍ୟରୁ ଜଣେ ଏଏସ୍‌ଆଇ ଦାଶଙ୍କ ମୁଣ୍ଡକୁ ଏକ ଲାଠିରେ ଆକ୍ରମଣ କରିଥିଲେ । ଅନ୍ୟ ପୋଲିସ କର୍ମଚାରୀମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ । ଅଧିକ ଫୋର୍ସ ଗ୍ରାମରେ ପହଞ୍ଚି ପୋଲିସ ଟିମ୍‌କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ କାନପୁର ଗ୍ରାମର କୈଳାସ ଚନ୍ଦ୍ର ଦାସ, ମଧୁସୂଦନ ପରିଡ଼ା ଓ ପଙ୍କଜ କୁମାରଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୧୪/୨୦୨୪) ରୁଜୁ ହୋଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।


ଗିରଫ ୩ ଅଭିଯୁକ୍ତ ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବର୍ଷା


@ ଦେବୀପ୍ରସାଦ


@ ସତ୍ୟସ୍ୱରୂପ


@ ସୁନୀଲ


@ ସୁରେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ୨ ଶିଶୁ ଗୁରୁତର


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍।

**କେନ୍ଦ୍ରାପଡ଼ା,୨୦।୧୧ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ସଦର ଥାନା ଗୋପ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଛି । ଏକ ଟ୍ରକ (ନଂ.ଓଡି ୦୪ ଆର ୧୦୫୭ )କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଦୁତିଆଳ ଗ୍ରାମକୁ ଯାଉଥିବା ଅକ୍ଷୟ ସେନାପତିଙ୍କ ବାଇକ୍ ଉପରେ ଚଢ଼ିଯାଇଛି । ଫଳରେ ଅକ୍ଷୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ବାଇକ୍‌ରେ ଥିବା ତାଙ୍କ ସମ୍ପର୍କୀୟ ୨ ଶିଶୁ ଗୁରୁତର ହୋଇଛନ୍ତି । ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି । ଏହି ଘଟଣାରେ ସ୍ଥାନୀୟ ଲୋକ ରାସ୍ତାରୋକୋ କରିଥିଲେ । ଏଥିସହ ଟ୍ରକ ଚାଳକଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟ ଭାବେ ତହସିଲଦାର ତାପସ ଦେହୁରୀ ଘଟଣା ସ୍ଥଳରେ ପହଞ୍ଚି ଚିକିତ୍ସା ପାଇଁ ରେଡ଼କ୍ରସରୁ ୨୦ ହଜାର ଟଙ୍କା ଦେଇଥିଲେ । ଏଥିସହ ରାସ୍ତାରୋକୋକୁ ହଟାଇଥିଲେ । ଏହି ଘଟଣାରେ ପୋଲିସ ଟ୍ରକ ଚାଳକଙ୍କୁ ଥାନାରେ ଅଟକ ସହ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡିକୁ ଜବତ କରିଛି ।

# ଆରମ୍ଭ କରିଥିବା ବ୍ୟକ୍ତି ଏବେ ଅଲୋଡ଼ା

## କଳିଙ୍ଗ ବାଲିଯାତ୍ରା, ଆରମ୍ଭରୁ ଏ ପର୍ଯ୍ୟନ୍ତ

**ପାରାଦୀପ ୨୦।୧୧(ଶରତ ରାଉତ)**


ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ପ୍ରଭାତ ସାମନ୍ତରାୟ, ବିଭୂତି ପଣ୍ଡା, ଦାମୋଦର ରାଉତ ଓ ଅନ୍ୟମାନେ।

ଓଡ଼ିଶାର ଏବେ କଟକ ପରେ ଦ୍ୱିତୀୟ ବଡ଼ ବାଲିଯାତ୍ରା ହେଉଛି ପାରାଦୀପର କଳିଙ୍ଗ ବାଲିଯାତ୍ରା। ୧୯୯୨ରେ ଏହା ଆରମ୍ଭ ହୋଇଥିଲା। ସେତେବେଳେ ପାରାଦୀପର ବିଶିଷ୍ଟ ଶ୍ରମିକ ନେତା ବିଭୂତି ପଣ୍ଡା, ପୂର୍ବତନ ଏମ୍‌ପି ପ୍ରଭାତ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ସମେତ ବସନ୍ତ ବିଶ୍ୱାଳ, ଉଲାସ ବିଶ୍ୱାଳ, ବିଭୂତି ମହାରଣା, ବିଶ୍ୱନାଥ ବଳ ପ୍ରମୁଖ ଉଦ୍ୟୋକ୍ତା ଥିଲେ। ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପରେ ପ୍ରଥମେ ବୋଇତ ବନ୍ଦାଣ ଆରମ୍ଭ କରିଥିଲେ। ସେତେବେଳେ ନିବେଦିତା ଆଚାର୍ଯ୍ୟ ଓଡ଼ିଆ ଝିଅକୁ ବୋଇତ ଯୋଗେ ଇଣ୍ଡୋନେସିଆ ପଠାଇ ଥିଲେ। ଏହି କାର୍ଯ୍ୟକ୍ରମ ସହ ବାଲିଯାତ୍ରା କରିବା ପାଇଁ ସ୍ୱର୍ଗତ ପଣ୍ଡା, ବିଜୁବାବୁଙ୍କ ସହ ଆଲୋଚନା କରିଥିଲେ। ସେହିବର୍ଷ ନୂଆବଜାର ମୁକ୍ତେଶ୍ୱର ମନ୍ଦିର ପାଖରେ ମାତ୍ର ଗୋଟିଏ ଦିନ ପାଇଁ ଏହା ହୋଇଥିଲା। ୧୯୯୩ରେ ତାହା ବେଳାଭୂମି ପାଖରେ କରାଯାଇଥିଲା। ତାହା ମଧ୍ୟ ଘରୋଇ ଭାବେ ହୋଇଥିଲା। ସେତେବେଳେ ବାଲିଯାତ୍ରା ସମ୍ପର୍କରେ ବିଭୂତି ମହାରଣା କୁହନ୍ତି, ଦାମ ବାବୁ, ପଣ୍ଡା ବାବୁ ସବୁ ଆୟୋଜନ କରନ୍ତି। ଆମେ ୪ରୁ ୫ଜଣ ଯୁବକ ଲିଫଲେଟ୍ ଧରି କଟକ ବାଲିଯାତ୍ରା ପାଖରେ ପହଞ୍ଚି ଲୋକଙ୍କୁ ବାଣ୍ଟୁ ଏବଂ ଦୋକାନୀମାନଙ୍କୁ ଡାକି ଆଣୁ। ଏମିତି ୨ବର୍ଷ ହେଲା ପରେ ଲୋକେ ବାଲିଯାତ୍ରା ସମ୍ପର୍କରେ ଜାଣିଲେ। ୧୯୯୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ସରକାରୀ ମାନ୍ୟତା ଦେବା ସହ କଳିଙ୍ଗ ନାମ ହଟେଇ ପାରାଦୀପ ବାଲିଯାତ୍ରା କରିଥିଲେ। ତା'ର ପ୍ରତିବାଦରେ ଆମେ ଜୟଦେବ ସଦନରେ ଅଲଗା ହୋଇ ବାଲିଯାତ୍ରା ଆରମ୍ଭ କରିଥିଲୁ। ଏମିତି ଚାଲିବା ମଧ୍ୟରେ ୧୯୯୯ ମହାବାତ୍ୟା ଯୋଗୁ ୩ ବର୍ଷ ବନ୍ଦ ରହିଥିଲା। ଶେଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୨ରେ ଏହାକୁ ଆରମ୍ଭ କରିବା ସହ କଳିଙ୍ଗ ବାଲିଯାତ୍ରା ନାମକରଣ କରିଥିଲେ। ଆରମ୍ଭରୁ ଏ ପର୍ଯ୍ୟନ୍ତ ୫ବର୍ଷ (କରୋନା ମହାମାରୀ ପାଇଁ ୨ ବର୍ଷ) ବନ୍ଦ ରହିଥିଲା। ଯେଉଁ ଆୟୋଜକ ଆରମ୍ଭରୁ ଥିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କ ପରଲୋକ ଘଟିଛି। ଏବେ କେବଳ ସକ୍ରିୟ ଭାବେ ବସନ୍ତ ଅଛନ୍ତି। ଅନ୍ୟମାନଙ୍କ ସମ୍ପର୍କରେ ଏବେର ଜିଲା ପ୍ରଶାସନ ତଥା ବାଲିଯାତ୍ରା କମିଟି ଧ୍ୟାନ ଦେଉନାହାନ୍ତି ବୋଲି ମହାରଣା କହିଛନ୍ତି। ପୂର୍ବ ବର୍ଷରେ ନିମନ୍ତ୍ରଣ କାର୍ଡ ମିଳୁଥିଲା। ଚଳିତବର୍ଷ ମିଳିନାହିଁ। ପୁରୁଣା ବର୍ଷର ବାଲିଯାତ୍ରାର ଫଟୋ ଆଲବମ୍ ଦେଖି ଭାବୁକ ହେଉଛୁ।

## ଅଭିନେତା, ନେତା ହେଲେ ଆକର୍ଷଣ

### କଳିଙ୍ଗ ବାଲିଯାତ୍ରାର ସପ୍ତମ ସନ୍ଧ୍ୟା

**ପାରାଦୀପ, ୨୦।୧୧(ଶରତ ରାଉତ)**

ପାରାଦୀପର ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ବୁଧବାର ସପ୍ତମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ସଭାରେ ଆକର୍ଷଣ ଥିଲେ, ଅଭିନେତାରୁ ନେତା ହୋଇଥିବା ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ ଓ ଅରିନ୍ଦମ ରାୟ। ଅନ୍ୟମାନଙ୍କ ମଧ୍ୟରେ ଥିଲେ ଉଚ୍ଚଶିକ୍ଷା କ୍ରୀଡା ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ଜିଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷ ଜେ. ସୋନାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେତାଙ୍କ ଭାଷଣ ଅପେକ୍ଷା ତାଙ୍କୁ ଅଭିନେତାଙ୍କୁ ଦେଖିବାକୁ ମଞ୍ଚ ପାଖରେ ଭିଡ ହୋଇଥିଲା। ଅପରପକ୍ଷେ ବାଲିଯାତ୍ରାର ୭ ଦିନ ମଧ୍ୟରେ ବୁଧବାର ଲୋକଙ୍କ ଗହଳି ଥିଲା। ବିଶେଷକରି ପଲ୍ଲିଶ୍ରୀ ମେଳା ମଧ୍ୟରେ ଲୋକମାନେ ଅଧିକ ମସଲା, ହଳଦୀ ଆଦି କିଣୁଥିବା ଦେଖିବାକୁ ମିଳିଥିଲା।

# ନଷ୍ଟ ନ କରି ପଶୁପକ୍ଷୀଙ୍କୁ ମଧ୍ୟାହ୍ନଭୋଜନ ଫୋପଡ଼ାଖାଦ୍ୟ ଦିଅ

- ସ୍କୁଲରେ ନିର୍ମାଣ କରାଯାଉ ୨ ସିମେଣ୍ଟ ପିଣ୍ଡି
- ୧୬ ବର୍ଷର ସଂଗ୍ରାମ ପରେ ମିଳିଲା ଉତ୍ତର
- ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗଛ ସାର୍‌ଙ୍କ ପାଖକୁ ଆସିଛି ଚିଠି

**ନୟାଗଡ଼,୨୦।୧୧(ଲୋକନାଥ ମିଶ୍ର)**

ପରିମଳ ଓ ଜୀବେଦୟାକୁ ଆଖି ଆଗରେ ରଖି ମଧ୍ୟାହ୍ନଭୋଜନର ଫୋପଡ଼ା ଓ ବଳକା ଖାଦ୍ୟକୁ ନଷ୍ଟ ନ କରି ପଶୁପକ୍ଷୀଙ୍କୁ ଖାଇବାକୁ ଦେବା ପାଇଁ ସଚେତନତା ସୃଷ୍ଟି କରି ଆସୁଛନ୍ତି ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର ଗଛ ସାର ଓରଫ ଅନ୍ତର୍ଯ୍ୟାମୀ ସାହୁ କହିଛନ୍ତି। ମାସେ ନୁହେଁ କି ବର୍ଷେ ନୁହେଁ ପ୍ରାୟ ୧୬ ବର୍ଷ ହେଲା ଚାଲିଛି ସଂଗ୍ରାମ। ପଶୁପକ୍ଷୀଙ୍କର ଖାଦ୍ୟାଭାବକୁ ଦୂର କରିବାକୁ ଗଛ ସାର୍‌ଙ୍କର ପ୍ରୟାସ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ପରେ ଆସିଛି ଉତ୍ତର। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଉତ୍ତର ଆସିବା ପରେ ଗଛସାର ବୁଧବାର ନୟାଗଡ଼ ଜିଲାପାଳଙ୍କୁ ଭେଟି ସ୍କୁଲରେ ୨ଟି ସିମେଣ୍ଟ ପିଣ୍ଡି କରି ଫୋପଡ଼ା ଖାଦ୍ୟକୁ ସେଠାରେ ରଖିବା ପାଇଁ ପୁଣି ନିବେଦନ ଓ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ଉତ୍ତର ଅନୁସାରେ, ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ବିଦ୍ୟାଳୟଗୁଡ଼ିକରେ ସିମେଣ୍ଟ ପିଣ୍ଡି କରିବାକୁ ନୟାଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ ପାଖରେ କୌଣସି ଆର୍ଥିକ ବ୍ୟବସ୍ଥା ନାହିଁ। ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ମଧ ଦିଆଯାଇନାହିଁ। ତେବେ ବିଦ୍ୟାଳୟଗୁଡ଼ିକରେ ବଳକା ମଧ୍ୟାହ୍ନ ଭୋଜନକୁ ସୁବିଧା ମୁତାବକ ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରାଣୀ ଓ ପକ୍ଷୀଙ୍କ ଉଦ୍ଦେଶ୍ୟରେ ରଖିବାକୁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପକୋଷ୍ଠରୁ ଆଶ୍ୱସନା ଦିଆଯାଇଛି।

ସୁସ୍ଥ ପରିବେଶ ଗଠନ, ଜୀବେ ଦୟା, ଖାଦ୍ୟ ପଦାର୍ଥର ସୁବିନିଯୋଗ, ମାନବିକ ମୂଲ୍ୟବୋଧ ପାଇଁ ୨୦୦୮ରୁ ଗଛ ସାର୍ ସଚେତନତା ସୃଷ୍ଟି କରି ଆସୁଛନ୍ତି। ଏ ନେଇ ରାଜ୍ୟର ୧୧ଟି ଜିଲାର ୧୫୦ ବିଦ୍ୟାଳୟରେ ସଚେତନତା କରି ଆସିଛନ୍ତି। ଅନ୍ୟପକ୍ଷେ ସିମେଣ୍ଟ ପିଣ୍ଡି ପାଇଁ ବିଭିନ୍ନ ସମୟରେ ୧୬ବର୍ଷ ହେଲା ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇ ନିବେଦନ କରି ଆସୁଛନ୍ତି। ହେଲେ ସଚେତନତାକୁ ଛାଡ଼ି ଦେଲେ ତାଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯାଉନାହିଁ। ତେବେ ସେ ଭାଙ୍ଗି ନ ପଡ଼ି ସଚେତନା ଜାରି ରଖିଛନ୍ତି। ଏ ନେଇ ଗଛ ସାର୍‌ଙ୍କୁ ପଚାରିବାରୁ କହିଥିଲେ, ଜୀବେଦୟା ପ୍ରତି ଅନୁଦାନର ବ୍ୟବସ୍ଥା ଦରକାର ନାହିଁ। କେବଳ ମାନସିକତା ଭଲ ରହିଲେ ସେମାନଙ୍କ ପାଇଁ କାମ କରି ହେବ। ଛାତ୍ରୀଛାତ୍ର ଖାଇ ସାରିବା ପରେ ମଧ୍ୟାହ୍ନ ଭୋଜନର ଖାଦ୍ୟକୁ ଫୋପଡ଼ା ପୋପଡ଼ି କରିଲେ ପରିବେଶ ପ୍ରଦୂଷିତ ହେଉଛି। ପରିବେଶକୁ ସଫା ରଖିବା ଓ ଜୀବକୁ ଖାଦ୍ୟ ଦେବା ଉଦ୍ଦେଶ୍ୟରେ ପ୍ରତି ସ୍କୁଲରେ ୨ଟି ସିମେଣ୍ଟ ପିଣ୍ଡି କରାଯାଇ ସେଠାରେ ଖାଦ୍ୟକୁ ରଖାଯାଉ। ଏଠାରେ ଗାଈ, କୁକୁରଠାରୁ ଆରମ୍ଭ କରି ପାରା, କାଉ ପରି ପଶୁପକ୍ଷୀଙ୍କର ଖାଦ୍ୟ ସଙ୍କଟ ଦୂର କରିବ। ଯେଉଁ ସ୍କୁଲରେ ଇକୋ କ୍ଲବ ଅଛି ସେହି ସ୍କୁଲରେ କ୍ଲବର ଅନୁଦାନରେ କରାଯାଇପାରିବ। ସେହିପରି ସ୍କୁଲ କର୍ତ୍ତୃପକ୍ଷ ଉଦ୍ୟମ କଲେ ଏହାର ସଫଳତା ମିଳିବ। ତେବେ ବିଭିନ୍ନ ସମୟରେ ବାରମ୍ବାର ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କୁ ସ୍ମାରକପତ୍ର ଦେଇ ସୁଫଳ ମିଳି ନ ଥିଲା। ଅଗଷ୍ଟ ୫ ଓ ଅକ୍ଟୋବର ୨୧ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲି। ମୁଖମନ୍ତ୍ରୀଙ୍କୁ କାର୍ଯ୍ୟାଳୟରୁ ଉତ୍ତର ମିଳିବା ପରେ ଧନ୍ୟବାଦ ଦେଇଛନ୍ତି। ତେବେ ଜୀବେ ଦୟା ରଖି ପ୍ରତି ସ୍କୁଲରେ ସିମେଣ୍ଟ ପିଣ୍ଡି କରିବାକୁ ଅନୁରୋଧ କରିଛନ୍ତି।

# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ପଞ୍ଚୁମୁ ବଙ୍ଗର ହତ୍ୟା ମାମଲା**

**ନୟାଗଡ଼/ଓଡ଼ଗାଁ,୨୦।୧୧(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ଶରଣକୁଳ ଥାନା ଗୋଡ଼ିପଡ଼ା ଫାଣ୍ଡି ପଞ୍ଚୁମୁ ତୋଟାସାହିର ବିଜୟ ଜେନା ଓରଫ ବଙ୍ଗର ହତ୍ୟାକାଣ୍ଡର ରାୟ ବୁଧବାର ପ୍ରକାଶ ପାଇଛି। ୧୭ଜଣ ସାକ୍ଷୀ, ମୁଦାଲାର ଜଣେ ସାକ୍ଷୀ, ବୈଜ୍ଞାନିକ ପ୍ରମାଣ, ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଜବାବସୁଆଲକୁ ଆଧାର କରି ହତ୍ୟାକାରୀ ଖିଲାଡ଼ି ଡାକୁଆଙ୍କୁ ଅତିରିକ୍ତ ଜିଲା ଦୌରାଜଜ ମାନସ ରଞ୍ଜନ ରଥ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୁଣି ୧୦ ହଜାର ଜରିମାନା କରାଯାଇଛି। ଜରିମାନା ଅନାଦେୟ ୬ ମାସ କାରାଦଣ୍ଡାଦେଶ ରହିଛି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ୨ ଲକ୍ଷ କ୍ଷତିପୂରଣ ଦେବାକୁ ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ୨୦୨୧ ଜାନୁଆରୀ ୧୧ ସନ୍ଧ୍ୟାରେ ପଞ୍ଚୁମୁ ଛକରେ ବଙ୍ଗର ଜେନାଙ୍କୁ ହତ୍ୟା କରାଯାଇଥିଲା। ପଞ୍ଚୁମୁ ତୋଟାସାହିର ଖଦାଳ ଡାକୁଆଙ୍କ ଝିଅ ଖିଲାଡି ଡାକୁଆ ହତ୍ୟା କରି ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ପୋଲିସ ନଂ. ୪/୨୦୨୧ରେ ହତ୍ୟା ମାମଲା ରୁଜୁ କରି ଖିଲାଡ଼ିଙ୍କୁ ଗିରଫ କରିଥିଲେ। ଖିଲାଡ଼ିଙ୍କର ଜାମିନ ନାମଞ୍ଜୁର ପରେ ଜେଲ ଯିବାକୁ ପଡ଼ିଥିଲା। ମାମଲାକୁ ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର ପରିଚାଳନା କରିଥିଲେ।

# ହାତୀଙ୍କ ସହ ରିଲ୍ସ ସୁଟିଂ ପାଇଁ ପ୍ରତିଯୋଗିତା



**ଆଇନ ମାନିବାକୁ ଯୁବପିଢ଼ି ନାରାଜ**

**ନୟାଗଡ଼/ରଣପୁର,୨୦।୧୧ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)**

ବନ୍ୟଜନ୍ତୁ ସହ ଫଟୋ ଉଠାଇବା, ରିଲସ କରିବା, ଫଟୋକୁ ସୋସିଆଲ ମିଡିଆରେ ଛାଡ଼ିବା ଅପରାଧ। ତେବେ ଆଇନକୁ ଅଣଦେଖା କରି ନୟାଗଡ଼ ଜିଲା ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜର ମୟୂରଖାଲିଆ ପଞ୍ଚାୟତ ହରିପୁର କାଜୁ ଜଙ୍ଗଲରେ ଦନ୍ତାହାତୀ ସହ ରିଲସ୍ ସୁଟିଂ କରିବାକୁ ପ୍ରତିଯୋଗିତା ଚାଲିଛି। ବନ୍ୟଜନ୍ତୁଙ୍କ ସହ ରିଲସ ନିଶା କେତେବେଳେ ଅଘଟଣ ନଘଟିବ ତାହା କହି ହେବ ନାହିଁ। ପ୍ରକାଶ ଯେ, ହରିପୁର କାଜୁ ଜଙ୍ଗଲରେ ଏକ ଦନ୍ତାହାତୀ ସହ ୧୫ ଜଣିଆ ଦଳ ପ୍ରାୟ ୧ମାସ ହେଲା ରହି ଆସୁଛନ୍ତି। ଦନ୍ତାହାତୀ ଦଳରୁ ପୃଥକ୍ ହୋଇ ବିଭନ୍ନ ସମୟରେ କାଜୁ ଜଙ୍ଗଲରେ ବୁଲୁଛନ୍ତି। ଦନ୍ତାହାତୀକୁ ଏକୁଟିଆ ବୁଲିବା ଦେଖି କେତେଜଣ ଯୁବକ ହାତୀ ପାଖକୁ ଯାଇ ରିଲସ ସୁଟିଂ କରୁଛନ୍ତି। ଆଉ କେତେଜଣ ଯୁବକ ପାଖକୁ ଯାଇ ଟେକା ମାରି ହାତୀକୁ ରାଗିବା ଦୃଶ୍ୟକୁ ଭିଡିଓ ଉତ୍ତୋଳନ କରୁଛନ୍ତି। ହାତୀ ବିରକ୍ତିର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ପରିବେଶବିତ୍ ଗଛ ସାର ଅନ୍ତର୍ଯ୍ୟାମୀ ସାହୁ କହିଛନ୍ତି, ହାତୀଙ୍କ ରଗାଇବା ଅନୁଚିତ। ସେମାନଙ୍କୁ ଅଯଥାରେ ବିରକ୍ତି କରା ନ ଯାଉ। ସେମାନଙ୍କ ସହ ଫଟୋ ଉଠା ନ ଯାଉ କି ରିଲସ କରାଯିବା ଠିକ୍ ନୁହେଁ। ଏଭଳି କଲେ ଜୀବନ ପ୍ରତି ବିପଦ ଘନେଇ ଆସିବ ବୋଲି ସତର୍କ କରାଇଛନ୍ତି। ବନ ବିଭାଗ ଓ ଯୁବପିଢ଼ିଙ୍କ ମା' ବାପା ଏହାକୁ ଗୁରୁତର ସହ ନିଅନ୍ତୁ ବୋଲି କହିଛନ୍ତି।

# ପୁଣି ଏକ ଚୋରା ବନ୍ଧୁକ ଜବତ

**ଦଶପଲ୍ଲା,୨୦।୧୧(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ପୋଲିସ ମଙ୍ଗଳବାର ରାତିରେ ପୁଣି ଏକ ଚୋରା ବନ୍ଧୁକ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ତୀର୍ଥାସୀ ନାୟକ, ତାଙ୍କ ଘର ଖଇରାପଙ୍କାଳସାହିରେ। ସେ ରାତି ପ୍ରାୟ ୯ ଟା ସମୟରେ ଏକ ବନ୍ଧୁକ ନେଇ ଶିକାର କରି ବାକୁ ଯାଉଥିବାର ଖବରପାଇ ପୋଲିସ ଚଢ଼ାଉ କରି ମଧୁପୁରଠାରୁ ତାଙ୍କୁ ଗିରଫ କରିଥିଲା ବୋଲି ଦଶପଲ୍ଲା ଥାନା ଅଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟକୁ ଚାଲାଣ କରାଯାଇଛି। ଏ ନେଇରେ ଦଶପଲ୍ଲା ଥାନାରେ ଏକ ମାମଲା(ନଂ.୨୮୦/୨୪) ରୁଜୁ ହୋଇଛି। ରବିବାର ରାତିରେ ଏକ ବନ୍ଧୁକ ଜବତ ହୋଇଥିବା ବେଳେ ବୁଧବାର ରାତିରେ ଆଉ ଏକ ବନ୍ଧୁକ ଜବତ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

# ଏନଏଚ ୫୭ର ବାଇପାସ୍ ରାସ୍ତାରେ ଅନିୟମିତତା



- ରିଜିଓନାଲ ଅଫିସର କଲେ ତଦନ୍ତ
- ଗଣମାଧ୍ୟମର ପ୍ରତିନିଧିଙ୍କୁ ଦେଖି ପଳାଇଲେ ଅଧିକାରୀ

**ନୟାଗଡ଼,୨୦।୧୧(ଲୋକନାଥ ମିଶ୍ର)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସରଠାରୁ ମାଙ୍କପଲ୍ଲୀକୁ ନିର୍ମାଣ ହେଉଥିବା ବାଇପାସ୍ ରାସ୍ତା ବିଲ, ପୋଖରୀ, ପାହାଡ଼ ମାଟ, ଆବର୍ଜନା ଓ ଖଳି ମାଟି ପକାଯାଇ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ 'ଧରିତ୍ରୀ' ଶିରୋନାମାରେ ଖବର ପ୍ରକାଶ ପାଇବା ପରେ ବୁଧବାର ବରିଷ୍ଠ ନିର୍ବାହୀ ଯନ୍ତ୍ରୀ(ଏସ୍‌ସି), ରିଜୋନାଲ ଅଫିସର, ନିର୍ବାହୀ ଯନ୍ତ୍ରୀ, ପ୍ରୋଜେକ୍ଟ ମ୍ୟାନେଜର, ସହକାରୀ ଯନ୍ତ୍ରୀ ପହଞ୍ଚି ରାସ୍ତାର ନମୁନା ସଂଗ୍ରହ କରିଛନ୍ତି। ପୁଣି ରାସ୍ତା କିଭଳି ନିର୍ମାଣ ହୋଇଛି ସେନେଇ ଅନୁଧ୍ୟାନ କରିଛନ୍ତି। ତେବେ ଗଣମାଧ୍ୟମର ପ୍ରତିନିଧିଙ୍କୁ ଦେଖି ଅଧିକାରୀମାନେ ସହଯୋଗ କରି ନ ଥିଲେ। ବରଂ ତରବରିଆ ଭାବେ ଚାଲି ଯାଇଥିଲେ। ଅଭିଯୋଗ ଅନୁସାରେ, ବାଇପାସ୍ ରାସ୍ତାର ଉଭୟପାର୍ଶ୍ୱରେ ଥିବା ଜମିରୁ ମାଟି ଖୋଳାଯାଇ ରାସ୍ତାରେ ପକାଯାଇଛି। ସେହିପରି କିଛି ସ୍ଥାନରେ ଖଳି ମାଟିକୁ ପୁଣି ଖନନ କରାଯାଇ ରାସ୍ତାରେ ବ୍ୟବହାର ହୋଇଛି। ସମ୍ପୃକ୍ତ ମାଟିର ସାମ୍ପୁଲ ବିଲ ପାଖରେ ପ୍ରମାଣ ରହିଛି। ପଣ୍ଡୁସରଠାରୁ ବିରୁଡ଼ା ରାସ୍ତା ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ଏଭଳି ଅନିୟମିତତା ସ୍ପଷ୍ଟ ଭାବେ ଜଣାପଡୁଛି। ମୁଣ୍ଡିଆ ମାଟି ପକାଯାଉଥିବାବେଳେ ନିକଟରେ ୪ଟି ହାଇୱା ଜବତ ଖଣି ବିଭାଗ କରିଥିଲା। ସେହିପରି ମୁକ୍ତାପୁର ଗାଁକୁ ପଡ଼ିଥିବା ରାସ୍ତା ପାର୍ଶ୍ୱରେ ଆବର୍ଜନା ମିଶା ମାଟିରେ ରାସ୍ତା ନିର୍ମାଣ ହୋଇଛି। ପୁଣି ରାସ୍ତା ନିର୍ମାଣ କରିବା ପାଇଁ ଆବର୍ଜନା ଗଦା ହୋଇ ରହିଛି। କଲଭଟଗୁଡ଼ିକରେ ପଥର ଗୁଣ୍ଡ ମିଶା ସିମେଣ୍ଟରେ କାମ ହୋଇଛି। ବାଇପାସ୍ ରାସ୍ତା ଓଦା ଥିବାବେଳେ ପଥର ପକାଯାଇ ରାସ୍ତା ନିର୍ମାଣ ହେଉଛି। ରାସ୍ତା କାମରେ ଅନିୟମିତତା ଚାଲିଥିଲେ ମଧ ଏଆରଏସ୍‌ଏସ୍ କମ୍ପାନୀ ପ୍ରତି ଅନୁକମ୍ପା ରହିଛି। ରାସ୍ତା କାର୍ଯ୍ୟକୁ ଅନୁଧ୍ୟାନ ପାଇଁ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଆସୁ ନ ଥିବା ଅଭିଯୋଗ ରହିଛି। ୫୭ ନଂ. ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ସୁଲତା ସ୍ୱାଇଁ କହିଛନ୍ତି, ବୁଧବାର ରାସ୍ତାର ତଦନ୍ତ ହେଉଥିଲା। ରାସ୍ତା କାମ କିପରି ହେଉଛି ଯାଞ୍ଚ କରାଯାଇଛି ବୋଲି ସେ କହିଛନ୍ତି।



@ ବର୍ଷା



@ ଦେବୀପ୍ରସାଦ



@ ସତ୍ୟସ୍ୱରୂପ



@ ସୁନୀଲ



@ ସୁରେଶ୍ୱର

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ଡେପ୍ଲୁଏର୍ଡ

- ବିଇଓଙ୍କ ଅବସର ସମୟରେ ତରବରିଆ ବଦଳି
- ଜିଲା ଶିକ୍ଷା ଅଧିକାରୀଙ୍କୁ ଅଣଦେଖା

**ନୟାଗଡ଼,୨୦।୧୧(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ଼ ବ୍ଲକ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ୧୦ରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ଡେପ୍ଲୁଏର୍ଡ ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କୁ ଅଣଦେଖା କରି ନୟାଗଡ଼ ବିଇଓ ବଦଳି କରିଥିବା କୁହାଯାଉଛି। ସେହିପରି ବିଇଓ ଅବସର ନେବା ମାସରେ ତରବରିଆ ବଦଳି ହୋଇଥିବା ଅଭିଯୋଗ ଉଠିଛି। ବିଇଓ କରିଥିବା ଡେପ୍ଲୁଏର୍ଡଗୁଡ଼ିକରେ ଅନିୟମିତତା ହୋଇଛି କି ନାଁ ଜିଲା ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ନୟାଗଡ଼ ବିଇଓ ଅକ୍ଟୋବର ମାସରେ ଅବସର ନେଇଛନ୍ତି। ଅବସର ନେବା ମାସରେ କେତେଜଣ ଶିକ୍ଷକଙ୍କ ଡେପ୍ଲୁଏର୍ଡ ହୋଇଛି। ତେବେ ତରବରିଆ ଡେପ୍ଲୁଏର୍ଡକୁ ନେଇ କେଁ ଉଠିଛି। ଏହି ଡେପ୍ଲୁଏର୍ଡରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା କୁହାଯାଉଛି। ତେବେ ଘଟଣାର ତଦନ୍ତ ପାଇଁ ଦାବି ଉଠିଛି। ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ଅପେକ୍ଷା କରନ୍ତୁ ଅନୁଧ୍ୟାନ ଚାଲିଛି କହି ଏଡ଼ାଇ ଯାଇଥିଲେ।

# ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ



**ଖଣ୍ଡପଡ଼ା,୨୦।୧୧(ଅଜୟ କୁମାର ମହାରଣା)**

ଖଣ୍ଡପଡା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଆଳୁ ବିହନ ବଣ୍ଟନ କରାଯାଇଛି। ରାଜ୍ୟ ସରକାର ଆଳୁ ମିଶନ ଜରିଆରେ ଆଳୁ ଚାଷ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଖଣ୍ଡପଡା ବ୍ଲକ ଅଞ୍ଚଳର ୪୦ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ସରକାର ୨୦୨୪-୨୫ରବି ଋତୁରେ ଲକ୍ଷ୍ୟ ରଖିଛନ୍ତି। ହେକ୍ଟର ପିଛା ୧୩ କୁଇଣ୍ଟାଲ ଆଳୁ ଲଗାଯିବ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଖଣ୍ଡପଡା ବ୍ଲକ ଅଞ୍ଚଳର ୬୭ ଜଣ ଚାଷୀଙ୍କୁ ରିହାତି ଦରରେ ଆଳୁ ବିହନ ବଣ୍ଟନ କରାଯାଇଥିବା ଉଦ୍ୟାନ ବିଭାଗ ଅଧିକାରୀ କାଳିନ୍ଦୀ ଚରଣ ବାରିକଙ୍କ ଠାରୁ ପ୍ରକାଶ।

**ମାଳିସାହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

# ଅନୁଗୋଳ ଟିମ୍ ବିଜୟୀ

**ନୂଆଗାଁ,୨୦।୧୧(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ଠାରେ ଭଞ୍ଜ ଆଥଲେଟିକ ଆସୋସିଏଶନ ତରଫରୁ ବୁଧବାର ଶେଷ ଲିଗ ମ୍ୟାଚରେ ଅନୁଗୋଳ ପତାକା କ୍ଲବ ବିଜୟ ହୋଇଛି। ନୂଆଗାଁ ବ୍ଲକ ମାଳିସାହିଠାରେ ଅନୁଷ୍ଠିତ ହେଉଥିବା ଫୁଟବଲ ମ୍ୟାଚର ଚତୁର୍ଥ ଦିବସରେ ଅନୁଗୋଳ ପତାକା କ୍ଲବ ଏବଂ ରଣପୁର ସ୍ପୋର୍ଟସ ଆଥ୍‌ଲେଟିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳରେ କେଣସି ବି ଗୋଟିଏ ଗୋଲ ହୋଇ ନ ଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ୫୪ ଓ ୭୧ ମିନିଟରେ ଅନୁଗୋଳର ୯ ନମ୍ବର ଖେଳାଳି ୨ ଗୋଲ ଦେଇଥିବା ବେଳେ ୬୨ ମିନିଟରେ ୭ ନମ୍ବର ଖେଳାଳି ଏବଂ ୭୬ ମିନିଟରେ ୧୫ ନମ୍ବର ଖେଳାଳି ଆଉ ୨ଟି ଗୋଲ ଦେଇଥିଲେ। ଫଳରେ ଅନୁଗୋଳ ଟିମ୍ ୪-୧ ଗୋଲରେ ବିଜୟଲାଭ କରିଥିଲା। ମୁଖ୍ୟ ରେଫରି ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ବିଦ୍ୟାଧର ନାୟକ, ବିଜୟ କୁମାର ବିଶ୍ୱାଳ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ଆଜିର ମ୍ୟାଚରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଲ, ମାଳିସାହି ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ରେଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ଭଞ୍ଜନଗର ଫୁଟବଲ କ୍ଲବ ଓ ଅନୁଗୋଳ ପତାକା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଡାକ୍ତର, ଶିକ୍ଷକ ଅଭାବ ନେଇ ଉଦ୍‌ବେଗ



ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

**ରଣପୁର ବ୍ଲକ୍‌ରେ ପଞ୍ଚମ ପଞ୍ଚାୟତ ସମିତି ବୈଠକ**

**ରଣପୁର,୨୦।୧୧(ସୁକାନ୍ତ କିଶୋର ଡାକୁଆ)**

ନୟାଗଡ଼ ଜିଲା ରଣପୁର ବ୍ଲକ ପରିସରରେ ଥିବା ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚମ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ନିର୍ମଳା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଉପାଧକ୍ଷ ପ୍ରଭାତ ଦଳବେହେରା, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟବ୍ରତ ପ୍ରହରାଜ, ସ୍ଥାନୀୟ ବିଧାୟିକା ତଥା ବାଚସ୍ପତିଙ୍କ ପ୍ରତିନିଧି ପରେଶ ମିଶ୍ର, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀପ୍ରିୟା ତରେଇ, ଜ୍ୟୋସ୍ନାମୟୀ ଦଳବେହେରା ରଜନୀରାଣୀ ପଟ୍ଟନାୟକଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଭ୍ୟ ବୈଠକରେ ଉପସ୍ଥିତ ଥିଲେ। ବିଡିଓ ସୁଧୀର ନାୟକ ଉକ୍ତ ବୈଠକ ପରିଚାଳନା କରିଥିଲେ।

ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳ ଯୋଗାଣ ଆଦିରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଓ ଶିକ୍ଷକଙ୍କ ଅଭାବକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। କୃଷି ବିଭାଗ ତରଫରୁ ଠିକ ସମୟରେ ବିହନ ଯୋଗାଣ ହେଉ ନ ଥିବାର ଅଭିଯୋଗ ହୋଇଥିଲା। ଜନ ପ୍ରତିନିଧିମାନଙ୍କୁ ନେଇ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏପରିକି ଗତ ୩ଦିନ ତଳେ ବିଭାଗୀୟ କମିଶନର ମେଗା ପ୍ରକଳ୍ପ ତଦନ୍ତରେ ଆସି କାର୍ଯ୍ୟର ଅନୁଧ୍ୟାନ କରିବା ସହ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ବିଡିଓ ପ୍ରକାଶ କରିଥିଲେ। ଏପରି କି ନୂତନ ନଳକୂପ ଖୋଳାଯିବା ଓ ପୁରାତନ ନଳକୂପର ତୁରନ୍ତ ମରାମତି ପାଇଁ ପଦକ୍ଷେପ ଗ୍ରହଣ ପାଇଁ ଏହି ବୈଠକରେ ନିଷ୍ପତ୍ତିନିଆଯାଇଥିଲା। ରଣପୁର ପ୍ରେସ କ୍ଲବ ତରଫରୁ ମା'ଖିଲାମୁଣ୍ଡାଙ୍କ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରକୁ ଏହି ବୈଠକରେ ଆଲୋଚନା କରାଯାଇ ତୁରନ୍ତ ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିପିଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ବୈଠକ ଶେଷ ହୋଇଥିଲା।



ମହାରାଷ୍ଟ୍ର ବିଧାନସଭା ଲାଗି ବୁଧବାର ଅନୁଷ୍ଠିତ ନିର୍ବାଚନରେ ଭୋଟ ଦେବା ପରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ, ସ୍ତ୍ରୀ ରଶ୍ମି ଠାକ୍‌ରେ ଏବଂ ୨ ପୁତ୍ର ଆଦିତ୍ୟ ଓ ତେଜସ୍ ସ୍ୟାହି ଲାଗିଥିବା ଅଙ୍ଗୁଳି ପ୍ରଦର୍ଶନ କରୁଛନ୍ତି।

# ମହାରାଷ୍ଟ୍ର ନିର୍ବାଚନରେ ବିଟ୍‌କଏନ୍ ବିବାଦ

- ସୁପ୍ରିୟା ସୁଲେ, ନାନା ପଟୋଲେଙ୍କୁ ଭାଜପାର ଟାର୍ଗେଟ
- ମତଦାତାଙ୍କୁ ବିଭ୍ରାନ୍ତ କରାଯାଉଛି: ଏମ୍‌ଭିଏ





ନାନା ପଟୋଲେ



ସୁପ୍ରିୟା ସୁଲେ

ନୂଆଦିଲ୍ଲୀ/ମୁମ୍ବାଇ, ୨୦।୧୧

ମହାରାଷ୍ଟ୍ର ନିର୍ବାଚନର ମତଦାନ ମଧ୍ୟରେ ବିଟ୍‌କଏନ୍‌କୁ ନେଇ ରାଜନୀତି ଚରମ ସୀମାରେ ପହଞ୍ଚିଛି। ମହାରାଷ୍ଟ୍ର ନିର୍ବାଚନକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ବିଟ୍‌କଏନ୍‌କୁ ଅବୈଧ ଭାବେ ନଗଦ ଟଙ୍କା ଆକାରରେ ପରିଣତ କରିଥିବା ନେଇ ଏନ୍‌ସିପି(ଏସ୍‌ପି) ଏମ୍‌ପି ସୁପ୍ରିୟା ସୁଲେ ଏବଂ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନାନା ପଟୋଲେଙ୍କ ବିରୋଧରେ ଭାଜପା ମଙ୍ଗଳବାର ଅଭିଯୋଗ ଆଣିଥିଲା। ୨୦୧୮ର କ୍ରିପ୍ଟୋକରେନ୍ସି ଦୁର୍ନୀତିରେ ମହା ବିକାଶ ଅଘାଡ଼ି(ଏମଭିଏ) ମେଣ୍ଟର ଏହି ୨ ପ୍ରମୁଖ ନେତାଙ୍କର ସମ୍ପୃକ୍ତି ରହିଛି ବୋଲି ଭାଜପା ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଅଭିଯୋଗ ଆଣିଥିଲେ। ଏହି ଅବସରରେ ସେ ମାମଲା ସହ ସମ୍ବନ୍ଧିତ ଥିବା ସୁପ୍ରିୟା ଓ ପଟୋଲେଙ୍କର ଏକ ଭଏସ୍ ନୋଟ୍‌କୁ ଜାରି କରିଥିଲେ। ମାମଲାର ତଦନ୍ତ ଚାଲିଥିବାରୁ ୨ ନେତାଙ୍କର ଭୂମିକା ଖୁବ୍‌ଶୀଘ୍ର ସାମ୍‌ନାକୁ ଆସିବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀ କରି ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ଏମ୍‌ଭିଏର ୨ ପ୍ରମୁଖ ନେତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଉତ୍ତର ରଖିବା ପାଇଁ ସେ ଆହ୍ୱାନ କରିଛନ୍ତି। ସମ୍ବିତ କହିଛନ୍ତି, କ୍ରିପ୍ଟୋ ମୁଦ୍ରା ଠକେଇରେ ସୁପ୍ରିୟା ଓ ପଟୋଲେଙ୍କର ସମ୍ପୃକ୍ତି ରହିଛି ଏବଂ ଚଳିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଉଭୟେ ବିଟ୍‌କଏନ୍ ଦ୍ୱାରା ଅର୍ଜିତ ଅବୈଧ ଟଙ୍କାକୁ ବ୍ୟବହାର କରିଛନ୍ତି। କୌଣସି ରାଜ୍ୟର ନିରପେକ୍ଷ ନିର୍ବାଚନ ପରିଚାଳନାରେ ଏହା ଗମ୍ଭୀର ପ୍ରଶ୍ନ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

ତେବେ ଭାଜପାର ଅଭିଯୋଗକୁ ସୁପ୍ରିୟା ଖଣ୍ଡନ କରିଛନ୍ତି। ଭାଇରାଲ ହେଉଥିବା ଅଡିଓ ରେକର୍ଡ ତାଙ୍କର ନୁହେଁ ବୋଲି ଏନ୍‌ସିପି(ଏସ୍‌ପି)ର ଏହି ବରିଷ୍ଠ ନେତା କହିଛନ୍ତି। ଏନେଇ ସେ ନିର୍ବାଚନ ଆୟୋଗ ଏବଂ ମହାରାଷ୍ଟ୍ର ପୋଲିସର ସାଇବର ଅପରାଧ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ମତଦାତାମାନଙ୍କୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଏହି ମିଥ୍ୟା ପ୍ରଚାର କରାଯାଉଛି ବୋଲି ସୁପ୍ରିୟା କହିଛନ୍ତି। ସେହିପରି ବୁଧବାର ଭଣ୍ଡାରା ଜିଲାରେ ନିଜ ମତାଧିକାରକୁ ସାବ୍ୟସ୍ତ କରିବା ପରେ ମହାରାଷ୍ଟ୍ର ପିସିସି ସଭାପତି ପଟୋଲେ କହିଛନ୍ତି, ଏହା ଏକ ମିଥ୍ୟା ଅଭିଯୋଗ। ଏନେଇ ସେ ଆଇନଗତ ରାସ୍ତା ଆପଣାଇବେ। ଜଣେ କୃଷକ ହୋଇଥିବାରୁ ବିଟ୍‌କଏନ୍ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ଅଡିଓ କ୍ଲିପ୍‌ରେ ଯେଉଁ ସ୍ୱର ରହିଛି, ତାହା ତାଙ୍କର ନୁହେଁ। ଅଭିଯୋଗ ଆଣିଥିବା ଭାଜପା ନେତା ସୁଧାଂଶୁ ତ୍ରିବେଦୀ ଓ ପୂର୍ବତନ ଆଇପିଏସ୍ ଅଧିକାରୀ ରବୀନ୍ଦ୍ରନାଥ ପାଟିଲଙ୍କ ବିରୋଧରେ ସେ ଖୁବ୍‌ଶୀଘ୍ର ମାନହାନି ମକଦ୍ଦମା ଦାଏର କରିବେ।

## ମାମଲା କ'ଣ

୨୦୧୮ରେ ହୋଇଥିବା କ୍ରିପ୍ଟୋକରେନ୍ସି ଦୁର୍ନୀତି ମାମଲାରେ ପୂର୍ବତନ ଆଇପିଏସ୍ ଅଧିକାରୀ ରବୀନ୍ଦ୍ରନାଥ ପାଟିଲ ଜଣେ ସାକ୍ଷୀ ଭାବେ ଏକ ଅଡିଟ କମ୍ପାନୀର କର୍ମଚାରୀ ଗୌରବ ମେହେଟ୍ଟାଙ୍କ ନାମ ନେଇଥିଲେ। ତେବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଦିନକ ପୂର୍ବରୁ ମଙ୍ଗଳବାର ସେ କହିଥିଲେ, ବିଟ୍‌କଏନ୍ ବଦଳରେ ନଗଦ ଟଙ୍କା ପାଇଁ ଏମ୍‌ଭିଏ ନେତା ସୁପ୍ରିୟା ସୁଲେ ଏବଂ ନାନା ପଟୋଲେ ଗୌରବ ମେହେଟ୍ଟାଙ୍କ ସହ ସମ୍ପର୍କ କରିଥିଲେ ଏବଂ ଉଭୟେ ଏହି ଟଙ୍କାର ବ୍ୟବହାର ଚଳିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ କରିଥିଲେ। ତାଙ୍କୁ ଏନେଇ ବିଟ୍‌କଏନ୍ ଡିଲର ଅମିତାଭ ଗୁପ୍ତା କହିଥିଲେ। ବୁଧବାର ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ଛତିଶଗଡ଼ର ରାୟପୁରରେ ଥିବା ଗୌରବଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି।

# ପଶ୍ଚିମବଙ୍ଗ ଭାଜପା ସଭାପତି ଗିରଫ

କୋଲକାତା, ୨୦।୧୧



ସୁକାନ୍ତ ମଜୁମଦାର

ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମଦାରଙ୍କୁ ବୁଧବାର ଗିରଫ କରାଯାଇଛି। ମୁର୍ଶିଦାବାଦ ଜିଲାର ହିଂସା ପ୍ରଭାବିତ ବେଲଡାଙ୍ଗା ଅଞ୍ଚଳର ସ୍ଥିତି ପରଖିବାକୁ ସମର୍ଥକମାନଙ୍କ ସହ ଯାଉଥିବାବେଳେ ନଦିଆ ଜିଲାର କ୍ରିଷ୍ଣାନଗର ଅଞ୍ଚଳରୁ ତାଙ୍କୁ ଗିରଫ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୧୭୦ ଅନୁଯାୟୀ ସୁକାନ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ବେଲଡାଙ୍ଗା ଅଞ୍ଚଳକୁ ଯିବା ପାଇଁ ନିଷେଧାଦେଶ ଲାଗିଥିବା ସତ୍ତ୍ୱେ ମଧ୍ୟ ସୁକାନ୍ତ ସେଠାକୁ ଯିବା ପାଇଁ ପ୍ରୟାସ କରୁଥିଲେ। ତେଣୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପୋଲିସ କହିଛି। ପ୍ରକାଶ ଯେ, ମଙ୍ଗଳବାର ବେଲଡାଙ୍ଗାରେ ୨ ସମୁଦାୟଙ୍କ ମଧ୍ୟରେ ସଂଘର୍ଷ ଘଟିବା ଫଳରେ ୧୭ ଜଣ ଆହତ ହୋଇଥିଲେ।

# ସମବାୟ ସଂସ୍ଥାର ବିନା ସହଯୋଗରେ ବିକାଶ ଅସମ୍ଭବ: ମନମୋହନ

ଭୁବନେଶ୍ୱର, ୨୦।୧୧(ସୁନିତ୍ ମିଶ୍ର)

ଓଡ଼ିଶାରେ ଲୋକଙ୍କ ଆର୍ଥିକ ସ୍ଥିତିକୁ ବଦଳାଇବା ପାଇଁ ସମବାୟ କ୍ଷେତ୍ରର ବହୁ ଆବଶ୍ୟକତା ଅଛି। ସରକାର ସମବାୟ ସଂସ୍ଥାରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ବିଭାଗରୁ ଦୁର୍ନୀତି ବନ୍ଦକରି ଉପଯୁକ୍ତ ସେବା ଯୋଗାଇଦେବାକୁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାରେ ଏହି ସମବାୟ ସଂସ୍ଥା ଗୁରୁତ୍ୱ ବହନକରିବ। ସମବାୟ ସଂସ୍ଥାର ବିନା ସହଯୋଗରେ ରାଜ୍ୟର ବିକାଶ ଅସମ୍ଭବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ୭୧ତମ 'ଜାତୀୟ ସମବାୟ ସପ୍ତାହ'ର ସମାରୋହ ଉତ୍ସବରେ ମନମୋହନ କହିଛନ୍ତି, ଜଣେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଯାଇ ସମବାୟ ସଂସ୍ଥା ଆରମ୍ଭ ହୋଇଥିଲା। ଏହା ଆଜି ବିଶାଳ ଦ୍ରୁମରେ ପରିଣତ ହୋଇଛି। ଭାରତବର୍ଷରେ ୩୦ କୋଟି ସଦସ୍ୟ ଏବେ ଏଥିରେ ଯୋଡ଼ିହୋଇଛନ୍ତି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ବହୁମୁଖୀ ସମବାୟ ସମିତି ଗଠନ ହେବ। ବିଜେଡି ସରକାର ସମୟରେ ଏହି ସଂସ୍ଥା ଦୁର୍ନୀତିର ଗନ୍ତାଘର ସାଜିଥିଲା। ଭାଜପା ସରକାର ଆସିବା ପରେ ଏହି ସଂସ୍ଥାକୁ ଦୁର୍ନୀତିମୁକ୍ତ କରି ଚାଷୀ ଓ ଗରିବ ଲୋକଙ୍କ ଆର୍ଥିକ ଉନ୍ନତି ଘଟାଇବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜ୍ୟର ସମବାୟ କ୍ଷେତ୍ରରେ କାମ କରିଥିବା ୩୬ଜଣ ସମବାୟପ୍ରେମୀଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ରାଜ୍ୟ ସରକାର ଆଦିବାସୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ: ବିଜେଡି

ଭୁବନେଶ୍ୱର,୨୦।୧୧(ଅନିଲ ଦାସ)

## ଆଦିବାସୀ ଯୁବତୀଙ୍କୁ ଅଖାଦ୍ୟ ଖୁଆଇବା ଘଟଣା

ବଲାଙ୍ଗୀର ଜିଲାର ବଙ୍ଗୋମୁଣ୍ଡା ଥାନା ଅଞ୍ଚଳରେ ଜଣେ ଆଦିବାସୀ ଯୁବତୀଙ୍କ ପ୍ରତି ଜାତିଆଣ ଆକ୍ଷେପ ସହ ତାଙ୍କୁ ଜୋରଜବରଦସ୍ତ ଅଖାଦ୍ୟ ଖୁଆଇବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ରାଜ୍ୟରେ ଭାଜପା ସରକାର କ୍ଷମତାରେ ଆସିବା ଦିନଠାରୁ ଆଦିବାସୀଙ୍କ ସୁରକ୍ଷା ବିପଦରେ ପଡ଼ିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ରାଜ୍ୟରେ ଆଦିବାସୀମାନଙ୍କ ସୁରକ୍ଷା ପାଇଁ ଭାଜପା ସରକାରଙ୍କ ଆଦୌ ପ୍ରାଥମିକତା ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ବୁଧବାର ଗଣମାଧ୍ୟମକୁ କହିଛନ୍ତି, ଗତ ୧୬ ତାରିଖରେ ବଙ୍ଗୋମୁଣ୍ଡା ଥାନା ଅଞ୍ଚଳରେ ଜଣେ ଆଦିବାସୀ ଯୁବତୀ ଗାଧୋଇ ସାରି ଘରକୁ ଫେରିବା ବାଟରେ ଅଭୟ ବାଗ ନାମକ ଜଣେ ଯୁବକ ତାଙ୍କୁ ଅଟକାଇ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଜାତିଆଣ ଆପେକ୍ଷ କରିବା ଓ ତାଙ୍କୁ ଜୋରକରି ଅଖାଦ୍ୟ ଖୁଆଇଦେବା ଭଳି ଅମାନବୀୟ କାଣ୍ଡ ଘଟାଇଥିଲେ।

# ବିଜେଡିର ଗଣଧାରଣା ଦ୍ୱିତୀୟ ଦିନରେ

## ବାଲେଶ୍ୱରରେ ଉନ୍ନୟନ କାର୍ଯ୍ୟ ଠପ୍

ବାଲେଶ୍ୱର, ୨୦।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଏବଂ ପୌରାଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି।

ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ସମର୍ଥକ ଗଣଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡି ସରକାର ସମୟରେ ଆରମ୍ଭ ହୋଇ ବହୁ ଉନ୍ନୟନ କାର୍ଯ୍ୟକୁ ଭାଜପା ବିଧାୟକଙ୍କ ଚାପରେ ବନ୍ଦ କରାଯାଇଥିବା ସେ ଆରୋପ ଉଠାଇଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା। ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଏବର ବିଧାୟକ ସାମୂହିକ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଛନ୍ତି ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ। ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତଙ୍କ ସମେତ ବହୁ ଜନପ୍ରତିନିଧି ଯୋଗଦେଇ ଭାଜପା ସରକାରଙ୍କ ଜନବିରୋଧୀ କାର୍ଯ୍ୟକୁ ସମାଲୋଚନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-DATALOGGER-440, ତା.13.11.2024ରିଖ

**କାର୍ଯ୍ୟର ନାମ:** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଖୋର୍ଦ୍ଧା ରୋଡ଼ ଡାଟାଲଗର(Datalogger) ରୁମ୍ ଏବଂ ମୁଖ୍ୟାଳୟ [ଭୁବନେଶ୍ୱର] ଠାରେ ବିଭିନ୍ନ ସେଣ୍ଟ୍ରାଲ ମନିଟର ଉପକରଣ/ସଫ୍ଟୱେୟାରଗୁଡ଼ିକର ରକ୍ଷଣାବେକ୍ଷଣ ସହିତ ବିଭିନ୍ନ ଷ୍ଟେସନ/ସ୍ଥାନଗୁଡ଼ିକ ଠାରେ Efftronics ଦ୍ୱାରା ନିର୍ମିତ ବିଭିନ୍ନ କ୍ଷମତା ବିଶିଷ୍ଟ ଡାଟାଲଗରଗୁଡ଼ିକ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,74,21,571.14, EMD (ଟଙ୍କାରେ): 2,37,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-।

ବିଡ୍ ଆରମ୍ଭ ହେବା ତାରିଖ: ତା.21.11.2024 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.12.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-735/P/24-25

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.47/ET/SBP/ENGG/2024-25, ତା.16.11.2024ରିଖ

ଇ-ଟେଣ୍ଡର ସଂ.39-eT-DENC-SBP-24

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ ସହାୟକ ମଣ୍ଡଳ ଯନ୍ତ୍ରୀ/ ବରଗଡ଼ ରୋଡ଼ ଅଧୀନସ୍ଥ ଟ୍ରାକ୍‌ର ଉଭୟ ପାର୍ଶ୍ୱରେ ପୋଲ ନଂ.67 ଠାରୁ ସମ୍ବଲପୁର ରୋଡ଼ ପର୍ଯ୍ୟନ୍ତ ବିଦ୍ୟମାନ ବିଟୁମିନସ ସଡ଼କ ପୃଷ୍ଠଭାଗର ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,58,27,983.30, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,29,200/-, କାର୍ଯ୍ୟ ଶେଷ ହେବା ଅବଧି: 06 (ଛଅ)ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.10.12.2024ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-738/P/24-25

See Career Appointment on every Wednesday & Saturday

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୪-୨୬ ତାରିଖ: ୨୦।୧୧।୨୦୨୪

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବସାଇଟ୍‌ରେ ଅଧିସୂଚିତ ହୋଇଛି। **କ୍ର.ସଂ. ୧, ବର୍ଗ: ପାର୍ସଲ, କାଟାଲଗ୍ ନଂ.:** ଲିଜ୍-କେଜିପି-୨୪-୨୬। **ଇ-ନିଲାମ ତାରିଖ:** ୦୪।୧୨।୨୦୨୪। **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୨.୧୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-809) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

South Eastern Railway
We serve with a smile

**SARGIPALI REGULATED MARKET COMMITTEE**

At: Krushak Bazar, Daily Market, Sundargarh, Odisha - 770001, email: rmcsarg@gmail.com

**Corrigendum Notice No. 391** Dt.20.11.2024

**(Ref-Tender Call Notice No. 380 / Dated: 18.11.2024)**

"The tender paper should reach the office of the RMC, Sargipali through Registered Post/Speed Post or Drop at the Office of RMC, Sargipali by person on or before Dt.27.11.2024 till 2.00 P.M. and the same will be opened at 4.30 P.M. of Dt.27.11.2024. The demonstration of instruments will also be held on Dt.27.11.2024".

The other term and conditions will remain unaltered.

**Sd./- Sub-Collector, Sundargarh cum Chairman, RMC, Sargipali**

सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए "केंद्रित" "CENTRAL" TO YOU SINCE 1911

କ୍ଷେତ୍ରୀୟ କାର୍ଯ୍ୟାଳୟ: ୧୦୮-ବି, ୟୁନିଟ୍-୭, ସୂର୍ଯ୍ୟନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩, ଫୋନ୍: ୦୬୭୪-୨୩୯୭୫୫୧, ୨୩୯୭୧୯୯

**ଲିଜ୍ ଭିତ୍ତିରେ ଗୃହ ନିମନ୍ତେ ବିଡ୍/ପ୍ରସ୍ତାବ ଆମନ୍ତ୍ରଣ**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଏହାର **ନୟାଚୌକ ଶାଖା** ନିମନ୍ତେ **ନୟାଚୌକ, କଟକ** ଠାରେ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଥାଇ **୯୨.୯୦ ରୁ ୧୩୯.୩୫ ବର୍ଗମିଟର (୧୦୦୦-୧୫୦୦ ବର୍ଗଫୁଟ)** କାର୍ପେଟ୍ ଏରିଆ ବିଶିଷ୍ଟ ଗୃହ ଦଖଲ ନିମନ୍ତେ ପ୍ରସ୍ତୁତ ଥିବା/୩ ମାସ ମଧ୍ୟରେ ଦଖଲ ନେବା ପାଇଁ ପ୍ରସ୍ତୁତ ହୋଇପାରୁଥିବା ତଳ ମହଲା ଗୃହ ଆବଶ୍ୟକ କରୁଅଛି। ଗୃହ ପରିସରଟି **ବାଦାମବାଡି ରୋଡ଼** ଠାରେ, **ମୁଖ୍ୟତଃ ଲିଙ୍କ୍ ରୋଡ଼ ସ୍କୋୟାର ଠାରୁ ବାଦାମବାଡି ଟ୍ରାଫିକ୍** ମଧ୍ୟରେ ହୋଇଥିବା ଆବଶ୍ୟକ। **୫.୯୪ ରୁ ୯.୨୯ ବର୍ଗମିଟର (୬୪-୧୦୦ ବର୍ଗଫୁଟ)** ବିଶିଷ୍ଟ ଅନ୍‌ସାଇଟ୍ ଏଟିଏମ୍ ବ୍ୟବସ୍ଥା ଥିବା ଆବଶ୍ୟକ। କୌଣସି ଦଲାଲ କିମ୍ବା ମଧ୍ୟସ୍ଥିଙ୍କୁ ପ୍ରଶୟ ଦିଆଯିବ ନାହିଁ। ସରକାରୀ /ଅର୍ଦ୍ଧ ସରକାରୀ କିମ୍ବା ସରକାରୀ ବିଭାଗ ଅଧିନସ୍ଥ ପରିସରକୁ ଅଗ୍ରାଧିକାର ଦିଆଯିବ। ଦୟାକରି ଫର୍ମାଟ / ନିୟମ ଏବଂ ସର୍ତ୍ତାବଳୀ ବ୍ୟାଙ୍କର ୱେବସାଇଟ୍ **http://www.centralbankofindia.co.in**ରୁ ଡାଉନ୍‌ଲୋଡ୍ କରିପାରିବେ କିମ୍ବା **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାଚୌକ ଶାଖା, ପ୍ଲଟ୍ ନଂ.: ୩୦୯୮/୩୦୯୯, ଲିଙ୍କ୍ ରୋଡ଼, କଟକ-୭୫୩୦୧୨ / କ୍ଷେତ୍ରୀୟ କାର୍ଯ୍ୟାଳୟ, ୧୦୮-ବି, ପ୍ରଥମ ମହଲା, ୟୁନିଟ୍-୭, ସୂର୍ଯ୍ୟନଗର, ଗୋପବନ୍ଧୁ ସ୍କୋୟାର, ଭୁବନେଶ୍ୱର-୭୫୧୦୦୩**ରୁ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିପାରିବେ। ପ୍ରସ୍ତାବ ଦାଖଲ କରିବାର ଅନ୍ତିମ ତାରିଖ: **ତା.୧୨.୧୨.୨୦୨୪ରିଖ ଅପରାହ୍ନ ୪.୦୦ ଘଟିକା** ପର୍ଯ୍ୟନ୍ତ। କୌଣସି କାରଣ ନଦର୍ଶାଇ କର୍ତ୍ତୃପକ୍ଷ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ତାରିଖ: ୨୦.୧୧.୨୦୨୪ ସ୍ୱା/- ମୁଖ୍ୟ ପ୍ରବନ୍ଧକ

ଫର୍ମ ନଂ.-୧୩

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶା**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ ର ୨୯୮

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ..... ଆବେଦନକାରୀ

ବନାମ

**ରାହୁଲ ମଣ୍ଡଳ,** ବୟସ ପ୍ରାୟ ୩୭ ବର୍ଷ, ପିତା: ପଶୁପତି ମଣ୍ଡଳ, ସା: ଏମ୍‌ଭି ୩୧, କୋରୁକୋଣ୍ଡା, ପାଣ୍ଡିରିପାଣି, କୋରୁକୋଣ୍ଡା, ଜିଲ୍ଲା: ମାଲକାନଗିରି, ପିନ୍-୭୬୪୦୪୫ ...ପ୍ରତିବାଦୀ

ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୨୯୮/୨୦୨୪ ଦ୍ୱାରା **ଟ.୨୮,୧୦,୫୬୫/-** ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା.୦୭.୦୧.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ତାଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୧୧.୧୧.୨୦୨୪ରିଖରେ** ଆଦିଷ୍ଟ।

ସ୍ୱା/- (ଶ୍ରୀ ନିଖିଳ ରଞ୍ଜନ ପତି), ରେଜିଷ୍ଟ୍ରାର

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/NIT/24-25/16**

Bids are invited from eligible bidders for the following tenders of **TPCODL**:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000001419/2024-25 | Rate Contract for Supply of HDPE Pipe |
| 2 | TPCODL/P&S/1000001421/2024-25 | Rate Contract for Supply of Wedge Connector & Paddle Clamps |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from dtd. **22.11.2024**. Future communication / corrigendum to tender documents, if any, shall be available on TPCODL website.



ମହାରାଷ୍ଟ୍ର ବିଧାନସଭା ନିର୍ବାଚନ: ମୁମ୍ବାଇରେ ମତଦାନ କରିବା ପରେ ୧୧୩ ବର୍ଷୀୟା ଭୋଟର କାଞ୍ଚନବେନ୍ ବାଦ୍‌ଶାହ ନିଜ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।



ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକର, ସ୍ତ୍ରୀ ଅଞ୍ଜଳି ଓ ଝିଅ ସାରା ମୁମ୍ବାଇର ଏକ ବୁଥ୍‌ରେ ଭୋଟ ଦେଇ ଫେରୁଛନ୍ତି।

# ଭୋଟରଙ୍କୁ ବନ୍ଧୁକ ଦେଖାଇ ଧମକ

## ୟୁପି ଉପନିର୍ବାଚନ: ୫ ପୋଲିସ ନିଲମ୍ବିତ

ଲକ୍ଷ୍ନୌ,୨୦।୧୧

ଉତ୍ତର ପ୍ରଦେଶ ବିଧାନସଭାର ୯ ଆସନରେ ବୁଧବାର ଅନୁଷ୍ଠିତ ଉପନିର୍ବାଚନରେ ବ୍ୟାପକ ଜାଲିଆତି କରାଯାଇଥିବା ଉଭୟ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ପରସ୍ପର ବିରୋଧରେ ଅଭିଯୋଗ ଆଣିଛନ୍ତି। ଭାଜପା ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଥିବା ଅଭିଯୋଗ ଆଣି ଏସ୍‌ପି ନିର୍ବାଚନ କମିଶନ(ଇସି)ଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛି। ଅନେକ ସ୍ଥାନରେ ପୋଲିସ ଭାଜପା ସପକ୍ଷରେ ଭୋଟ କରାଇବା ପାଇଁ ବୁର୍ଖା ପିନ୍ଧା ମହିଳାମାନଙ୍କୁ ବନ୍ଧୁକ ଦେଖାଇଥିବା ବିରୋଧୀ ଦଳ ଅଭିଯୋଗ ଆଣିଛି। ଅନ୍ୟପକ୍ଷେ ଏସ୍‌ପି କର୍ମୀମାନେ ଦାଦାଗିରି କରି ଭୋଟ ଜାଲିଆତି କରିଥିବା ଭାଜପା ସମାଲୋଚନା କରିଛି। ଏହାକୁ ନେଇ ଦୁଇଦଳ ମୁହାଁମୁହିଁ ହୋଇଛନ୍ତି। ଆରୋପ ପ୍ରତ୍ୟାରୋପ ଭିତରେ ଇସି ୫



ଉତ୍ତର ପ୍ରଦେଶର ସିସାମଉ ଆସନରେ ଉପନିର୍ବାଚନ ବେଳେ ବୁର୍ଖା ପିନ୍ଧିଥିବା ମହିଳା ଭୋଟରଙ୍କୁ ଯାଞ୍ଚ କରାଯାଉଛି।

ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଏଥିସହ ନିର୍ବାଚନ ଦାୟିତ୍ୱରୁ କେତେଜଣ ପୋଲିସ ଓ ସରକାରୀ କର୍ମଚାରୀରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି।

ୟୁପିର କରହାଲ ସମେତ କଟେହାରି, ଗାଜିଆବାଦ, ସିଶାମଉ, ମଝାୱନ୍, ମୀରାପୁର, ଖଇର, ଫୁଲପୁର ଓ କୁନ୍ଦର୍କି ବିଧାନସଭା ଆସନରେ ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ମୁଜାଫରନଗର ଭଳି କେତେକ ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ପୋଲିସ ମତଦାନରୁ କ୍ଷାନ୍ତ ରଖିବା ପାଇଁ ବନ୍ଧୁକ ଦେଖାଇ ଭୟଭୀତ କରାଇଛି। ଅଖିଳେଶ ନିଜ ଏକ୍ସ' ଆକାଉଣ୍ଟରେ ମୀରାପୁରରେ ଘଟିଥିବା ଏକ ଘଟଣାର ଭିଡିଓ ଜାରି କରି ଇସି ଏବଂ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛନ୍ତି। ମୀରାପୁର କକ୍‌ରୌଲୀ ଥାନା ଏସ୍‌ଏଚ୍‌ଓ ରାଜୀବ ଶର୍ମା ମତଦାତାଙ୍କୁ ବନ୍ଧୁକ ଦେଖାଇ ଧମକାଇଥିବାରୁ ଇସି ତାଙ୍କୁ ତୁରନ୍ତ ନିଲମ୍ବନ କରନ୍ତୁ ବୋଲି ଦାବି କରିଛନ୍ତି। ଭୋଟର କାର୍ଡ ଓ ଆଧାର କାର୍ଡ ଯାଞ୍ଚ କରିବା ଅଧିକାର ପୋଲିସର ନାହିଁ। କେବଳ ପୋଲିଂ ଅଫିସର ଏହାକୁ ଯାଞ୍ଚ କରିପାରିବେ। ତେଣୁ ଏଭଳି କରୁଥିବା ସମସ୍ତ ପୋଲିସ ଅଧିକାରୀଙ୍କୁ ଭିଡିଓ ପ୍ରମାଣ ଆଧାରରେ ନିଲମ୍ବନ କରାଯିବାକୁ ସେ କହିଛନ୍ତି।

ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଗାଇଡ୍‌ଲାଇନ୍‌ର ଅନୁପାଳନ କରିବା ଅଭିଯୋଗରେ ଇସି ଅନେକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ମୁଜାଫରନଗରର ଦୁଇଜଣ ସବ୍-ଇନ୍ସପେକ୍ଟର ନୀରଜ କୁମାର(ଶାହାପୁର ଥାନା) ଏବଂ ମୀରାପୁର ନିର୍ବାଚନମଣ୍ଡଳୀରେ ଭୋଟରଙ୍କୁ ଯାଞ୍ଚ କରୁଥିବା ଭୋପା ଥାନାର ଓମ୍‌ପାଲ ସିଂଙ୍କୁ ନିଲମ୍ବନ କରାଯାଇଛି। ଉଭୟଙ୍କ ବିରୋଧରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ଏସ୍‌ପି ଅଭିଷେକ ସିଂ ସୂଚନା ଦେଇଛନ୍ତି। ସେହିପରି ମୋରାଦାବାଦର କୁନ୍ଦର୍କି ଆସନରେ ପୋଲିସ ଭୋଟର କାର୍ଡ ଯାଞ୍ଚ କରୁଥିବା ଅଭିଯୋଗ ଆସିବା ପରେ ଜଣେ ଇନ୍ସପେକ୍ଟର, ୨ ହେଡ୍ କନ୍‌ଷ୍ଟେବଲ ଓ ୨ ମହିଳା କନ୍‌ଷ୍ଟେବଲଙ୍କୁ ନିର୍ବାଚନ ଦାୟିତ୍ୱରୁ ଅନ୍ତର କରାଯାଇଛି। ସେମାନଙ୍କୁ ନିଲମ୍ବନ କରାଯାଇଥିବା ବିଷୟକୁ ସ୍ଥାନୀୟ ପୋଲିସ ଖଣ୍ଡନ କରିଛି।

# ଭୋଟ ପାଇଁ ଦଳିତ ମହିଳାଙ୍କୁ ହତ୍ୟା

## ଏସ୍‌ପି କର୍ମୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ପରିବାର ଲୋକେ

ଲକ୍ଷ୍ନୌ,୨୦।୧୧

ଉତ୍ତର ପ୍ରଦେଶର କରହାଲ ନିର୍ବାଚନମଣ୍ଡଳୀରେ ବୁଧବାର ସକାଳେ ଜଣେ ୨୩ ବର୍ଷୀୟା ଦଳିତ ମହିଳାଙ୍କ ମୃତଦେହ ମିଳିବା ପରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ସମାଜବାଦୀ ପାର୍ଟି (ଏସ୍‌ପି)ର ଜଣେ ସ୍ଥାନୀୟ କର୍ମୀ ତାଙ୍କୁ ଭାଜପା ବିରୋଧରେ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ମହିଳା କଥା ନ ମାନିବାରୁ ଏସ୍‌ପି କର୍ମୀ ତାଙ୍କୁ ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଇତିମଧ୍ୟରେ ମହିଳାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏହି ମାମଲାରେ ପ୍ରଶାନ୍ତ ଯାଦବ ଓ ମୋହନ କଠେରିଆଙ୍କୁ ଗିରଫ କରିଛି।

ହତ୍ୟାର ଶିକାର ହୋଇଥିବା ମହିଳାଙ୍କ ବାପାଙ୍କ ଅଭିଯୋଗ ହେଲା, ଝିଅ ଭାଜପାକୁ ଭୋଟ ଦେବାକୁ ଚାହୁଁଥିବାରୁ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା କରିଛନ୍ତି। ୩ ଦିନ ତଳେ ଏସ୍‌ପି କର୍ମୀ ପ୍ରଶାନ୍ତ ତାଙ୍କ ଘରକୁ ଆସି ଝିଅଙ୍କୁ କାହାକୁ ଭୋଟ ଦେବ ବୋଲି ପଚାରିଥିଲେ। ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଥିବାରୁ ଝିଅ ଭାଜପାର ନିର୍ବାଚନୀ ଚିହ୍ନ 'ପଦ୍ମ' ବୋଲି ଉତ୍ତର ଦେଇଥିଲେ। ଏସ୍‌ପିର ସାଇକେଲ ଚିହ୍ନରେ ଭୋଟ ନ ଦେଲେ ପରିଣାମ ଭୋଗିବ ବୋଲି ପ୍ରଶାନ୍ତ ତାଙ୍କୁ ଧମକ ଦେଇଥିଲେ। ତାଙ୍କ ମା'ବାପା ଏଭଳି ଅଭିଯୋଗ କରିଥିବା ମୈନପୁରୀ ପୋଲିସ ମୁଖ୍ୟ ବିନୋଦ କୁମାର ସୂଚନା ଦେଇଛନ୍ତି।

ଏନେଇ ୟୁପିର ଭାଜପା ସଭାପତି ଭୂପେନ୍ଦ୍ର ସିଂ ଚୌଧରୀ ଏକ୍ସ'ରେ କହିଛନ୍ତି, ମୈନପୁରୀ ଜିଲାର କରହାଲରେ ଏସ୍‌ପିର ପ୍ରଶାନ୍ତ ଯାଦବ ଓ ତାଙ୍କ ସହଯୋଗୀମାନେ ଭାଜପାକୁ ଭୋଟ ଦେବାକୁ ଚାହୁଁଥିବା ଜଣେ ଦଳିତ ଝିଅଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଏହି ଆସନର ଏସ୍‌ପି ପ୍ରାର୍ଥୀ ତେଜପ୍ରତାପ ଯାଦବ କହିଛନ୍ତି, ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡ଼ା ଦଣ୍ଡବିଧାନ କରାଯିବା ଜରୁରୀ। ଏସ୍‌ପିକୁ ବଦନାମ କରିବା ପାଇଁ ଭାଜପା ଷଡ଼ଯନ୍ତ୍ର ରହିଛି। ଏହି ଘଟଣାରେ ଏସ୍‌ପିର କୌଣସି ସମ୍ପର୍କ ନାହିଁ। ପ୍ରକାଶ ଯେ, ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କନୌଜ ସଂସଦୀୟ ଆସନରେ ଏମ୍‌ପି ନିର୍ବାଚିତ ହେବା ପରେ କରହାଲ ବିଧାନସଭା ଆସନକୁ ଛାଡ଼ିଦେଇଥିଲେ। ତେଣୁ ଏଠାରେ ବିଧାନସଭା ଉପନିର୍ବାଚନ କରାଯାଇଛି।

# ବିସ୍ଫୋରଣରେ ୧୭ ପାକ୍ ସୈନ୍ୟ ମୃତ

ଇସ୍‌ଲାମାବାଦ, ୨୦।୧୧

ଉତ୍ତର-ପଶ୍ଚିମ ପାକିସ୍ତାନର ଖ୍ୟବର ପଖ୍‌ତୁନ୍‌ଖ୍ୱା ରାଜ୍ୟ ବନ୍ନୁ ଜିଲାର ଏକ ସୁରକ୍ଷା ପୋଷ୍ଟରେ ଥିବା ଗୋଟିଏ କାର୍‌କୁ ଜଣେ ଆତ୍ମଘାତୀ ଆକ୍ରମଣକାରୀ ବୋମାରେ ଉଡ଼ାଇ ଦେଇଛନ୍ତି। ଫଳରେ ଘଟଣାସ୍ଥଳରେ ୧୭ ଜଣ ପାକିସ୍ତାନୀ ସୈନ୍ୟଙ୍କର ମୃତ୍ୟୁ ଘଟିଛି। ସେହିପରି ଅନେକ ଆହତ ହୋଇଛନ୍ତି। ପାକିସ୍ତାନୀ ତାଲିବାନରୁ ଅଲଗା ହୋଇଥିବା 'ହାପିଜ ଗୁଲ ବାହାଦୁର' ସଙ୍ଗଠନ ଏହି ଆତ୍ମଘାତୀ ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିଛି। 'ହାପିଜ ଗୁଲ ବାହାଦୁର' ସଙ୍ଗଠନ ବିରୋଧରେ ଅଭିଯାନ ଚାଲିଥିବା ନେଇ ଦେଶର ସୁରକ୍ଷା ଏବଂ ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି।

# ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାରୁ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ପରିସରରେ ହତ୍ୟା



ରମଣୀ

ଚେନ୍ନାଇ, ୨୦।୧୧

ତାମିଲନାଡୁର ତଞ୍ଜାଭୁର ଜିଲା ମଲ୍ଲିପଟ୍ଟିନମ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରୁ ବୁଧବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ରମଣୀ(୨୬)ଙ୍କୁ ସ୍କୁଲ ପରିସର ମଧ୍ୟରେ ମଦନ ନାମକ ଜଣେ ଯୁବକ ଛୁରି ଭୁସି ହତ୍ୟା କରିଛନ୍ତି। ବିଦ୍ୟାଳୟର ଷ୍ଟାଫ୍‌ରୁମ ସମ୍ମୁଖରେ ରମଣୀ ଯାଉଥିବାବେଳେ ମଦନ ତାଙ୍କୁ ଆକ୍ରମଣ କରିଥିଲେ। ଛାତ୍ରୀଛାତ୍ର ଏବଂ ସ୍କୁଲର ଅନ୍ୟ କର୍ମଚାରୀଙ୍କ ସମ୍ମୁଖରେ ମଦନ ରମଣୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ସ୍କୁଲ୍‌ର କର୍ମଚାରୀ ଏବଂ ଛାତ୍ରୀଛାତ୍ର ରମଣୀଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ହସ୍ପିଟାଲ ନେଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହ ମଦନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ରମଣୀ ଏବଂ ମଦନ ଦୀର୍ଘଦିନ ଧରି ପରସ୍ପରକୁ ଭଲ ପାଉଥିଲେ। ତେବେ ସେମାନଙ୍କ ସମ୍ପର୍କକୁ ରମଣୀଙ୍କ ପରିବାର ବିରୋଧ କରୁଥିଲେ। ପରିବାର ଚାପର ବଶବର୍ତ୍ତୀହୋଇ ରମଣୀ ମଦନଙ୍କ ବିବାହ ପ୍ରସ୍ତାବକୁ ମନାକରି ଦେଇଥିଲେ। ତେଣୁ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ମଦନ ରମଣୀଙ୍କୁ ହତ୍ୟା କରିଥିବା ପୋଲିସ କହିଛି।

# ଗୁଏନାରେ ପ୍ରଧାନମନ୍ତ୍ରୀ ମୋଦି




ଭାରତ ଓ ଗୁଏନା ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କର ପ୍ରତୀକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜର୍ଜଟାଉନ ସହରର ଚାବି ହସ୍ତାନ୍ତର କରାଯାଉଛି।

## ଦ୍ୱିପାକ୍ଷିକ ସମ୍ପର୍କର ପ୍ରତୀକ ଭାବେ ଜର୍ଜଟାଉନ ସହରର ଚାବି ହସ୍ତାନ୍ତର କରାଗଲା

ଜର୍ଜ ଟାଉନ୍, ୨୦।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ୩ ଦିବସୀୟ ଯାତ୍ରାର ଅନ୍ତିମ ଚରଣରେ ବୁଧବାର ଗୁଏନାର ରାଜଧାନୀ ଜର୍ଜଟାଉନରେ ପହଞ୍ଚିଛନ୍ତି। ସେଠାରେ ଭାରତୀୟ ପ୍ରବାସୀମାନେ ତାଙ୍କର ଜୋର୍‌ସୋରରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ଗୁଏନାର ରାଷ୍ଟ୍ରପତି ମହମଦ ଇର୍ଫାନ, ଗ୍ରେନେଡ଼ାର ପ୍ରଧାନମନ୍ତ୍ରୀ ଡିକଁନ ମିଶେଲ, ବାରବାଡୋସ୍‌ର ପ୍ରଧାନମନ୍ତ୍ରୀ ମିୟା ଅମୋର ମୋଟଲି, ଗୁଏନାର ଅନେକ କ୍ୟାବିନେଟ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ମୋଦିଙ୍କର ବିଶେଷ ସ୍ୱାଗତ କରିଥିବା ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଭାରତ ଓ ଗୁଏନା ମଧ୍ୟରେ ଘନିଷ୍ଠ ଦ୍ୱିପାକ୍ଷିକ ସମ୍ପର୍କର ପ୍ରତୀକ ଭାବେ ମୋଦିଙ୍କୁ ଜର୍ଜଟାଉନ ସହରର ଚାବି ହସ୍ତାନ୍ତର କରାଯାଇଛି। ଜର୍ଜଟାଉନ ମେୟର ଏହି ଚାବିକୁ ଭାରତକୁ ହସ୍ତାନ୍ତର କରିଛନ୍ତି, ଯାହା ୨ ଦେଶ ମଧ୍ୟରେ ରହିଥିବା ଘନିଷ୍ଠ ସମ୍ପର୍କକୁ ପ୍ରମାଣିତ କରୁଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

# ଗାଜାକୁ ଫେରିବନି ହମାସ୍ ଶାସନ: ନେତାନ୍ୟାହୁ



ଗାଜା/ତେଲ୍‌ଆଭିଭ,୨୦।୧୧

ଯୁଦ୍ଧ ପ୍ରଭାବିତ ଗାଜାକୁ ଆଉ କେବେହେଲେ ହମାସ୍ ଆତଙ୍କବାଦୀଙ୍କ ଶାସନ ଫେରିବ ନାହିଁ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେନା ପୋଷାକ ଓ ବାଲିଷ୍ଟିକ୍ ହେଲ୍‌ମେଟ୍ ପରିହିତ ନେତାନ୍ୟାହୁ ମଙ୍ଗଳବାର ଗାଜା ଗସ୍ତ କରିଥିଲେ। ସେଠାରେ ସେ କହିଥିଲେ, ୧୦୧ ଇସ୍ରାଏଲୀ ପଣବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରାଯିବା ଉଚିତ। ଜଣେ ପଣବନ୍ଦୀଙ୍କ ପାଇଁ ସେ ୫ ନିୟୁତ ଆମେରିକୀୟ ଡଲାର ଲେଖାଏ ଦେବା ପାଇଁ ପ୍ରସ୍ତୁତ। ଆମ ପଣବନ୍ଦୀଙ୍କୁ କେହି କ୍ଷତି ପହଞ୍ଚାଇବାକୁ ଦୁଃସାହସ କଲେ ତାଙ୍କୁ ହତ୍ୟା କରାଯିବ। ଆତଙ୍କବାଦୀମାନେ ଯେଉଁଠି ଥିଲେ ମଧ୍ୟ ଆମେ ଖୋଜି ବାହାର କରିବୁ ବୋଲି କହିଥିଲେ। ତାଙ୍କ ସହ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଓ ସେନା ମୁଖ୍ୟ ଉପସ୍ଥିତ ଥିଲେ।

## ଫୁରସତ୍




# ନିର୍ଦ୍ଦେଶନାରେ ଡେବ୍ୟୁ କରିବେ ଆର୍ୟନ

## ପ୍ରଶଂସା କଲେ କଙ୍ଗନା

**ମୁମ୍ବାଇ :** ଲିଉଡ୍ ଅଭିନେତା ଶାହରୁଖ ଖାନ୍‌ଙ୍କ ପୁଅ ଆର୍ୟନ ଖାନ୍ ଖୁବ୍‌ଶୀଘ୍ର ଜଣେ ନିର୍ଦ୍ଦେଶକ ଭାବେ ଡେବ୍ୟୁ କରିବାକୁ ଯାଉଛନ୍ତି। ଆର୍ୟନ ଏକ ଷ୍ଟ୍ରିମିଂ ସିରିଜ୍‌ର ନିର୍ଦ୍ଦେଶନା ଦେବେ ବୋଲି ମଙ୍ଗଳବାର ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସ ପକ୍ଷରୁ ଘୋଷଣା କରାଯାଇଥିଲା। ତେବେ ବୁଧବାର ଏନେଇ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ ନିଜର ପ୍ରତିକ୍ରିୟା ରଖିଛନ୍ତି। ଜଣେ ଷ୍ଟାର୍ ଅଭିନେତାଙ୍କ ପୁଅ ହୋଇଥିଲେ ସୁଦ୍ଧା ଆର୍ୟନ ଅଭିନେତା ବଦଳରେ ନିର୍ଦ୍ଦେଶକ ହେବା ପାଇଁ ସ୍ଥିର କରିଥିବାରୁ ତାଙ୍କର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି କଙ୍ଗନା କହିଛନ୍ତି। ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରି କଙ୍ଗନା ଲେଖିଛନ୍ତି, "ସାମୂହିକ ଭାବେ ଆମ ସମସ୍ତଙ୍କୁ ଭାରତୀୟ ସିନେମାର ମାନଦଣ୍ଡକୁ ବଢ଼ାଇବାକୁ ପଡ଼ିବ। ବର୍ତ୍ତମାନ ସମୟରେ ଏହା ହିଁ ପ୍ରକୃତ ଆବଶ୍ୟକତା। ଯେଉଁମାନଙ୍କ ନିକଟରେ ସମ୍ବଳ ରହିଛି, ସେମାନେ ପ୍ରାୟତଃ ସହଜ ରାସ୍ତାକୁ ଆପଣାଇଥାନ୍ତି। ଶାହରୁଖ୍‌ଙ୍କ ପୁଅ ହୋଇ ସୁଦ୍ଧା ଆର୍ୟନ ପାରମ୍ପାରିକ ପଥରୁ ଦୂରେଇ ଯାଇ ଜଣେ ନିର୍ଦ୍ଦେଶକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ପ୍ରୟାସ କରୁଛନ୍ତି। ଏଥିପାଇଁ ସେ ପ୍ରଶଂସାର ପାତ୍ର। ସମ୍ପ୍ରତି ବଲିଉଡ୍ ଇଣ୍ଡଷ୍ଟ୍ରି କ୍ୟାମେରା ପଛରେ ଅଧିକ ଲୋକ ଆବଶ୍ୟକ କରୁଥିବାବେଳେ ଆର୍ୟନଙ୍କ ଏହି ନିଷ୍ପତ୍ତି ନିର୍ଦ୍ଦେଶନା କ୍ଷେତ୍ରକୁ କ୍ୟାରିୟର ଭାବେ ବାଛିବା ପାଇଁ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ। ଆର୍ୟନଙ୍କ ଏହି ନିଷ୍ପତ୍ତି ନିଶ୍ଚିତ ଭାବେ ବଲିଉଡ୍ ଇଣ୍ଡଷ୍ଟ୍ରି ପାଇଁ ଶୁଭଦାୟକ।"

# ୧୦୦ ବର୍ଷ ଧରି ଚାଲିଛି ଗବେଷଣା

ବ୍ରିସ୍‌ବେନ

ସାଧାରଣତଃ ବିଭିନ୍ନ ବୈଜ୍ଞାନିକ ପରୀକ୍ଷଣ ସମାପ୍ତ ହେବାକୁ କିଛି ବର୍ଷ ସମୟ ଲାଗିଥାଏ। କିନ୍ତୁ ଏପରି ଏକ ବୈଜ୍ଞାନିକ ପରୀକ୍ଷଣ ନିକଟରେ ଚର୍ଚ୍ଚାର ବିଷୟ ପାଲଟିଛି, ଯାହା ଗତ ପ୍ରାୟ ୧୦୦ ବର୍ଷ ଧରି ଚାଲିଆସୁଛି। ୧୯୨୭ରେ ଅଷ୍ଟ୍ରେଲୀୟ ପଦାର୍ଥ ବିଜ୍ଞାନୀ ଥୋମାସ୍ ପାର୍ନେଲଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପରୀକ୍ଷଣ ବର୍ତ୍ତମାନସୁଦ୍ଧା ଶେଷ ହୋଇନାହିଁ। ଥୋମାସ ବିଭିନ୍ନ ଦୈନନ୍ଦିନ ସାମଗ୍ରୀର ଆଶ୍ଚର୍ଯ୍ୟଜନକ ଗୁଣକୁ ସାର୍ବଜନୀନ କରିବା ପାଇଁ ଏହି ପରୀକ୍ଷଣ ଆରମ୍ଭ କରିଥିଲେ। ଥୋମାସ ଏହି ପରୀକ୍ଷଣର ନାମ ପିଚ୍ ଡ୍ରପ୍ ଏକ୍ସପେରିମେଣ୍ଟ ଦେଇଥିଲେ। ଏଥିପାଇଁ ସେ ପିଚ୍ ନାମକ ଏକ ଅତ୍ୟଧିକ କଠିନ ଏବଂ ଟାଣ ପଦାର୍ଥର ବ୍ୟବହାର କରିଥିଲେ। ପରୀକ୍ଷଣର ଏକ ଅଂଶ ଭାବେ ସେ ପିଚ୍‌କୁ ଗରମ କରି ଏହାକୁ ଏକ ଗ୍ଲାସ୍ ଫନେଲରେ ପକାଇଥିଲେ। ପରେ ଏହାକୁ ସେ ୩ ବର୍ଷ ପାଇଁ ଥଣ୍ଡା କରିଥିଲେ।



ଶେଷରେ ୧୯୩୦ରେ ଥୋମାସ ଏହି ପରୀକ୍ଷଣ ଆରମ୍ଭ କରିଥିଲେ। ସେତେବେଳେ ସେ ଫନେଲର ତଳ ଅଂଶକୁ କାଟି ପିଚ୍‌କୁ ଧୀରେ ଧୀରେ ଖସିବା ପାଇଁ ଉପାୟ ବାହାର କରିଥିଲେ। ତେବେ ଅସ୍ୱାଭାବିକ ଧୀର ଗତିରେ ପିଚ୍ ତରଳି ଖସିବାକୁ ଆରମ୍ଭ କରିଥିଲା। ପରୀକ୍ଷଣ ଆରମ୍ଭ ହେବା ପରଠାରୁ ଏବେଯାଏ ୯୪ ବର୍ଷ ବିତିଯାଇଥିଲେ ସୁଦ୍ଧା ପିଚ୍‌ର କେବଳ ୯ ଡ୍ରପ୍ ଫନେଲରୁ ଖସିଛି। ଏପ୍ରିଲ୍ ୨୦୧୪ରେ ଏହାର ନବମ ଡ୍ରପ୍ ଖସିଥିଲା। ଏହାକୁ ୧୦ ବର୍ଷରୁ ଅଧିକ ସମୟ ବିତି ସାରିଥିବାରୁ ପରବର୍ତ୍ତୀ ତଥା ୧୦ମ ଡ୍ରପ୍ ଶୀଘ୍ର ଖସିବ ବୋଲି ଆଶା କରାଯାଉଛି। ୧୦୦ ବର୍ଷ ପୂରଣ ଦିଗରେ ଅଗ୍ରସର ହେଉଥିବା ଏହି ପରୀକ୍ଷଣକୁ ନିକଟରେ ବିଶ୍ୱର ସବୁଠୁ ମନ୍ଥର ବୈଜ୍ଞାନିକ ପରୀକ୍ଷଣ ଭାବେ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ପରୀକ୍ଷଣକୁ ଦେଖିବା ପାଇଁ ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପାର୍ନେଲ ବିଲ୍ଡିଂକୁ ବହୁ ଛାତ୍ରୀଛାତ୍ର, ପରିଦର୍ଶକ ଆସିଥାନ୍ତି।

# ନିବେଶ ଆଳରେ ଇଞ୍ଜିନିୟରଙ୍କଠୁ ୧୯.୫୦ ଲକ୍ଷ ଠକେଇ

## ତାମିଲ ଫିଲ୍ମ ପ୍ରଯୋଜକ ଗିରଫ

ଭୁବନେଶ୍ୱର,୨୦।୧୧(ସତ୍ୟଜିତ୍ ରାଉତ)

ନିବେଶ ଆଳରେ ବହୁଗୁଣ ଲାଭ ଦେବାର ପ୍ରତିଶ୍ରୁତି ଦେଇ ଜଣେ ଇଞ୍ଜିନିୟରଙ୍କଠାରୁ ୧୯ ଲକ୍ଷ ୫୦ ହଜାର ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଶାଖା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତାମିଲ ସିନେ ପ୍ରଯୋଜକ ତଥା ତାମିଲନାଡୁ ଚେନ୍ନାଇ ଅଞ୍ଚଳର ପ୍ରକାଶ ଏମ୍ (୩୯)। ପ୍ରକାଶଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଜବତ କରାଯିବା ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥିବା ୬୨ ଲକ୍ଷ ୯୫ ହଜାର ଟଙ୍କାକୁ ପୋଲିସ ପକ୍ଷରୁ ଫ୍ରିଜ୍ କରାଯାଇଛି। ତେବେ ଗିରଫ ପରେ ଅଭିଯୁକ୍ତ ପ୍ରକାଶଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଝାରପଡା ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିବାକୁ ପ୍ରୟାସ ଚଳାଇଛି।

ପୋଲିସର ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ଅଞ୍ଚଳର ଅଭିଯୋଗକାରୀ ଇଞ୍ଜିନିୟର ସାଇବର ଠକଙ୍କ ଜାଲରେ ପଡ଼ିଥିଲେ। ୬ ମାସ ତଳେ ଜଣେ ସାଇବର ଠକ ତାଙ୍କୁ '(୧୨୩) ବୁଲିଷ୍ ମୋମେଣ୍ଟମ୍ ଗ୍ରୁପ୍' ନାଁରେ ଥିବା ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରିଥିଲେ। ଉକ୍ତ ଗ୍ରୁପ୍‌ରେ ୨୫୦ ସଦସ୍ୟ ଥିବା ଅଭିଯୋଗକାରୀ ଦେଖିଥିଲେ। ସେଠାରେ ସାଇବର ଠକମାନେ ତାଙ୍କୁ ବିଭିନ୍ନ କଥା କହି ଆର୍ଥିକ ଠକେଇ କରିବାକୁ ଭୁଆଁ ବୁଲାଇଥିଲେ। ତାଙ୍କୁ ଇଣ୍ଟରନାଲ ଇକ୍ୟୁଟି ଆକାଉଣ୍ଟରେ ଟଙ୍କା ନିବେଶ କଲେ ବହୁଗୁଣ ଲାଭ ମିଳିବ ବୋଲି କୁହାଯାଇଥିଲା। ଉକ୍ତ ଗ୍ରୁପ୍‌ରେ ଦିଆଯାଇଥିବା ଏକ ଆପ୍ ଲିଙ୍କ୍‌ରେ ଅଭିଯୋଗକାରୀ କ୍ଲିକ୍ କରି ୧୯ ଲକ୍ଷ ୫୦ ହଜାର ଟଙ୍କା ନିବେଶ କରିଥିଲେ। ତେବେ ପରେ ଉକ୍ତ ଆପ୍‌ର ଡ୍ୟାସବୋର୍ଡରେ 'ଗ୍ରୀନ୍‌ହାଇଟେକ୍ ଭେଞ୍ଚର୍ସ ଲିମିଟେଡ୍' ନାଁରେ ଏକ ଆଇପିଓ ରହିଥିଲା। ତେବେ ସେ କୌଣସି ଅନୁମତି ଦେଇ ନ ଥିଲେ ସୁଦ୍ଧା ତାଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ଆକାଉଣ୍ଟରେ ୧ ଲକ୍ଷ ୫୦ ହଜାର ଶେୟାର (୬୦ ଲକ୍ଷ ଟଙ୍କା) କିଣାଯାଇଥିବା ଦେଖାଯାଇଥିଲା। ପରେ ଉକ୍ତ ଆଇପିଓ ବ୍ଲକ୍ ହୋଇଯିବାରୁ ଇଞ୍ଜିନିୟର ଜଣକ ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଗତ ମେ' ୯ରେ ଏକ ମାମଲା (ନଂ.୧୦୬/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ବେଳେ ୧୯.୫୦ ଲକ୍ଷ ଟଙ୍କା ପ୍ରକାଶଙ୍କ ଆକାଉଣ୍ଟକୁ ଯାଇଥିବା ଜଣାପଡିଥିଲା। ତେବେ ପ୍ରକାଶ ତାମିଲ ସିନେମା ଥ୍ରୀ, ଧୁରବଙ୍ଗଲ୧୬ ଆଦିର ପ୍ରଯୋଜକ ଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରକାଶ ଏମ୍

# ୬ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

## ବହୁଚର୍ଚ୍ଚିତ ଘନା ଜଙ୍ଗଲରେ ଗଣବଳାତ୍କାର ଘଟଣା

**୫ ବର୍ଷ ପରେ ରାୟ ପ୍ରକାଶ**


ଗିରଫ ୬ ଅଭିଯୁକ୍ତ।

ଭବାନୀପାଟଣା/ ଧର୍ମଗଡ଼,୨୦।୧୧ (ଉତ୍ତମ କୁମାର ଦାଶ/ ଆକାଶ କୁମାର ଜଗତ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବନମାଳୀପୁର ଘନା ଜଙ୍ଗଲରେ ୫ବର୍ଷ ତଳେ ହୋଇଥିବା ବହୁଚର୍ଚ୍ଚିତ ଗଣବଳାତ୍କାର ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାରେ ଧର୍ମଗଡ଼ ଅତିରିକ୍ତ ଜିଲା ଦୌରା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୬ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ପର୍ଲା ଗ୍ରାମର ଲଳିନ୍ଦ୍ର ଶବର, ବକ୍ସିତୁଳସୀପାଲି ଗ୍ରାମର ଲାବଣ୍ୟ ଛତ୍ରିଆ, ଅନିରୁଦ୍ଧ ଛତ୍ରିଆ, ପ୍ରକାଶ ଓରଫ ଲୁକୁ ନାଏକ, ଶାନ୍ତ ନାଏକ ଓ ଅମିତ ନାଏକ। ଅନ୍ୟପକ୍ଷେ ସେତେବେଳେ ଭିଡିଓ ଭାଇରାଲ ପାଇଁ ଗିରଫ ହୋଇଥିବା ଅନ୍ୟ ୩ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୯ ସେପ୍ଟେମ୍ବର ୧୪ ଅପରାହ୍ନରେ ଧର୍ମଗଡ଼ ଥାନା ପର୍ଲା ଗ୍ରାମର ଲଳିନ୍ଦ୍ର ଶବର (ବସ୍ କଣ୍ଡକ୍ଟର) ପୀଡିତାଙ୍କୁ ନିଜ ଗାଁରେ ଛାଡିଦେବି କହି ଏକ ବାଇକ୍‌ରେ ବସାଇ ଭବାନୀପାଟଣାରୁ ଘରକୁ ଆଣୁଥିଲେ। ହେଲେ ବାଟରେ ବନମାଳୀପୁର ଘନା ସଂରକ୍ଷିତ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ପରେ ସେଠାରେ ଲୁଚି ରହିଥିବା ଅନ୍ୟ ୫ଜଣ ଯୁବକ ଛୁରି ଦେଖାଇ ପୀଡିତାଙ୍କୁ ଗଣବଳାତ୍କାର କରିବା ସହ ଭିଡିଓ ଶୁଟିଂ କରି ଭାଇରାଲ କରିଥିଲେ। ଏ ନେଇ ପୀଡିତାଙ୍କ ପରିବାର ପକ୍ଷରୁ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ୨୦୧୯ ସେପ୍ଟେମ୍ବର ୨୩ରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେତେବେଳେ ଏହି ଘଟଣା ଜିଲା ତଥା ରାଜ୍ୟରେ ଚର୍ଚ୍ଚିତ ଖବର ପାଲଟିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରୁଥିଲେ।

# ଆନ୍ଧ୍ରରୁ ଉଦ୍ଧାରହେଲା ଶିଶୁକନ୍ୟା

## ନବଜାତକକୁ ୨୦ ହଜାରରେ ବିକ୍ରି ଘଟଣା

ରାୟଗଡ଼ା, ୨୦।୧୧(ଆଶିଷ ରଞ୍ଜନ ପଣ୍ଡା)

ଦାରିଦ୍ର୍ୟ ଯୋଗୁ ୯ ଦିନର ଶିଶୁକନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ମା'ବାପା ବିକ୍ରି କରିଥିବାବେଳେ ଶିଶୁ ସୁରକ୍ଷା ଅଧିକାର ଟିମ୍(ସିଡବ୍ଲ୍ୟୁସି) ହସ୍ତକ୍ଷେପ କରିବା ପରେ ବୁଧବାର ଶିଶୁକୁ ଉଦ୍ଧାର କରାଯାଇଛି। ଆନ୍ଧ୍ରପ୍ରଦେଶର ଦମ୍ପତି ଶିଶୁକନ୍ୟାକୁ ସାଙ୍ଗରେ ଧରି ରାୟଗଡ଼ା ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଅନ୍ୟପକ୍ଷରେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ନାରାୟଣ ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ବସ୍ତିରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ, ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ନୂଆପଡ଼ା ବସ୍ତିର ଜଣେ ଦମ୍ପତି ମାତ୍ର ୨୦ ହଜାର ଟଙ୍କାରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ ଜିଲାର ଜଣେ ଦମ୍ପତିଙ୍କୁ ଶିଶୁକନ୍ୟା ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ସୂଚନା ପାଇ ସ୍ଥାନୀୟ ଅଙ୍ଗନୱାଡ଼ି ଓ ଆଶାକର୍ମୀ ଚାଇଲ୍ଡ ଲାଇନର ହେଲ୍ପଲାଇନ ନମ୍ବର ୧୦୯୮ ରେ ଅଭିଯୋଗ କରିବା ପରେ ଡିସିପିୟୁର ଆଇନ ପରିବେକ୍ଷ ଅଧିକାରୀ ନିରାକାର ପାଢ଼ୀ ଓ ସିଡବ୍ଲ୍ୟୁସିର ସଦସ୍ୟମାନେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ପରିବାର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଏବଂ ପୂର୍ବରୁ ଏକ ଶିଶୁକନ୍ୟା ଥିବାବେଳେ ଏବେ ଆଉ ଏକ ଶିଶୁକନ୍ୟା ଜନ୍ମହେବାରୁ ଉଭୟ ମା'ବାପା ମଧ୍ୟସ୍ଥଙ୍କ ସହାୟତାରେ ଅନ୍ୟ ଏକ ଦମ୍ପତିଙ୍କ ହାତକୁ ଟେକିଦେଇଥିବା କହିଥିଲେ। ତେବେ ଆମେ ଶିଶୁକୁ ବିକ୍ରି କରିନାହୁଁ ବରଂ ପିଲାକୁ ନେଇ ସେମାନେ ଆମକୁ ୨୦ ହଜାର ଟଙ୍କା ଦେଇଥିଲେ ବୋଲି ଶିଶୁକନ୍ୟାର ବାପା ରାହୁଲ ଧନବେଢ଼ା କହିଥିଲେ। ଏହି ଘଟଣା ପରେ ଶିଶୁକନ୍ୟାକୁ ନେଇଥିବା ଦମ୍ପତିଙ୍କୁ ଫୋନ୍‌ରେ ଯୋଗାଯୋଗକରି ବୁଧବାର ସୁଦ୍ଧା ପିଲାକୁ ଧରି ସିଡବ୍ଲ୍ୟୁସିରେ ହାଜରହେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଘଟଣାରେ ପ୍ରଶାସନ, ଡିସିପିୟୁ ଓ ସିଡବ୍ଲ୍ୟୁସିର ତଦନ୍ତ ପରେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପରିବେକ୍ଷ ଅଧିକାରୀ ନିରାକାର ପାଢ଼ୀ କହିଛନ୍ତି। ତଦନ୍ତ ପରେ ଶିଶୁକନ୍ୟାର ପିତାମାତାଙ୍କୁ ସିଡବ୍ଲ୍ୟୁସି ଡକାଯାଇ ଶିଶୁର ଯତ୍ନ ନେଇପାରିବେକି ନାହିଁ ପଚାରାଯିବ, ଯଦି ସେମାନେ ଅକ୍ଷମତା ପ୍ରକାଶ କରନ୍ତି ତେବେ ଜିଲା ପ୍ରଶାସନ ଶିଶୁର ଲାଳନପାଳନ ଦାୟିତ୍ୱ ନେବେ ବୋଲି ସୂଚନାରୁ ଜଣାପଡିଛି। ଶିଶୁକନ୍ୟାକୁ ପ୍ରଶାସନର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି ବୋଲି ସିଡବ୍ଲ୍ୟୁସି ସଦସ୍ୟ ପ୍ରିୟଦର୍ଶିନୀ ମହାକୁଲ କହିଛନ୍ତି।

# ଭିଜିଲାନ୍ସ ଜାଲରେ ସୁବର୍ଣ୍ଣପୁର ସିଏସ୍‌ଓ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

- ୧୧ ସ୍ଥାନରେ ଏକକାଳୀନ ଚଢ଼ାଉ
- ୧୯ ପ୍ଲଟ୍, ଫାର୍ମ ହାଉସ୍, ୧.୭୨ କୋଟି ଜମା ଠାବ
- ମିଳିଲା ନଗଦ ୧.୪୯ ଲକ୍ଷ


ସୁରେଶ କୁମାର ପାଣିଗ୍ରାହୀ


ବଲାଙ୍ଗୀର ତୁଳସୀ ନଗରରେ ଦୁଇ ମହଲା କୋଠା।

ସୋନପୁର,୨୦।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ସୁରେଶ କୁମାର ପାଣିଗ୍ରାହୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୁରେଶଙ୍କ ସୁବର୍ଣ୍ଣପୁର ସହର ପ୍ୟାଲେସ୍ ଗାର୍ଡେନ୍‌ସ୍ଥିତ ଭଡ଼ାଘର ସମେତ ଭୁବନେଶ୍ୱର, ବଲାଙ୍ଗୀର, ସମ୍ବଲପୁର ଓ ବରଗଡ଼ର ୧୧ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଛି। ସେ ଭିଜିଲାନ୍ସ ସ୍କାନରରେ ଆସିବା ପରେ ବଲାଙ୍ଗୀର ଭିଜିଲାନ୍ସର ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ଚଢ଼ାଉ ଜାରି ରହିଛି। ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୨ ଜଣ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୩ ଜଣ ଡିଏସ୍‌ପି, ୭ଜଣ ଇନ୍ସପେକ୍ଟର ଓ ଅନ୍ୟ ସହାୟକ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ଯାଞ୍ଚ ହୋଇଥିବା ସ୍ଥାନ ମଧ୍ୟରେ ପାଣିଗ୍ରାହୀଙ୍କ ସୁବର୍ଣ୍ଣପୁରସ୍ଥିତ କାର୍ଯ୍ୟାଳୟ, ବଲାଙ୍ଗୀର ସହର ତୁଳସୀ ନଗରରେ ୨୫୦୦ ବର୍ଗଫୁଟର ଦ୍ୱିତଳ ଆବାସିକ ଘର, ତାଙ୍କ ସମ୍ପର୍କୀୟଙ୍କ ଘର, ବରଗଡ଼ର ବଲଣ୍ଡା ଗାଁରେ ଥିବା ପୈତୃକ ଘର, ଫାର୍ମ ହାଉସ୍, ଫ୍ଲାଇ ଆଶ୍ କାରଖାନା, ବିଜେପୁର ପହଣ୍ଡିରେ ଭାଇଙ୍କ ନାମରେ ଥିବା ପେଟ୍ରୋଲ ପମ୍ପ, ଭୁବନେଶ୍ୱର ପଟିଆରେ ଥିବା ଭଡ଼ାଘର, ସମ୍ପର୍କୀୟଙ୍କ ଘର ଓ ବରଗଡ଼ର ଗଙ୍ଗାଧର ସାହିରେ ତାଙ୍କ ସମ୍ପର୍କୀୟଙ୍କ ଭଡ଼ାଘର ଆଦି ରହିଛି।

ଭିଜିଲାନ୍ସ ସୂଚନା, ସୁରେଶଙ୍କ ଘର ତନଖି ସମୟରେ ନଗଦ ୧ଲକ୍ଷ ୪୯ ହଜାର ଟଙ୍କା ମିଳିଛି। ସେହିପରି ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଓ ମ୍ୟୁଚୁଆଲ ଫଣ୍ଡ୍‌ରେ ୧ କୋଟି ୭୨ ଲକ୍ଷ ୩୫ ହଜାର ୯୪୬ ଟଙ୍କା ଜମା ରହିଛି। ୮ ଲକ୍ଷ ୧୦ ହଜାର ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଓ ଘର ସାମଗ୍ରୀ ଏବଂ ୧୯ଟି ବହୁମୂଲ୍ୟ ପ୍ଲଟ୍ ଠାବ ହୋଇଛି। ଭୁବନେଶ୍ୱରରେ ୩ଟି, ସମ୍ବଲପୁର ସହରରେ ୩ଟି, ବଲାଙ୍ଗୀର ସହରରେ ଗୋଟିଏ, ବରଗଡ଼ ସହରରେ ଗୋଟିଏ, ବଲଣ୍ଡା ଗାଁରେ ୪ଟି ଓ ବିଜେପୁରରେ ୬ଟି ପ୍ଲଟ୍ ରହିଛି। ବଲଣ୍ଡାରେ ୪ ଏକରବିଶିଷ୍ଟ ଫାର୍ମ ହାଉସ୍‌ରେ ୫୦୦ଟି ଶାଗୁଆନ ଗଛ ଅଛି। ସେ ଭାଇଙ୍କ ନାମରେ ଥିବା ଫ୍ଲାଇ ଆଶ୍ କାରଖାନା, ପେଟ୍ରୋଲ ପମ୍ପ, ଏକ ଜେସିବି ମେଶିନ ଓ ୨ଟି ଟ୍ରାକ୍ଟର କିଣାରେ ବେଆଇନ ଅର୍ଥ ଲଗାଇଥିବା ସନ୍ଦେହ କରାଯାଉଛି। ସେ ଦିଗରେ ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଛି। ସେହିପରି ତାଙ୍କ ନାମରେ ଗୋଟିଏ କାର ଓ ୩ଟି ବାଇକ୍ ଅଛି। ବଲାଙ୍ଗୀର ଷ୍ଟେଟ୍‌ବ୍ୟାଙ୍କ ଶାଖାରେ ଏକ ଲକର ରହିଥିବା ବେଳେ ତାହା ଖୋଲାଯାଇନି। କିଣାଯାଇଥିବା ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ପ୍ରୟାସ ଜାରି ରଖିଛି। ଭିଜିଲାନ୍ସ ଟିମ୍ ସୁରେଶଙ୍କୁ ତାଙ୍କ ବିପୁଳ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ତେବେ ସୁରେଶଙ୍କ ଚାକିରିକାଳ ସମ୍ପର୍କରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେ ୧୯୯୪ରେ ସୁବର୍ଣ୍ଣପୁର ଯୋଗାଣ ବିଭାଗର ମାର୍କେଟିଂ ଇନ୍ସପେକ୍ଟର ଭାବେ ଚାକିରିରେ ଯୋଗଦେଇଥିଲେ। ସମ୍ବଲପୁର, ବରଗଡ଼, ନୂଆପଡ଼ା ଓ ବଲାଙ୍ଗୀର ଜିଲାରେ ସେହି ପଦବୀରେ ରହି କାର୍ଯ୍ୟ କରିବା ପରେ ୨୦୧୨ରେ ପଦୋନ୍ନତି ପାଇ ସହକାରୀ ଜିଲା ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ୨୦୨୦ରେ ଜିଲା ଯୋଗାଣ ଅଧିକାରୀ ଭାବେ କଳାହାଣ୍ଡି ଜିଲା ଓ ୨୦୨୧ରୁ ସୁବର୍ଣ୍ଣପୁର ଜିଲାର ଯୋଗାଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ।

# ୨ ଶିକାରୀଙ୍କୁ ବାନ୍ଧିଲା ବନ ବିଭାଗ

## ବିଦ୍ୟୁତ୍ ଫାଶରେ ୩ ହାତୀଙ୍କ ମୃତ୍ୟୁ ଘଟଣା

ନାକଟିଦେଉଳ, ୨୦।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡ ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନର ବୁରୋମାଲ ଜଙ୍ଗଲରେ ବାର୍ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଗତ ୧୮ତାରିଖ ୩ ହାତୀଙ୍କ ମୃତ୍ୟୁ ଘଟିଥିଲା। ଏହିଘଟଣାରେ ବନ ବିଭାଗ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଧାରା ୯ ରେ ବୁଧବାର ୨ ଶିକାରୀ ଘୋଷରାମାଳ ଗ୍ରାମର ସଞ୍ଜିତ ବେହେରା (୫୦) ଏବଂ ଗୋପୀ ବସନ୍ତରା(୨୪)ଙ୍କୁ ଗିରଫକରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଘୋଷରାମାଳ ଗ୍ରାମର ଗୌତମ ରାଉଳ ଏବଂ ଲାଣ୍ଡିମାଳ ଗ୍ରାମର ଜିତେନ୍ଦ୍ର ସାହୁ ଫେରାର ଥିବା ବନ ବିଭାଗ ସୂତ୍ରରୁ ଜଣାପଡିଛି । ସେମାନଙ୍କୁ ଧରିବା ପାଇଁ ଚଢାଉ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଏଥିସହ ହାତୀ ମୃତ୍ୟୁସ୍ଥଳରୁ ୧ କେଜି ବାଇଣ୍ଡିଙ୍ଗ ତାର ସହ ୭୦ରୁ ଅଧିକ ବାଉଁଶ ଖୁଣ୍ଟି ଜବତ କରାଯାଇଛି। ହାତୀ ମୃତ୍ୟୁ ଘଟଣା ପରେ ବନ ବିଭାଗ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ ଥିବା ଶିକାରୀମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ସେହିଦିନ ବନ ବିଭାଗ ୪ ଜଣଙ୍କୁ ଉଠାଇ ନେଇଥିଲା। ତେବେ ତଦନ୍ତ ବେଳେ ଏହି ୪ଜଣଙ୍କ ମଧ୍ୟରୁ ସଞ୍ଜିତ ବେହେରା ଏବଂ ଗୋପୀ ବସନ୍ତରା ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଅଧିକ ପଚରାଉଚରା ପରେ ଏହି ଘଟଣାରେ ଗୌତମ ଏବଂ ଗ୍ରାମର ଜିତେନ୍ଦ୍ରଙ୍କ ସମ୍ପୃକ୍ତ ଜଣା ପଡିଥିଲା। ହାତୀ ମୃତ୍ୟୁ ଘଟଣାରେ ଘୋଷରାମାଳ ଫରେଷ୍ଟରଙ୍କ ସମେତ ୨ ଜଣ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବନ କରାଯାଇଛି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

## ୫ ମାସରେ ଶୁଣାଣି ଶେଷ

କେନ୍ଦୁଝର,୨୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଅଶୋକ କୁମାର ପଣ୍ଡା ମାମଲାରେ ଅଭିଯୁକ୍ତ ଥିବା ଶୁକ୍ରା ଜୁଆଙ୍ଗଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପଣ୍ଡାପଡ଼ା ଥାନା ହୁଣ୍ଡା ଗ୍ରାମ ବାଲିଦାଣ୍ଡ ସାହିର ଶୁକ୍ରା ଜୁଆଙ୍ଗ(୩୦) ଓ ସ୍ତ୍ରୀ ଗୋଲାପ ଜୁଆଙ୍ଗ (୨୮)ଙ୍କ ବିବାହର ୬ ବର୍ଷ ପରେ ମଧ୍ୟ ସନ୍ତାନ ହେଉ ନ ଥିଲା। ଏ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ୨୦୨୪ ମାର୍ଚ୍ଚ ୧୬ ତାରିଖରେ ସେମାନେ ହରିଚନ୍ଦନପୁର ବ୍ଲକ୍ ବକ୍ସିବାରି ଗାଁକୁ ଜଣେ ବୈଦ୍ୟଙ୍କୁ ଦେଖାକରିବାକୁ ଯାଇଥିଲେ। ସେଠାରୁ ଫେରିବା ପରେ ଅପରାହ୍ନ ୨ଟାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶୁକ୍ରା ଉତ୍ୟକ୍ତ ହୋଇ ଏକ ଲୁହାରଡ୍‌ରେ ଗୋଲାପଙ୍କ ମୁଣ୍ଡକୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଥିଲା। ପଣ୍ଡାପଡ଼ା ଥାନାର ଗ୍ରାମରକ୍ଷୀ ଦୁର୍ଯ୍ୟୋଧନ ବେହେରା ଓ ଗାଁ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ମୃତଦେହ ଜବତ କରିଥିଲା। ଲୁହାରଡ୍ ଜବତ କରି ଏକ ମାମଲା(ନଂ. ୧୨୬/୨୪) ରୁଜୁକରି ଶୁକ୍ରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୬ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଜିଲା ଦୌରାଜଜ୍ କୋର୍ଟର ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରିଥିଲେ।

ଅନ୍ୟପକ୍ଷେ ଏହି ମାମଲାରେ ପୋଲିସ ୧ ମାସରୁ କମ୍ ଦିନରେ ତଦନ୍ତ କରି ଚାର୍ଜଶିଟ ଦାଖଲ କରିଥିଲା। ମାର୍ଚ୍ଚ ୧୬ ରେ ତଦନ୍ତ ଆରମ୍ଭ କରି ଏପ୍ରିଲ ୬ରେ ଚାର୍ଜସିଟ ଦାଖଲ କରିଥିଲା। ହତ୍ୟା ଘଟଣାର ବିଚାର ମଧ୍ୟ ତ୍ୱରିତ ଭାବେ କରାଯାଇଛି। ବିଚାର ଜୁନ ୪ରେ ଆରମ୍ଭ ହୋଇ ବୁଧବାର ଶୁଣାଣି ହୋଇଛି। ମାତ୍ର ୫ ମାସରେ ମାମଲାର ଟ୍ରାଏଲ, ସାକ୍ଷୀ ଶୁଣାଣି, ଆର୍ଗୁମେଣ୍ଟ ଏବଂ ଶୁଣାଣି ଶେଷ କରି ଜଜ୍ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁଟିଆ ମୂଷା,<br>ଧାନ ଟୋକି ଘରେ କଲୁଣି ବସା।**

ଚୁଟିଆ ମୂଷା ଧାନ ଚାଉଳ ଖାଇବା ଲାଳସାରେ ଘରେ ବସା ବାନ୍ଧିଥାଏ। ଘରେ ଲୁଚିରହି ଆସବାବ ପ୍ରଭୃତି କାଟିକୁଟି ନଷ୍ଟ କରିଦେଇଥାଏ। ଆଧ୍ୟାତ୍ମିକ ଭାବରେ ବିଚାର କଲେ ଜୀବନର ସଞ୍ଚିତ କର୍ମରାଶିକୁ ଯିଏ ଅପହରଣ କରିଥାଏ, ତାକୁ ମୂଷିକ କୁହାଯାଏ। ଘରେ ପଶି ଲୁଚେଇ ଛପେଇ ଆତ୍ମସାତ୍ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚିଲକୁ ବାଜ;<br>ଚିଲା ମାରିବାକୁ ଲାଗିଛି ଖଞ୍ଜା।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ। ଦୁଇଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଚିଲ ପକ୍ଷୀକୁ ବାଜ ବା ଛଞ୍ଚାଣ ପକ୍ଷୀ, କେହି କାହାରିଠୁ କମ୍ ନୁହେଁ। ଏକୁ ଆରେକ ବଳିୟାର। ଉଭୟେ ପରସ୍ପରର ଶତ୍ରୁ ଭାବେ ଜଣା। ଶିକାରକୁ କିଏ କେମିତି ଝାମ୍ପିନେବ ଛକାଛକି ହୋଇ ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନାବାଳିକାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର, ୨ ଗିରଫ

କାକଟପୁର,୨୦।୧୧(ଶୁଭଦର୍ଶନ ମିଶ୍ର)

କାକଟପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଘରୁ ଉଠାଇନେଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ତାଳଚେର ବହ୍ଲାର ଅଞ୍ଚଳର ସ୍ମୃତିରଞ୍ଜନ ବଳ (୨୮) ଏବଂ ସହଯୋଗୀ ଢେଙ୍କାନାଳ ଜିଲା ସାରଙ୍ଗ ଅଞ୍ଚଳର ବିଶ୍ୱଜିତ ଖୁଣ୍ଟିଆ (୨୩)।

ସୂଚନାଯୋଗ୍ୟ, ଅଭିଯୁକ୍ତଦ୍ୱୟ ନାବାଳିକାଙ୍କୁ ଘରୁ ଉଠାଇ ନେଇ ଭୁବନେଶ୍ୱରର ଏକ ଭଡ଼ାଘରେ ରଖିଥିଲେ। ମୁଖ୍ୟ ଅଭିଯୁକ୍ତ ସ୍ମୃତିରଞ୍ଜନ ୩ଦିନ ଧରି ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଅଭିଯୋଗକୁ ଭିତ୍ତିକରି କାକଟପୁର ଥାନା ପୋଲିସ ସହଯୋଗୀ ବିଶ୍ୱଜିତ ଖୁଣ୍ଟିଆଙ୍କ ମୋବାଇଲ୍ ଟ୍ରାକ୍ କରିବା ପରେ ସେମାନେ ଭୁବନେଶ୍ୱରରେ ରହୁଥିବା ଜାଣିବାକୁ ପାଇଥିଲା। ପରେ ପୋଲିସ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲା। କାକଟପୁର ଥାନା ପୋଲିସ ବୁଧବାର ୨ ଅଭିଯୁକ୍ତଙ୍କୁ କେସ୍ ନମ୍ବର ୨୨୯/୨୪, ପୋକ୍‌ସୋ ଆକ୍ଟରେ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ପୁରୀ ନିଆଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରିୟଦର୍ଶିନୀ ବରାଳ ସୂଚନା ଦେଇଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ

# ୩ ଯୁବକ ଗିରଫ

ଭୋଗରାଇ, ୨୦।୧୧(ପ୍ରଦୀପ ଦାସ)

ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଆସୁଥିଲେ ପ୍ରେମିକ। ଏପରିକି ତାଙ୍କ କଥା ନ ମାନିଲେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିଦେବେ ବୋଲି ବାରମ୍ବାର ଧମକାଉଥିଲେ। ପରେ ଏ ସମସ୍ତ ଭିଡିଓ ପ୍ରେମିକଙ୍କ ୨ ସାଙ୍ଗ ହାତରେ ପଡ଼ିବାରୁ ୩ ସାଙ୍ଗ ମିଶି ଭିଡିଓ ଭାଇରାଲ କରିଥିବା ବାଲେଶ୍ୱର ଜିଲା ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ଭୋଗରାଇ ପୋଲିସ ଯୁବତୀଙ୍କ ମା'ଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ. ୫୦୮/୨୪) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ଦେହୁର୍ଦ୍ଧା ଗ୍ରାମର ଅଭିଷେକ ନାଥ, ରାଜୀବ ନାଥ, ଶୁଭଙ୍କର ଗିରି ୩ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହୋଇଯିବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ୩ ଯୁବକମାନଙ୍କ ମଧ୍ୟରୁ ୨ଜଣ କଲେଜ ଛାତ୍ର ଥିବାବେଳେ ଅନ୍ୟ ଜଣେ ଯୁବକଙ୍କ ବ୍ୟବସାୟ ରହିଛି।

# ପୁଣି ୨୪ଶହ ବୋତଲ କଫ ସିରପ୍ ଜବତ

- ୧୨ ଚାଲାଣକାରୀଙ୍କୁ ବାନ୍ଧିଲା ପୋଲିସ
- କୋଲକାତାରୁ ସମ୍ବଲପୁର ଦେଇ ବରଗଡ଼ ଚାଲାଣ ହେଉଥିଲା
- ଆରମ୍ଭହେଲା ଡ୍ରଗ୍ସ ନିବାରଣ ପାଇଁ ସ୍ୱତନ୍ତ୍ର ଅଭିଯାନ


ପୋଲିସ ଦ୍ୱାରା ଗିରଫ କଫସିରପ୍ ଚାଲାଣକାରୀ।

ସମ୍ବଲପୁର,୨୦।୧୧(ପ୍ରମୋଦ ବହିଦାର)

୩ଦିନ ବ୍ୟବଧାନରେ ସମ୍ବଲପୁରରେ ପୁଣି ଜବତ ହୋଇଛି ବ୍ୟାପକ ପରିମାଣର ନିଷିଦ୍ଧ କଫ ସିରପ୍। ସମ୍ବଲପୁର ସଦର ଥାନା ପୋଲିସ ଗତ ୧୭ ତାରିଖରେ ୨୨୭୨ ବୋତଲ ୱିନ୍ସରେକ୍ସ କଫସିରପ୍ ଜବତ ସହ ୨୦ ଜଣଙ୍କୁ ଗିରଫ କରିଥିଲା। ବୁଧବାର ହୀରାକୁଦ ପୋଲିସ ୨୪୦୦ ବୋତଲ ନିଷିଦ୍ଧ କଫସିରପ୍ ଜବତ ସହ ୧୨ଜଣଙ୍କୁ ଗିରଫ କରିଛି। ଜବତ କଫସିରପ୍‌ର ମୂଲ୍ୟ ୮ଲକ୍ଷ ଟଙ୍କା ହେବ। ବୁଧବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କ ଉପସ୍ଥିତିରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ। ସେ କହିଛନ୍ତି, କୋଲକାତାରୁ ଭୁବନେଶ୍ୱର ଦେଇ ବରଗଡ଼ ପ୍ରେରଣ ସକାଶେ ଉକ୍ତ ନିଷିଦ୍ଧ କଫସିରପ ସମ୍ବଲପୁରକୁ ଚାଲାଣ ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ହୀରାକୁଦ ଥାନା ପୋଲିସ ଭଙ୍ଗାମୁଣ୍ଡାସ୍ଥିତ ତିୱାରୀ ଢାବାରେ ଅତର୍କିତ ଚଢ଼ାଉ କରିଥିଲା। ସେଠାରୁ ୮ଟି ପେଟିରେ ଥିବା ୧୦୦ ମିଲିଲିଟର ବିଶିଷ୍ଟ ୨୪୦୦ ୱିନ୍ସରେକ୍ସ ନିଷିଦ୍ଧ କଫସିରପ୍ ବୋତଲ ଜବତ କରାଯାଇଥିଲା। ଚୋରାଚାଲାଣରେ ସମ୍ପୃକ୍ତ ୧୨ଜଣଙ୍କୁ କାବୁ କରିଥିଲା ପୋଲିସ। ସେମାନଙ୍କ ନିକଟରୁ ଚୋରାଚାଲାଣରେ ବ୍ୟବହୃତ ଦୁଇଟି ବୋଲେରୋ ପିକ୍‌ଅପ୍, ନଗଦ ୩ହଜାର ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି। ତେବେ ଉକ୍ତ କଫସିରପ୍ କୋଲକାତାର କେଉଁଠାରୁ ଆସୁଛି, ଭୁବନେଶ୍ୱରରେ କିଏ ରାଜ୍ୟର ବିଭିନ୍ନ ସ୍ଥାନକୁ ଯୋଗାଣ କରୁଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ସେ ନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ। ଉତ୍ତରାଞ୍ଚଳ ଆଇଜି ଲାଲ କହିଛନ୍ତି, ନିଶା କଫସିରପ ସମ୍ବଲପୁରରେ ଘଟୁଥିବା ବିଭିନ୍ନ ଅପରାଧର ମୂଳ କାରଣ ସାଜିଛି। ତେଣୁ ସମ୍ବଲପୁରକୁ ନିଷିଦ୍ଧ କଫସିରପମୁକ୍ତ କରିବା ଲକ୍ଷ୍ୟରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ନଭେମ୍ବର ୨୦ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି। ସେହିପରି ବିଭିନ୍ନ ବର୍ଗର ଲୋକଙ୍କୁ ନେଇ କମିଟି ଗଠନ କରାଯାଇ ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରାଯିବ। ଏଥିସହ ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା



ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଗୁଡୁନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇପିଏଫ୍‌ଓରେ ଯୋଡ଼ିହେଲେ ୧୮.୮୧ ଲକ୍ଷ

## ସେପ୍ଟେମ୍ବରରେ ୯.୩୩ % ବୃଦ୍ଧି

**ଭୁବନେଶ୍ୱର,୨୦।୧୧(ଅନୁରାଧା ମହାରଣା)**

କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ)ସେପ୍ଟେମ୍ବରରେ ୧୮.୮୧ ଲକ୍ଷ ସଦସ୍ୟ ଯୋଡ଼ିଛି। ଗତ ବର୍ଷ ସମାନ ମାସ ତୁଳନାରେ ଏହା ୯.୩୩ ପ୍ରତିଶତ ଅଧିକ ରହିଛି। ଇପିଏଫ୍‌ଓର ପାରୋଲ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବରରେ ଇପିଏଫ୍‌ଓ ୯.୪୭ ଲକ୍ଷ ନୂଆ ସଦସ୍ୟ ଯୋଡ଼ିଛି। ସେପ୍ଟେମ୍ବର ୨୦୨୩ ତୁଳନାରେ ଏହା ୬.୨୨ ପ୍ରତିଶତ ଅଧିକ ରହିଛି। ଏଥିରେ କୁହାଯାଇଛି, ନୂତନ ସଦସ୍ୟତା ବୃଦ୍ଧି ଦ୍ୱାରା ରୋଜଗାରର ସୁଯୋଗ, କର୍ମଚାରୀଙ୍କ ସୁବିଧା ଏବଂ ଇପିଏଫ୍‌ଓର ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ବିଷୟରେ ସଚେତନତା ସୃଷ୍ଟି କରାଯାଇପାରେ। ତଥ୍ୟ ଅନୁଯାୟୀ, ଯୋଡିଥିବା ନେଟ୍ ସଦସ୍ୟମାନଙ୍କ ମଧ୍ୟରେ, ୧୮-୨୫ ବର୍ଷ ବୟସର ସଦସ୍ୟଙ୍କ ସଂଖ୍ୟା ଅଧିକ ରହିଛି। ଏହି ମାସରେ ଯୋଡି ହୋଇଥିବା ମୋଟ ନୂତନ ସଦସ୍ୟମାନଙ୍କରେ ମଧ୍ୟରେ ୫୯.୯୫% ସଦସ୍ୟ ଏହି ବର୍ଗର ଅଟନ୍ତି। ଏଥିରେ କୁହାଯାଇଛି, ୨୦୨୪ ସେପ୍ଟେମ୍ବରରେ ୧୮-୨୫ ବର୍ଷ ବୟସରେ ୮.୩୬ ଲକ୍ଷ ସଦସ୍ୟ ଯୋଡ଼ିହୋଇଥିବାବେଳେ ୨୦୨୩ ସେପ୍ଟେମ୍ବରରେ ଯୋଗଦେଇଥିବା ସଦସ୍ୟଙ୍କ ତୁଳନାରେ ଏହି ସଂଖ୍ୟା ୯.୧୪% ଅଧିକ ରହିଛି। ସେହିପରି ପ୍ରାୟ ୧୪.୧୦ ଲକ୍ଷ ସଦସ୍ୟ ଏପରି ଅଛନ୍ତି ଯେଉଁମାନେ ପୂର୍ବରୁ ଇପିଏଫ୍‌ଓରେ ଯୋଡ଼ିହୋଇଥିଲେ ମଧ୍ୟ ଏଥିରୁ ଯେକୌଣସି କାରଣବଶତଃ ଏଥିରୁ ବାଦ୍ ପଡ଼ିଥିଲେ ବା ଓହରିଯାଇଥିଲେ। ବାର୍ଷିକ ଆଧାରରେ ଏହି ସଂଖ୍ୟା ୧୮.୧୯% । ପୁରୁଷ-ମହିଳା ତଥ୍ୟ ଭିତ୍ତିରେ ଏହି ମାସରେ ପ୍ରାୟ ୨.୪୭ ଲକ୍ଷ ମହିଳା ନୂତନ ସଦସ୍ୟ ଭାବରେ ଯୋଡିହୋଇଛନ୍ତି। ବାର୍ଷିକ ଭିତ୍ତିରେ ଏହା ୯.୧୧ ପ୍ରତିଶତ ଅଧିକ ରହିଛି। ନେଟ୍ ମହିଳା ସଦସ୍ୟଙ୍କ ସଂଖ୍ୟା ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୩.୭୦ ଲକ୍ଷରେ ପହଞ୍ଚିଛି। ସେପ୍ଟେମ୍ବରରେ ମହାରାଷ୍ଟ୍ର ଇପିଏଫ୍‌ଓ ସଦସ୍ୟ ଯୋଡ଼ିବାରେ ସବୁ ରାଜ୍ୟ ମଧ୍ୟରେ ଶୀର୍ଷରେ ରହିଛି। ଏହା ୨୧.୨୦ ପ୍ରତିଶତ ନେଟ୍ ସଦସ୍ୟଙ୍କୁ ଯୋଡିଛି। ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଦିଲ୍ଲୀ, ହରିୟାଣା, ଗୁଜରାଟ, ଉତ୍ତରପ୍ରଦେଶ ଏବଂ ତେଲଙ୍ଗାନା ଏହି ମାସରେ ପୃଥକ୍ ଭାବରେ ୫% ନେଟ୍ ସଦସ୍ୟଙ୍କୁ ଯୋଡ଼ିଛନ୍ତି।

# ୨ ଗୁଣା ହେଲା ଶାମ୍ଭବୀ ପୁରସ୍କାର ରାଶି

**ଭୁବନେଶ୍ୱର,୨୦।୧୧**

ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ସମ୍ମାନଜନକ ଆୱାର୍ଡ 'ଶାମ୍ଭବୀ ପୁରସ୍କାର' ପ୍ରତି ବର୍ଷ ରାଜ୍ୟର ସାମାଜିକ ପରିବର୍ତ୍ତନକାରୀଙ୍କୁ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷଠାରୁ ଶାମ୍ଭବୀ ପୁରସ୍କାର ରାଶିରେ ୨ ଗୁଣା ବୃଦ୍ଧି କରାଯାଇଛି। ଏପରିକି ଏହାର ମୁଖ୍ୟ ବିଜେତାଙ୍କୁ ସାଇଟେଶନ ସହ ଟ୍ରଫି ଏବଂ ପୂର୍ବରୁ ପ୍ରଦାନ କରାଯାଉଥିବା ନଗଦ ପୁରସ୍କାର ରାଶି ୨,୫୦,୦୦୦ରୁ ୫,୦୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିଭଳି ଜୁରି ପ୍ରଶଂସାପତ୍ର ବିଜେତାଙ୍କ ନଗଦ ପୁରସ୍କାର ରାଶି ୫୦,୦୦୦ ରୁ ୧,୦୦,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏପରିକି ଶାମ୍ଭବୀ ପୁରସ୍କାରର ୧୨ତମ ସଂସ୍କରଣ ପାଇଁ ବର୍ତ୍ତମାନ ଆବେଦନ ଗ୍ରହଣ କରାଯାଉଛି। ଆଶୟୀ ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକୁ ଆବେଦନ କିମ୍ବା ମନୋନୀତ କରିବା ପାଇଁ www.bipf.org.in.ରେ ଲଗ୍ ଇନ୍ କରାଇପାରିବେ। ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ସିଇଓ ତଥା ଟ୍ରଷ୍ଟି ଏବଂ ଇମ୍ପା ସିଏସ୍‌ଆର (ସ୍ୱତନ୍ତ୍ର ପଦକ୍ଷେପ)ର ମୁଖ୍ୟ ଶୈଫାଳିକା ପଣ୍ଡା କହିଛନ୍ତି, ବଞ୍ଚିତ ଲୋକମାନଙ୍କ ସେବା କରିବା ଓ ସାମାଜିକ ପରିବର୍ତ୍ତନ ଦିଗରେ ପ୍ରଭାବୀ ପଦକ୍ଷେପ ନେବା ଆମର ଦାୟିତ୍ୱ ହୋଇଥିଲାବେଳେ ଶମ୍ଭାବୀ ପୁରସ୍କାର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଆଗଧାଡ଼ିର ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ସାମୂହିକ ବିକାଶ ନିମନ୍ତେ ସେମାନଙ୍କ ଦୂରଦୃଷ୍ଟି ଓ ଅଭିଳାଷାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରୁଛି। ଏପରିକି ୨୦୧୪ରୁ ଓଡ଼ିଶାରେ ସାମାଜିକ ପରିବର୍ତ୍ତନକାରୀଙ୍କ ଉଲ୍ଲେଖନୀୟ ଅବଦାନକୁ ବିଆଇପିଏଫ୍ ସମ୍ମାନିତ ତ କରି ଆସୁଛି, ସାମାଜିକ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିବା ବ୍ୟକ୍ତିବିଶେଷ ଓ ଗୋଷ୍ଠୀମାନଙ୍କର ଉତ୍ଥାନ ଓ ସକାରାତ୍ମକ ପରିବର୍ତ୍ତନ ପାଇଁ ଏହି ପୁରସ୍କାର ସେମାନଙ୍କ କଠିନ ପରିଶ୍ରମକୁ ମାନ୍ୟତା ପ୍ରଦାନ କରିବା ସହିତ ସାମାଜିକ ନିବେଶକ ଓ ସଙ୍ଗଠନମାନଙ୍କ ଏକ ବ୍ୟାପକ ନେଟ୍‌ୱର୍କ ସହିତ ସଂଯୋଗ ସ୍ଥାପନ କରି ସେମାନଙ୍କ ପ୍ରଭାବକୁ ଆହୁରି ଅଧିକ ବିସ୍ତାର କରିପାରିଛି।


## ୧୧ତମ ଜନ୍ମଦିନ ଶୁଭେଚ୍ଛା



ଆଜି ଶ୍ରୀ ଶିବାଶିଷ ମିଶ୍ର (ଗୁଡୁନ୍)(ଓଁମ୍)ର ଶୁଭ ଜନ୍ମଦିନ ଉପଲକ୍ଷେ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ତାକୁ ଦୀର୍ଘାୟୁ କରନ୍ତୁ ଓ ତା'ର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛା ସହ:** ମାମା: (ଅର୍ଚ୍ଚିତା ମିଶ୍ର), ମାଉସୀ ଓ ମଉସା, ଅଜା ଓ ଆଈ ତଥା ମିଶ୍ର ପରିବାର ।

ସାରଦାଶ୍ରୀ, ୯୦୪-ଶାସ୍ତ୍ରୀନଗର, ଭୁବନେଶ୍ୱର
9861375760

ଧ-୨୦୧୮


# ଜିଜିଏଲ୍ ସହ ବେଦାନ୍ତ ଆଲୁମିନିୟମର ବୁଝାମଣା

**ଭୁବନେଶ୍ୱର,୨୦।୧୧ (ଅଭୟ ଦାଶ)**



ଗେଲ୍ ଇଣ୍ଡିଆ ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ଗେଲ୍ ଗ୍ୟାସ୍ ଲିମିଟେଡ୍ (ଜିଜିଏଲ୍) ଏବଂ ବେଦାନ୍ତ ଆଲୁମିନିୟମ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ସ୍ଥାୟୀ ଶିଳ୍ପ ଅଭ୍ୟାସ ଦିଗରେ ପ୍ରାକୃତିକ ଯୋଗାଣ ଲାଗି ଜିଜିଏଲ୍ ସହ କମ୍ପାନୀ (ବେଦାନ୍ତ) ଏକ ଗ୍ୟାସ୍ ବିକ୍ରୟ ଚୁକ୍ତି ସ୍ୱାକ୍ଷର କରିଛି। ଅପରପକ୍ଷରେ ବେଦାନ୍ତର ଝାରସୁଗୁଡ଼ା ସ୍ମେଲଟର ବିଶ୍ୱର ସର୍ବବୃହତ୍ ଆଲୁମିନିୟମ କାରଖାନା ହୋଇଥିଲାବେଳେ ପ୍ରାକୃତିକ ଗ୍ୟାସ୍‌ର ଏହି ପରିବର୍ତ୍ତନ ୨୦୨୫ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଏହା ଫଳରେ ଅଙ୍ଗାରକାମ୍ଳ ପଦଚିହ୍ନ ହ୍ରାସ ସହ ପ୍ରତି ବର୍ଷ ଆନୁମାନିକ ୪୭,୨୯୨ ଟନ୍ ସିଓ୨ ସମାନ ଟିସିଓ୨ଇ ହ୍ରାସ ପାଇବ।

ଏ ସମ୍ପର୍କରେ ବେଦାନ୍ତର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ପ୍ରିୟା ଅଗ୍ରୱାଲ ହେବର କହିଛନ୍ତି, ଆମେ କରୁଥିବା ସବୁ କାର୍ଯ୍ୟର ମୂଳରେ ସ୍ଥିରତା ରହିଛି। ଜିଜିଏଲ୍ ସହ ଆମର ସହଭାଗିତା ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଓ ସ୍ୱଚ୍ଛ ଶକ୍ତି ପାଇବାରେ ସହାୟ ହେବ। ଏହି ସହଭାଗିତା ଆମର ଯାତ୍ରା ପଥକୁ ଅଧିକ ଉନ୍ନତ ଓ ଦାୟିତ୍ୱଶୀଳ କରିବ। ଏପରିକି ଭବିଷ୍ୟତରେ ଏକ ସବୁଜ ବିଶ୍ୱ ପରିଣତରେ ମଧ୍ୟ ସାହାଯ୍ୟ କରିବ।

ସେହିଭଳି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଜିଜିଏଲ୍ ସହିତ ଆମର ଏହି ସହଭାଗିତା ପରିବେଶ ପ୍ରଭାବ ହ୍ରାସ କରିବାରେ ବେଶ୍ ସହାୟକ ହେବ। ଏପରିକି ଆଲୁମିନିୟମ ଶିଳ୍ପକୁ ଆଗେଇନେବାରେ ମଧ୍ୟ ସାହାଯ୍ୟ କରିବ।

# ଆର୍‌ବିଆଇ ପକ୍ଷରୁ ଟାଉନ ହଲ୍ ବୈଠକ

**ଭୁବନେଶ୍ୱର,୨୦।୧୧**

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଟାଉନ ହଲ୍ ବୈଠକର ଆୟୋଜନ କରାଯାଇଥିଲା। ବିଶେଷକରି ଏହି ବୈଠକ ବଲାଙ୍ଗୀର ଜିଲାର ଉଦ୍ୟୋଗୀମାନଙ୍କ ପାଇଁ ଆୟୋଜିତ ହୋଇଥିଲା। ଏପରିକି ଜିଲାର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗୀ (ଏମ୍‌ଏସ୍‌ଏମ୍‌ଇ)ମାନଙ୍କ ନିକଟରେ ପହଞ୍ଚିବା ଏବଂ ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ସଚେତନତା ସୃଷ୍ଟିକରିବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଉଲ୍ଲେଖଯୋଗ୍ୟ, ଆର୍‌ବିଆଇର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆର୍‌ବିଆଇରର ମହାପ୍ରବନ୍ଧକ ଅନିତା ପଟ୍ଟନାୟକଙ୍କ ସମେତ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲ୍‌ର, ଏସ୍‌ଏଲ୍‌ବିସିର ମହାପ୍ରବନ୍ଧକ ଗୌତମ ପାତ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ଷ୍ଟେଟ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ଉପ-ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଏବଂ ବଲାଙ୍ଗୀରର ଜିଏମ୍, ଡି ଆଇ ସି, ବିଷ୍ଣୁପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବଲାଙ୍ଗୀର ଜିଲାର ଉଦ୍ୟୋଗୀ ସଂଘ ଯଥା ଓଏଏସ୍‌ଏମ୍‌ଇ ଓ ଆଇଏ, ୟୁସିସିଆଇ ଇଣ୍ଡଷ୍ଟ୍ରି ଫେଡେରେଶନ, ତିନୋଟି ଆଗ୍ରି ଉଦ୍ୟୋଗ ଆଦିରୁ ୨୦୦ ରୁ ଊର୍ଦ୍ଧ୍ୱ ଅଂଶଗ୍ରହକାରୀ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଡିଏମ୍ ନାବାର୍ଡ ଏବଂ ଜିଲାରେ ଥିବା ମୁଖ୍ୟ ବ୍ୟାଙ୍କଗୁଡ଼ିକର ଆଞ୍ଚଳିକ ମ୍ୟାନେଜର ଓ ଶାଖା ପରିଚାଳକମାନେ ମଧ୍ୟ ଉପସ୍ଥିତ ଥିଲେ।

ପରିଶେଷରେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନଙ୍କ ପାଇଁ ଏକ ପ୍ରଶ୍ନ ଏବଂ ଉତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ପ୍ରଶ୍ନ ପଚାରିଥିଲେ ଏବଂ ବ୍ୟାଙ୍କ ଫାଇନାନ୍ସ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସେମାନଙ୍କର ମତାମତ ବାଣ୍ଟିଥିଲେ।

# ମୋଣ୍ଟେ କାର୍ଲୋର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



**ଭୁବନେଶ୍ୱର,୨୦।୧୧**

ଦେଶର ପ୍ରମୁଖ ପ୍ରିମିୟମ ପୋଷାକ ବ୍ରାଣ୍ଡ ତଥା ମୋଣ୍ଟେ କାର୍ଲୋର ଏକ୍ସକ୍ଲୁସିଭ ଆଉଟ୍‌ଲେଟ ମୟୂରଭଞ୍ଜ ଜିଲା ଅଧୀନ ବାରିପଦା ଷ୍ଟେଶନ ରୋଡ୍ ଡିପସାହି ୱାର୍ଡ ନଂ. ୧୧ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୋଣ୍ଟେ କାର୍ଲୋ ଇଣ୍ଡିଆର ଭିପି (ମାର୍କେଟିଂ) ପଙ୍କଜ ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋଣ୍ଟେ କାର୍ଲୋ ଓଡ଼ିଶା ୟୁନିଟ୍‌ର ଏଏସ୍‌ଏମ୍ ବିମଳ କୁମାର ସାହୁ ଓ ଷ୍ଟୋର ସ୍ୱତ୍ୱାଧିକାରୀ (ଫ୍ରାଞ୍ଚାଇଜର) ସଂଗ୍ରାମ କେଶରୀ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୧୫୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଷ୍ଟୋର (ମୋଣ୍ଟେ କାର୍ଲୋ)ରେ ବ୍ରାଣ୍ଡର ସମସ୍ତ ଉତ୍ପାଦ ଓ ନୂତନ କଲେକ୍ସନ ଉପଲବ୍ଧ ରହିଛି। ବିଶେଷକରି ଚଳିତ ବିବାହ ଋତୁ ଅବସରରେ ଏହି ଷ୍ଟୋରର ଶୁଭାରମ୍ଭ କରାଯାଇଥିବାରୁ ସ୍ଥାନୀୟ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ରିହାତି ଓ ଉପହାରର ବ୍ୟବସ୍ଥା କରାଯାଇଛି ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ସନ୍ ହୋଣ୍ଡାର ସ୍ମାର୍ଟ ୱାର୍କଶପ୍




**ବାରିପଦା,୨୦।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ସନ୍ ହୋଣ୍ଡା ଶୋ'ରୁମରେ ସ୍ମାର୍ଟ ୱାକସପ୍‌ର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ହୋଣ୍ଡା କମ୍ପାନୀର ରାଜ୍ୟ ସର୍ଭିସ ମୁଖ୍ୟ ଶିବ ପ୍ରତାପ ସିଂହ, ସେଲ୍‌ସ ମୁଖ୍ୟ ରାଜେଶ ଚୌଧୁରୀ, ସର୍ଭିସ ଏରିଆ ଇନଚାର୍ଜ ଅନିର୍ବାଣ ଭଟ୍ଟାଚାର୍ଯ୍ୟ ଓ ସେଲ୍‌ସ ଏରିଆ ଇନଚାର୍ଜ ଜୟଦୀପ ଶାହା ପ୍ରମୁଖ ଉପସ୍ଥିତ ରହି ଏହି ୱାର୍କସପକୁ ଉଦ୍‌ଘାଟନ କରିଥିଲେ। ସନ୍ ହୋଣ୍ଡାର ସତ୍ତ୍ୱାଧିକାରୀ ଅନେଶ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାହକମାନେ ବିଶ୍ରାମ କକ୍ଷ କିମ୍ବା ଘରେ ରହି ନିଜ ଯାନର ମରାମତି କାର୍ଯ୍ୟ ସମ୍ପର୍କରେ ଅପଡେଟେଡ ସୂଚନା ପାଇପାରିବେ। ଏପରିକି ୱାର୍କସପ୍‌ରେ ଅଫ୍ ଲାଇନ ପରିବର୍ତ୍ତେ ଅନଲାଇନ ମାଧ୍ୟମରେ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯାଇ ଗ୍ରାହକମାନଙ୍କୁ ମୋବାଇଲ ମାଧ୍ୟମରେ ସୂଚନା ପ୍ରଦାନ କରାଯାଇ ପାରିବ। ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ଅଧିକ ସୁବିଧା ଯୋଗାଇବା ପାଇଁ ପ୍ରୟାସ ଜାରି ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେବାକୁ ଯାଇ ସହରର ଟ୍ରାଫିକ ବ୍ୟବସ୍ଥାରେ ନିୟୋଜିତ ରହୁଥିବା ପୋଲିସ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ହେଲମେଟ ପ୍ରଦାନ କରାଯାଇଥିଲା। ଉଦିତା ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


# Classified Everyday
0674-2580101, 2549949




ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75578

ତ୍ରିନାଥ ବଜାର ମହାଧରପଡ଼ା Medical ନିକଟରେ ମୋର ଘରବାରି ପ୍ଲଟ୍ 24,00,000/- ବିକ୍ରିହେବ। 9776846520. D-76211

Ready to move 4BHK duplex bungalow at Botanda, Sundarpada, Bhubaneswar near Sai Villa, Ranging 94 lakhs. Contact: 9040521173, 9861125539. D-76031

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9777554170, 7978874990.** D-2011

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2010

Your classified advertisement published in Dharitri will be listed free in Dharitri online edition:
**dharitriepaper.in**




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-1949

Newly open health benefits SPA by expert therapist. Contact- 8280961126. D-76169

## AFFIDAVIT

By virtue of an affidavit sworn before the Notary Public, Kantabanji vide No.327, dated 20.03.2024, I, Kishor Deep, R/o. Village- Jamkani, P.O.- Bankel, P.S.- Muribahal, Dist.- Balangir (Odisha) declared that my son's Aadhaar card bearing No. xxxx xxxx 9826, his name has been mentioned as Sunil Deep in place of Tanurjaya Deep. Now I have changed his name from Sunil Deep to Tanurjaya Deep for all purposes. D-2019

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit No. 16022, dated 19.11.2024 sworn before the Executive Magistrate, Durgapur declare that my actual name is KORA PRASAD SWAIN which is true and correct as recorded in my Aadhaar Card (xxxxxxxx7390) and my PAN (CGHPS2458F). My name wrongly mentioned as KORA PRASADA SWAIN in my HSC Board Certificate and P.G.D.C.A Certificate. That both names relate to same and one person. Henceforth, I will be known as "KORA PRASAD SWAIN" for all purposes. D-2014

I, Shushant Kumar Rout, S/o Dibakar Rout, resident of Sahadevkhunta, Plot No. HIG-5, Chandmari Padia, P.S.- Sahadevkhunta, Dist.- Balasore, PIN- 756001, Odisha declare by this affidavit No.- 4844, Dtd. 5.11.2024 that now onwards I shall be known as Sushanta Kumar Rout for all future purposes. D-2015

I, Bijayinee Das, D/o Late Sanatan Patra and W/o Jagabandhu Das, resident of MB-18, Badagada Brit Colony, Bhubaneswar-751018, Odisha declare by this Affidavit No.932 dated 16.11.2024 that now onwards I shall be known as BIJAYINI DAS for all future purposes. D-75798

I, Anta Naik, W/o Prasanta Naik resident of Rangadhipa, New Colony, P.O.- Rangadhipa, P.S.- Town, Dist.- Sundargarh, Pin- 770002, Odisha declare by this affidavit No. 17068, dt.20.11.2024, that now onwards I shall be known as Anita Patel for all future purpose. D-2016

I, Prashanta Naik, S/o- Late Dutia Naik, resident of Rangadhipa, New Colony, P.O.- Rangadhipa, P.S.- Town, Dist.- Sundargarh, Pin- 770002, Odisha, declare by this affidavit No.17067 Dt.20.11.2024 that now onwards I shall be known as Prasanta Naik for all future purpose. D-2017

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ. ଶଚ୍ଚିନନ୍ଦନ ଦାସ**

ଜନ୍ମସ୍ଥାନ-ଦଇତାପଡ଼ାସାହି, ପୁରୀ
ବାସସ୍ଥାନ- ଗୋଲାପଲ୍ଲୀସାହି, ବ୍ରହ୍ମପୁର
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ଜ୍ୱାଇଁ, ନାତୁଣୀ ଓ ନାତି ।

ଧ-୨୦୦୪

### Tearful Tribute on the Eleventh Day



Tatini Das

Began life's journey : 13.03.1956
Entered Eternal Rest: 11.11.2024

We honour her memory with deep love and respect. Her wisdom, kindness and strength continues to inspire us every day. Forever in our hearts.

*In Fond Remembrance by* :
Husband:
**Pradipta Kumar Mohanty,**
Son, Daughter-in-law, Grandson, Daughter, Son-in-law, Family & Friends

Plot No. 544, Near Mausima Mandir, Bhubaneswar

D-2013

# ମାତ୍ର ଥରେ...

ବଲିଉଡ୍‌ରେ ଧର୍ମେନ୍ଦ୍ର ଜଣେ ଅନନ୍ୟ ଲୋକପ୍ରିୟ ଅଭିନେତା। ହେଲେ ତାଙ୍କର ଅଭିନୟ କ୍ୟାରିୟରରେ ସେ ଅନେକ କଥା ପାଇଁ ଆଲୋଚନାର ଶିରୋନାମ ପାଲଟିଥିଲେ। ୧୯୯୧ରେ ଗୋଟିଏ କଥାକୁ ନେଇ ସେ ସମୟରେ ବେଶ୍ ଆଲୋଚନା ହୋଇଥିଲା। କଥା କ'ଣ କି ସେହି ବର୍ଷ ରିଲିଜ୍ ହୋଇଥିଲା ଅନିଲ ଗାଙ୍ଗୁଲିଙ୍କ ନିର୍ଦ୍ଦେଶିତ ହିନ୍ଦୀ ସିନେମା 'ଦୁଷ୍ମନ୍ ଦେବତା'। ଏଥିରେ ଧର୍ମେନ୍ଦ୍ରଙ୍କ ନାୟିକା ସାଜିଥିଲେ ଡିମ୍ପଲ କାପାଡ଼ିଆ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଦୁହିଁଙ୍କୁ ନେଇ ଏକ ଲିପ୍-ଲକ୍ ସିନ୍ ଶୁଟିଂ କରାଯାଇଥିଲା। ଏହାପୂର୍ବରୁ ଧର୍ମେନ୍ଦ୍ର କଦାପି ଏଭଳି ଶଟ୍ ଦେଇ ନ ଥିଲେ। କିନ୍ତୁ ସେତେବେଳେ ତାଙ୍କର ପୁଅ ସନ୍ନି ଦେଓଲ ଏବଂ ଡିମ୍ପଲଙ୍କ ଆଫେୟାର୍ସକୁ ନେଇ ବଲିଉଡ୍ ଉଠୁଥାଏ ପଡୁଥାଏ। ଏଭଳି ଆଲୋଚନା ନେଇ ଧର୍ମେନ୍ଦ୍ର ବେଶ୍ ଦୁଃଖିତ ହୋଇଥିଲେ। ଏପରିକି ଭବିଷ୍ୟତରେ ଆଉ କେବେ ଏଭଳି ଶଟ୍ ଦେବେ ନାହିଁ ବୋଲି ମାଇଣ୍ଡ ମେକ୍‌ଅପ ମଧ୍ୟ କରିନେଇଥିଲେ। ତା'ପରେ ଏ ପର୍ଯ୍ୟନ୍ତ ସେ କେବେ ଏପରି ଶଟ୍ ଦେବାର ନଜିର ନାହିଁ।


ଧର୍ମେନ୍ଦ୍ର

# ସଲ୍ଲୁଙ୍କ କଥା ରହିଲା

ବର୍ତ୍ତମାନ ସଲମାନ୍ ଖାଁ ଓରଫ ସଲ୍ଲୁ ତାଙ୍କର ଆଗାମୀ ଫିଲ୍ମ 'ସିକନ୍ଦର'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଇତିମଧ୍ୟରେ ଏହାର ଅର୍ଦ୍ଧାଧିକ ଭାଗର ଶୁଟିଂ ଶେଷ ହୋଇଛି ଏବଂ ଆସନ୍ତାବର୍ଷ ଜାନୁଆରୀ ସୁଦ୍ଧା ଏହି କାମ ଶେଷ ହୋଇଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ଏଥିରେ ଏବେ ଦୁଇଟି ନୂଆ ଗୀତ ସଂଯୋଗ କରାଯାଇଛି। କଥା କ'ଣ କି ସିନେମାଟିକୁ ଆହୁରି ଦର୍ଶକାଦୃତ କରିବାକୁ ଖୋଦ୍ ସଲ୍‌ମାନ ନିର୍ଦ୍ଦେଶକ ଏ.ଆର୍. ମୁରୁଗାଦୋସ୍‌ଙ୍କୁ ଗୋଟିଏ ହୋଲି ଗୀତ ଏବଂ ଅନ୍ୟ ଏକ ଇଦ୍ ଗୀତ ରଖିବାକୁ ପରାମର୍ଶ ଦେଇଥିଲେ। ତା'ପରେ ନିର୍ଦ୍ଦେଶକ ସ୍ୱର ସଂଯୋଜକ ପ୍ରୀତମ୍‌ଙ୍କ ସହ ଆଲୋଚନା କରି ଏହାକୁ ସବୁଜ ସଙ୍କେତ ଦେଖାଇଛନ୍ତି। ଖୁବ୍‌ଶୀଘ୍ର ଗୀତଦ୍ୱୟର ଶୁଟିଂ ଆରମ୍ଭ ହେବ ବୋଲି ମଧ୍ୟ ଜଣାପଡ଼ିଛି। ଏ ସମ୍ପର୍କରେ ସଲ୍‌ମାନ କହନ୍ତି, ''ସଙ୍ଗୀତ ହେଉଛି ସିନେମାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ତେଣୁ ମୁଁ ଏହି ଫିଲ୍ମରେ ଏକ ହୋଲି ଏବଂ ଇଦ୍ ଗୀତ ରଖିବାକୁ ପରାମର୍ଶ ଦେଇଥିଲି। ଯାହାହେଉ ପ୍ରୀତମ ଗୀତଦ୍ୱୟକୁ ସୁନ୍ଦର ଭାବରେ ସ୍ୱର ଦେଇଛନ୍ତି। ଏହାକୁ ଆହୁରି ଆକର୍ଷଣୀୟ କରିବାକୁ ଆମେ ଶୁଟିଂ ସମୟରେ ନିଶ୍ଚୟ ଧ୍ୟାନ ଦେବୁ।'' ଏହି ଫିଲ୍ମଟି ଆସନ୍ତାବର୍ଷ ଇଦ୍‌ରେ ରିଲିଜ୍ ହେବାକୁ ଯାଉଛି। ଏଥିରେ ସଲ୍‌ମାନଙ୍କ ବ୍ୟତୀତ ରଶ୍ମିକା ମାନ୍ଦାନା, ସୁନୀଲ ସେଟ୍ଟି, କାଜଲ ଅଗ୍ରୱାଲ, ପ୍ରତୀକ ବବର ଏବଂ ସରମନ୍ ଜୋଶୀ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।

# ସିନେମାର ରିଲିଜ୍ ଦିନ..


କ୍ୟାଟ୍ରିନା

ଚଳଚ୍ଚିତ୍ରରେ ଅଭିନୟ କରୁଥିବା କଳାକାରମାନେ ଚିତ୍ରଟି କିପରି ଦର୍ଶକାଦୃତ ହେବ ସେ ନେଇ ବେଶ୍ ଆଶାବାଦୀ ଥାଆନ୍ତି। କେତେକ ଷ୍ଟାରଙ୍କର ଏ କ୍ଷେତ୍ରରେ ଅନେକ କଥାକୁ ବିଶ୍ୱାସ ମଧ୍ୟ କରିଥାଆନ୍ତି। ଯେପରିକି ସଲ୍‌ମାନ ଖାଁଙ୍କ ଅଧିକାଂଶ ଫିଲ୍ମ ଇଦ୍ ସମୟରେ ରିଲିଜ୍ ହୋଇଥାଏ। ଠିକ୍ ସେହିପରି କ୍ୟାଟ୍ରିନାଙ୍କ ମନରେ ଏକ ଧାରଣା ରହିଛି। ସେ ଅଭିନୟ କରିଥିବା ପ୍ରତିଟି ଫିଲ୍ମ ଯେତେବେଳେ ରିଲିଜ୍ ହୁଏ, ସେହି ଦିନ ସେ ମୁମ୍ବାଇସ୍ଥିତ ସିଦ୍ଧି ବିନାୟକ ମନ୍ଦିର ଏବଂ ମାଉଣ୍ଟ ମେରୀ ଚର୍ଚ୍ଚ ଯାଇଥାଆନ୍ତି। ଏଭଳି ବିଶ୍ୱାସ ବିଷୟରେ କ୍ୟାଟ୍ରିନା କୈଫ କହନ୍ତି, ''ପିଲାଟି ଦିନରୁ ମୁଁ ସବୁବେଳେ ମନ୍ଦିର ଯାଏ। ସେଠାରେ ଠାକୁରଙ୍କୁ ପୂଜାର୍ଚ୍ଚନା କଲେ ମନକୁ ଶାନ୍ତି ମିଳିବା ସହ ମନର ଆଶା ପୂରଣ ହୋଇଥାଏ। ମୁଁ ଯେତେବେଳେ ବଲିଉଡ୍‌ରେ ପ୍ରବେଶ କଲି ତାହା କେବଳ ଠାକୁରଙ୍କ ଆଶୀର୍ବାଦ ପାଇଁ ସମ୍ଭବ ହୋଇଥିଲା। ମୁଁ ଅଭିନୟ କରିଥିବା ପ୍ରତିଟି ଫିଲ୍ମର ପ୍ରିମିୟର ଦିନ ସକାଳୁ ମୁଁ ଯେମିତି ହେଲେ ମୁମ୍ବାଇର ସିଦ୍ଧି ବିନାୟକ ମନ୍ଦିର ଏବଂ ମେରୀ ଚର୍ଚ୍ଚ ଯାଇ ପୂଜାର୍ଚ୍ଚନା କରିଥାଏ। ଏହି ଧାରା ଏ ପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି।'' ସୂଚନାଯୋଗ୍ୟ କ୍ୟାଟ୍ରିନାଙ୍କ ଅଭିନୀତ ଶେଷ ଫିଲ୍ମ 'ମେରି କ୍ରିଷ୍ଟମାସ୍' ଚଳିତବର୍ଷ ଜାନୁଆରୀରେ ରିଲିଜ୍ ହୋଇ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ୬୦ କୋଟି ବଜେଟରେ ପ୍ରସ୍ତୁତ ସିନେମାଟି ମାତ୍ର ୨୦ କୋଟି ଆୟ କରିବାରେ ସକ୍ଷମ ହୋଇଥିଲା।

ଶୁଟିଂ ଚାଲିଛି

# ସ୍କୁଲ ଡାଏରୀ


'ସ୍କୁଲ ଡାଏରୀ' ଫିଲ୍ମରେ ଅନ୍ୱିତା-ପ୍ରେମ୍-ଦିବ୍ୟା

ବର୍ତ୍ତମାନ ସୋସିଆଲ ମିଡିଆର ଚାହିଦା କାହିଁରେ କେତେ। କେବଳ ବୟସ୍କ ବ୍ୟକ୍ତି ନୁହନ୍ତି ସ୍କୁଲରେ ପଢୁଥିବା ପିଲା, ଯୁବପିଢ଼ି ଏଥିପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। ତେବେ ସୋସିଆଲ ମିଡିଆ ଏବଂ ମୋବାଇଲ ବ୍ୟବହାର ଜଣେ ଛାତ୍ର ଜୀବନକୁ କିପରି ପ୍ରଭାବିତ କରୁଛି ଏବଂ ଏହାଦ୍ୱାରା ତାହାର ଜୀବନର ଗତିପଥ ମଧ୍ୟ ବଦଳି ଯାଉଛି। ତା'ପରେ କ'ଣ ହେଉଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ। ଏକ ସାଂପ୍ରତିକ ଘଟଣାକୁ ନେଇ ଶ୍ରୀ ଗଣେଶ ପ୍ରଡକ୍ସନ ବ୍ୟାନରରେ ନିର୍ମାଣ କରାଯାଉଥିବା ଓଡ଼ିଆ ସିନେମାଟିର ଟାଇଟଲ ରହିଛି 'ସ୍କୁଲ ଡାଏରୀ'। ଏହାର କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଉଛନ୍ତି ସମ୍ମିତ ବାରିକ। ବର୍ତ୍ତମାନ ଏହାର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଲଗ୍ନା ସ୍ୱାଇଁ ଏବଂ ସମ୍ମିତ ବାରିକ। ଲାଇନ୍ ପ୍ରଯୋଜକ ଅଛନ୍ତି ଗଣେଶ ପଣ୍ଡା ଏବଂ ରବି କୁମାର ଶତପଥୀ। ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ତଥା ନିକଟରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ଡ. ରଜନୀ ରଞ୍ଜନ। ଅରୁଣ ମନ୍ତ୍ରୀ ଏବଂ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରଶାନ୍ତ ପାଢ଼ୀ। ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ପୂର୍ବରୁ ଜଣେ ସଫଳ ସହ-ନିର୍ଦ୍ଦେଶକ ଭାବରେ ସେ ପରିଚୟ ସୃଷ୍ଟି କରିସାରିଛନ୍ତି। ଉକ୍ତ ସିନେମାରେ ନବାଗତ ଯୋଡ଼ି ପ୍ରେମ, ଅନ୍ୱିତା ଏବଂ ଦିବ୍ୟାଙ୍କୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଚୌଧୁରୀ ଜୟ ପ୍ରକାଶ ଦାସ, ସସ୍ମିତା ପ୍ରଧାନ ଏବଂ ରବି ମିଶ୍ର ପ୍ରମୁଖ କଳାକାର ମଧ୍ୟ ଅଭିନୟ କରୁଛନ୍ତି।

# ଅନୁତାପ କରୁଛନ୍ତି ଜ୍ୟାକ୍‌ଲିନ୍

ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ଜିତିବା ପରେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଛନ୍ତି ଜ୍ୟାକଲିନ୍ ଫର୍ନାଡିସ୍। ହେଲେ ଗୋଟିଏ କଥାକୁ ନେଇ ସେ ଅନୁତାପ କରନ୍ତି। କଥା କ'ଣ କି ପ୍ରଥମେ ସେ ଏକ ଟିଭି ଚ୍ୟାନେଲରେ ରିପୋର୍ଟର ଭାବରେ କାମ କରୁଥିଲେ। କିନ୍ତୁ ମଡେଲିଂ ଆରମ୍ଭ କରିବା ପରେ ତାଙ୍କୁ ଏହି ଚାକିରି ଛାଡ଼ିବାକୁ ପଡ଼ିଥିଲା। କାରଣ ଜଣେ ମଡେଲ ଭାବରେ ଖ୍ୟାତି ଅର୍ଜନ କରିବାକୁ ସେ ମନସ୍ଥ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଆଲାଦିନ୍'। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ଫିଲ୍ମରେ ଆକ୍ଟିଂ କରିବା ସହ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛନ୍ତି। ହେଲେ କେଉଁ କଥାକୁ ନେଇ ସେ ଏପର୍ଯ୍ୟନ୍ତ ଅନୁତାପ କରୁଛନ୍ତି ଜାଣିବେନି? ସାମ୍ବାଦିକତା ଆରମ୍ଭ କରିବା ପରେ ଭବିଷ୍ୟତରେ ଜଣେ ସାମ୍ବାଦିକା ହେବାର ସ୍ୱପ୍ନ ଦେଖିଥିଲେ ସେ। ହେଲେ ମଡେଲିଂ ଲାଇନ୍‌ରେ ପାଦ ଥାପିବା ପରେ ତାଙ୍କର ଏହି ଆଶା ଅଧାରେ ରହିଯାଇଥିଲା। ଅଭିନୟ ବ୍ୟତୀତ ତାଙ୍କର ନିଜସ୍ୱ ଏକ ଏନ୍‌ଜିଓ ରହିଛି। ସମୟ ମିଳିଲେ ସେ ସମାଜସେବାରେ ନିଜକୁ ନିୟୋଜିତ ରଖନ୍ତି। ତା'ସହ ହୋଟେଲ ବିଜ୍‌ନେସ୍ ସହ ସେ ମଧ୍ୟ ଜଡ଼ିତ। ହିନ୍ଦୀ ଏବଂ ଇଂଲିଶ୍ ବ୍ୟତୀତ ଜ୍ୟାକ୍‌ଲିନ୍ ସ୍ପାନିଶ୍, ଫ୍ରେଞ୍ଚ, ଆରବିକ୍, ସିଂହଳୀ ଭାଷା ଭଲ ଭାବରେ କହିପାରନ୍ତି।


ଜ୍ୟାକ୍‌ଲିନ୍

ପରଦାରେ..

# ପ୍ରେମୀ ଆୱାରା ବନାମ ତୁ ମୋ କମ୍‌ଜୋରି

ଚଳିତ ମାସ ୨୨ ତାରିଖ ଅର୍ଥାତ୍ ଆସନ୍ତାକାଲି ଏକାଥରେ ଦୁଇଟି ଓଡ଼ିଆ ଚଳଚ୍ଚିତ୍ର 'ପ୍ରେମୀ ଆୱାରା' ଏବଂ 'ତୁ ମୋ କମ୍‌ଜୋରି' ପରଦା ଉପରକୁ ଆସୁଛି। 'ପ୍ରେମୀ ଆୱାରା'ର ପ୍ରଯୋଜନା କରିଛନ୍ତି ପ୍ରଭାତୀ ଆଚାର୍ଯ୍ୟ ଏବଂ ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ଆଗଧାଡ଼ିର କୋରିଓଗ୍ରାଫର ଯୋଡ଼ି ଲୁବୁନ୍-ତୁବୁନ୍। କେବଳ ସେତିକି ନୁହେଁ, ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଲୁବୁନ୍-ତୁବୁନ୍ ଦେଇଛନ୍ତି। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଦୁର୍ଗା ଆଚାର୍ଯ୍ୟ। ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଡ଼। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମ୍‌ଦାର। ଏହି ଫିଲ୍ମରେ ଓମ୍‌କାର, ଅଙ୍କିତା ଦାଶ, ଧୀର ମଲ୍ଲିକ, ପ୍ରଭାତୀ ସାହୁ, ରିସ୍‌ନା, କାଳିଆ, ସରୋଜ ଦାସ, ଟନିଆ, ବାବୁ ପ୍ରଧାନ ଏବଂ ଅକ୍ଷୟ ସାହୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


'ପ୍ରେମୀ ଆୱାରା' ଫିଲ୍ମରେ ଓମ୍‌କାର-ଅଙ୍କିତା


'ତୁ ମୋ କମ୍‌ଜୋରି' ଫିଲ୍ମରେ ଲିପିକା-ରାକେଶ

ଅନ୍ୟପକ୍ଷରେ ସୁପ୍ରିମ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ତଥା ସୁରେଶ ସାହୁଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଚିତ୍ର 'ତୁ ମୋ କମ୍‌ଜୋରି' ଚଳିତ ମାସ ୨୨ରେ ରିଲିଜ୍ ହେଉଛି। ଏହାର ସହ-ପ୍ରଯୋଜନା ଦାୟିତ୍ୱ ଅନନ୍ୟା ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏବଂ ଏଲ୍‌ଟି ପ୍ରଡକ୍ସନ ସହଯୋଗିତାରେ ନିର୍ମିତ ତୁଲାଇଛନ୍ତି ଭାର୍ଗବୀ ତ୍ରିପାଠୀ। ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ବସନ୍ତରାଜ ସାମଲ, ସୁବ୍ରତ ସ୍ୱାଇଁ ଏବଂ ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଦୀପ୍ତିରେଖା ପାଢ଼ୀ, ହ୍ୟୁମାନ ସାଗର, ସବିଶେଷ, ଆଶୁତୋଷ ଏବଂ ଅନନ୍ୟା ଶ୍ରୀତମ୍ ନନ୍ଦ। ଉକ୍ତ ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ରାକେଶ ଦେଓ। ନାୟିକା ଭାବରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁଭା ଏବଂ ଲିପିକା। ଏମାନଙ୍କ ବ୍ୟତୀତ ରତନ ମେହେର, ଅଶ୍ରୁମୋଚନ ମହାନ୍ତି, ନଟିଆ, ସଚିନ, ଆଶିଷ, ସୁଶାନ୍ତ, ଯୋଗେଶ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।

# ଗାୟିକାରୁ ନାୟିକା

ପରିଣୀତି ଚୋପ୍ରା ଅଭିନୟ କରିବା ପୂର୍ବରୁ ସଙ୍ଗୀତ ସହ ଜଡ଼ିତ ଥିଲେ। ହିନ୍ଦୁସ୍ତାନୀ କ୍ଲାସିକରେ ସେ ଡିଗ୍ରୀ ହାସଲ କରିଛନ୍ତି। ତା'ସହ ଅନେକ ଷ୍ଟେଜ୍ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରି ସାଉଁଟିଛନ୍ତି ପ୍ରଶଂସା। କିନ୍ତୁ ସେ ଅଭିନେତ୍ରୀ ହେଲେ କାହିଁକି? ଏହାର ଉତ୍ତରରେ ସେ କହନ୍ତି, ''ପ୍ରିୟଙ୍କା ଚୋପ୍ରା ହେଉଛନ୍ତି ମୋ ସମ୍ପର୍କୀୟା। ଏକଦା ଏକ ଷ୍ଟେଜ୍ ପ୍ରୋଗ୍ରାମ ସମୟରେ ସେ ମୋତେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବାକୁ କହିଥିଲେ। ସେତେବେଳେ ମୁଁ ୟଶ୍‌ରାଜ ଫିଲ୍ମସ୍‌ରେ ଜଣେ ପିଆରଓ ଭାବରେ କାମ କରୁଥିଲି। ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବି କି ନାହିଁ ସେଥିପାଇଁ ଭଲ ଭାବରେ ଚିନ୍ତା କରିବା ପରେ ଆଗେଇଥିଲି। ତା'ପରେ ଦର୍ଶକଙ୍କ ଭଲ ପାଇବା ମୋତେ ଏହାକୁ କ୍ୟାରିୟର କରିବାକୁ ବାଧ୍ୟ କରିଥିଲା।'' ମାଞ୍ଚେଷ୍ଟର ବିଜ୍‌ନେସ ସ୍କୁଲରେ ପଢ଼ିବା ସମୟରେ ପକେଟ ମନି ପାଇଁ ସେ ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟବଲ୍ କ୍ଲବର କ୍ୟାଟେରିଂ ବିଭାଗର ଟିମ୍ ଲିଡର ଭାବରେ କାମ କରୁଥିଲେ।


ପରିଣୀତି

# ଦିଲ୍ ଦେଇଛି ତୋତେ ପ୍ରେମ ଖବର

ପ୍ରେମର ଏକ ଭିନ୍ନ ଧରଣର ଥିମ୍‌କୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ମ୍ୟୁଜିକ୍ ଭିଡିଓ 'ଦିଲ୍ ଦେଇଛି ତୋତେ ପ୍ରେମ ଖବର'। ଧାରାବାହିକ ଜରିଆରେ ଦର୍ଶକଙ୍କ ମନ ଜିଣିଥିବା ଅମର ଏବଂ ନିକିତାଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି। ଗୀତଟିକୁ ରଚନା କରିଛନ୍ତି ବିଶ୍ୱଜିତ ଦାସ। ଗୀତଟିକୁ ସ୍ୱରରେ ସଜାଇଛନ୍ତି କୁମାର ପ୍ରଦୀପ। ମ୍ୟୁଜିକ୍ ଭିଡିଓଟିକୁ ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଫିରୋଜ ସାର୍। କଣ୍ଠଦାନ କରିଛନ୍ତି ଏସ୍. ଜିତୁ ଓ ସୈଜନ୍ୟା। ଏ ବିଷୟରେ ନିର୍ଦ୍ଦେଶକ କହନ୍ତି, ''ଯେତେବେଳେ ଏହି ଗୀତଟିର ରେକର୍ଡିଂ ହେଲା, ସେତେବେଳେ ମୋର ହୃଦ୍‌ବୋଧ ହୋଇଥିଲା ଯେ ଗୀତଟି ନିଶ୍ଚୟ ଶ୍ରୋତାଙ୍କ ମନକୁ ଛୁଇଁବ ଏବଂ ଭିଡିଓକୁ ଦର୍ଶକ ପସନ୍ଦ କରିବେ। ମୋର ପୂର୍ବାନୁମାନ ସତରେ ପରିଣତ ହୋଇଛି। ଏହାବ୍ୟତୀତ ଆକାଶ-ନିକିତାଙ୍କ ଯୋଡ଼ି ଗୀତଟିକୁ ସଫଳ କରିବାରେ ଅନେକାଂଶରେ ସହାୟକ ହୋଇଛି।'' ଏହି ମ୍ୟୁଜିକ ଭିଡିଓକୁ ପ୍ରଯୋଜନା କରିଛନ୍ତି ରାଘବ ସ୍ୱାଇଁ।


ନିକିତା-ଅମର

ନୂଆ ସିନେମା

# ବିଧାୟକ

ବାସୁଦେବ କ୍ରିଏସନ୍ସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବିଧାୟକ'। ଜଣେ ଯୁବକ ବିଧାୟକ ହେବା ପରେ ଅସାମାଜିକ ବ୍ୟକ୍ତିଙ୍କୁ କିପରି ଶାସନ କରୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ବିଷୟବସ୍ତୁକୁ ନେଇ ନିର୍ମିତ ହେଉଥିବା ନୂଆ ଓଡ଼ିଆ ସିନେମାଟିର ଟାଇଟଲ ରହିଛି 'ବିଧାୟକ'। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଡୋରା ଓରଫ ପ୍ରଦୀପ। ଏହି ଚିତ୍ର ବିଷୟରେ ସେ କହନ୍ତି, ''ଜଣେ ବିଧାୟକ ଭାବରେ ନିର୍ବାଚିତ ହେବା ପରେ ନିଜ ଅଞ୍ଚଳରେ ବଢ଼ିଚାଲିଥିବା ଅସାମାଜିକ କାର୍ଯ୍ୟକୁ ବନ୍ଦ କରିବାକୁ ସେ ପ୍ରାଥମିକତା ଦେଉଛି। ମୋଟ ଉପରେ କହିବାକୁ ଗଲେ ଜଣେ ବିଧାୟକଙ୍କର ସମାଜ ପ୍ରତି କ'ଣ କର୍ତ୍ତବ୍ୟ ରହିବା ଦରକାର ତାହା ଏହି ଫିଲ୍ମରେ ଦର୍ଶକ ଦେଖିବାକୁ ପାଇବେ।'' ବାସୁଦେବ କ୍ରିଏସନ୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରୋଜାଲିନ୍ ତ୍ରିପାଠୀ। ସହ-ପ୍ରଯୋଜକ ଅଛନ୍ତି ଦେବୀପ୍ରସାଦ ତ୍ରିପାଠୀ। ହେଲେ କିଏ ନିର୍ଦ୍ଦେଶନା ଦେବ ଏବଂ ଅବଶିଷ୍ଟ କାଷ୍ଟିଂ ବିଷୟରେ ଅଳ୍ପ ଦିନ ମଧ୍ୟରେ ସୂଚନା ଦିଆଯିବ ବୋଲି କହନ୍ତି ପ୍ରଯୋଜିକା। କାହାଣୀ ଏବଂ ଗୀତ ରଚନା କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବସନ୍ତରାଜ ସାମଲ। ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, ଶଶାଙ୍କ, ସ୍ୱୟଂ ପାଢ଼ୀ, ଶୀତଲ କବି, ସବିଶେଷ ଏବଂ ବିଷ୍ଣୁମୋହନ କବି।


ଡୋରା

ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୧/୨୦୨୪ Bhubaneswar, Thursday, November 21/ 2024

# ବିଦର୍ଭ ବିପକ୍ଷରୁ ଓଡ଼ିଶାର ଅଭିଯାନ

## ସୟଦ ମୁସ୍ତାକ ଅଲୀ ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୨୦।୧୧ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଚଳିତମାସ ୨୩ରୁ ଭାଇଜାଗରେ ଆରମ୍ଭ ହେବାକୁ ଯାଉଥିବା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ମୁଖ୍ୟ ଅମିୟ ରାୟ, ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ କଟକରେ ଏକ ଖବରଦାତା ସମ୍ମିଳନୀରେ ଖେଳାଳି ତାଲିକା ଘୋଷଣା କରିଛନ୍ତି। ଗୋବିନ୍ଦ ପୋଦ୍ଦାର ଅଧିନାୟକ ମନୋନୀତ ହୋଇଥିବାବେଳେ ଶୁଭମ୍ ଶତ୍ରୁଜିତ, ସମ୍ବିତ କୁମାର ବରାଳ, ପ୍ରଦୀପ ପ୍ରଧାନ, ଜାମଳା ଭଞ୍ଜନ ମହାପାତ୍ର ଓ ଅଂଶୁମାନ ବେଜ୍ ପ୍ରଥମଥରପାଇଁ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍‌ଙ୍କ ବ୍ୟତୀତ ସହକାରୀ କୋଚ୍ ଅବକାଶ ଖଟୁଆ, ଆଡ୍‌ମିନ୍ ମ୍ୟାନେଜର ସଂଗ୍ରାମ କେଶରୀ ଗୁମାନସିଂ, ଫିଜିଓ ରୋନି ଚାଟାର୍ଜୀ, ଷ୍ଟ୍ରେଙ୍ଗ୍ ଆଣ୍ଡ କଣ୍ଡିଂଶନିଂ କୋଚ୍ ସୌର୍ଯ୍ୟ ରଞ୍ଜନ ରାୟ, ଭିଡିଓ ଆନାଲିଷ୍ଟ ସାରଦା ବିଶ୍ୱାଳ, ସାଇଡ୍‌ଆର୍ମ ଥ୍ରୋୟର ରତ୍ନାକର ବେହେରା ଓ ମାଲିସବାଲା କପିଳ ବୁନ୍ଦେଲା ସପୋର୍ଟ ଷ୍ଟାଫ୍‌ଭାବେ ଟୁର୍ନାମେଣ୍ଟ ଅବସରରେ ଦଳସହ ରହିବେ। ଗ୍ରୁପ୍ 'ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ୨୩ ତାରିଖରେ ବିଦର୍ଭ ସହିତ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୨୫ରେ ରେଲୱେ, ୨୯ରେ ପଣ୍ଡିଚେରୀ, ଡିସେମ୍ବର ୧ରେ ଛତିଶଗଡ଼, ୩ରେ ଆସାମ ଓ ୫ରେ ଚଣ୍ଡିଗଡ଼ ସହିତ ମୁକାବିଲା କରିବ।

**ଓଡ଼ିଶା ଦଳ:** ଗୋବିନ୍ଦ ପୋଦ୍ଦାର (ଅଧିନାୟକ), ସ୍ୱସ୍ତିକ ସାମଲ, ସନ୍ଦିପ ପଟ୍ଟନାୟକ, ଗୌରବ ଚୌଧୁରୀ, ଆଶୀର୍ବାଦ ସ୍ୱାଇଁ, ପ୍ରବୀଣ ଲୁହା, ରାକେଶ ପଟ୍ଟନାୟକ, ଶୁଭମ୍ ଶତ୍ରୁଜିତ, କାର୍ତ୍ତିକ ବିଶ୍ୱାଳ, ସମ୍ବିତ କୁମାର ବରାଳ, ଅଭିଷେକ ଯାଦବ, ତରନୀ ସା, ଦେବବ୍ରତ ପ୍ରଧାନ, ରାଜେଶ ମହାନ୍ତି, ପ୍ରଦୀପ ପ୍ରଧାନ, ହର୍ଷିତ ରାଠୋଡ, ଜାମଳା ଭଞ୍ଜନ ମହାପାତ୍ର, ଅଂଶୁମାନ ବେଜ୍।

### ଓଡ଼ିଶାର କାର୍ଯ୍ୟସୂଚୀ

ନଭେମ୍ବର ୨୩: ବନାମ ବିଦର୍ଭ, ଭାଇଜାଗ୍
ନଭେମ୍ବର ୨୫: ବନାମ ରେଲୱେ, ବିଜୟନଗରମ୍
ନଭେମ୍ବର ୨୯: ବନାମ ପଣ୍ଡିଚେରୀ, ଭାଇଜାଗ୍
ଡିସେମ୍ବର ୧: ବନାମ ଛତିଶଗଡ଼, ଭାଇଜାଗ୍
ଡିସେମ୍ବର ୩: ବନାମ ଆସାମ, ଭାଇଜାଗ୍
ଡିସେମ୍ବର ୫: ବନାମ ଚଣ୍ଡିଗଡ଼, ବିଜୟନଗରମ୍

# ଟାଇଟଲ ବଜାୟ ରଖିଲା ଭାରତ

## ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି

### ଫାଇନାଲରେ ସ୍କୋର କଲେ ଦୀପିକା

ରାଜଗିର, ୨୦।୧୧ (ପି.ଟି.)

ବିହାରର ରାଜଗିରରେ ଅନୁଷ୍ଠିତ ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଫାଇନାଲରେ ଚାଇନାକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଭାରତ। ବୁଧବାର ଫାଇନାଲରେ ଯୁବ ଷ୍ଟ୍ରାଇକର ଦୀପିକା ଭାରତ ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଭାରତ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛି। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ମହିଳା ଦଳର ଏହା ତୃତୀୟ ଟାଇଟଲ। ପୂର୍ବରୁ ଦଳ ୨୦୧୬ ଓ ୨୦୨୩ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ସର୍ବାଧିକ ଥର ଏହି ଟୁର୍ନାମେଣ୍ଟ ଜିତିବାରେ ଦକ୍ଷିଣ କୋରିଆ ସହ ସମକକ୍ଷ ହୋଇଛି ଭାରତ। ମ୍ୟାଚ୍‌ର ୩୧ ତମ ମିନିଟରେ ଦୀପିକା ସ୍କୋର କରିଥିବା ବେଳେ ଟୁର୍ନାମେଣ୍ଟରେ ଏହା ତାଙ୍କର ୧୧ ତମ ଗୋଲ୍। ତୃତୀୟ ସ୍ଥାନ ପ୍ଲେଅଫ୍‌ରେ ଜାପାନ ୪-୧ରେ ମାଲେସିଆକୁ ପରାସ୍ତ କରିଛି।

ବୁଧବାର ଭାରତ ଓ ଚାଇନା ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ଉଚ୍ଚ ମାନ୍ୟତାପ୍ରାପ୍ତ ଚାଇନାକୁ କଡା ଟକ୍କର ଦେଇ ଭାରତୀୟ ଖେଳାଳି ଏକାଧିକ ଥର ସର୍କଲ ପେନିଟ୍ରେଶନ୍ କରିଥିଲେ। ପ୍ରଥମ ଦୁଇ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିବା ବେଳେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ଭାରତ ପକ୍ଷରୁ ୧୭ ବର୍ଷୀୟା ସୁନେଲିତା ଟପ୍ପୋ ଚମତ୍କାର ଡ୍ରିବଲିଂ ସ୍କିଲ ପ୍ରଦର୍ଶନ କରିବା ସହ ଡିଫେନ୍ସର ତାଳମେଳ ଦେଖାଇଥିଲେ। ମ୍ୟାଚ୍‌ର ତୃତୀୟ ମିନିଟରେ ଭାରତୀୟ ଗୋଲକିପର ବିଚ୍ଚୁ ଦେବୀ ଖାଇରାମବାମ ଏକ ଚମତ୍କାର ଡାଇଭ୍ ସହ ଗୋଲ ବଞ୍ଚାଇଥିଲେ। ପରବର୍ତ୍ତୀ ୨ ମିନିଟ ମଧ୍ୟରେ ଭାରତ ୪ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଏହାର ସୁଫଳ ମିଳି ନ ଥିଲା। ଏହି ଟୁର୍ନାମେଣ୍ଟରେ ୨୦ ମ୍ୟାଚ୍‌ରୁ ସମୁଦାୟ ୮୬ ଗୋଲ ସ୍କୋର ହୋଇଥିଲା। ମ୍ୟାଚ୍ ପିଛା ୪.୩ ଗୋଲ ହୋଇଥିବା ବେଳେ ଦୀପିକା ଶେରାୱତ ସର୍ବାଧିକ ୧୧ ଗୋଲ ଦେଇଛନ୍ତି।


ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ ଭାରତୀୟ ମହିଳା ହକି ଦଳ।

### ଖେଳାଳିଙ୍କୁ ୧୦ ଲକ୍ଷ

ବିହାରର ରାଜଗିରରେ ଅନୁଷ୍ଠିତ ମହିଳା ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଚାମ୍ପିୟନ ଭାରତୀୟ ଦଳର ସମସ୍ତ ଖେଳାଳିଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ବିହାର ସରକାର। ବିହାରର ରାଜଗିର ହକି ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳା ଯାଇଥିଲା। ପ୍ରତ୍ୟେକ ଖେଳାଳିଙ୍କ ବ୍ୟତୀତ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂଙ୍କୁ ୧୦ ଲକ୍ଷ ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି।

### କ୍ରୀଡ଼ାମନ୍ତ୍ରୀଙ୍କ ଅଭିନନ୍ଦନ

ବିହାରର ରାଜଗିରିରେ ଅନୁଷ୍ଠିତ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଟାଇଟଲ ବିଜୟୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କୋଚ୍ ହରେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ଭାରତ ଖୁବ୍ ଭଲ ପ୍ରଦର୍ଶନ କରିଛି। ଫାଇନାଲରେ ଅଲିମ୍ପିକ୍ ସିଲଭର ମେଡାଲିଷ୍ଟ ଚାଇନାକୁ ଭାରତୀୟ ଦଳ ପରାସ୍ତ କରିଛି। ପ୍ରତିଯୋଗିତାର ସର୍ବକନିଷ୍ଠ ଖେଳାଳି ଓଡ଼ିଆ ଝିଅ ସୁନେଲିତା ଟପ୍ପୋ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଭାରତୀୟ ମହିଳା ଓ ପୁରୁଷ ହକି ଦଳର ପୃଷ୍ଠପୋଷକ ଭାବେ ଓଡ଼ିଶା ଅତ୍ୟନ୍ତ ଗର୍ବ ଅନୁଭବ କରୁଛି। ଭାରତୀୟ ମହିଳା ଦଳକୁ ସ୍ୱାଗତ କରିବା ପାଇଁ ଓଡ଼ିଶାବାସୀ ଉତ୍ସୁକତାର ସହ ଅପେକ୍ଷା କରି ରହିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ଏକ ଭିଡିଓ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# ଦ୍ୱିତୀୟ ରାଉଣ୍ଡରେ ଲକ୍ଷ୍ୟ, ସିନ୍ଧୁ, ମାଳବିକା

**ଶେନ୍‌ଜେନ୍, ୨୦।୧୧ (ପି.ଟି.):** ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଚମତ୍କାର ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଲକ୍ଷ୍ୟ ସେନ୍, ପି.ଭି. ସିନ୍ଧୁ ଓ ମାଳବିକା ବଂଶୋଡ। ବିଶ୍ୱ ମାନ୍ୟତାର ୩୬ତମ ସ୍ଥାନରେ ଥିବା ଇନ୍‌ଫର୍ମ ଖେଳାଳି ମାଳବିକା ବିପର୍ଯ୍ୟୟ ଘଟାଇ ବିଶ୍ୱ ମାନ୍ୟତାର ୨୧ ନମ୍ବର ସ୍ଥାନରେ ଥିବା ଡେନମାର୍କର ଲାଇନ ହୋଜମାର୍କ କାଏର୍ସଫେଲ୍ଟଙ୍କୁ ୨୦-୨୨, ୨୩-୨୧ ଓ ୨୧-୧୬ ସେଟରେ ପରାସ୍ତ କରିଥିଲେ। ସେହିପରି ବିଶ୍ୱ ମାନ୍ୟତାର ୧୯ ନମ୍ବର ସ୍ଥାନରେ ଥିବା ଦୁଇ ଥର ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ପି.ଭି. ସିନ୍ଧୁ ୨୧-୧୭ ଓ ୨୧-୧୯ ସେଟରେ ଥାଇଲାଣ୍ଡର ବୁସାନନ ଓଙ୍ଗବାରୁଙ୍ଗଫାନଙ୍କୁ ହରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ୟ ସେନ୍ ଅଲିମ୍ପିକ୍ସ ପରାଜୟର ପ୍ରତିଶୋଧ ନେଇଛନ୍ତି।

# 'କ୍ରିକେଟରେ ନିଲାମ ହେଉଛି ଜୁଆ'



ବିକ୍ରମଜିତ ସେନ୍

ନୂଆଦିଲ୍ଲୀ, ୨୦।୧୧ (ପି.ଟି.)

ଆଇପିଏଲ୍ ମେଗା ଅକ୍ସନକୁ ଆଉ ମାତ୍ର ୪ ଦିନ ବାକି ରହିଥିବା ବେଳେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବିକ୍ରମଜିତ ସେନ୍ ଏହାକୁ ଜୁଆ ବୋଲି କହିଛନ୍ତି। ଜୁଆ ଉପରେ ନିଜର ପୁସ୍ତକ 'ଅନ୍‌ଲାଇନ୍ ଗେମିଙ୍ଗ ଇନ୍ ଇଣ୍ଡିଆ-ଟେକ୍ନୋଲୋଜି ପଲିସି ଆଣ୍ଡ ଚ୍ୟାଲେଞ୍ଜେସ'ର ଉନ୍ମୋଚନ ସମୟରେ ଏହି ବୟାନ ଦେଇଛନ୍ତି। ଜୁଆର ଉଦାହରଣ ଦେବାକୁ ଯାଇ ସେନ୍ କହିଥିଲେ, ଜଣେ ଖେଳାଳି କିଭଳି ପ୍ରଦର୍ଶନ କରିବ ତାହା ନ ଜାଣି କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ମଧ୍ୟ ଜୁଆ। ଅତୀତରେ ଯୁବରାଜ ସିଂ, କ୍ରିସ୍ ମୋରିସ୍, ବେନ୍ ଷ୍ଟୋକ୍ସ ଓ ମିଚେଲ୍ ଷ୍ଟାର୍କଙ୍କ ପରି ଖେଳାଳି ମଧ୍ୟ ଅଧିକ ଦାମରେ ବିକ୍ରି ହୋଇ ପ୍ରଦର୍ଶନ ଦେବାରେ ସଫଳ ହୋଇ ନ ଥିଲେ। ଏହା ଏକ ପ୍ରକାରର ଜୁଆ ହୋଇଥିଲେ ମଧ୍ୟ ଏହାକୁ ଆଇନ ଅନୁସାରେ ଅନୁମତି ମିଳିଛି। ଭାରତରେ ବର୍ତ୍ତମାନ ୧୮୦ ମିଲିୟନ ଅନ୍‌ଲାଇନ୍ ଗେମ୍ ରହିଥିବା ବେଳେ ୫୫୦ ମିଲିୟନ୍ ଗେମର୍ ରହିଥିବା ନିଜ ବୟାନରେ କହିଥିଲେ ବିକ୍ରମଜିତ।

## ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍

# ତୃତୀୟ ସ୍ଥାନରେ ତିଳକ ବର୍ମା

**ଦୁବାଇ, ୨୦।୧୧ (ପି.ଟି.):** ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ କରି ପ୍ଲେୟର ଅଫ ଦ ସିରିଜ୍ ହୋଇଥିବା ତିଳକ ବର୍ମା ଆଇସିସି ଟି୨୦ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ୬୯ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଦ୍ୱିତୀୟ ଭାରତୀୟ ବ୍ୟାଟର ଭାବରେ ଟି୨୦ରେ କ୍ରମାଗତ ଶତକ ସହ ୨୮୦ ରନ୍ ହାସଲ କରିଥିବା ତିଳକ ୬୯ ସ୍ଥାନ ଉପରକୁ ଉଠିଥିଲେ। ଟ୍ରାଭିସ୍ ହେଡ୍ ପ୍ରଥମ ଓ ଇଂଲଣ୍ଡର ଫିଲ୍ ସଲ୍ଟ ଯଥାକ୍ରମେ ପ୍ରଥମ ୨ ସ୍ଥାନରେ ଅଛନ୍ତି। ଅନ୍ୟତମ ଭାରତୀୟ ସଞ୍ଜୁ ସାମସନ ୧୭ ସ୍ଥାନ ଉପରକୁ ଉଠି ୨୨ ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟ ପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ତାଲିକାରେ ୧ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଂଲଣ୍ଡର ଲିଆମ୍ ଲିଭିଙ୍ଗଷ୍ଟୋନ୍ ଓ ନେପାଳର ଦୀପେନ୍ଦ୍ର ସିଂ ଐରୀଙ୍କୁ ଅତିକ୍ରମ କରି ଏହି ତାଲିକାର ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି ପାଣ୍ଡ୍ୟା। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ରେ ହାର୍ଦ୍ଦିକ ଅପରାଜିତ ୩୯ ରନ୍ ସ୍କୋର କରିଥିବା ବେଳେ ୮ ରନ୍ ବ୍ୟୟରେ ୧ ଉଇକେଟ ମଧ୍ୟ ନେଇଥିଲେ।

# ଜାତୀୟ ଟ୍ରାକ୍ ସାଇକ୍ଲିଂ: ସ୍ୱସ୍ତିଙ୍କୁ ବିରଳ ସଫଳତା

## ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ ସହ ପ୍ରଥମଥର ରନରଅପ୍ ଟ୍ରଫି

ଭୁବନେଶ୍ୱର, ୨୦।୧୧ (ତପନ ସ୍ୱାଇଁ)

ଚେନ୍ନାଇରେ ଅନୁଷ୍ଠିତ ୭୬ତମ ଟ୍ରାକ୍ ଟାଇକ୍ଲିଂ ଚାମ୍ପିୟନଶିପ୍‌ରେ ବିରଳ ସଫଳତା ଲାଭ କରିଛନ୍ତି ଓଡ଼ିଶାର ସ୍ୱସ୍ତି ସିଂ। ଚମତ୍କାର ପ୍ରଦର୍ଶନ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତି ଅନେକ ପ୍ରଥମର ଅଧିକାରିଣୀ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରଥମଥର ପାଇଁ ୪ କିଲୋମିଟର ଟିମ୍ ପର୍ସୁ୍ୟଟ ମହିଳା ଏଲିଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ଓଡ଼ିଶା ଦଳର ସେ ସଦସ୍ୟ ଥିଲେ। ଅନ୍ୟ ୩ ସଦସ୍ୟା ଥିଲେ ବର୍ଷାରାଣୀ ବାରିକ, ଖୋଇରୋମ ରେଜିୟା ଦେବୀ ଓ ଉର୍ମିଳା ବେହେରା। ଟିମ୍ ସ୍ପ୍ରିଣ୍ଟରେ ସ୍ୱସ୍ତି, ବର୍ଷାରାଣୀ ଓ ରେଜିୟା ଦେବୀଙ୍କୁ ନେଇ ଗଠିତ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଓମନିଅମ ଇଭେଣ୍ଟରେ ସେ ପ୍ରଭାବୀ ପ୍ରଦର୍ଶନ କରି ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କେବଳ ସେତିକି ନୁହେଁ ୩ କିଲୋମିଟର ବ୍ୟକ୍ତିଗତ ପର୍ସୁ୍ୟଟରେ ୪:୧୩.୦୬୭ ସେକେଣ୍ଡ ନେଇ ରୌପ୍ୟ ଏବଂ କେଇରିନ୍ ରେସ୍‌ରେ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ଯୋଗୁ ଓଡ଼ିଶା ଏହାର ସାଇକ୍ଲିଂ ଇତିହାସରେ ପ୍ରଥମଥରପାଇଁ ରନରଅପ୍ ଟ୍ରଫି ହାସଲ କରିଥିଲା।

"ଓଭରଅଲ୍ ପ୍ରଦର୍ଶନରେ ମୁଁ ଅତ୍ୟନ୍ତ ଖୁସି। ପ୍ରଥମଥରପାଇଁ ଏଲିଟ ମହିଳା ଟିମ୍ ଇଭେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିବା ଏବଂ ମୋଟ ୫ ପଦକ ହାସଲ ସହ ରନରଅପ୍ ଟ୍ରଫି ପାଇବା ଅବିଶ୍ୱସନୀୟ। ଓଡ଼ିଶା ଦଳରେ ଆମେ ମାତ୍ର ୪ ଜଣ ଥିଲେ ବି ରନରଅପ୍ ହେଲୁ। ୧୦ ଜଣଙ୍କୁ ନେଇ ଗଠିତ ରେଲୱେ ଦଳ ମାତ୍ର ୨ ପଏଣ୍ଟ ଅଧିକ ପାଇ ଚାମ୍ପିୟନ ହେଲା। ଆମ ସମସ୍ତଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଲା" ବୋଲି ସ୍ୱସ୍ତି ପ୍ରକାଶ କରିଛନ୍ତି। ରେଜିୟା ଦେବୀ ମଣିପୁରର ହୋଇଥିଲେ ମଧ୍ୟ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ରାଜ୍ୟକୁ ଟିମ୍ ଇଭେଣ୍ଟରେ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଆହତ ସତ୍ତ୍ୱେ ସେ ଲଢୁଆ ମନୋବୃତ୍ତି ଦେଖାଇଥିଲେ। ବର୍ଷା ଓ ଉର୍ମିଳା ମଧ୍ୟ ଜାତୀୟ ସିନିୟର ପ୍ରଦାର୍ପଣରେ ଚମତ୍କାର ସାଇକ୍ଲିଂ କଲେ ବୋଲି ସ୍ୱସ୍ତି କହିଛନ୍ତି।




# ଟେନିସ୍‌କୁ ଅଲବିଦା ଜଣାଇଲେ ନାଡାଲ

## ଡେଭିସ୍ କପ୍‌ରୁ ବିଦା ହେଲା ସ୍ପେନ୍

ମଲାଗା, ୨୦।୧୧ (ପି.ଟି.)

ଅନ୍ତର୍ଜାତୀୟ ଟେନିସ୍‌ରୁ ବିଦାୟ ନେଇଛନ୍ତି ସ୍ପେନ୍‌ର କିମ୍ବଦନ୍ତୀ ଖେଳାଳି ରାଫେଲ ନାଡାଲ୍। ଡେଭିସ୍ କପ୍ ମ୍ୟାଚ୍‌ରେ ପରାଜୟ ପରେ ୨୨ ଗ୍ରାଣ୍ଡସ୍ଲାମ ବିଜେତା ନାଡାଲ ଅବସର ଘୋଷଣା କରିଥିଲେ। ପୂର୍ବରୁ ସେ ଡେଭିସ୍ କପ୍ ପରେ ଅବସର ନେବା ସମ୍ପର୍କରେ ଘୋଷଣା କର ସାରିଥିଲେ। ନେଦରଲାଣ୍ଡ୍ସ ବିପକ୍ଷ ଡେଭିସ୍ କପ୍ ମ୍ୟାଚରେ ସ୍ପେନ୍ ପରାଜିତ ହୋଇଥିବା ବେଳେ ନାଡାଲ ମଧ୍ୟ ୬-୪, ୬-୪ ସେଟରେ ବୋଟିକ୍ ଭାନ୍ ଡି ଜାଣ୍ଡସ୍କଲ୍ପଙ୍କ ନିକଟରୁ ପରାଜିତ ହୋଇଥିଲେ। କୋର୍ଟରେ ନାଡାଲ ଅବସର ନେଇଥିବା ବେଳେ ସ୍ପେନ୍‌ର ଜାତୀୟ ସଙ୍ଗୀତ ତାଳରେ ଟିମ୍ ମେଟ୍ ଓ ଉପସ୍ଥିତ ଦର୍ଶକ ତାଙ୍କୁ ବିଦାୟ ଜଣାଇଥିଲେ। ସମ୍ପୂର୍ଣ୍ଣ କୋର୍ଟ 'ରାଫା.. ରାଫା..' ସ୍ୱରରେ ପ୍ରକମ୍ପିତ ହୋଇଥିଲା। ବିଦାୟୀ ସ୍ପିଚ୍‌ରେ ନାଡାଲ କହିଥିଲେ, ମୁଁ କେତେ ଟାଇଟଲ ଜିତିଛି ଏହା ଅପେକ୍ଷା ଜଣେ ଭଲ ମଣିଷ ଭାବରେ ମନେ ରହିବାକୁ ଚାହିଁବି। ରେକର୍ଡ ସର୍ବଦା ମନେ ରହିବ ଏହା ନିସନ୍ଦେହ ମାତ୍ର ମାଲୋର୍ସାର ଏକ ଛୋଟ ଗାଁରୁ ଆସି ଏଠାରେ ପହଞ୍ଚିଛି ଏହା ସମସ୍ତେ ମନେ ରଖିବା ଉଚିତ ବୋଲି ସେ କହିଥିଲେ। କଠିନ ପରିଶ୍ରମ କରିଥିଲେ ମଧ୍ୟ ଭାଗ୍ୟର ସହାୟତା ବିନା କ୍ୟାରିୟରରେ ଆଗକୁ ଯିବା ସମ୍ଭବ ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଏହା ମଧ୍ୟରେ ୨୨ ଗ୍ରାଣ୍ଡସ୍ଲାମ ବିଜୟୀ ନାଡାଲ କିନ୍ତୁ କାନ୍ଦି ପକାଇଥିଲେ। ନାଡାଲ ଅବସର ନେଇଥିବା ବେଳେ ରୋଜର ଫେଡେରର, ନୋଭାକ୍ ଜୋକୋଭିଚ୍, କୋଞ୍ଚିଟା ମାର୍ଟିନେଜ, ଆଣ୍ଡି ମୁରେ, ଗଲ୍ଫର ସର୍ଗିଓ ଗ୍ରାସିଆ ଓ ଫୁଟବଲର ଡେଭିଡ୍ ବେକ୍‌ହାମ ତାଙ୍କ ପାଇଁ ମେସେଜ ଦେଇଥିଲେ।

ଡେଭିସ୍ କପ୍‌ରେ ପରାଜୟ ସହିତ ନାଡାଲ ନିଜ ଟେନିସ୍ କ୍ୟାରିୟର ଆରମ୍ଭ କରିଥିଲେ। ସମାନ ଢଙ୍ଗରେ ପରାଜୟ ସହ ସେ ଟେନିସ୍ ଦୁନିଆରୁ ଅବ୍ୟାହତି ନେଉଥିବା ପ୍ରକାଶ କରିଛନ୍ତି। ଜୀବନ ଚକ୍ର ଏଠାରେ ପୂର୍ଣ୍ଣ ହେଲା ବୋଲି ସାମନ୍ୟ ହସି କହିଥିଲେ ନାଡାଲ। ୨୦୦୪ରେ ଡେଭିସ୍ କପ୍ ପଦାର୍ପଣ ପରଠାରୁ ତାଙ୍କର ବିଜୟ ପରାଜୟ ରେକର୍ଡ ୨୯-୧ ରହିଥିଲା। ଏହା ସହ ଡେଭିସ୍ କପ୍‌ରେ ତାଙ୍କର ୨୯ ମ୍ୟାଚ୍ ବିଜୟ ଧାରାରେ ମଧ୍ୟ ବ୍ରେକ ଲାଗିଛି।


ରାଫାଲ ନାଡାଲ

# ଦଳଗତ ବାଳିକା ବିଭାଗରେ ଓଡ଼ିଶା ଚାମ୍ପିୟନ

## ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ

### ତନଭି, ପ୍ରଗତି ଓ ବିଶାଖାଙ୍କ ପ୍ରଭାବୀ ପ୍ରଦର୍ଶନ

ଭୁବନେଶ୍ୱର, ୨୦।୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ନିଳାଦ୍ରି ବିହାରସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖି ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୟୋନେକ୍ସ ସନରାଇଜ ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଦଳଗତ ଇଭେଣ୍ଟର ବାଳିକା ବିଭାଗରେ ଚାମ୍ପିୟନ ହୋଇ ଓଡ଼ିଶା ରେକର୍ଡ କରିଛି। ଓଡିଶାର ବହୁ ପ୍ରତିକ୍ଷିତ ଏହି ରେକର୍ଡ ସିଙ୍ଗଲ୍ସ ଖେଳାଳି ତନଭି ପତ୍ରି ଓ ଡବଲ୍ସ ଯୋଡ଼ି ପ୍ରଗତି ପରିଡା ଓ ବିଶାଖା ଟପ୍ପୋଙ୍କ ଯୋଗୁଁ ସମ୍ଭବ ହୋଇପାରିଛି। ଦଳଗତ ବାଳିକା ବିଭାଗର ଫାଇନାଲରେ ଓଡିଶା ଓ ଅପେକ୍ଷାକୃତ ଶକ୍ତିଶାଳୀ ତାମିଲନାଡୁ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ଅନ୍ତର୍ଜାତୀୟ ସ୍ତରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଓଡିଆ ବାଳିକା ଖେଳାଳି ତନଭି ପତ୍ରି ତାମିଲନାଡୁର ପ୍ରକୃତି ଭରତଙ୍କୁ ୧୦-୨୧, ୨୧-୧୩, ୨୧-୧୭ ପଏଣ୍ଟରେ ପରାସ୍ତ କରି ଦଳକୁ ୧-୦ ରେ ଦଳକୁ ଆଗୁଆ କରିଥିଲେ। ଡବଲ୍ସ ବିଭାଗରେ ପ୍ରଗତି ପରିଡା ଓ ବିଶାଖା ଟପ୍ପୋଙ୍କ ଯୋଡି ତାମିଲନାଡୁର ପ୍ରବନ୍ଧିକା ଆର. ଓ ରେସିକା ୟୁ.ଙ୍କ ଯୋଡିଙ୍କୁ ସିଧାସଳଖ ୨୧-୧୮, ୨୧-୧୪ରେ ହରାଇ ୨-୦ ରେ ଅଗ୍ରଣୀ ସହ ଓଡିଶା ଦଳକୁ ଚାମ୍ପିୟନ କରିଥିଲେ।

ବାଳକ ଦଳଗତ ବିଭାଗରେ ଦିଲ୍ଲୀ ଚାମ୍ପିୟନ ହୋଇଛି। ଫାଇନାଲରେ ଦିଲ୍ଲୀର ମୁକାବିଲା ଉତ୍ତରପ୍ରଦେଶ ସହ ହୋଇଥିଲା। ପ୍ରଥମ ସିଙ୍ଗଲ୍ସରେ ଦିଲ୍ଲୀର ବଂଶ ଦେବ, ଉତ୍ତର ପ୍ରଦେଶର ପ୍ରଭାସ କୁମାର କୁସୱାଙ୍କଠାରୁ ପରାସ୍ତ ହୋଇଥିଲେ। ଡବଲ୍ସରେ ଦିଲ୍ଲୀର ଭବ୍ୟା ଛାତ୍ରା ଓ ପରମ ଚୌଧୁରୀଙ୍କ ଯୋଡି ଉତ୍ତର ପ୍ରଦେଶର ଉଜ୍ୱଳ ଓ ଉଜ୍ୱଳ ତୋମାରଙ୍କ ଯୋଡିଙ୍କୁ ହରାଇ ସ୍ଥିତିକୁ ୧-୧ ସ୍ତରକୁ ଆଣିଥିଲେ। ନିର୍ଣ୍ଣାୟକ ସିଙ୍ଗଲ୍ସରେ ଦିଲ୍ଲୀର ଗିନପଲ ଏସ୍. ଉତ୍ତରପ୍ରଦେଶର ଭୁମେଶ ଉତରାନିଙ୍କୁ ପରାସ୍ତ କରିଥିଲେ। ପୁରସ୍କାର ବିତରଣି ଉତ୍ସବରେ ଓସବା ସଭାପତି ରାଜେଶ ପ୍ରଭାକର ପାଟିଲ, ଏସିଆ ବ୍ୟାଡମିଣ୍ଟନ ବୈଷୟିକ କମିଟିର ଅଧ୍ୟକ୍ଷ ଓମାର ରସିଦ, ପାରା ବ୍ୟାଡମିଣ୍ଟନ ଅଧ୍ୟକ୍ଷ ତଥା ଚାମ୍ପିୟନଶିପ୍ ପର୍ଯ୍ୟବେକ୍ଷକ ପ୍ରଭାକର ରାଓ, ଓସ୍‌ବା ସମ୍ପାଦକ ନିଳିନ କୁମାର, ଓସ୍‌ବା ଉପସଭାପତି ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ଚୌଧୁରି ପ୍ରମୁଖ ଚାମ୍ପିୟନ ଏବଂ ରନରଅପ୍ ଦଳକୁ ଟ୍ରଫି ଓ ପ୍ରମାଣପତ୍ର ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିୟନ ଦଳକୁ ୧ଲକ୍ଷ ୨୫ହଜାର, ରନରଅପ୍ ଦଳକୁ ୬୨ହଜାର ୫୦୦ ଓ ସେମିଫାଇନାଲିଷ୍ଟ ଦଳକୁ ୩୧ହଜାର ୨୫୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।


ବାଳିକା ବିଭାଗରେ ଚାମ୍ପିୟନ ଓଡ଼ିଶା ଦଳର ଖେଳାଳି ଓ ଅତିଥିମାନେ।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ